

ରବୀନ୍ଦ୍ର ଜାଡ଼େଜା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 192 | ଭାଗ ୩୩ | ସଂଖ୍ୟା ୧୯୨ Sunday 5 October 2025 | Page 8 Rs. 5.00 ● ଭୁବନେଶ୍ୱର ରବିବାର ୫ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




## ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

### ସାଂଗଠନିକ, ରାଜନୈତିକ ସ୍ଥିତି ନେଇ ହେଲା ଆଲୋଚନା

ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ)ଃ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କୁ ନୂଆଦିଲ୍ଲୀରେ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୁହିଁଙ୍କ ମଧ୍ୟରେ ସାଙ୍ଗଠନିକ ବିଷୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏହାସହ ରାଜନୈତିକ ପରିସ୍ଥିତି ଓ ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଛି। ନୂଆପଡ଼ା ଉପନିର୍ବାଚନ ନେଇ ଆଲୋଚନା କରାଯାଇଥିବା ଜଣାପଡ଼ିଛି।

ସୂଚନା ଥାଉକି, ନୂଆଦିଲ୍ଲୀରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ଏହି ସାକ୍ଷାତ ସମୟରେ ବିଭିନ୍ନ ସାଙ୍ଗଠନିକ ବିଷୟ, ରାଜନୈତିକ ପରିସ୍ଥିତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀ ନଡ୍ଡାଙ୍କ ➪ପୃଷ୍ଠା-୬

**ଏସଆଇ ପରୀକ୍ଷା କେଲେଙ୍କାରୀ, ଘାଣ୍ଟୁଛି କ୍ରାଇମବ୍ରାଞ୍ଚ**

# ସରକାରଙ୍କୁ ବଦନାମ କରୁଛି ସଙ୍ଗଠିତ ସିଣ୍ଡିକେଟ

- ବନ୍ଧାହେଲା ଅନ୍ୟତମ ଦଲାଲ ବିଶ୍ୱରଞ୍ଜନ
- ଆଶାୟୀଙ୍କଠାରୁ ସଂଗ୍ରହ କରୁଥିଲା ଅରିଜିନାଲ ସାର୍ଟିଫିକେଟ
- ବ୍ଲାଙ୍କ ଚେକ୍ ନେଇ ପରୀକ୍ଷା ପାଇଁ କରାଉଥିଲା ମକ୍‌ଡ୍ରିଲ
- ୨୦୨୪ ଜୁନରେ ପରୀକ୍ଷା ବାତିଲ ରିପୋର୍ଟ ତଲବ
- କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ
- ହତାଶ ନହେବାକୁ ଆଶାୟୀଙ୍କୁ ଓପିଆରବି ମୁଖ୍ୟଙ୍କ ପରାମର୍ଶ





ଭୁବନେଶ୍ୱର, ୪।୧୦(ସଂଚାର ବ୍ୟୁରୋ)ଃ ସବଇନସ୍ପେକ୍ଟର ପରୀକ୍ଷା କେଲେଙ୍କାରୀରେ କାର୍ଯ୍ୟ କରୁଛି ଏକ ବଡ ସଙ୍ଗଠିତ ସିଣ୍ଡିକେଟ। ତଦନ୍ତ ଭାର ଗ୍ରହଣ କରିବାର ୨୪ ଘଣ୍ଟା ମଧ୍ୟରେ କ୍ରାଇମବ୍ରାଞ୍ଚ ଏହାର ଟେର ପାଇଥିବା ବେଳେ ସିଣ୍ଡିକେଟ ସହ ସିଧାସଳଖ ଲିଙ୍କରେ ଥିବା ଆଉ ଜଣେ ଦଲାଲକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆଜି ଗିରଫ ହୋଇଥିବା ଦଲାଲ ବିଶ୍ୱରଞ୍ଜନ ବେହେରା ସିଣ୍ଡିକେଟର ମୁଖ୍ୟ ଶଙ୍କର ପୃଷ୍ଟି ସହ ଡାଇରେକ୍ଟ ସମ୍ପର୍କରେ ରହୁଥିଲା।

ଆଶାୟୀ ପରୀକ୍ଷାର୍ଥୀଙ୍କ ସହ ଯୋଗାଯୋଗ କରି ପ୍ରଶ୍ନପତ୍ର ଯୋଗାଇବା ଲୋଭ ଦେଖାଇ ବିଶ୍ୱରଞ୍ଜନ ଯୋଗାଡ଼ କରୁଥିଲା ଅରିଜିନାଲ ସାର୍ଟିଫିକେଟ୍ ଓ ବ୍ଲାଙ୍କଚେକ୍। ପରେ ଏସବୁକୁ ସିଣ୍ଡିକେଟ୍ ମୁଖ୍ୟଙ୍କୁ ପଠାଉଥିଲା। ୧୪ ଘଣ୍ଟାର ମାରାଥନ ଜେରା ପରେ ବିଶ୍ୱରଞ୍ଜନଙ୍କୁ ଗିରଫ କରି କ୍ରାଇମ୍‌ବ୍ରାଞ୍ଚ କୋର୍ଟ ଚାଲାଣ କରିଛି। କିନ୍ତୁ ମୁଖ୍ୟ ଅଭିଯୁକ୍ତ ପାଖରେ ପହଞ୍ଚିବା ଚ୍ୟାଲେଞ୍ଜ ହୋଇଛି। ଏହାରି ଭିତରେ ପରୀକ୍ଷା କେଲେଙ୍କାରୀ ଘଟଣାରେ ଓପିଆରବିର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି।

ମିଳିଥିବା ସୂଚନା ଅନୁଯାୟୀ ଗତ ଜାନୁଆରୀ ମାସରେ ୯୩୩ ପୋଲିସ ପଦବୀ ପାଇଁ ଓଡିଶା ପୋଲିସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାର୍ଚ୍ଚ ମାସରେ ପରୀକ୍ଷା ହେବାକୁ ତାରିଖ ଧାର୍ଯ୍ୟ ହୋଇଥିଲା। ଓଡିଶା ପୋଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଜରିଆରେ ହେବାକୁ ଥିବା ଏହି ପରୀକ୍ଷାର ପରିଚାଳନା ଦାୟିତ୍ୱ କେନ୍ଦ୍ରୀୟ ପିଏସୟୁ ଗୁଜୁରାଟ ଆଇଟିଆଇକୁ ଦିଆଯାଇଥିଲା। ଗୁଜୁରାଟ ଆଇଟିଆଇ ପ୍ରଥମେ କାମ ଦେଇଥିଲା ରତ୍ ମାଇଣ୍ଡକୁ କାମ ଦେଇଥିଲା। କିନ୍ତୁ ରିଚ୍ ମାଇଣ୍ଡ ଏକ କଳା ତାଲିକାଭୁକ୍ତ ବୋଲି ଜଣାପଡିବା ପରେ ଗୁଜୁରାଟ ଆଇଟିଆଇ ➪ପୃଷ୍ଠା-୬

## ଦୁର୍ଗାମେଢ଼ଙ୍କୁ ମିଳିବ ୭ କୋଟି ଅନୁଦାନ

ଭୁବନେଶ୍ୱର, ୪।୧୦ (ସଂଚାର ବ୍ୟୁରୋ)ଃ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଚଳିତବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ଦଶହରା ଦୁର୍ଗାମେଢ଼ଙ୍କୁ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି



ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଦୁର୍ଗାମେଢ଼କୁ ୩ ଗୋଟି ବର୍ଗରେ ବିଭକ୍ତ କରାଯାଇ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। 'କ' ବର୍ଗ - ଐତିହ୍ୟ ସମ୍ପନ୍ନ ଦୁର୍ଗାମେଢ଼ - ଏହି ବର୍ଗରେ ୨୧୫ଟି ମେଢ଼କୁ ୨ କୋଟି ୧୭ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। (ପ୍ରତ୍ୟେକ ଐତିହ୍ୟ ସମ୍ପନ୍ନ ମେଢ଼କୁ ୧ ଲକ୍ଷ ୧ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। )।

'ଖ' ବର୍ଗ - ୭୫ ବର୍ଷ ପୁରୁଣା ଦୁର୍ଗାମେଢ଼ - ଏହି ବର୍ଗରେ ୧୯୭ଟି ମେଢ଼କୁ ୧ କୋଟି ୪୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯିବ। ( ଏହି ବର୍ଗରେ ପ୍ରତ୍ୟେକ ମେଢ଼କୁ ୭୫ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ)।

'ଗ' ବର୍ଗ : ୫୦ ବର୍ଷ ପୁରୁଣା ଦୁର୍ଗାମେଢ଼ - ଏହି ବର୍ଗରେ ୬୭୩ଟି ମେଢ଼କୁ ୩ କୋଟି ୩୬ ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯିବ। (ଏହି ବର୍ଗରେ ➪ପୃଷ୍ଠା-୬

**ଆଇଆଇଏମ ସମ୍ବଲପୁରର ପ୍ରତିଷ୍ଠା ଦିବସରେ କେନ୍ଦ୍ରମନ୍ତ୍ରୀ**

# ଯୋଡ଼ିହେବେ ସ୍ଥାନୀୟ ଚାଷୀ, ବ୍ୟବସାୟୀ

- 'ଓଡ଼ିଶାର ବୌଦ୍ଧିକ ଓ ବ୍ୟାବସାୟିକ ଆବଶ୍ୟକତାକୁ ପୂରଣ କରିବ'
- ଶିକ୍ଷାନୁଷ୍ଠାନରେ ରଙ୍ଗବତୀ ମଞ୍ଚ, କାବେରୀ ଛାତ୍ରାବାସ ଓ କାଫେ ହବ୍ ଉଦ୍‌ଘାଟିତ
- ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମରେ ମାଷ୍ଟର ବୁଣାକାରଙ୍କୁ ପ୍ରମାଣପତ୍ର ବିତରଣ
- ଏମଏସଏମଇ କ୍ଷେତ୍ରର ବ୍ୟବସାୟୀଙ୍କୁ ପ୍ରଶିକ୍ଷଣ ଦେବାକୁ ପ୍ରସ୍ତାବ
- ଚାକିରି ଖୋଜିବା ନୁହେଁ, ଚାକିରିଦାତା ହେବା ପାଇଁ ଇଚ୍ଛା ରଖିବା ଦରକାର



ସମ୍ବଲପୁର, ୪।୧୦(ସଂଚାର ବ୍ୟୁରୋ)ଃ ସମ୍ବଲପୁରରେ ଆଇଆଇଏମ, ସମ୍ବଲପୁର ଧୀରେ ଧୀରେ ବଟବୃକ୍ଷର ରୂପ ନେବା ଆରମ୍ଭ କରିଛି। ବିଶେଷ ଭାବରେ ଏହା ଆଗାମୀ ଦିନରେ ଓଡ଼ିଶା ସମେତ ଭାରତବର୍ଷର ବୌଦ୍ଧିକ ଓ ବ୍ୟବସାୟିକ ଆବଶ୍ୟକତାକୁ ପୂରଣ କରିବ ବୋଲି ଗୁରୁବାର ଦଶହରା ଅବସରରେ ଆଇଆଇଏମ୍, ସମ୍ବଲପୁରର ୧୧ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଅବସରରେ ଶ୍ରୀ ପ୍ରଧାନ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମରେ ମାଷ୍ଟର ବୁଣାକାରଙ୍କୁ ପ୍ରମାଣ ➪ପୃଷ୍ଠା-୬

## ୫ ଦିନର ଶିଶୁକନ୍ୟାକୁ ବିକିଦେଲେ

ବାସୁଦେବପୁର, ୪।୧୦(ସଂଚାର ବ୍ୟୁରୋ)ଃ ପୁଣି ଶିଶୁକନ୍ୟା ଅଲୋଡ଼ା ହୋଇଛନ୍ତି। ୫ଦିନର ଶିଶୁକୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ବଡ଼ ମଳିକ ସାହିରେ ହୋଇଛି ଏହି ଶିଶୁ ବିକ୍ରି ଅଭିଯୋଗ। କନ୍ୟା ସନ୍ତାନ ଜନ୍ମ ହୋଇଥିବରୁ ଶିଶୁକୁ ବିକ୍ରି କରାଯାଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସେପ୍ଟେମ୍ବର ୨୯ ତାରିଖରେ ସଞ୍ଜୟ ମଳିକ ଓ ବନିତା ଦାସଙ୍କର ବାସୁଦେବପୁର ଡାକ୍ତରଖାନାରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ତାଙ୍କର ପୂର୍ବରୁ ଏକ ଶିଶୁକନ୍ୟା ଥିବାରୁ ପୁଣି ଏକ କନ୍ୟା ଜନ୍ମ ହୋଇଥିଲା। ଡାକ୍ତରଖାନାରେ ୪ ଦିନ ରହିବା ପରେ ତାଙ୍କର ବଡ଼ ➪ପୃଷ୍ଠା-୬

## ଦୁଇ ଭାଇଙ୍କ ଜଳ ସମାଧି

ସୁନ୍ଦରଗଡ଼,୪।୧୦(ସଂଚାର ବ୍ୟୁରୋ)ଃ ଦୁଇ ଭାଇଙ୍କ ଜଳ ସମାଧି ଦେଖିବାକୁ ମିଳିଛି। ପୋଖରୀରେ ଗାଧୋଇବା ବେଳେ ବୁଡ଼ିଗଲେ ଏହି ଦୁଇ ଭାଇ। ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଝୁପୁରୁଙ୍ଗା ଗାଁରେ ଘେଟିଛି ଏଭଳି ଦୁଃଖଦ ଘଟଣା। ଗାଁର ଛିଟକେନଡିପାରେ ପୋଖରୀରେ ଗାଧୋଇବାକୁ ଯାଇ ଦୁଇ ଭାଇ ଦେବାଶିଷ ମାକର ଓ ଚିତ୍ତ ମାକର ବୁଡ଼ିଯାଇଥିଲେ। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଦୁଇ ମୃତଦେହ ଉଦ୍ଧାର କରିଛି। ପ୍ରଥମେ ଦେବାଶିଷ ପାଣିକୁ ଓହ୍ଲାଇ ବୁଡ଼ିବାକୁ ଯାଉଥିବା ବେଳେ ବଡ଼ଭାଇ ଚିତ୍ତ ମାକର ଉଦ୍ଧାର କରିବାକୁ ଯାଇ ସେ ମଧ ପାଣିରେ ବୁଡ଼ି ଯାଇଥିଲେ। ଆଜି ସକାଳୁ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରଖା ଯାଇଛି। ସେପଟେ ଗାଁ ଦାଣ୍ଡ କାନ୍ଦବୋବାଳିରେ ଫାଟିପଡ଼ୁଛି।

**ସ୍ୱଦେଶୀ ଅଭିଯାନରେ ଶିକ୍ଷା ମନ୍ତ୍ରାଳୟର ନୂଆ ପଦକ୍ଷେପ**

# 'ଜୋହୋ ଅଫିସ' ହେଲା ସରକାରୀ ଆପ୍

ଭୁବନେଶ୍ୱର,୪।୧୦ (ସଂଚାର ବ୍ୟୁରୋ)ଃ ଆତ୍ମନିର୍ଭର ଭାରତ ଅଭିଯାନକୁ ସବୁବେଳେ ଗୁରୁତ୍ୱ ଦେଉଥିବା କେନ୍ଦ୍ର ସରକାର ସ୍ୱଦେଶୀ ଜ୍ଞାନକୌଶଳର ବିକାଶ ଦିଗରେ ଆଉ ଏକ ବଳିଷ୍ଠ ପଦକ୍ଷେପ ନେଇଛନ୍ତି। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ଏବଂ ଜଣେ ଭାରତୀୟଙ୍କ ଦ୍ୱାରା ନିର୍ମିତ ଜୋହୋ ଅଫିସ ସୁଟ କୁ ସରକାରୀ ଆପ୍ ଭାବେ ବ୍ୟବହାର କରାଯିବ। ଏନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ, କେନ୍ଦ୍ର ସରକାର ସ୍ୱଦେଶୀ ଅଭିଯାନରେ ନିଜସ୍ୱ ଟେକ୍ନୋଲୋଜି, ସଫ୍ଟୱେର ଓ ହାର୍ଡୱେର ନିର୍ମାଣକୁ ପ୍ରାଧାନ୍ୟ ଦେଉଛନ୍ତି। ଏହି କ୍ରମରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ହୋଇଛି ଜୋହୋ ଅଫିସ ସୁଟ। ଏହାକୁ




ଏବେ କେନ୍ଦ୍ର ସରକାର ଏନଆଇସି ମେଲ ସିଷ୍ଟମ ସହ ସବୁ ରାଜ୍ୟ ପାଇଁ ଉପଲବ୍ଧ କରାଇଛନ୍ତି। ଏଣିକି ଶିକ୍ଷା ବିଭାଗର ସବୁ ସରକାରୀ କାର୍ଯ୍ୟ, ଅଫିସ ଦସ୍ତାବିଜ ଓ ସରକାରୀ ପ୍ରେଜେଣ୍ଟସନ ଏହି ଜୋହୋ ଆପ ଜରିଆରେ ହେବ। ତେଣୁ ସରକାରୀ ଅଧିକାରୀମାନେ ଏହି ଆପର ବ୍ୟବହାର ଭଲଭାବେ ଶିଖି ଦୈନନ୍ଦିନ ସରକାରୀ କାର୍ଯ୍ୟ ଏହି ଆପ୍ ଜରିଆରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**୧୫ ଦିନରେ ୮୫ ହଜାର ସ୍ୱାସ୍ଥ୍ୟ ଶିବିର**

# 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନରେ ରେକର୍ଡ

- ଏକ କୋଟିରୁ ଅଧିକ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା
- ସ୍ୱେଚ୍ଛାକୃତ ୩୨,୮୬୫ ୟୁନିଟ୍ ରକ୍ତ ସଂଗ୍ରହ



ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ)ଃ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନରେ ଓଡ଼ିଶା ଜାତୀୟ ସ୍ତରରେ ଅଗ୍ରଣୀ ସ୍ଥାନ ପାଇ ବହୁବିଧ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରଶଂସନୀୟ ପ୍ରସାର ଏବଂ ପ୍ରଭାବୀ ପ୍ରଦର୍ଶନ କରିଛି। ମହିଳାଙ୍କ ସ୍ୱାସ୍ଥ୍ୟ ମାଧମରେ ପରିବାରକୁ ସଶକ୍ତ କରିବା ଲକ୍ଷ୍ୟରେ ଏହି ଅଭିଯାନ, ଅଂଶଗ୍ରହଣ, ସ୍କ୍ରିନିଂ ଏବଂ ସାମୁଦାୟିକ ସମ୍ପୃକ୍ତିରେ ମାନଦଣ୍ଡ ସ୍ଥାପନ କରିଛି। ସେପ୍ଟେମ୍ବର ୧୭ ରୁ ୨ ଅକ୍ଟୋବର ଯାଏଁ ଚାଲିଥିବା ଏହି ଅଭିଯାନରେ, ସ୍ୱାସ୍ଥ୍ୟସେବା ଏବଂ ସଚେତନତା କରାଯାଇଥିଲା। ସମସ୍ତ ଗ୍ରାମୀଣ ଏବଂ ସହରାଞ୍ଚଳରେ ଆରୋଗ୍ୟ ମନ୍ଦିର, ପ୍ରାଥମିକ ଏବଂ ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୮୫ ହଜାରରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିର ଆୟୋଜନରେ ଜାତୀୟ ସ୍ତରରେ ଓଡ଼ିଶା ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ପାଇଛି।

ଏହି ସମୟ ଅବଧିରେ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା ଗୁଡ଼ିକରେ ୧୨ ଲକ୍ଷ ➪ପୃଷ୍ଠା-୬

## ମାଗଣାରେ ୭-୧୫ ବର୍ଷ ପିଲାଙ୍କ ଆଧାର ବାୟୋମେଟ୍ରିକ୍ ସଂଶୋଧନ

ଭୁବନେଶ୍ୱର, ୪।୧୦(ସଂଚାର ବ୍ୟୁରୋ)ଃ ଭାରତୀୟ ଏକକ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଏକ ଲୋକାଭିମୁଖୀ ପଦକ୍ଷେପ ସ୍ୱରୂପ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ସଂଶୋଧନ ପାଇଁ ସମସ୍ତ ଦେୟ ଛାଡ଼ କରିଛି, ଯାହା ପ୍ରାୟ ୬ କୋଟି ପିଲାଙ୍କୁ ଲାଭ ଦେବ ବୋଲି ଆଶା କରାଯାଉଛି। ଏହି ବୟସ ବର୍ଗ ପାଇଁଏମବିୟୁ ଶୁଳ୍କ ଛାଡ଼ ୧ ଅକ୍ଟୋବର ୨୦୨୫ରୁ ଲାଗୁ ହୋଇସାରିଛି ଏବଂ ଏହା ଗୋଟିଏ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ।

### ୬ କୋଟି ପିଲାଙ୍କୁ ମିଳିବ ଲାଭ

ପାଞ୍ଚ ବର୍ଷରୁ କମ୍ ବୟସର ପିଲା ଫଟୋ, ନାମ, ଜନ୍ମ ତାରିଖ, ଲିଙ୍ଗ, ଠିକଣା ଏବଂ ଜନ୍ମ ପ୍ରମାଣପତ୍ର ପ୍ରଦାନ କରି ଆଧାର ପାଇଁ ପଞ୍ଜିକରଣ କରିଥା'ନ୍ତି। ଆଧାର ପଞ୍ଜିକରଣ ପାଇଁ ପାଞ୍ଚ ବର୍ଷରୁ କମ୍ ବୟସର ପିଲାଙ୍କ ଆଙ୍ଗୁଠି ଛାପ ଏବଂ ଆଇରିସ୍ ବାୟୋମେଟ୍ରିକ୍ସ ଗ୍ରହଣ କରାଯାଏ ନାହିଁ କାରଣ ଏହି ବୟସରେ ଏଗୁଡ଼ିକ ପରିପକ୍ୱ ହୋଇନଥାଏ। ପ୍ରଚଳିତ ନିୟମ ଅନୁଯାୟୀ, ପିଲାଟି ପାଞ୍ଚ ବର୍ଷ ବୟସରେ ପହଞ୍ଚିବା ପରେ ତା'ର ଆଧାରରେ ଆଙ୍ଗୁଠି ଛାପ, ଆଇରିସ୍ ଏବଂ ଫଟୋ ସଂଶୋଧନ କରିବା ବାଧ୍ୟତାମୂଳକ। ଏହାକୁ ପ୍ରଥମ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ସଂଶୋଧନ କୁହାଯାଏ। ସେହିପରି, ଜଣେ ପିଲା ୧୫ ବର୍ଷ ବୟସରେ ପହଞ୍ଚିବା ପରେ ପୁଣି ଥରେ ବାୟୋମେଟ୍ରିକ୍ସ ସଂଶୋଧନ କରିବାକୁ ବାଧ, ଯାହାକୁ ଦ୍ୱିତୀୟ ସଂଶୋଧନ ବା ଏମବିୟୁ-୨ କୁହାଯାଏ। ପ୍ରଥମ ଏବଂ ଦ୍ୱିତୀୟ ଏମବିୟୁ, ଯଦି ଯଥାକ୍ରମେ ୫-୭ ଏବଂ ୧୫-୧୭ ବର୍ଷ ବୟସ ମଧ୍ୟରେ କରାଯାଏ, ତେବେ ଏହା ମାଗଣାରେ ହୋଇଥାଏ। ଏହା ପରେ, ପ୍ରତି ଏମବିୟୁ ପାଇଁ ୧୨୫/- ଟଙ୍କାର ଏକ ନିର୍ଦ୍ଧାରିତ ଶୁଳ୍କ ଆଦାୟ କରାଯାଏ। ଏହି ନିଷ୍ପତ୍ତି ସହିତ ଏମବିୟୁ ବର୍ତ୍ତମାନ ୫-୧୭ ବର୍ଷ ବୟସର ସମସ୍ତ ପିଲାଙ୍କ ପାଇଁ ମାଗଣା ହେବ। ସଂଶୋଧିତ ବାୟୋମେଟ୍ରିକ୍ ➪ପୃଷ୍ଠା-୬



### କାନ ଡେରିଆ

ରାବଣକୁ ଏଠି
ପୋଡ଼ି ଦେଲେ ସିନା
ରାବଣ ରାଜ ହଟୁନି
ଯିଏ ପୋଡୁଥାଏ ରାବଣକୁ ଏଠି
ସିଏ କାଳେ ବେଇମାନି!
ରାମଙ୍କ ମନ ପାଉନି...
ଲଙ୍କାର ରାବଣ
ମରିଗଲା ହେଲେ
କଳି ରାବଣ ଶିଖୁନି।

■ ଦେବାଶିଷ

**ଏନଡିଏ ସପକ୍ଷରେ ବିହାର ଗଣିତ**

# ଧର୍ମେନ୍ଦ୍ର ହେବେ କିଙ୍ଗ ମେକର



ଭୁବନେଶ୍ୱର,୪।୧୦ (ସଂଚାର ବ୍ୟୁରୋ)ଃ ବିହାର ବିଧାନସଭା ନିର୍ବାଚନ ପାଇଁ ଯେକୌଣସି ସମୟରେ ତାରିଖ ଘୋଷଣା ହୋଇପାରେ। ତାପୂର୍ବରୁ କିନ୍ତୁ ବିହାରର ରାଜନୈତିକ ପାଣିପାଗ ବେଶ ଉଷ୍ମ ହେବା ସହ ନେତାଙ୍କ ଅଭିଳାଷ ରାଜ୍ୟର ବାୟୁମଣ୍ଡଳର ତାତିକୁ ଦ୍ୱିଗୁଣିତ କରିଛି। ଏନଡିଏରେ ନିଜ ସହଯୋଗୀ ଦଳମାନଙ୍କ ମଧ୍ୟରେ ସହମତି ବଜାୟ ରଖିବା ଯେତିକି ଚ୍ୟାଲେଞ୍ଜିଂ, ଆରଜେଡି ନେତୃତ୍ୱାଧୀନ ମହାମେଣ୍ଟ ଲୋକଙ୍କ ଆସ୍ଥାଭାଜନ ହେବା ସେତିକି କାଠିକର।

ଗତ ୨୦୨୦ ବିଧାନସଭା ନିର୍ବାଚନ ତୁଳନାରେ ଏଥର ଏନଡିଏ ଭଲ ସ୍ଥିତିରେ ରହିଛି। ଗତ ନିର୍ବାଚନରେ ବିଜେପି-ଜେଡିୟୁ ମେଣ୍ଟ ୧୨୫ ଆସନ ଦାଖଲ କରିଥିଲା। ସେମଧ୍ୟରୁ ବିଜେପି ୭୪ ଓ ଜେଡିୟୁ ୪୩ଟି ଆସନ ଦାଖଲ କରିଥିଲା। ସେ ସମୟରେ ଏଲଜେପି (ରାମ ବିଳାଶ) ପାର୍ଟି ୧୩୫ ଆସନରେ ଜେଡିୟୁ ବିରୋଧରେ ଲଢ଼ିଥିଲା। ଯାହା ସେତେବେଳେ ଜେଡିୟୁ ମୁଖ୍ୟ ନୀତିଶ କୁମାରଙ୍କ ବହୁ ଭୋଟ ବିଶେଷ କରି ଦଳିତ ଭୋଟ କାଟିଥିଲା। ୨୦୨୦ରେ ଏଲଜେପି ମାତ୍ର ଗୋଟିଏ ବିଧାନସଭା ଜିତିଥିଲା। ଏଥର କିନ୍ତୁ ଚିତ୍ର ବଦଳି ଯାଇଛି। ଏଲଜେପି ଏବେ ଏନଡିଏର ଅଂଶୀଦାର ଦଳ। ୨୦୨୪ ଲୋକସଭା ନିର୍ବାଚନରେ ଏଲଜେପି ଏନଡିଏ ସହ ମେଣ୍ଟଭୁକ୍ତ ହୋଇ ୫ଟି ସଂସଦୀୟ କ୍ଷେତ୍ର ଦାଖଲ କରିଥିଲା। ପାଶୱାନ ସମ୍ପ୍ରଦାୟ ବିଶେଷ କରି ଦଳିତଙ୍କ ମଧ୍ୟରେ ଥିବା ଗ୍ରହଣୀୟତା ଆଧାରରେ ଏଥର ଏଲଜେପି ୪୦ ଆସନ ଦାବି କରୁଛି। ବିଜେପି କିନ୍ତୁ ଏଲଜେପିକୁ ୨୦ ଆସନ ଛାଡିବାକୁ ଯୋଜନା କରୁଛି।

୪୦ ଆସନ ନଦେଲେ ଏଲଜେପି ସମସ୍ତ ୨୪୩ ଆସନରୁ ଲଢ଼ିବାକୁ ଚିରାଗ ପାଶୱାନ ଚାପ ପକାଉଛନ୍ତି। ସେପଟେ ହିନ୍ଦୁସ୍ତାନୀ ଆୱାମୀ ମୋର୍ଚ୍ଚା (ଏଚଏଏମ) ଗୋଟିଏ ସାଂସଦରେ ଗୟା ଓ ଔରଙ୍ଗାବାଦର ସବୁ ଆସନ ଦାବି କରୁଛନ୍ତି। ଏନଡିଏ ପରି ଆରଜେଡି ନେତୃତ୍ୱାଧୀନ ମହାମେଣ୍ଟ ➪ପୃଷ୍ଠା-୬

# ବର୍ଷାରେ ଧୋଇଗଲା ଦୁର୍ଗାପୂଜା ଭସାଣୀ ଉତ୍ସବ

## ପୂଜା ମଣ୍ଡପ ବୁଲିଲେ ବିଧାୟକ, ଜିଲ୍ଲାପାଳ ଓ ବିଭିନ୍ନ ଦଳୀୟ ନେତା



**ପଟ୍ଟାମୁଣ୍ଡାଇ,୪।୧୦(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନନ୍ୟ ଗଣପର୍ବ ଶାରଦୀୟ ଦୂର୍ଗା ପୂଜା ଓ ଭସାଣି ଉତ୍ସବ ଲଘୁଚାପ ଜନିତ ଲଗାଣବର୍ଷା ପାଇଁ ବିଶେଷ ଭାବେ ପ୍ରଭାବିତ ହୋଇଛି । ପ୍ରାୟ ୬୦/୭୦ବର୍ଷର ପୁରୁଣା ଏହି ଶାରଦୀୟ ଉତ୍ସବର ଲମ୍ବା ଇତିହାସ ରହିଛି ଓ ସାମ୍ପ୍ରଦାୟିକ ସଂପ୍ରୀତିର ସହର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆୟୋଜିତ ଶାରଦୀୟ ଦୁର୍ଗା ପୂଜା ଉତ୍ସବରେ ଉଭୟ ହିନ୍ଦୁ ଓ ମୁସଲମାନମାନେ ଭାଗ ନେବାର ବିରଳ ପରମ୍ପରା ରହିଛି। ଚଳିତବର୍ଷ ଶାରଦୀୟ ଦୁର୍ଗା ପୂଜା ଓ ଭସାଣି ଉତ୍ସବକୁ ଯାକଯମକରେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ପଟ୍ଟାମୁଣ୍ଡାଇ ବଣିକ ସଂଘ, ବିଭିନ୍ନ ପୂଜା କମିଟି । ପ୍ରଶାସନ ପୁରା ଦମରେ ଲାଗିପଡ଼ିଥିଲେ । ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିଲେ ମଧରେ ପୋଖରୀଆପଡା ଦୂର୍ଗା, ବଙ୍ଗାଳି ଦୁର୍ଗା, ନୀଳମାଧବ, ଦଶ ଅବତାର, ମହାବୀର ପ୍ରଭୃତି ମେଢ଼ ସାଜସଜ୍ଜା ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା ପଟ୍ଟାମୁଣ୍ଡାଇ ଦୂର୍ଗାପୂଜାର ସାରା ଓଡିଶାରେ ସ୍ୱତନ୍ତ୍ର ସୁନାମ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ପଟ୍ଟାମୁଣ୍ଡାଇ ଦୂର୍ଗାପୂଜାର ନିଆରା ଆକର୍ଷଣ ସମସ୍ତଙ୍କୁ ପଟ୍ଟାମୁଣ୍ଡାଇ ମୁହାଁ କରିଥିଲା। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ପ୍ରତ୍ୟେକ ଘରେ ଘରେ ଉତ୍ସବ ଲାଗି ରହିବା ସହିତ ବନ୍ଧୁ ପରିଜନଙ୍କୁ ନେଇ ଘର ପୁରି ଉଠିଥିଲା। ଚଳିତବର୍ଷ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଦୂର୍ଗା ପୂଜା ଉତ୍ସବର ମାହୋଲ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ତେବେ କୌଣସି ପ୍ରକାଶ ଷଷ୍ଠି, ସପ୍ତମୀ, ଅଷ୍ଟମୀ ଭଲରେ କଟିଥିବା ବେଳେ ନବମୀ ଦିନ ସାମାନ୍ୟ ବର୍ଷା ଓ ଦଶମୀ ଦଶହରା ଦିନ ଲଗାଣ ବର୍ଷା ପୂଜା ଉତ୍ସବର ମାହୋଲକୁ ବିଗାଡି ଦେଇଥିଲା । ପ୍ରାୟତଃ ପଟ୍ଟାମୁଣ୍ଡାଇରେ ନବମୀ ଓଦଶମୀ ଦିନ ପ୍ରବଳ ଜନ ଗହଳି ହୋଇଥାଏ । ଲୋକମାନେ ବର୍ଷାରେ ଭିଜି ଭିଜି ବିଭିନ୍ନ ମେଢ଼ ଦର୍ଶନ କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ଧନେଶ୍ୱର ଦାସ ସନାତନ ବିଶ୍ୱାଳ, ଅଭୟ ଜେନା ଲକ୍ଷ୍ମୀଧର ବାରିକ ପ୍ରମୁଖ ବହୁ ସମର୍ଥକ ଙ୍କ ସହିତ ବିଭିନ୍ନ ମେଢ଼ ଦର୍ଶନ କରି ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ଜନସାଧାରଣ ଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ନଗର ଯୁବବିଜେଡି ସଭାପତି ଅଶୋକ ଧଳ, କାଉନ ସିଲର ପ୍ରଶାନ୍ତ ବାରିକ, ପୂର୍ବତନ କାଉନସିଲର ଶ୍ରୀକାନ୍ତ ରାଉତ ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଢ଼ଙ୍ଗୀ, ଯୁବନେତା ବାବନ ସାହୁ, ଦିଲ୍ଲୀପ ସେଠୀ, ଅଭିରାମ ସ୍ୱାଇଁ ପ୍ରମୁଖ ବହୁ ସମର୍ଥକ ଙ୍କ ସହିତ ପଟ୍ଟାମୁଣ୍ଡାଇର ବିଭିନ୍ନ ମେଢ଼ ବୁଲି ଭଗବାନଙ୍କ କୃପା ଭିକ୍ଷା କରିବା ସହିତ ଜନସାଧାରଣ ଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରିଥିଲେ ।

## ତୁଳସୀକ୍ଷେତ୍ର ମହୋତ୍ସବ ପାଇଁ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କୁ ଦାବିପତ୍ର



**କେନ୍ଦ୍ରାପଡ଼ା,୪।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ତୁଳସୀକ୍ଷେତ୍ର ମହୋତ୍ସବ ନିମନ୍ତେ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେବାକୁ ତୁଳସୀକ୍ଷେତ୍ର କଳାକାର ସଙ୍ଘ ପକ୍ଷରୁ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଆସନ୍ତା ନଭେମ୍ବର ମାସ ୭, ୮ ଓ ୯ତାରିଖ ତିନିଦିନ ଧରି କେନ୍ଦ୍ରାପଡ଼ା ଜିଲ୍ଲା ତୁଳସୀକ୍ଷେତ୍ର ମହୋତ୍ସବ ଅନୁଷ୍ଠିତ ହେବ। ଜିଲ୍ଲାର ସବୁ ବର୍ଗର କଳାକାର ମାନଙ୍କୁ ନେଇ ତୁଳସୀ କ୍ଷେତ୍ର କଳାକାର ସଂଘ ଏହି ମହୋତ୍ସବ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି। ଏହି ମହୋତ୍ସବରେ ପାଲା, ଦାସକାଠିଆ, ଘୋଡ଼ାନାଚ, ସଂକୀର୍ତ୍ତନ, କେଳେରା, ଶ୍ରୀରାମ ଲୀଳା, ଗୀତିନାଟ୍ୟ ତୁଳସୀ ବିବାହ, ଭଜନ, ଘନୃତ୍ୟ, ଓଡିଶୀ ନୃତ୍ୟ ଓ ମୃଦଙ୍ଗ ବାଦ୍ୟ ପରିବେଷଣ କରାଯିବା ସହିତ ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର କରାଯାଇଛି। ତେଣୁ ତୁଳସୀକ୍ଷେତ୍ର ମହୋତ୍ସବ ନିମନ୍ତେ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ର କଳାକାର ସଂଘ ପକ୍ଷରୁ ସଭାପତି ଗଗନବିହାରୀ ସିଂହ, ସମ୍ପାଦକ ବିଧୁଭୂଷଣ ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ବାବାଜୀ ପଞ୍ଚନାୟକ, ନିରଞ୍ଜନ ପାତ୍ର, ଉପଦେଷ୍ଟା କେଦାର ସାମନ୍ତରାୟ ପ୍ରମୁଖ କଳାକାରମାନେ ଜିଲ୍ଲାପାଳଙ୍କୁ ସଂସ୍କୃତି ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହିତ ସେମାନେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ମଧ୍ୟ ଭେଟି ଦାବିପତ୍ର ପ୍ରଦାନ କରିଥିବା ସୂଚନା ଦେଇଛନ୍ତି।

## ଗାନ୍ଧି ଜୟନ୍ତୀରେ ନିଶାମୁକ୍ତ ସମାଜର ଶପଥ



**କେନ୍ଦ୍ରାପଡ଼ା,୪।୧୦(ସଂଚାର ବ୍ୟୁରୋ):** ଗାନ୍ଧି ଜୟନ୍ତୀ ଅବସରରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମପଞ୍ଚାୟତର ଗୁଣ୍ଡୁବିଟ ପରିସରରେ ନିଶା ନିବାରଣ ଅଭିଯାନର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଦ୍ରୌପଦୀ ରାଉତଙ୍କ ପରିଚାଳନାରେ ଆୟୋଜିତ ଉକ୍ତ ସଭାରେ ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳ ମୁଖ୍ୟ ଅତିଥି ଓ ପୂର୍ବତନ ସରପଞ୍ଚ ଚିରଞ୍ଜନ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତବର୍ଷ ଗଠନ କରିବା ପାଇଁ ନିଶା ମୁକ୍ତ ସମାଜର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ରାଜ୍ୟ ସରକାର ବନ୍ଦ ପଡ଼ିଥିବା ୭୦ ଟି ମଦ ଦୋକାନକୁ ପୁଣି ଖୋଲିବା ଓ ୩ ଟି ନୂଆ ମଦ ଭାଟି ପ୍ରତିଷ୍ଠା କରିବା ପାଇଁ ନିକଟରେ ନେଇଥିବା ସମାଜ ବିରୋଧୀ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ସହିତ ସରକାର ଲୋକଙ୍କୁ ଭୁଆଁ ବୁଲେଇବା ଛାଡ଼ି ତାଙ୍କର ନିର୍ବାଚନ କାଳୀନ ପ୍ରତିଶ୍ରୁତି ଅନୁଯାୟୀ ଯଥାଶୀଘ୍ର ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଥିଲେ। ଅମରେନ୍ଦ୍ର କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସ୍ନେହଲତା ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ରାଜେଶ ସ୍ୱାଇଁ, ଲୋପାମୁଦ୍ରା ସାହୁ, ଯମୁନା ରାଉତ, ସୁଷମା ସାମଲ, ରିନାବାଳା ନାୟକ ପ୍ରମୁଖ ଶତାଧିକ ମହିଳା ଆଲୋଚନାରେ ଅଂଶଗ୍ରହଣ କରି ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ।

## ଦୁର୍ଗାପୂଜା ମଣ୍ଡପରେ ମହାନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ




**ଗରଦପୁର,୪।୧୦(ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ଅଧିନ ବଙ୍ଗାଳପୁର ପଞ୍ଚାୟତ ହୁରାସାହି ଗ୍ରାମରେ ଦୀର୍ଘଦିନ ଧରି ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ଏହି ପୂଜା କୁ ବହୁ ଧୁମ୍ ଧାମରେ ପାଳନ କରାଯାଇଅଛି। ମା ଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଇବା ସହ ପୂଜା କମିଟି ର ସଦସ୍ୟ ମାନେ ନିଆରା ଢଙ୍ଗରେ ପାଳନ କରିବା ବା ସହ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରିଛନ୍ତି। ଉକ୍ତ ଦୁର୍ଗାପୂଜା କମିଟି ଓ ରୋଟାରି କ୍ଲବ୍ ଭୁବନେଶ୍ୱରଙ୍କ ସଂଯୁକ୍ତ ଉଦ୍ୟମରେ, ଦୁର୍ଗା ମଣ୍ଡପ ସମ୍ମୁଖରେ ଗତକାଲି ଏକ ମେଗା ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।
ଏହି ଅବସରରେ ପ୍ରସିଦ୍ଧ ଚିକିତ୍ସକ ଡ଼ାଃ ଲଳିତ ବେହେରା, ଡ଼ାଃ କାଜଲ ରକ୍ଷିତ ଓ ଚକ୍ଷୁ ବିଶେଷଜ୍ଞ ଡ଼ାଃ ଅଲୋକ ଙ୍କ ସହ ୩୦ ଜଣ ରୋଟାରିଆନ୍‌ମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ରୋଟାରି କ୍ଲବ୍ ଭୁବନେଶ୍ୱରର ଅଧକ୍ଷ ଶ୍ରୀ ହୋତା ଓ ଉପାଧକ୍ଷଙ୍କ ସହିତ କ୍ଲବ୍‌ର ଅନେକ ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରାୟ ୨୦୦ ରୋଗୀ ଏହି ଶିବିରରୁ ଲାଭାନ୍ୱିତ ହୋଇ, ନିଶୁଳ୍କ ଔଷଧ ପ୍ରାପ୍ତ କରିଥିଲେ। କାର୍ଯ୍ୟକ୍ରମରେ ହୁରାସାହି ଦୁର୍ଗାପୂଜା କମିଟିର ସଚିବ ଶ୍ରୀ ରଘୁନାଥ ବସନ୍ତିଆ, ଅଧକ୍ଷ ଶ୍ରୀ କୈଳାଶ ବିହାରୀ ମନ୍ତ୍ରୀ ଓ ସମସ୍ତ କମିଟି ସଦସ୍ୟମାନେ ସମନ୍ୱୟ କରିଥିଲେ। ସମାଜମୁଖୀ ଏହି ପ୍ରୟାସ ଗ୍ରାମବାସୀଙ୍କ ମଧରେ ସ୍ୱାସ୍ଥ୍ୟ ସଚେତନତା ଜଗାଇବାରେ ବିଶେଷ ଭୂମିକା ନିଭାଇଛି।

## ମହାମାୟା ମଣ୍ଡପରେ ପୁରସ୍କାର ବିତରଣ ଉତ୍ସବ



**ଗରଦପୁର,୪।୧୦(ସଂଚାର ବ୍ୟୁରୋ):** ତେଣ୍ଡାକୁଡା ପଞ୍ଚାୟତ ଅଧିନସ୍ଥ କଦମଛନ୍ଦା ଗ୍ରାମ ମହାମାୟା ମଣ୍ଡପ ରେ ପବିତ୍ର ଦଶହରା ଉପଲକ୍ଷେ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟି ଏକ ପୁରସ୍କାର ବିତରଣ ସଭାର ଆୟୋଜନ କରାଯାଇଥିଲା। ପାର୍ବଣ ଉପଲକ୍ଷେ ମା'ରଣପୁରୀ ଏକାଡେମି କଦମଛନ୍ଦା, ସେକ୍ ସୟଦ୍ ଆଦମ୍ ଅହେମଦ୍ ସରକାରୀ ଉଚ୍ଚ ବିଦ୍ୟାଳୟ ବିସନ ପୁର, ହାଜି ସେକ୍ ସମିରୁଦ୍ଦିନ୍ ହାଇସ୍କୁଲ୍ କୃଷ୍ଣାନନ୍ଦପୁର, ଫଜଲ ହକ୍ ହାଇସ୍କୁଲ୍ ତେଣ୍ଡାକୁଡା, କଦମଛନ୍ଦା ନୋଡାଲ୍ ଉ.ପ୍ରା ବିଦ୍ୟାଳୟ ଓ ମା'ବୁଢ଼ିଜାଗୁଳାଇ ମଧ ଇଂରାଜୀ ବିଦ୍ୟାଳୟ ନୂଆଗାଁ ଛାତ୍ରଛାତ୍ରୀ ଙ୍କ ମଧରେ ଆନ୍ତଃବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ, ଝୋଟି ଓ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗି ମାନଙ୍କ ସହିତ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରାଯାଇ ଥିଲା। ମହାମାୟା ପରିଷଦର ସ୍ଥାୟି ସଭାପତି ଶିକ୍ଷାବିତ୍ ରୁଦ୍ର ସିଂହଙ୍କ ସଭାପତିତ୍ୱ ରେ ପ୍ରାକ୍ତନ ସେବାନିବୃତ ପ୍ରଧାନ ଶିକ୍ଷକ ବାନାମ୍ବର ପୃଷ୍ଟି, ମୁଖ୍ୟ ଅତିଥି ଓ ସେବାନିବୃତ ବିଦ୍ୟୁତ୍ ଯନ୍ତ୍ରୀ ରବି ନାରାୟଣ ସିଂହ ସଂଯୋଜକ ଭାବରେ ମଞ୍ଚ ମଣ୍ଡନ କରିଥିଲେ। ଶିକ୍ଷା ବିଭାଗର ସେବାନିବୃତ ଅଧିକାରୀ ସୂର୍ଯ୍ୟ କୁମାର ସିଂହ ଏ ଉତ୍ସବ ର ସମସ୍ତ ପ୍ରାକ୍ ପ୍ରସ୍ତୁତି କରି ଶେଷ ସମୟରେ ବିଶେଷ କାରଣରୁ ଅନୁପସ୍ଥିତ ରହିବାରୁ ସଭାପତି ଙ୍କ ପକ୍ଷରୁ ତାଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜଣାଯାଇଥିଲା।

## ନବବଧୂର ସନ୍ଦେହଜନକ ମୃତ୍ୟୁ

### ଶବ ଜବତ କଲେ ତହସିଲଦାର



**ରାଜନଗର,୪।୧୦(ସଂଚାର ବ୍ୟୁରୋ):** ବିବାହର ୪ମାସ ପୂରିନି। ପାଦରୁ ଅଳତା ଲିଭିନି। ଅଜସ୍ର ସ୍ୱପ୍ନ ନେଇ ନବବଧୂଟିଏ ପାଦ ରଖିଥିଲା ଶାଶୁଘରେ। ନୂଆ ସଂସାର ଗଢ଼ିବ। ସାତଦୀପକୁ ସାକ୍ଷୀ ରଖି ବେଦୀ ମଣ୍ଡପରେ ସାରା ଜୀବନ ପାଇଁ ଜୀବନସାଥୀ ରୂପେ ପାଇଥିଲେ ପତିଙ୍କୁ। ନବବଧୂର ସ୍ୱପ୍ନ ଅଧୁରା ରହିଲା। ଆଜି ନିଜ ଶାଶୁଘରେ ନବବଧୂର ଶବ ଦେଖିଲା ଭଳି ଏକ ଅଭାବନୀୟ ଘଟଣା ସମଗ୍ର ରାଜନଗର ଅଞ୍ଚଳରେ ଚାଂଚଲ୍ୟ ସୃଷ୍ଟି କରିଛି। ଖବର ପାଇବା ପରେ ସ୍ଥାନୀୟ ମାଜିଷ୍ଟ୍ରେଟ ତଥା ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଓ ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରିଛନ୍ତି। ଆସନ୍ତାକାଲି ଶବ ବ୍ୟବଛେଦ ପାଇଁ ଆଳିକୁ ପଠାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଏନେଇ ରାଜନଗର ଥାନାରେ ୨୬/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ରାଜନଗର ଥାନାରେ ହୋଇଥିବା ଅଭିଯୋଗ ମୁତାବକ, ରାଜନଗର ବ୍ଲକ ମହୁଲିଆ ପଚାଂୟତ କଣି ଗ୍ରାମର ଗୋବର୍ଦ୍ଧନ ପରିଡାଙ୍କ ଏକମାତ୍ର ଝିଅ ଗାୟତ୍ରୀ ପରିଡା(୨୪)ଙ୍କର ଚଳିତ ବର୍ଷ ଜୁନ ୧୮ତାରିଖରେ ବୈଦିକ ରୀତିନୀତି ଅନୁସାରେ ଏହି ବ୍ଲକ ହାତିନା ପଚାଂୟତ ପ୍ରସନ୍ନପୁର ଗ୍ରାମର ଅଜୟ ପଲେଇଙ୍କ ପୁତ୍ର ଶିଶିରଙ୍କ ସହିତ ବିବାହ ହୋଇଥିଲା। ଆକସ୍ମିକ ଭାବେ ଗାୟତ୍ରୀର ରଶି ଲଗାଇ ନିଜ ଶୋଇବା ଘରେ ଆତ୍ମହତ୍ୟା କରିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନବବଧୂର ମୃତ୍ୟୁକୁ ନେଇ ସାଧାରଣରେ ନାନା ଆଶଙ୍କା ସୃଷ୍ଟି ହୋଇଛି। ମୃତ ଗାୟତ୍ରୀଙ୍କ ସ୍ୱାମୀ କିଛିଦିନ ତଳେ ଦୁବାଇରେ କାମ କରିବାକୁ ଯାଇଛନ୍ତି। ଗାୟତ୍ରୀର ବାପା ଗୋବର୍ଦ୍ଧନ ପରିଡା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମୋ ଝିଅର ଛାତିରେ ଯନ୍ତ୍ରଣା ଅସହ୍ୟ ହେବାରୁ ପଙ୍ଖାରେ ବେକରେ ଧୋତି(ଲୁଗା) ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ଆତ୍ମହତ୍ୟା ଘଟଣାକୁ ନେଇ ସୋସିଆଲ ମିଡିଆରେ ମୃତ ନବବଧୂର ବାପା ଦେଇଥିବା ଆପତିଜନକ ବୟାନ ଏହି ଘଟଣାକୁ ଭିନ୍ନ ରୂପ ଦେଇଛି।

## ବଳଦେବ ସେନା ପକ୍ଷରୁ ରସାବଳି ଦିବସ ପାଳିତ




**କେନ୍ଦ୍ରାପଡ଼ା,୪।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ଆରାଧ ପ୍ରଭୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପ୍ରିୟ ଭୋଗ ରସାବଳିକୁ ଜିଆଇ ମାନ୍ୟତା ପ୍ରଦାନ ପରେ ସମଗ୍ର ଦେଶରେ ରସାବଳିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି। ଏହାକୁ ସ୍ମରଣୀୟ କରି ରଖିବା ଉଦ୍ଦେଶ୍ୟରେ ଏହାର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ସମ୍ମୁଖରେ ବଳଦେବ ସେନା ଶନିବାର ରସାବଳି ଦିବସ ପାଳନ କରିଥିଲା। ସେନା ପକ୍ଷରୁ ଏକଶହ ଯାତ୍ରୀ, ଭକ୍ତ ଓ ସେବାୟତଙ୍କୁ ମୁକ୍ତ ହସ୍ତରେ ରସାବଳି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେନାର ସଭାପତି ପପୁନ କୁମାର ସ୍ୱାଇଁ, ସଂପାଦକ ଅମର କୁମାର ବାରିକ, ଉପଦେଷ୍ଟା ନିରଞ୍ଜନ ମେକାପ, ଜ୍ୟୋତିରଞ୍ଜନ ପତ୍ରୀ, ଚନ୍ଦନ ସ୍ୱାଇଁ, ଗିରିଜା ଦାସ, ବିଶ୍ୱନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗଜଲକ୍ଷ୍ମୀ ପୂଜା ମଣ୍ଡପକୁ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ମନ୍ତ୍ରୀଙ୍କ ବୈଠକ



**କେନ୍ଦ୍ରାପଡା,୪।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଅବସର ରେ ବିଭିନ୍ନ ପୂଜା ମଣ୍ଡପକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାମନ୍ତ୍ରୀ ଯୁବ ବ୍ୟାପାର, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭୁବନେଶ୍ୱର ରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ଆଲେଚନା କରିଥିବା ଜଣାପଡ଼ିଛି। ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକଙ୍କ ସମେତ ସଂସ୍କୃତି ବିଭାଗ ର ଉଚ୍ଚ ସ୍ତରୀୟ ଅଧିକାରୀ ମାନେ ଏହି ବୈଠକରେ ସମ୍ମିଳିତ ହୋଇ ପ୍ରୋତ୍ସାହନ ରାଶି ଦେବା ସଂପର୍କରେ ସବିଶେଷ ଆଲୋଚନା କରିଥିବା ଜଣାପଡ଼ିଛି। କେନ୍ଦ୍ରାପଡା ର ଏହି ମହାନ ପର୍ବକୁ ସହାୟତା ଦେବାପାଇଁ ପୂର୍ବରୁ ମହାକାଳପଡା ବିଧାୟକ ଡ଼ଃ ନାୟକ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଓ କେନ୍ଦ୍ରାପଡା ପୂଜା କମିଟି ର କର୍ମକର୍ତା ମାନେ ସରକାରଙ୍କୁ ନିବେଦନ କରିଥିଲେ। ଏହି ଖବର ପ୍ରକାଶ ପାଇବା ପରେ ବିଭିନ୍ନ ପୂଜା କମିଟି ପକ୍ଷରୁ ବିଧାୟକ ଓ ମନ୍ତ୍ରୀଙ୍କ ଉଦ୍ୟମ କୁ ପ୍ରଶଂସା କରାଯାଇଛି।

## ତେଲ ଟ୍ୟାଙ୍କରରେ ଗୋରୁ ଚାଲାଣ

### ମାଡି ବସିଲା ପୁଲିସ, ୯ ଗୋରୁ ଉଦ୍ଧାର




**ଆଳି,୪।୧୦(ସଂଚାର ବ୍ୟୁରୋ):** ତେଲ ଟ୍ୟାଙ୍କରରେ ଗୋରୁ ଚାଲାଣ ବେଳେ ରାସ୍ତାରେ ମାଡି ବସିଲା ପୋଲିସ। ତେଲ ଟ୍ୟାଙ୍କର ଜବତ କରିବା ସହ ଟ୍ୟାଙ୍କର ମଧରେ ପଶ୍ଚିମ ବଙ୍ଗ କୁ ଚାଲାଣ ହେଉଥିବା ୯ ଟି ଗୋରୁ ଉଦ୍ଧାର କରିଛି ପୋଲିସ। ଗତକାଲି ରାତିରେ ଆଳି ପୋଲିସ ପେଟ୍ରୋଲିଙ୍ଗ କରୁଥିବା ବେଳେ ଆଳି ଗଡ଼ଗଡ଼ି ସେତୁ ନିକଟରେ ଏକ ତେଲ ଟ୍ୟାଙ୍କରରେ ଗୋରୁ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଆଳି ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ ଗଡ଼ ଗଡ଼ି ସେତୁ ନିକଟରେ ଟ୍ୟାଙ୍କର ଅଟକାଇବା ବେଳେ ଟ୍ୟାଙ୍କର ଡ୍ରାଇଭର ଗାଡି ଛାଡି ଘଟଣା ସ୍ଥଳରୁ ଖସି ପଳାଇ ଯାଇଥିଲା। ଆଳି ପୋଲିସ ତେଲ ଟ୍ୟାଙ୍କର କୁ ଜବତ କରି ଥାନାକୁ ଆଣି ରଖିଥିବା ବେଳେ ସେଥିରେ ଥିବା ୯ ଟି ଗୋରୁକୁ ଉଦ୍ଧାର କରି ଥାନା ପରିସରରେ ବାନ୍ଧିଛି। ଆଳି ଅଞ୍ଚଳରୁ ବାରମ୍ବାର ଗୋ ଚାଲାଣ ହେଉଥିବା ବେଳେ ଗୋ ରକ୍ଷକ ସଂଗଠନ ତୀବ୍ର ବିରୋଧ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନକୁ ଦାବି କରିଥିବା ବେଳେ ଏକ ଗୋ ଶାଳ କରିବାକୁ ଦାବି କରିଛନ୍ତି। ଏ ନେଇ ଆଳି ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି ।

## ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛତା ହିଁ ସେବା ସଚେତନତା କାର୍ଯ୍ୟକ୍ରମ




**କେନ୍ଦ୍ରାପଡା, ୪।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛତା ହିଁ ସେବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୌରସଂସ୍ଥା କର୍ମଚାରୀ ବିଭିନ୍ନ ବିଦ୍ୟାଳୟ ର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ମଣ୍ଡଳର ସଦସ୍ୟା ମାନଙ୍କୁ ନେଇ ଅନୁଷ୍ଠିତ ଏକ ବିଶାଳ ପଦଯାତ୍ରା ଓ ଗଣଦୌଡ କୁ ଜିଲ୍ଲାପାଳ ରଘୁରାମ ଆର ଅୟାର ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ପରିସର ରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଓ ଗଣ ଦୌଡ ସହର ପରିକ୍ରମା କରି ପୌରସଂସ୍ଥା କାର୍ଯ୍ୟାଳୟ ପରିସର ରେ ପହଁଚିବା ପରେ ଅଂଶ ଗ୍ରହଣ କରିଥିବା ସ୍ୱଚ୍ଛାସେବୀ ଓ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱଚ୍ଛତା ହିଁ ସେବା ସଂପର୍କରେ ପୌରାଧକ୍ଷା ସରିତା ସାହୁ ଉଦ୍‌ବୋଧନ ଦେଇ ନିଜେ ସ୍ୱଚ୍ଛ ରହିବା ସହ ପରିବେଶ କୁ ସ୍ୱଚ୍ଛ ରଖିବା ଏକ ମୌଳିକ କର୍ତବ୍ୟ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ଆୟୋଜତ ବିଭିନ୍ନ ପ୍ରତିଯୋଗତା ଓ ଗଣଦୌଡ ରେ ସଫଳ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପୌରାଧକ୍ଷା ପୁରସ୍କୃତ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଉପାଧକ୍ଷା ଆକବରୀ ଖାତୁନ, କାଉନସିଲର ନିରାକାର ସ୍ୱାଇଁ, ସୁକୁମାର ଚୌଧୁରୀ, ଉମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ହେଲାନି ମାପ

### ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ପରିବାର

**ରାଜନଗର,୪।୧୦(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ତହସିଲ କାର୍ଯ୍ୟାଳୟ ପରିସରରେ ଜାଗାବାଡି ମାପକୁ ନେଇ ସପରିବାର ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ରାଜନଗର ଗାଁର ଭୀମସେନ ସାହୁ, ରବିନ୍ଦ୍ରନାଥ ସାହୁ ପ୍ରମୁଖଙ୍କ ସହ ପରିବାର ଲୋକେ ଧାରଣାରେ ବସିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜାଗାବାଡି ମାପକୁ ନେଇ ତହସିଲଦାରଙ୍କ ଦ୍ୱାରସ୍ତ ହୋଇ ବିଫଳ ହେବା ପରେ ମାନ୍ୟବର ଉଚ୍ଚ ନ୍ୟାୟାଳୟକୁ ଯାଇଥିଲେ। ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ କେଶ ନଂ- ଡବ୍ଲୁପି(ସି). ୨୧୧୧୫ /୨୦୨୫ ଜୁଲାଇ ମାସ ୩୦ତାରିଖରେ ରାଜନଗର ତହସିଲଦାରଙ୍କୁ ମାପ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅମିନ ଓ ପୋଲିସ କର୍ମଚାରୀ ଜାଗାବାଡି ମାପ କରିବା ପାଇଁ ଘଟଣାସ୍ଥଳରେ ପହଂଚିଥିଲେ। ଅପରପକ୍ଷ ମାପଚୁପ ପାଇଁ ଉପସ୍ଥିତ ନହେବାରୁ ଅମିନ ଫେରି ଆସିଥିଲେ। ଏହି ଘଟଣାରେ ଦୁଇ ପରିବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ନ୍ୟାୟ ଦାବୀ କରି ଧାରଣାରେ ବସିଥିଲେ। ତହସିଲଦାର ଯୀଶୁକ୍ରିଷ୍ଟ ଦାସ ସେମାନଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ପୌର ପରିଷଦରେ ସ୍ୱଚ୍ଛତା ହିଁ ସେବା ଉଦ୍‌ଯାପିତ




**ପଟ୍ଟାମୁଣ୍ଡାଇ,୪।୧୦(ସଂଚାର ବ୍ୟୁରୋ):** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜନ୍ମ ବାର୍ଷିକ ଅବସରରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ଗତ ସେପ୍ଟେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ହିଁ ସେବା-୨୦୨୫ କାର୍ଯ୍ୟକ୍ରମ ଉଦଯାପିତ ହୋଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ପ୍ରାତଃ ସମୟରେ ପ୍ରଭାତ ଫେରି କରାଥିଲା । ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶଙ୍କ ସହିତ ସମସ୍ତ ପୌର କର୍ମଚାରୀ ସ୍ୱଚ୍ଛ କର୍ମଚାରୀ ଯୋଗ ଦେଇ ସ୍ୱଚ୍ଛତା ଶୋଭାଯାତ୍ରା କରିଥିଲେ। ଦିବା ୧୦ ଘଟିକା ସମୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମେତ ସମ୍ବିଧାନ ପ୍ରଣେତା ଡ ଭି ଆର ଆମ୍ବେଦକର, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହା ପରେ ପୌର କାର୍ଯ୍ୟାଳୟ ସଭା ଗୃହରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶଙ୍କ ପୌରହିତ୍ୟ ରେ ଆୟୋଜିତ ସଭାରେ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ପରିମଳ କର୍ମଚାରୀଙ୍କୁ ସ୍ୱଚ୍ଛ ପରିମଳ ସମ୍ପର୍କରେ ବହୁମୂଲ୍ୟ ପରାମର୍ଶ ଦେଇଥିଲେ ।

## ଶିବାନନ୍ଦ ଆଶ୍ରମରେ ଶାରଦୀୟ ନବରାତ୍ରରେ କୁମାରୀ ପୂଜା



**କେନ୍ଦ୍ରାପଡା,୪।୧୦(ସଂଚାର ବ୍ୟୁରୋ):** ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶାରଦୀୟ ନବରାତ୍ର ପାଳନ ସପ୍ତସତୀ ପାରାୟଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ନବଦିନ ବ୍ୟାପୀ ଚଣ୍ଡି ପଠନ, ହବନ, ଜପ ଓ ପାରାୟଣ ପ୍ରଭୃତି କରାଯାଇଛି। ଏଥିସହିତ ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ଶ୍ରୀମା ଅନ୍ନ ତ୍ୟାଗ କରି ବ୍ରତ କରିବା ସହ ନିଜର ଜୀବନକୁ ସମାଜର ମଙ୍ଗଳ ପାଇଁ ଉତ୍ସର୍ଗ କରିଛନ୍ତି। ଏହାବ୍ୟତିତ ନବକନ୍ୟା ପୂଜନ ବା କୁମାରୀ ପୂଜା ମଧ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ରୀତାଞ୍ଜଳି ନାଥ, ଦୌ୍ରପଦୀ ରାଉତ, ପୁନମ ନାୟକ, ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର ମହାନ୍ତି, ସମ୍ପାଦକ ଶରତ ଚନ୍ଦ୍ର ପାତ୍ର, ଉପାଧକ୍ଷ ଡକ୍ଟର କାଳି ପ୍ରସନ୍ନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ।



ବିଧାନସଭା ପରିସରରେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ମରଶରୀରରେ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ବରିଷ୍ଠ ଅଧିକାରୀମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ।

## ବାପାଙ୍କୁ ହତ୍ୟା କରି ପୋତିଦେଲା ; ମାଟି ତଳୁ ମିଳିଲା ମୃତଦେହ

**ଝାରସୁଗୁଡ଼ା, ୪।୧୦ (ସଂଚାର ବ୍ୟୁରୋ) :** ଯେଉଁ କାନ୍ଧରେ ବସି ଦୁନିଆ ଦେଖାଇଥିଲା। ସେହି ବାପାଙ୍କୁ ମାରି ପୋତି ଦେଲା ଜହ୍ଲାଦ ପୁଅ । ଝାରସୁଗୁଡା ଜିଲ୍ଲା ଲଖନପୁର ଥାନା ଅନ୍ତର୍ଗତ ବାରତାପ ଗାଁରେ ବାପାକୁ ହତ୍ୟା କରିଛି ପୁଅ । ମୃତକ ଜଣକ ହେଲେ ବିମ୍ବାଧର ପଙ୍ଗା। ପୁଅ ବିଦ୍ୟାଧର ପଙ୍ଗା ଡାଇନିଙ୍ଗ ଟେବୁଲର ଏକ ଗୋଡ଼ରେ ବାପାଙ୍କ ମୁଣ୍ଡକୁ ଆକ୍ରମଣ କରିବା ଫଳରେ ବିମ୍ବାଧର ପ୍ରାଣ ହରାଇଥିଲେ । ବାପାଙ୍କ ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ଦେବଗଡ଼ ଜିଲ୍ଲାର ଚିଲାଷ୍ଟିଖୋଲକୁ ନେଇ ପୋତି ଦେଇଥିଲେ ଓ ସିଢ଼ିରୁ ପଡ଼ି ବାପାଙ୍କ ହୋଇଥିବା ସମସ୍ତଙ୍କୁ କହିଥିଲା ଅଭିଯୁକ୍ତ ବିଦ୍ୟାଧର। ହେଲେ ଏନେଇ ବିମ୍ବାଧରଙ୍କ ବଡ଼ ଝିଅ ସନ୍ଦେହ କରି ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ପୁଅ ବିଦ୍ୟାଧରକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ହତ୍ୟାରେ ବ୍ୟବହୃତ ଡାଇନିଂ ଟେବୁଲର ଗୋଡ଼କୁ ଜବତ କରିଛି । ଏହାସହ ବିମ୍ବାଧରଙ୍କ ପୋତାଯାଇଥିବା ଶବ ବାହାରକରି ବ୍ୟବଚ୍ଛେଦ ପରେ ପୁଣି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି ପୋଲିସ ।

**ଓଡ଼ିଶା ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବ**

# ହୀରାକୁଦର ବିପୁଳ ସମ୍ଭାବନାକୁ ବାସ୍ତବ ରୂପ ଦେବ: ଧର୍ମେନ୍ଦ୍ର

**ହୀରାକୁଦ/ସମ୍ବଲପୁର, ୪।୧୦(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ହୀରାକୁଦ ଜଳଭଣ୍ଡାରରେ ପଞ୍ଜୁରୀ ସ୍ଥାପନ କରି ମାଛ ଚାଷ କରାଯିବାର ଆଧୁନିକ ପ୍ରଣାଳୀ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରାୟ ୭ କୋଟି ବ୍ୟୟରେ ୩୭ ଏକର ପରିମିତ ଜମିରେ ନିର୍ମାଣ ହୋଇଥିବା ଏହି କେନ୍ଦ୍ର ଅଞ୍ଚଳରୁ ପ୍ରାୟ ୫୦୦ କୋଟି ମୂଲ୍ୟର ମାଛ ଉତ୍ପାଦିତ ହେଉଛି। ଉତ୍ପାଦନ ବଢ଼ାଇବାକୁ ପଦକ୍ଷେପ ନିଆଯିବା। ମାଛକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ଶୀତଳ ଭଣ୍ଡାର, ବରଫ କାରଖାନା ଭଳି ଆଧୁନିକ ସୁବିଧା ଉପଲବ୍ଧ ହେବା। ଉନ୍ନତ ପ୍ରକ୍ରିୟାକରଣ ଯୋଗୁଁ ଆମ ମାଛର

- ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି କେନ୍ଦ୍ର
- ବସନ୍ତପୁରରେ ଅତ୍ୟାଧୁନିକ ମାଛ ଚାଷ କେନ୍ଦ୍ର ପ୍ରତିଷ୍ଠା ହେବ
- ଜୈବିକ ମାଛ ଚାଷକୁ ପ୍ରୋତ୍ସାହନ ଦେବାକୁ ପରାମର୍ଶ

ରାଜ୍ୟର ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହ ରତ୍ନଗର୍ଭା ହୀରାକୁଦ ଜଳଭଣ୍ଡାରର ବିପୁଳ ସମ୍ଭାବନାକୁ ବାସ୍ତବ ରୂପ ଦେବ ବୋଲି ଏହାକୁ ଉଦଘାଟନ କରିବା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସେ କହିଛନ୍ତି ଯେ ଗଞ୍ଜାମ ଓ ବାଲେଶ୍ୱର ପରେ ମାଛ ଉତ୍ପାଦନରେ ସମ୍ବଲପୁର ଜିଲ୍ଲା ଆଗରେ ରହିଛି। ହୀରାକୁଦ ଜିଲ୍ଲା ସମେତ ଆଖପାଖ ମାନ ବୃଦ୍ଧି ପାଇବ। ଫଳରେ ଏହାକୁ କେବଳ ଓଡ଼ିଶା ନୁହେଁ, ଦେଶର ବଡ଼ ବଡ଼ ବଜାର ଓ ଆନ୍ତର୍ଜାତିକ ବଜାରକୁ ପଠାଇବା ସହଜ ହେବ। ଓଡ଼ିଶାର ଅର୍ଥନୀତି ପାଇଁ ମତ୍ସ୍ୟଚାଷ ଓ ପଶୁପାଳନ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ରାଜ୍ୟରେ ପ୍ରାୟ ୧୨ ଲକ୍ଷ ମେଟ୍ରିକ୍ ଟନ ମାଛ ଉତ୍ପାଦିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନା 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'। ଏହାକୁ ସାକାର କରିବା ଦିଗରେ ସମ୍ବଲପୁର ଗୋଶାଳା ବସନ୍ତପୁରରେ ଏକ




ଅତ୍ୟାଧୁନିକ ମାଛ ଚାଷ ଓ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ପ୍ରାୟ ୧୦୦ କୋଟି ଦେଇଛନ୍ତି। ଏହାଛଡ଼ା ଡବଲ ଇଞ୍ଜିନ ସରକାର ସହଯୋଗରେ ଏଠାରେ ସମୟୋପଯୋଗୀ ତାଲିମ ଶିବିର ଆୟୋଜିତ ହେବ। ମାଛ ଧରିବାର ନୂଆ ଉପାୟ, ସ୍ୱଚ୍ଛତା ଓ ପ୍ରକ୍ରିୟାକରଣର ଆଧୁନିକ ଜ୍ଞାନକୌଶଳ ମଧ୍ୟ ଶିଖାଯିବ। ଏହା ମତ୍ସ୍ୟଜୀବୀଙ୍କ ଆୟ ବଢାଇବା ସହ ଅଞ୍ଚଳରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାରେ ୩୨ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ହୋଇଛି। ସମ୍ବଲପୁର ଜିଲ୍ଲାରେ ମତ୍ସ୍ୟ ଚାଷ ସମେତ ପଶୁପାଳନ, ଦୁଗ୍ଧ ଚାଷ, ପନିପରିବା ଚାଷ ଭଳି ଆନୁଷଙ୍ଗିକ କ୍ଷେତ୍ରରେ ଅପାର ସମ୍ଭାବନା ରହିଛି। ଚାଷ ଓ ଚାଷୀ ସମୃଦ୍ଧ ହେଲେ ହିଁ ସମାଜ ସମୃଦ୍ଧ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଏବଂ ମତ୍ସ୍ୟ ଓ ପଶୁ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉପସ୍ଥିତ ଥିଲେ।

# ଅକ୍ଷମ ପିଲାଙ୍କ ସ୍କୁଲର ଅନିୟମିତତା ଧରିଲା ସିଏଜି

**ଭୁବନେଶ୍ୱର,୪।୧୦:** ବୌଦ୍ଧିକ ଅକ୍ଷମ ପିଲାଙ୍କ ପାଇଁ ପ୍ରତିଷ୍ଠା ହୋଇଥିବା ବିଦ୍ୟାଳୟରେ ୧୦ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ରହିବାର ନିୟମ ଥିବାବେଳେ ଏହିସବୁ ବିଦ୍ୟାଳୟରେ କିନ୍ତୁ ଉଭୟ ଶିକ୍ଷକ ଓ ଅଣଶିକ୍ଷକ ଅଭାବ ଥିବା ସିଏଜି ଅଡିଟ୍‌ରୁ ଜଣାପଡିଛି। ଏପରିକି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ୩୭ ପ୍ରତିଶତ ଶିକ୍ଷକ ପଦବୀ ଖାଲି ପଡିଛି। ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ବୌଦ୍ଧିକ ଅକ୍ଷମ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟଗୁଡିକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସ୍ୱୀକାର ପ୍ରଦାନ କରିବାର କ୍ଷମତା ଅଛି। ଅନ୍ୟ ବିଦ୍ୟାଳୟଗୁଡିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ଶିକ୍ଷା ଅଧିନିୟମ ଧାରା ୬(କ) ଅନଯାୟୀ ସ୍ୱୀକାର ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଉକ୍ତ ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ବିଦ୍ୟାଳୟ ପରିଚାଳକଙ୍କ ଦ୍ୱାରା ବିଦ୍ୟାଳୟର ସଠିକ୍ କାର୍ଯ୍ୟକାରିତା ପାଇଁ ଭିତିଭୂମି ତଥା ମାନବ ସମ୍ବଳ ଆବଶ୍ୟକତା ପୂରଣ କରିବାରେ ବିଫଳତା ହେଲେ ସରକାର ସ୍ୱୀକୃତି ପ୍ରତ୍ୟାହାର କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଦୃଷ୍ଟିହୀନ, ଶ୍ରବଣ ଶକ୍ତି ଦର୍ବଳ ତଥା ବୌଦ୍ଧିକ ଅକ୍ଷମ ପିଲାମାନଙ୍କ କ୍ଷେତ୍ରରେ ଶିକ୍ଷକ ଏବଂ ଛାତ୍ର ଅନୁପାତ ୧:୧୦ ହେବ ଉଚିତ୍। ତେବେ ସିଏଜି ଅଡିଟ୍ ସମୟରେ ଲକ୍ଷ୍ୟ କରାଯାଇଛି ଯେ, ୬୫ଟି ନମୂନା ବିଦ୍ୟାଳୟ ମଧ୍ୟରୁ ୫୭ଟିରେ ଆବଶ୍ୟକ କର୍ମଚାରୀଙ୍କର ଅଭାବ ରହିଛି। ଏହିସବୁ ବିଦ୍ୟାଳୟରେ ୨୯୯ ଟି ବିଭିନ୍ନ ବର୍ଗର ଶିକ୍ଷକ ପଦବୀରେ ୧୯୧ କାର୍ଯ୍ୟ କରୁଛନ୍ତି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟ୍ ପଢାଇବାପାଇଁ ୨୨ଟି ଶିକ୍ଷକ ପଦବୀରେ ୪ଜଣ କାର୍ଯ୍ୟ କରୁଥିବାବେଳେ ୧୯ଟି ମନୋବିଜ୍ଞାନ ପଦବୀରେ ଅଛନ୍ତି ୫ଜଣ। ୨୧ଟି ସଙ୍ଗୀତ ଶିକ୍ଷକ ପଦବୀରେ ୧୨ଜଣ କାର୍ଯ୍ୟରତ ଥିବାବେଳେ ୨୬ଟି କଳା ଶିକ୍ଷକ ପଦବୀରେ ୧୪ଜଣ କାର୍ଯ୍ୟ କରୁଛନ୍ତି। ଅଣଶିକ୍ଷକ ପଦବୀରେ ମଧ୍ୟ ସମାନ ଅବସ୍ଥା। ମୋଟ୍ ୪୦୧ ପଦବୀରେ କାର୍ଯ୍ୟ କରୁଛନ୍ତି ମାତ୍ର ୨୫୧ ଜଣ। ଅର୍ଥାତ୍ ଏହିସବୁ ପଦବୀରେ ୩୭ ପ୍ରତିଶତ ପଦବୀ ଖାଲି ପଡିଛି । ସିଏଜି ଦର୍ଶାଇଛନ୍ତି ଯେ ଆରମ୍ଭରୁ ଛଅଟି ବିଦ୍ୟାଳୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ସ୍ୱୀକୃତି ପାଇନଥିଲେ। ଏହା ସତ୍ତ୍ୱେ ସେମାନଙ୍କୁ ଗ୍ରାଣ୍ଟ ଇନ୍ ଏଡ୍ ବାବଦରେ ୧.୮୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ସିଏଜି ଦର୍ଶାଇଛନ୍ତି ଯେ, ବିଦ୍ୟାଳୟଗୁଡିକର ବାର୍ଷିକ ଯାଞ୍ଚ ରିପୋର୍ଟରେ ମାନବ ସମ୍ବଳର ଉପଲବ୍ଧତା ଅଭାବକୁ ଡିଏଓ ଦ୍ୱାରା ସୂଚିତ କରାଯାଇନଥିଲା। ତେଣୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ବିଦ୍ୟାଳୟଗୁଡିକର ମାନ୍ୟତା ଜାରି ରଖିବା ସମୀକ୍ଷା କରାଯାଇପାରିନଥିଲା। ଫଳ ସ୍ୱରୂପ ବିଦ୍ୟାଳୟଗୁଡିକ ଦ୍ୱାରା ଆବଶ୍ୟକ ସର୍ତ୍ତ ପୂରଣ ହେବା ନିଶ୍ଚିତ କରିବା, ସ୍ୱୀକୃତି ପ୍ରଦାନ ଏକ ନିୟନ୍ତ୍ରକ ପ୍ରଣାଳୀ ପ୍ରଭାବହୀନ ହୋଇଥିଲା। (ତଥ୍ୟ)



**ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ**

# ବିଧାନସଭା ପରିସରରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୪।୧୦(ସଂଚାର ବ୍ୟୁରୋ):** ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ବିଧାନସଭା ପରିସରରେ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅରବିନ୍ଦ ଢାଲି ଓ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁର୍‌ବୀର ସିଂ ପ୍ରମୁଖ ଉପସ୍ଥିତ ରହି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବା ସହ ବାପୁଜୀଙ୍କ ପ୍ରିୟ ଆଶ୍ରମ ଭଜନ ଓ ରାମଧୂନ ପରିବେଷିତ ହୋଇଥିଲା। ଏଥିରେ ବହୁ ଗାନ୍ଧୀପ୍ରେମୀ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ମହାତ୍ମା ଗାନ୍ଧୀଙ୍କ ଉପରେ ଆଧାରିତ 'ଗାନ୍ଧୀଜୀ ଓ ଓଡ଼ିଶା' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ।

● ଆଦି କର୍ମଯୋଗୀ ଅଭିଯାନ

# ରାଜ୍ୟରେ ସାଢ଼େ ୫ ହଜାରରୁ ଊର୍ଦ୍ଧ୍ୱ ଭିଏପିକୁ ଅନୁମୋଦନ



**ଭୁବନେଶ୍ୱର, ୪।୧୦ (ସଂଚାର ବ୍ୟୁରୋ):** ଗାନ୍ଧି ଜୟନ୍ତୀ ଅବସରରେ ରାଜ୍ୟରେ ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ବିଶେଷ ଗ୍ରାମସଭା ଅନୁଷ୍ଠିତ ହୋଇଛି। ଏହି ଅଭିଯାନରେ ରାଜ୍ୟରେ ସାଢ଼େ ୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ କାର୍ଯ୍ୟ ଯୋଜନା (ଭିଏପି) ଅନୁମୋଦନ ଲାଭ କରିଛି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଛି ଆଦି କର୍ମଯୋଗୀ ଅଭିଯାନ। ଏହା ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ଏକ ଅବିଚ୍ଛେଦ୍ୟ ଅଂଶ। ସେବା, ସମର୍ପଣ ଓ ସଂକଳ୍ପ ଭାବନାରେ ପରିପୂର୍ଣ୍ଣ ଏହି ଅଭିଯାନ ତୃଣମୂଳ ସ୍ତରରେ ଅତ୍ୟାବଶ୍ୟକୀୟ ସେବାଗୁଡ଼ିକ ପ୍ରଦାନ କରିବ। ରାଜ୍ୟରେ ଏହି ଅଭିଯାନରେ ୨୨ଟି ଜିଲ୍ଲାର ୨୧୩ଟି ବ୍ଲକ୍‌ର ୭,୬୨୩ଟି ଗ୍ରାମ ସାମିଲ୍ ହୋଇଛି। କାର୍ଯ୍ୟାନ୍ୱୟନ ପାଇଁ ୧ ଲକ୍ଷ ଆଦି ସାଥୀ ଓ ୩୦ ହଜାର ଆଦି ସହଯୋଗୀଙ୍କୁ ସଂଗଠିତ କରାଯାଇଛି। ସେଥିପାଇଁ ରାଜ୍ୟର ସମସ୍ତ ଜିଲ୍ଲାର ୫୦ରୁ ଅଧିକ ସିଏସ୍‌ଓ/ଏନଜିଓଙ୍କୁ ସହଭାଗୀ ଭାବେ ସାମିଲ୍ କରାଯାଇଛି। ଚିହ୍ନଟ ହୋଇଥିବା ସମସ୍ତ ଗ୍ରାମରେ ୭,୬୨୩ଟି ଆଦି ସେବା କେନ୍ଦ୍ର ସ୍ଥାପନ କରାଯିବାର ଲକ୍ଷ୍ୟ ରହିଥିବା ବେଳେ ସେଥିରୁ ୬,୨୫୫ଟି ଗତ୨ ତାରିଖରେ ଉଦ୍‌ଘାଟିତ ହୋଇଛି।

## ବିଏସ୍‌ଏନ୍‌ଏଲ୍‌ର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ

**ଭୁବନେଶ୍ୱର, ୪।୧୦(ସଂଚାର ବ୍ୟୁରୋ):** ଗତ ୧ରେ ବିଏସଏନଏଲ୍‌ର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ବିଏସଏନଏଲ୍ ଓଡ଼ିଶା ଟେଲିକମ୍ ସର୍କଲ୍‌ରେ ସଚେତନତା ର୍ୟାଲି, ସ୍କୁଲ ପିଲାଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା, ରକ୍ତଦାନ ଶିବିର ଆଦି ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଇ ଆଣ୍ଡ ଆଇଟି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, ବିଏସ୍‌ଏନ୍‌ଏଲ୍ ଓଡ଼ିଶା ପରିମଣ୍ଡଳ ସିଜିଏମ ଦୁଷ୍ମନ୍ତ କୁମାର ବେହେରା, ଓଡ଼ିଶା ଟେଲିକମ୍ ଅତିରିକ୍ତ ଡିଜି ମୁରଲୀ କ୍ରିଷ୍ଣା, ଓଡ଼ିଶା ସିସିଏ କେ. ବିନୋଦ ଓ ସିସିଏର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ୨୦୦୦ ଅକ୍ଟୋବର ୧ରୁ ବିଏସଏନଏଲ୍ ଉତ୍ସର୍ଗୀକୃତ ସେବା ଯୋଗାଇ ଦେଇଆସିଥିବା ବେଳେ ନିକଟରେ ୪-ଜି ନେଟୱାର୍କର ଦେଶବ୍ୟାପୀ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ଏହା ୫-ଜି'କୁ ଉନ୍ନୀତ ହେବ। ଫଳସ୍ୱରୂପ ଏହା ପୁରୁଣା ଗ୍ରାହକଙ୍କ ସହ ଡିଜିଟାଲ୍ ଦୁନିଆ ସହ ସଂଯୋଗ ହୋଇନଥିବା ଲକ୍ଷାଧିକ ଗ୍ରାହକଙ୍କୁ ଦ୍ରୁତ ଗତିସମ୍ପନ୍ନ ଇଣ୍ଟରନେଟ୍ ସୁବିଧା ଦେଇପାରିବ। ଓଡ଼ିଶାରେ ବିଏସଏନଏଲ୍ ୨୪୭୨ଟି ଅପହଞ୍ଚ ଗ୍ରାମକୁ ସେବା ଦେବା ସକାଶେ ୧୬୬୫ଟି ଟାୱାର ନିର୍ମାଣ କରିସାରିଛି। ଦୃଢ଼ ଆତ୍ମନିର୍ଭରଶୀଳତା ପାଇଁ ସମସ୍ତ ଟାୱାରକୁ ସବୁଜ ନବୀକରଣୀୟ ସୌରଶକ୍ତି ପ୍ରଣାଳୀରେ ସଜ୍ଜିତ କରାଯାଉଛି। ସ୍ୱଦେଶୀ ୪ଏ ନେଟୱାର୍କର ଶୁଭାରମ୍ଭ ସହିତ ଭାରତ ଏକ ମାଇଲଖୁଣ୍ଟ ହାସଲ କରିଛି ଯାହା ଏହାକୁ ଘରୋଇ ୪ଜି ଟେଲିକମ୍ ଷ୍ଟାକ୍ ଥିବା କେବଳ ୫ଟି ରାଷ୍ଟ୍ର ମଧ୍ୟରେ ସ୍ଥାନିତ କରିଛି।

## ଚାଲାଣ ବେଳେ ଉଦ୍ଧାର ହେଲେ ୫୫ ଦାଦନ

**ବଲାଙ୍ଗୀର, ୪।୧୦ (ସଂଚାର ବ୍ୟୁରୋ) :** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରୁ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଚାଲାଣ ପୂର୍ବରୁ ୫୫ ଦାଦନ ଶ୍ରମିକଙ୍କୁ ଉଦ୍ଧାର କଲା ପୋଲିସ। ଦାଦନ ସର୍ଦ୍ଦାର ଶ୍ରମିକ ଚାଲାଣ କରିବା ପାଇଁ ଶ୍ରମିକମାନଙ୍କୁ ଘରେ ରଖିଥିବା ବେଳେ ପୋଲିସ ଚଢ଼ାଉ କରି ୫୫ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି । ବଲାଙ୍ଗୀର ପୋଲିସ ଦାଦନ ଶ୍ରମିକ ଚାଲାଣ ହେଉଥିବା ସୂଚନା ପାଇ ରାତି ଅଧିଆ ଚଢ଼ାଉ କରିଥିଲା। ଚଢ଼ାଉ ପରେ ୫୫ ଦାଦନ ଶ୍ରମିକଙ୍କୁ କଣ୍ଟାବାଞ୍ଜିରୁ ଉଦ୍ଧାର କରିଥିଲା । ଏମାନଙ୍କୁ ଦାଦନ ସର୍ଦ୍ଦାର ଆନ୍ଧ୍ରପ୍ରଦେଶ ନେଉଥିବା ଜଣାପଡ଼ିଛି । କଣ୍ଟାବାଞ୍ଜି ସହରର ୱାର୍ଡ ନମ୍ବର ୮ରେ ଥିବା ଏକ ଘର ଭିତରେ ସର୍ଦ୍ଦାର ଦାଦନ ଶ୍ରମିକମାନଙ୍କୁ ଲୁଚାଇ ରଖିଥିବାବେଳେ ପୋଲିସ ଉଦ୍ଧାର କରି ସମସ୍ତ ଶ୍ରମିକଙ୍କୁ କଣ୍ଟାବାଞ୍ଜି ପୋଲିସ ଥାନାରେ ଆଣି ପଚରାଉଚରା କରୁଛି। ଶ୍ରମିକମାନେ ନୂଆପଡ଼ା ଓ ତୁରେଇକେଲା ଅଞ୍ଚଳର ବୋଲି ସୂଚନା ମିଳିଛି। ଶ୍ରମିକଙ୍କ ମଧ୍ୟରେ ୧୪ ଜଣ ନାବାଳକ , ପୁରୁଷ ୨୫ ଜଣ ଓ ମହିଳା ୧୬ ଜଣ ଅଛନ୍ତି।

■ ପଞ୍ଚସଖା ଶିକ୍ଷା ସେତୁର ପ୍ରଥମ ପରିଚାଳନା ପରିଷଦର ବୈଠକ

# 'ପୁରାତନ ଛାତ୍ରଛାତ୍ରୀଙ୍କୁ ଯୋଗଦାନକୁ ଅଧିକ ବ୍ୟାପକ କରାଯିବ'

**ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ):** ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନ ଅତୁଳନୀୟ। ଶନିବାର ପଞ୍ଚସଖୀ ଶିକ୍ଷା ସେତୁ ସଂଗଠନର ପ୍ରଥମ ପରିଚାଳନା ପରିଷଦ ବୈଠକରେ ପରିଷଦର ଅଧ୍ୟକ୍ଷ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଏହା ଉଲ୍ଲେଖ କରିଛନ୍ତି।

ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସଂଗଠନର ପ୍ରଥମ ଓ ଦ୍ୱିତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୁଇଟି ବୈଠକରେ ରାଜ୍ୟର ୨୫ଟି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଆର୍ଥିକ ଅନୁଦାନ ସହ ସରକାରଙ୍କ ଦୁଇଗୁଣା ଅନୁଦାନ ରାଶିକୁ ମିଶାଇ ମୋଟ ୨୬ କୋଟି ଟଙ୍କାରେ ୧୫୬୯ଟି ପ୍ରକଳ୍ପକୁ ମଞ୍ଜୁର ଦିଆଯାଇଥିଲା। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଏମ୍‌ଶ୍ରୀ ବିଦ୍ୟାଳୟ ଗୁଡିକରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସାକ୍ଷରତା ଉପରେ ଶିକ୍ଷା ଦିଆଯିବ। ଏଥିପାଇଁ ଜାତୀୟ ଆର୍ଥିକ ଶିକ୍ଷା କେନ୍ଦ୍ର ସହ ପିଏସଏସର ଚୁକ୍ତିନାମା ସ୍ୱାକ୍ଷରିତ ହେବ। ଏହି ବୈଠକରେ ଐତିହ୍ୟ ବିଦ୍ୟାଳୟ ଅଧୀନରେ ରାଜ୍ୟର ୫୧ଟି ସବୁଠାରୁ ପୁରାତନ ବିଦ୍ୟାଳୟର ସର୍ବାଙ୍ଗୀନ



ବିକାଶକୁ ଅନୁମୋଦନ ଦିଆଯାଇଛି। ଏହା ସହ ରାଜ୍ୟରେ ଚିହ୍ନଟ କରାଯାଇଥିବା କିଛି ବିଦ୍ୟାଳୟରେ ସିଏସଆର ଅର୍ଥରେ ମଧ୍ୟାହ୍ନଭୋଜନ ହଲ୍ ନିର୍ମାଣ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ଦିଆଯାଇଛି। ବୈଠକରେ ଉପାଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ବିଦ୍ୟାଳୟ ବିକାଶରେ ପୁରାତନ ଛାତ୍ରଛାତ୍ରୀ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ପରିଷଦର ସଦସ୍ୟ ସଂଯୋଜକ ତଥା ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ଅନନ୍ୟା ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଶିବାଶିଷ ଧଳ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂଇଆଁ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଟୁକୁ ବାରିକ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଭିନୀତ ଭରଦ୍ୱାଜ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ ଭାସ୍କର ରାଇତୋ, କେନ୍ଦ୍ରାପଡ଼ାର ଜିଲ୍ଲାପାଳ ରଘୁରାମ ଆୟର, ସୁନ୍ଦରଗଡ଼ର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ମାଲକାନଗିରିର ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ମୁଖ୍ୟ ପରିଚାଳନା ଅଧିକାରୀ ରାଜଲକ୍ଷ୍ମୀ ଦାଶ, ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧିକାରୀ ଡ. ମଣିପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## 'ବିକଶିତ ଭାରତ' ଚିତ୍ରକଳା କର୍ମଶାଳା

**ଭୁବନେଶ୍ୱର, ୪।୧୦(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ 'ବିକଶିତ ଭାରତ' ଚିତ୍ରକଳା କର୍ମଶାଳା ଅକ୍ଟୋବର ୨ ତାରିଖରେ କଳିଙ୍ଗ ଆର୍ଟ ଗ୍ୟାଲେରୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଚିତ୍ରକଳା କର୍ମଶାଳାରେ ୧୧୭ଜଣ ଚିତ୍ରଶିଳ୍ପୀ ଯୋଗଦେଇ ନିଜ ସ୍ୱପ୍ନର ବିକଶିତ ଭାରତକୁ କାନ୍‌ଭାସ୍‌ରେ ଚିତ୍ରିତ କରିଥିଲେ। 'ବିକଶିତ ଭାରତ' ଚିତ୍ରକଳା କର୍ମଶାଳା କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିକଶିତ ଭାରତ ଗଠନ ନିମନ୍ତେ ଯୁବପିଢ଼ି ନିଜର ସକ୍ରିୟ ଯୋଗଦାନ ଦେବା ସହିତ ନିଜର ସ୍ୱପ୍ନର ଭାରତକୁ ଚିତ୍ରକଳା ମାଧ୍ୟମରେ



ଗଢ଼ି ତୋଳିବା ପାଇଁ ସଚିବ ଶ୍ରୀ ଉପାଧ୍ୟାୟ ସମସ୍ତ ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରକାଶଯୋଗ୍ୟ ଯେ, ଏହି ଚିତ୍ରକଳା କର୍ମଶାଳାରେ ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ଚିତ୍ରିତ ହୋଇଥିବା ଚିତ୍ରକଳାଗୁଡ଼ିକୁ ଆସନ୍ତା ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଆର୍ଟ ଗ୍ୟାଲେରୀ ଠାରେ ଆୟୋଜିତ ହେଉଥିବା ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ଶ୍ରୀମତୀ ଦେବଯାନୀ ଭୂୟାଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରିତୀଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆସୁଛି ଆଉ ଏକ ଲଘୁଚାପ



**ଭୁବନେଶ୍ୱର,୪।୧୦ (ସଂଚାର ବ୍ୟୁରୋ) :** ମୌସୁମୀ ଆସିବାଠାରୁ ଏପର୍ଯ୍ୟନ୍ତ ୧୬ଟି ଲଘୁଚାପ ରାଜ୍ୟକୁ ପ୍ରଭାବିତ କରିଛି। ଏବେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାବେଳେ ବଙ୍ଗୋପସାଗରରେ ପୁଣି ଲଘୁଚାପ ସୃଷ୍ଟି ହେବାକୁ ଯାଉଛି। ଅକ୍ଟୋବର ୯ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା କରିଛି ଭାରତୀୟ ପାଣିପାଗ ବିଭାଗ। ଅନ୍ୟପକ୍ଷରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ବର୍ଷାର ପରିମାଣ କମ୍ ରହିଥିଲେ ହେଁ ରବିବାର ପର୍ଯ୍ୟନ୍ତ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଦେଇଛି। ନବରଙ୍ଗପୁର, ନୂଆପଡ଼ାରେ ପବନ ଓ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

**ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲା**

# ସିବିଆଇ ତଦନ୍ତ ଦାବି କଲେ ଦୁଇ ବିରୋଧୀ

**ଭୁବନେଶ୍ୱର, ୪।୧୦(ସଂଚାର ବ୍ୟୁରୋ):** ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଘଟଣାରେ ରାଜ୍ୟ ସରକାରଙ୍କର ପ୍ରଚ୍ଛନ୍ନ ହାତ ରହିଛି ବୋଲି ଉଭୟ ବିରୋଧୀ ଦଳ କଂଗ୍ରେସ ଓ ବିଜେଡି ପକ୍ଷରୁ ଅଭିଯୋଗ କରାଯିବା ସହ ଏହି ମାମଲାର ତଦନ୍ତ ସିବିଆଇ ମାଧ୍ୟମରେ କରାଇବା ସକାଶେ ଉଭୟ ଦଳ ଦାବି କରିଛନ୍ତି। ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡେଇ ଓ ବିଜୁ ଯୁବ ଜନତା ଦଳ (ବିୱାଇଜେଡି) ସଭାପତି ଚିନ୍ମୟ ସାହୁ ଏହି କେଲେଙ୍କାରୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀ ଘଡେଇ କହିଛନ୍ତି ଯେ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଥମେ ଆଇଟିଆଇ ସଂସ୍ଥାକୁ ଦିଆଯାଇଥିଲା। କିନ୍ତୁ ପରେ ଏହି ଦାୟିତ୍ୱ ଦୁଇଟି ସଂସ୍ଥାକୁ ଆଉଟସୋର୍ସିଂ ଦିଆଯାଇଥିଲା। ତେଣୁ ରାଜ୍ୟ ସରକାରଙ୍କ ଆଉଟସୋର୍ସିଂ ନୀତି ସ୍ପଷ୍ଟ ହେବା ଦରକାର। ଅନଭିଜ୍ଞ କମ୍ପାନୀକୁ ଆଉଟସୋର୍ସିଂ ଦିଆଯିବାର ଉଦ୍ଦେଶ୍ୟ ସ୍ପଷ୍ଟହେବା ଦରକାର। ଏଥିସହ ସରକାର ଓପିଆରବିର ଅଧ୍ୟକ୍ଷ ଓ ଗୃହ ବିଭାଗ ସଚିବଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଶ୍ରୀ ଘଡେଇ ଦାବି କରିଛନ୍ତି। ସେହିପରି ଶ୍ରୀ ସାହୁ କହିଛନ୍ତି ଯେ ଚାକିରି ବିକ୍ରି ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ। ଗତ ମାର୍ଚ୍ଚରେ ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଛି। ଚାକିରି





ବିକ୍ରି କରି ମୋଟା ଅଙ୍କର ଅର୍ଥ ଆଦାୟ କରିବା ଯୋଜନାର ଏହା ଥିଲା ଅୟମାରମ୍ଭ। ପ୍ରତି ଆଶାୟୀଙ୍କଠାରୁ ୧୦ ଲକ୍ଷ ଅଗ୍ରୀମ ଆକାରରେ ଆଦାୟ ହୋଇସାରିଥିଲା ଓ ସର୍ତ୍ତ ଅନୁସାରେ ଚାକିରି ପାଇବା ପରେ ଆଉ ୧୫ ଲକ୍ଷ ଦେବାର ଥିଲା। କିନ୍ତୁ ବ୍ରହ୍ମପୁରରେ ସେମାନଙ୍କୁ ଏକତ୍ରିତ କରି ଶ୍ରୀକାକୁଲମ ନେବା ପୂର୍ବରୁ ଆଶାୟୀମାନଙ୍କୁ ସେମାନଙ୍କ ଅସଲ ପ୍ରମାଣପତ୍ର ସଂସ୍ଥା ପାଖରେ ବନ୍ଧକ ରଖିବାକୁ କୁହାଯାଇଥିଲା। କିଛି ଆଶାୟୀ ଏହି ସର୍ତ୍ତରେ ରାଜି ହୋଇ ନଥିବାରୁ ଘଟଣା ବିଷୟରେ ପୁଲିସକୁ ଖବର ଯାଇଥିଲା ଓ ଶ୍ରୀକାକୁଲମଠାରେ ପୁଲିସ ଗିରଫ କରିଥିଲା। ତେଣୁ ଏହି କେଲେଙ୍କାରୀର ସିବିଆଇ ତଦନ୍ତ ପାଇଁ ପଦକ୍ଷେପ ନିଆନଗଲେ ଆସନ୍ତା ୬ରେ ବିୱାଇଜେଡି ପକ୍ଷରୁ ରାଜଧାନୀରେ ଧାରଣା ଦିଆଯିବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି।

ସେହିପରି କଂଗ୍ରେସ ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି ଯେ ଏପରି ଏକ ଦୁର୍ନୀତି ରାଜ୍ୟ ଯୁବପିଢ଼ିର ମନୋବଳକୁ ଭାଙ୍ଗିଦେଇଛି। ଏହା ୨୫ ଲକ୍ଷର ଡିଲ ବୋଲି ନିଜେ ପୁଲିସ୍ କହୁଛି। ପୂର୍ବରୁ ବିଜେଡି ଅମଳରେ ଚାଲୁଥିଲା, ଏବେ ବିଜେପି ଅମଳରେ ଏପରି ଦୁର୍ନୀତି ଚାଲିଛି। ବିଜେଡି ଆଉଟ୍‌ସୋର୍ସିଂ ମାଧ୍ୟମରେ ଚାନ୍ଦା ଆଦାୟ କରୁଥିଲା। ଏବେ ବିଜେପି ତାକୁ ଅନୁସରଣ କରୁଛି ବୋଲି ଶ୍ରୀ ନାୟକ କହିଛନ୍ତି। ସେହିପରି ଅନ୍ୟତମ ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ରାଜ୍ୟର ଯୁବକମାନଙ୍କୁ ଦାଦନ ଖଟିବାକୁ ସରକାର ବାଧ୍ୟ କରୁଛନ୍ତି ସରକାର। ୧୫ ମାସର ସରକାରରେ ୧୫ ଥର ପ୍ରଶ୍ନପତ୍ର ଲିକ ହୋଇଥିବାରୁ ଯୁବପିଢ଼ିଙ୍କ ଭବିଷ୍ୟତ ଦିନକୁ ଦିନ ଅନ୍ଧାରକୁ ଠେଲି ହୋଇଯାଉଛି। ରାଜ୍ୟ ସରକାର ଏସ୍‌ଆଇ ପରୀକ୍ଷାରେ ନିଯୁକ୍ତି ଦାୟିତ୍ୱ ପଞ୍ଚସଫ୍ଟକୁ ଦେଇଥିବା ବେଳେ ଏହା ପଛରେ ବିଜେପିର ପ୍ରମୁଖ ନେତାମାନଙ୍କର ଭୂମିକା ରହିଛି। ଏହି ସ୍କାମ୍ ପଛରେ ଥିବା ବିଜେପିର ନେତା, ମନ୍ତ୍ରୀ, ପୁଲିସ କମିଶନରଙ୍କୁ ଥରେ ହେଲେ ବି ପଚରାଉଚରା କରାଯାଇନାହିଁ। ତେଣୁ ଏହି ସ୍କାମ୍‌ର ତଦନ୍ତ ଭାର ସିବିଆଇକୁ ଦିଆଯିବା ସହ ପରୀକ୍ଷାର୍ଥୀମାନଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା ସକାଶେ ଶ୍ରୀମତୀ ସାହୁ ଦାବି କରିଛନ୍ତି।

sanchar.live
ସମ୍ପାଦକୀୟ
SANCHAR
ସଂଚାର
୪
ରବିବାର ୫ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Sunday 5 October 2025, Bhubaneswar

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଟ୍ରମ୍ପ ଓ ନୋବେଲ ଶାନ୍ତି ପୁରସ୍କାର



ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି ବିଶ୍ୱ ରାଜନୀତିରେ ଏକ ତୀବ୍ର ବିତର୍କ ସୃଷ୍ଟି କରିଛି। ୨୦୨୫ ଅକ୍ଟୋବରରେ, ନୋରୱେଜିୟ ନୋବେଲ କମିଟି ଉପରେ ତାଙ୍କ ଆକ୍ରମଣାତ୍ମକ ଟିପ୍ପଣୀ ଏବଂ "ଏହା ନ ପାଇଲେ ଆମେରିକାର ଅପମାନ" ବୋଲି ଦାବି କରି ଟ୍ରମ୍ପ ନିଜକୁ ଶାନ୍ତିର ପ୍ରତୀକ ଭାବେ ଉପସ୍ଥାପନ କରୁଛନ୍ତି। ଏହା କେବଳ ବ୍ୟକ୍ତିଗତ ଆକାଂକ୍ଷା ନୁହେଁ, ବରଂ ଏକ ରାଜନୈତିକ ରଣନୀତି, ଯାହା ତାଙ୍କ ବିଶ୍ୱସ୍ତରୀୟ ପ୍ରଭାବକୁ ପୁନଃପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛି। କିନ୍ତୁ ଏହି ଦାବିର ସତ୍ୟତା କ'ଣ?

ଟ୍ରମ୍ପଙ୍କ ନୋବେଲ ପ୍ରୟାସ ୨୦୧୮ରୁ ଆରମ୍ଭ ହୋଇଛି, ଯେତେବେଳେ ସେ ଆବ୍ରାହମ୍ ଏକୋର୍ଡ଼ ଜରିଆରେ ଇସ୍ରାଏଲ ଓ ଆରବ ରାଷ୍ଟ୍ରମାନଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନକୁ ସହଜ କରିଥିଲେ। ଏହି ଚୁକ୍ତି ମଧ୍ୟପ୍ରାଚ୍ୟରେ ଶାନ୍ତିର ଏକ ନୂତନ ଅଧ୍ୟାୟ ଖୋଲିଥିଲା, ଯାହା ପୂର୍ବବର୍ତ୍ତୀ ଆମେରିକୀୟ ନେତାମାନଙ୍କ ପ୍ରୟାସକୁ ଅତିକ୍ରମ କରିଥିଲା। ଏହି କାରଣରୁ ବିଭିନ୍ନ ସାଂସଦ ଓ ବିଦ୍ୱାନ ତାଙ୍କୁ ନୋମିନେଟ କରିଛନ୍ତି। ୨୦୨୫ରେ, ଏହି ପ୍ରୟାସ ଆହୁରି ଜୋରଦାର ହୋଇଛି, ଯେତେବେଳେ ଟ୍ରମ୍ପ ଦାବି କରିଛନ୍ତି ଯେ, "ମୁଁ ବିଶ୍ୱରେ ଶାନ୍ତି ପାଇଁ ଅପୂର୍ବ କାମ କରିଛି।" ଏହା ତାଙ୍କ ରାଜନୈତିକ ଇମେଜ୍‌କୁ ବଳବତ୍ତର କରୁଛି, ଯେଉଁଠାରେ ସେ ନିଜକୁ ବିଶ୍ୱ ଶାନ୍ତିର ମସିହା ଭାବେ ଚିତ୍ରଣ କରୁଛନ୍ତି।

ତେବେ, ଏହି ଦାବିର ଅନ୍ୟପାର୍ଶ୍ୱ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ନୋବେଲ ଶାନ୍ତି ପୁରସ୍କାର କେବଳ କୂଟନୈତିକ ଚୁକ୍ତି ନୁହେଁ, ମାନବୀୟ ମୂଲ୍ୟବୋଧ, ସମାନତା ଓ ସହନଶୀଳତାର ପ୍ରତୀକ। ଟ୍ରମ୍ପଙ୍କ ଶାସନକାଳରେ ଆମେରିକାର ବୈଦେଶିକ ନୀତି ଅନେକ ସମୟରେ ବିଭାଜନକାରୀ ଥିଲା— ଇରାନ୍ ପରମାଣୁ ଚୁକ୍ତିରୁ ପ୍ରତ୍ୟାହାର, ଆଫଗାନିସ୍ତାନରୁ ଅସଂଗଠିତ ସୈନ୍ୟ ପ୍ରତ୍ୟାହାର, ଏବଂ ଅନ୍ୟାନ୍ୟ ଦେଶ ସହିତ ବିବାଦାତ୍ମକ ସମ୍ପର୍କ। ଘରୋଇ ମୋର୍ଚ୍ଚାରେ, ୬ ଜାନୁଆରୀ ୨୦୨୧ର କ୍ୟାପିଟଲ ହିଂସାରେ ତାଙ୍କ ଭୂମିକା ଲୋକତନ୍ତ୍ରକୁ ପ୍ରଶ୍ନବାଚୀ କରିଛି। ଏହା ନୋବେଲ କମିଟିର ଆଦର୍ଶ ସହ ସଂଘର୍ଷ କରୁଛି। ବିଶେଷଜ୍ଞମାନେ ମତ ଦେଉଛନ୍ତି ଯେ, ଟ୍ରମ୍ପଙ୍କ ସମ୍ଭାବନା "ଅତ୍ୟନ୍ତ ଦୁର୍ବଳ"। ନୋରୱେଜିୟ ଅଧିକାରୀମାନେ ମଧ୍ୟ ଟ୍ରମ୍ପଙ୍କ ରାଜନୈତିକ ଚାପରେ ଅସୁବିଧାରେ ଅଛନ୍ତି, ଯାହା ପୁରସ୍କାରର ସ୍ୱାଧୀନତାକୁ ବିପନ୍ନ କରୁଛି।

ଏହି ଦାବି ଆମେରିକୀୟ "ଫାଷ୍ଟ ଆମେରିକା" ନୀତିର ଏକ ପ୍ରତିଫଳନ, ଯେଉଁଠାରେ ବ୍ୟକ୍ତିଗତ ଗୌରବ ରାଷ୍ଟ୍ରୀୟ ସ୍ୱାର୍ଥ ଉପରେ ପ୍ରାଧାନ୍ୟ ପାଉଛି। କିନ୍ତୁ ଶାନ୍ତି କେବଳ ଚୁକ୍ତି ନୁହେଁ; ଏହା ସମାଜରେ ଏକତା, ନ୍ୟାୟ ଓ ମାନବାଧିକାରର ସଂରକ୍ଷଣ। ଯଦି ଟ୍ରମ୍ପ ପୁରସ୍କାର ପାଇବେ, ଏହା ବିଶ୍ୱକୁ ଏକ ବିପଜ୍ଜନକ ବାର୍ତ୍ତା ଦେବ— ଯେ ଶକ୍ତିଶାଳୀ ନେତାମାନେ ନିଜର ପ୍ରଭାବ ଦ୍ୱାରା ପୁରସ୍କାର ହାସଲ କରିପାରନ୍ତି। କିନ୍ତୁ ନୋବେଲ କମିଟିର ଇତିହାସ ଦର୍ଶାଏ ଯେ, ଏହା ରାଜନୈତିକ ଚାପରେ ନଇଁ ନାହିଁ।

ଅନ୍ତିମରେ, ଟ୍ରମ୍ପଙ୍କ ନୋବେଲ ଦାବି ଏକ ରାଜନୈତିକ ନାଟକ, ଯାହା ତାଙ୍କ ରାଷ୍ଟ୍ରପତି ପ୍ରଚାରକୁ ଶକ୍ତି ଦେବାକୁ ଉଦ୍ୟମୀ। କିନ୍ତୁ ଶାନ୍ତିର ପ୍ରକୃତ ପୁରସ୍କାର ମହାତ୍ମା ଗାନ୍ଧୀ କିମ୍ବା ନେଲସନ ମଣ୍ଡେଲାଙ୍କ ଆଦର୍ଶରେ ରହିଛି, ଯେଉଁମାନେ ନିଃସ୍ୱାର୍ଥପର ଭାବେ ମାନବତା ପାଇଁ କାମ କରିଥିଲେ। ନୋବେଲ ଶାନ୍ତି ପୁରସ୍କାରର ମର୍ଯ୍ୟାଦା ଏହି ଆଦର୍ଶରେ ସୁରକ୍ଷିତ। ବିଶ୍ୱ ଏହାକୁ ସମ୍ମାନ ଦେବା ଉଚିତ୍।

# ଦ୍ୱିତୀ ବାହାନ ଓଷା ବା ଦ୍ୱିତୀୟା ଓଷା



**ସନ୍ତୋଷ କୁମାର ଦାଶ**

ଦ୍ୱିତୀୟା ଓଷା ବା ଦ୍ୱିତୀବାହାନ ଓଷା ଆମ ରାଜ୍ୟର ଏକ ପାରମ୍ପରିକ ପର୍ବ। ଦ୍ୱିତୀ ବାହନଙ୍କୁ ପୂଜା କଲେ ଅପୁତ୍ରିକ ନାରୀ ପୁତ୍ରଲାଭ କରେ ଆଉ ସନ୍ତାନ ମାନଙ୍କର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି।ବିଧବା ବ୍ରାହ୍ମଣୀଙ୍କ ଗର୍ଭରୁ ଜନ୍ମିତ ସୂର୍ଯ୍ୟ ଦେବତାଙ୍କ ପୁତ୍ର ଅଟନ୍ତି ପ୍ରଭୁ ଦ୍ୱିତୀବାହନ। ଆଶ୍ୱିନ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ବା ମୂଳାଷ୍ଟମୀ ଦିନ ଦ୍ୱିତୀୟା ଓଷା ପାଳନ କରାଯାଏ। ମହିଳା ମାନେ ନିର୍ଜଳା ଉପବାସ କରି ସନ୍ତାନ ମାନଙ୍କ ମଙ୍ଗଳ କାମନା କରି ଏହି ଦ୍ୱିତୀୟା ଓଷା କରିଥାନ୍ତି। କେବଳ ଏତିକି ନୁହେଁ ଦ୍ୱିତୀୟା ଓଷା ଦିନ ଆମ ଓଡ଼ିଆ ପରିବାର ରେ ଏକ ସୁନ୍ଦର ପରମ୍ପରା ରହିଛି ଯେ, ବିବାହିତା ମହିଳାଙ୍କ ଘରକୁ ବାପ ଘରୁ ପରିବା ଭାର ଯିବାର ବିଧି ରହିଛି। ପ୍ରତ୍ୟେକ ଓଡିଆ ଘରେ ଏହି ପର୍ବ ପାଳନ ହେବା ସହ ଘାଣ୍ଟ ତରକାରୀର ଏକ ସ୍ୱତନ୍ତ୍ର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଇଷ୍ଟଦେବୀ ଏବଂ ମା ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗ ଲାଗି କରାଯାଇଥାଏ। ଓଷା ପରଦିନ ସବୁ ପରିବା ମିଶାଇ ଘାଣ୍ଟ ତରକାରୀ ରାନ୍ଧି ବନ୍ଧୁବାନ୍ଧବ, ପଡିଶା ଘର ଙ୍କ ମଧରେ ବାଣ୍ଟିବାର ପ୍ରଥା ଓଡ଼ିଶାରେ ଚଳି ଆସୁଛି। ଏହା ଦ୍ୱିତୀୟା ଓଷାର ଘାଣ୍ଟ ତରକାରୀ ରୂପେ ପ୍ରସିଦ୍ଧ।ପୁରୀ ଶ୍ରୀମନ୍ଦିରରେ ଏହି ବ୍ରତକୁ ମହାଲକ୍ଷ୍ମୀ ଠାକୁରାଣୀ ପାଳନ କରିଥାନ୍ତି ବୋଲି କିମ୍ବଦନ୍ତୀ ରହିଛି। ଏହି ଦିନ ଶ୍ରୀ ବିଗ୍ରହ ମାନଙ୍କର ସନ୍ଧ୍ୟାଧୂପ ସମାପ୍ତି ହେବାପରେ ଶ୍ରୀଦେବୀ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତ ପାହାଚ ଦ୍ୱାରଠାରେ ଥିବା ପାଲିଙ୍କିରେ ବସି ମହାଲକ୍ଷ୍ମୀଙ୍କ ମନ୍ଦିରକୁ ବିଜେ ହୋଇ ସେଠାରେ ପଡିଥିବା ଏକ ଖଟ ଉପରେ ଅଧିଷ୍ଠିତ ହେବା ପରେ ମହାଜନ ସେବକ ମା ଙ୍କ ମାଜଣା କରିବା ସହିତ ମା ଙ୍କୁ କର୍ପୂର ଲାଗି ହୋଇଥାଏ। ପୂଜାପଣ୍ଡା ସେବକ ଶ୍ରୀଦେବୀଙ୍କୁ ଲକ୍ଷ୍ମୀବ୍ରତ କଥା ଶୁଣାଇ ଥାନ୍ତି। ପରେ ଭୋଗ ଲାଗି ଓ ବନ୍ଦାପନା ହୋଇଥାଏ। ଭିତରେ ମଧାହ୍ନ ଧୂପ ଉଠିବା ପରେ ଶ୍ରୀଦେବୀ ରତ୍ନ ସିଂହାସନକୁ ବିଜେ କରିଥାନ୍ତି। ଦ୍ୱିତୀୟା ଓଷା ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରା ରେ ଏକ ପର୍ବ ଭାବେ ପାଳିତ ହୋଇଆସୁଛି।

**ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୬୧୮୮**

# ଆସ ଗଢ଼ିବା ସମର୍ଥ ଭାରତ



**ଶ୍ରୀମାନ ସୃଷ୍ଟିଧର ବିଶ୍ୱାଳ**

୧୯୨୫ ମସିହା ବିଜୟାଦଶମୀ (ବିକ୍ରମ ସମ୍ବତ ୧୯୮୨)ରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ନିଜ ସ୍ଥାପନାର ୧୦୦ ବର୍ଷ ପୂର୍ଣ୍ଣ କରିଛି। ସଂଘ ଆଜି ବିଶ୍ୱର ସର୍ବବୃହତ ସାମାଜିକ ସଂଗଠନ ପାଲଟିଛି। ଏହି କାରଣରୁ ସ୍ୱାଭାବିକ ଭାବରେ ସଂଘକୁ ଜାଣିବାର ଉତ୍ସୁକତା ସମାଜରେ ବୃଦ୍ଧି ପାଇଛି। ସଂଘକୁ ଜାଣିବାକୁ ହେଲେ ସଂଘର ସଂସ୍ଥାପକ ଡା. କେଶବ ବଳିରାମ ହେଡଗେୱାରଜୀଙ୍କୁ ଜାଣିବା ଆବଶ୍ୟକ ଅଟେ। ଡକ୍ଟରଜୀ ଜନ୍ମଜାତ ଦେଶଭକ୍ତ ଥିଲେ। ସ୍ୱାଧୀନତା ଆନ୍ଦୋଳନର ସମସ୍ତ ପ୍ରୟାସରେ ସେ ସକ୍ରିୟ ଥିଲେ। ତେଣୁ ତାଙ୍କୁ ଦୁଇଥର (୧୯୨୧ ଓ ୧୯୩୦) କାରାବାସ ଭୋଗିବାକୁ ପଡ଼ିଥିଲା।

**ସଂଘ ସ୍ଥାପନା ସଂଘର ସ୍ଥାପନା:** ଏପରି ସମୟରେ ହୋଇଥିଲା, ଯେତେବେଳେ ଆମ ଦେଶ ସ୍ୱାଧୀନତା ପ୍ରାପ୍ତି ପାଇଁ ସଂଘର୍ଷ କରୁଥିଲା। ଡା.ହେଡଗେୱାରଙ୍କ ସ୍ପଷ୍ଟ ମତ ଥିଲା କି ରାଷ୍ଟ୍ରର ସ୍ୱତନ୍ତ୍ରତା, ତତ୍‌ପଶ୍ଚାତ୍ ପରମବୈଭବ ପ୍ରାପ୍ତି ତଥା ସମାଜର ବିଭିନ୍ନ ସମସ୍ୟା ଗୁଡ଼ିକର ସ୍ଥାୟୀ ସମାଧାନ କେବଳ ହିନ୍ଦୁ ସମାଜର ସଂଗଠିତ ହେବା ଦ୍ୱାରା ହୋଇପାରିବ। ଜାତି, ଭାଷା, ବେଶଭୂଷା, ପ୍ରାନ୍ତ ଆଦି ବିବିଧତାକୁ ଭେଦ ବିବେଚନା କରି ଅସଂଗଠିତ ହୋଇଥିବା ହିନ୍ଦୁ ସମାଜକୁ, ହିନ୍ଦୁତ୍ୱର ଆଧାରରେ ସଂଗଠିତ କରିବା ପାଇଁ ଡକ୍ଟରଜୀ ସଂଘର ପ୍ରତିଷ୍ଠା କରିଥିଲେ। ଆମ ପାଇଁ ହିନ୍ଦୁତ୍ୱ କୌଣସି ଉପାସନା ପଦ୍ଧତି କିମ୍ବା ରିଲିଜିଅନ ନୁହେଁ, ଏହା ଏକ ଉଚ୍ଚ ମୂଲ୍ୟବୋଧ ସମ୍ପନ୍ନ ଜୀବନ ଦୃଷ୍ଟି ଅଟେ ଏବଂ ଏହି ଦୃଷ୍ଟି ଆଧାରରେ ବିକଶିତ ହୋଇଥିବା ଜୀବନ ପଦ୍ଧତି ଅଟେ। ଏହି ଭଗୀରଥ ଏବଂ ମହତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ସେହିପରି ଗୁଣବାନ କାର୍ଯ୍ୟକର୍ତ୍ତା ଆବଶ୍ୟକ ଥିଲେ। ଏପରି କାର୍ଯ୍ୟକର୍ତ୍ତା ନିର୍ମାଣ କରିବା ପାଇଁ ଡା.ହେଡଗେୱାର ଏକ ସରଳ କିନ୍ତୁ ଅତ୍ୟନ୍ତ ପରିଣାମକାରକ ଦୈନିକ ଶାଖାର ପଦ୍ଧତି ସଂଘରେ ବିକଶିତ କଲେ।

**ବ୍ୟକ୍ତି ନିର୍ମାଣର କାର୍ଯ୍ୟପଦ୍ଧତି:** ସଂଘ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟରେ ସଂଗଠନ ଛିଡ଼ା କରିବା ହିଁ ପ୍ରମୁଖ କାର୍ଯ୍ୟ ଥିଲା ଏବଂ ଏଥିପାଇଁ ବ୍ୟକ୍ତି ନିର୍ମାଣର ପ୍ରକ୍ରିୟାକୁ ଗତିଶୀଳ କରିବା ଆବଶ୍ୟକ ଥିଲା। ବ୍ୟକ୍ତି ନିର୍ମାଣ ହେତୁ ଚାଲୁଥିବା ନିତ୍ୟ ଶାଖାରେ ସ୍ୱୟଂସେବକ ମାନେ ଅତ୍ୟନ୍ତ ସାମାନ୍ୟ ଦେଖାଯାଉଥିବା କାର୍ଯ୍ୟକ୍ରମ- ଖେଳ, ବ୍ୟାୟାମ, ଯୋଗାସନ, ଗୀତ, କାହାଣୀ, ପ୍ରାର୍ଥନା ଆଦି କରିଥାନ୍ତି, ଯାହା ଶାଖା ବାହାରେ ଵି ସମାଜରେ କରାଯାଇଥାଏ। ଏସବୁ କାର୍ଯ୍ୟକ୍ରମ ଗୁଡିକ ହିଁ ସ୍ୱୟଂସେବକ ମାନଙ୍କ ଵିରେ ସାହାସ, ଧୈର୍ଯ୍ୟ, ଶକ୍ତି, ରାଷ୍ଟ୍ରୀୟ ଚରିତ୍ର, ଅନୁଶାସନ, ଦେଶଭକ୍ତି, ସେବା ପ୍ରଭୃତି ଗୁଣର ନିର୍ମାଣ କରିଥାଏ। ଏହି କାର୍ଯ୍ୟକ୍ରମ ଗୁଡ଼ିକର ନିରନ୍ତରତା ହିଁ ସ୍ୱୟଂସେବକ ମାନଙ୍କର ସମ୍ପୂର୍ଣ୍ଣ ଜୀବନର ଦିଗ ଓ ପ୍ରାଥମିକତା ଗୁଡିକୁ ବଦଳାଇ ଦେଇଥାଏ। ଏଥିପାଇଁ ତ ସଂଘ ସାମାନ୍ୟ ଲୋକଙ୍କର ଅସାମାନ୍ୟ ସଂଗଠନ ପାଲଟିଛି। ଏହି କାର୍ଯ୍ୟ ପଦ୍ଧତି ଯୋଗୁଁ ଯେଉଁ ସ୍ୱୟଂସେବକ ମାନେ ନିର୍ମାଣ ହେଲେ, ତାଙ୍କ ଆଚରଣ ଦ୍ୱାରା ସଂଘର ସମାଜ ଜୀବନରେ ଏକ ସକାରାତ୍ମକ ଭାବମୂର୍ତ୍ତି ସୃଷ୍ଟି ହୋଇଛି। ସଂଘ ଅର୍ଥାତ୍ ଦେଶଭକ୍ତି, ନିଃସ୍ୱାର୍ଥ ସେବା, ଅନୁଶାସନ ଏହି ପରିଚୟ ସମାଜର ମନରେ ସ୍ଥାପିତ ହୋଇଛି।

**ସଂଘ କାର୍ଯ୍ୟର ବିସ୍ତାର:** କୌଣସି ବିଶେଷ୍ଟ କାର୍ଯ୍ୟକୁ ଉପହାସ, ଉପେକ୍ଷା, ବିରୋଧ ଏବଂ ପରେ ସ୍ୱୀକାର୍ଯ୍ୟତାର ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼ିଥାଏ, ସେହିପରି ସଂଘକୁ ଵି ଏହି ସମସ୍ତ ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼ିଥିଲା। କିନ୍ତୁ ଶ୍ରେଷ୍ଠ ଅଧିଷ୍ଠାନ, ଉତମ କାର୍ଯ୍ୟପଦ୍ଧତି ଏବଂ ସ୍ୱୟଂସେବକ ମାନଙ୍କ ନିଃସ୍ୱାର୍ଥ ଦେଶଭକ୍ତିରେ ପରିପୂର୍ଣ୍ଣ ସମରସତାଯୁକ୍ତ ଆଚରଣ ଯୋଗୁଁ ସଂଘ ସମାଜର ବିଶ୍ୱାସ ଜିତିବାରେ ସ'ଳ ହୋଇଛି। ଆଜି ସଂଘର କାର୍ଯ୍ୟ କାଶ୍ମୀରରୁ କନ୍ୟାକୁମାରୀ ଏବଂ କଚ୍ଛରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ଭାରତର ପ୍ରତ୍ୟେକ କୋଣରେ ପହଞ୍ଚିଛି। ଆଜି ସମ୍ପୂର୍ଣ୍ଣ ଭାରତର ମୋଟ ୯୨୪ ଜିଲ୍ଲା ଵିରୁ ୯୮.୩ ପ୍ରତିଶତ ଜିଲ୍ଲାର ସଂଘର ଶାଖା ଚାଲୁଅଛି। ମୋଟ ୬୬୧୮ ଖଣ୍ଡ ଵିରୁ ୯୨.୩ ପ୍ରତିଶତ ଖଣ୍ଡ (ତାଲୁକା) ରେ ମୋଟ ୫୮, ୯୩୯ ମଣ୍ଡଳ ଵିରୁ ୫୨.୨ ପ୍ରତିଶତ ମଣ୍ଡଳରେ (ମଣ୍ଡଳ ଅର୍ଥାତ୍ ୧୦-୧୨ ଗ୍ରାମର ଏକ ସମୂହ), ୫୧, ୭୪୦ ସ୍ଥାନରେ ୮୩, ୧୨୯ ସଂଖ୍ୟକ ଦୈନିକ ଶାଖା ଗୁଡ଼ିକ ଚାଲୁଅଛି। ଏହା ସହିତ ଅନ୍ୟ ୨୬, ୪୬୦ ସ୍ଥାନରେ ୩୨, ୧୪୭ଟି ସାପ୍ତାହିକ ମିଳନର ମା୍‌ମମରେ ସଂଘକାର୍ଯ୍ୟର ଦେଶବ୍ୟାପ୍ତି ବିସ୍ତାର ହୋଇଛି, ଯାହା ଲଗାତାର ବଢ଼ିବାରେ ଲାଗିଛି। ଏହି ୮୩, ୧୨୬ଟି ଦୈନିକ ଶାଖା ମାନଙ୍କ ଵିରୁ ୫୯ ପ୍ରତିଶତ ଶାଖା ହେଉଛି ବିଦ୍ୟାର୍ଥୀ ଶାଖା ଏବଂ ଅବଶିଷ୍ଟ ୪୧ ପ୍ରତିଶତ ବ୍ୟବସାୟୀ ସ୍ୱୟଂସେବକଙ୍କର ଶାଖା ଅଟେ।ସେହିପରି ଓଡ଼ିଶା ପୂର୍ବ ପ୍ରାନ୍ତରେ୧୩୦୬ଟି ଶାଖା, ୩୪୬ଟି ମିଳନ ଏବଂ ୨୭୬ଟି ମଣ୍ଡଳି ଚାଲୁଅଛି। ଓଡ଼ିଶା ପଶ୍ଚିମ ପ୍ରାନ୍ତରେ୧୫୪୦ଟି ଶାଖା, ୧୦୦ଟି ମିଳନ ଏବଂ ୯୦ଟି ମଣ୍ଡଳି ଚାଲୁଅଛି ଏହିପରି ସମ୍ପୂର୍ଣ୍ଣ ଓଡ଼ିଶାରେ ୨୮୪୬ ଶାଖା, ୪୪୬ଟି ମିଳନ ଏବଂ ୩୬୬ଟି ମଣ୍ଡଳି ଚାଲୁଅଛି।

**ସେବା କାର୍ଯ୍ୟ:** ଦେଶଭକ୍ତିରେ ଓତଃପ୍ରୋତ ସ୍ୱୟଂସେବକ ମାନେ ସମାଜର କଷ୍ଟ ଦେଖିବା ମାତ୍ରେ ଦୌଡ଼ି ଯାଆନ୍ତି, ସେଥିପାଇଁ ଆଜି କୌଣସି ବି ପ୍ରାକୃତିକ କିମ୍ବା ଅନ୍ୟ ବିପର୍ଯ୍ୟୟ ସମୟରେ ସେଠାରେ ତୁରନ୍ତ ପହଞ୍ଚିଥାନ୍ତି। କେବଳ ବିପର୍ଯ୍ୟୟ ସମୟରେ ନୁହେଁ, ବରଂ ନିୟମିତ ରୂପେ ସମାଜରେ ଦେଖାଯାଉଥିବା ଅଭାବ, ପୀଡ଼ା, ଉପେକ୍ଷା ଦୂର କରିବା ପାଇଁ ସ୍ୱୟଂସେବକ ନିଜ କ୍ଷମତାନୁସାରେ ସର୍ବତ୍ର ପ୍ରୟାସ କରିଥାନ୍ତି। ଆଜି ସଂଘର ସ୍ୱୟଂସେବକ ମାନେ ସମାଜର ସହଯୋଗରେ ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କାର ଏବଂ ସ୍ୱାବଲମ୍ବନ ବିଷୟରେ ଗ୍ରାମୀଣ ଓ ନଗର କ୍ଷେତ୍ରରେ ୧, ୨୯, ୦୦୦ ସେବାକାର୍ଯ୍ୟ ଓ ଗତିବିଧି ମାନ ଚଳାଉଛନ୍ତି। ଏହା ବ୍ୟତୀତ ସ୍ୱୟଂସେବକ ମାନେ ପ୍ରଶାସନ ଅଥବା ସରକାର ଉପରେ ନିର୍ଭର ନକରି ନିଜ ଗ୍ରାମର ସର୍ବାଙ୍ଗୀନ ବିକାଶ ସମସ୍ତ ଗ୍ରାମବାସୀ ମିଳିମିଶି କରନ୍ତୁ, ଏହି ଉଦ୍ଦେଶ୍ୟରେ 'ଗ୍ରାମ ବିକାଶ'ର କାର୍ଯ୍ୟ ଵି କରୁଛନ୍ତି। ଭାରତୀୟ ପ୍ରଜାତିର ଗାଈ ମାନଙ୍କ ସଂରକ୍ଷଣ, ସମ୍ବର୍ଦ୍ଧନା, ପ୍ରଜାତି ସୁଧାର କରିବା ସହ ଗୋବର ଆଧାରିତ ଜୈବିକ ଚାଷ ନିମିତ କୃଷକ ମାନଙ୍କୁ ପ୍ରଶିକ୍ଷଣ, ପ୍ରବୋଧନ ଏବଂ ପ୍ରୋତ୍ସାହନ ଦେବା ଉପଲକ୍ଷ୍ୟରେ ଗୋସେବା-ଗୋ ସମ୍ବର୍ଦ୍ଧନର କାର୍ଯ୍ୟ ଵି କରୁଛନ୍ତି।

**ପଞ୍ଚ ପରିବର୍ତ୍ତନ:** ଯଦିଓ ସ୍ୱୟଂସେବକ ମାନେ ନିୟମିତ ଭାବରେ ସମାଜ ପରିବର୍ତ୍ତନ ଏବଂ ସମସ୍ୟାର ସମାଧାନ କରିବା ନିମନ୍ତେ ସତତ ସକ୍ରିୟ ରୁହନ୍ତି, କିନ୍ତୁ ଶତାବ୍ଦୀ ବର୍ଷ ପରେ ପାଞ୍ଚଟି ବିଷୟ ଉପରେ ସଜ୍ଜନ ଶକ୍ତିର ସହଯୋଗରେ ଜନଜାଗରଣ ପାଇଁ ବିଶେଷ ପ୍ରଯତ୍ନ କରିବେ। ଯାହାକୁ ପଞ୍ଚପରିବର୍ତ୍ତନ କୁହାଯାଉଛି, ସେହି ପାଞ୍ଚଟି ବିଷୟ ଏହି ପ୍ରକାରର ଅଟେ। ୧. ସାମାଜିକ ସମରସତା ଦୁର୍ଭାଗ୍ୟବଶତଃ ଆମ ସମାଜର କିଛି ବର୍ଗର ଲୋକଙ୍କୁ ଅଛୁଆଁ ମାନି ଶିକ୍ଷା, ସୁବିଧା ଏବଂ ସମ୍ମାନ ଠାରୁ ବଞ୍ଚିତ ରଖାଯାଇଛି।



ଆରଏସଏସ: ସଂଗଠନ ଓ ସେବାର ୧୦୦ ବର୍ଷ

ଏହା ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ ଏବଂ ଅମାନବୀୟ ଅଟେ। ଏହି ଅନ୍ୟାୟକୁ ଦୂରକରି, ସମସ୍ତଙ୍କୁ ସାଥିରେ ନେଇ ଆଗକୁ ବଢ଼ିବାର ପ୍ରୟାସ, ସାମାଜିକ ସମରସତାର ମା୍‌ମମରେ ଆରମ୍ଭ ହୋଇଛି। ଆମର ସମରସ ହିନ୍ଦୁ ସମାଜ ବିଭିନ୍ନ ଜାତି ମାନଙ୍କ ନାମରେ ଜଣାଯାଉଥିଲେ ଵି ଏହି କାରଣରୁ କେବେ ବି ସମାଜର ଛୁଆଁ ଅଛୁଆଁ ଭେଦଭାବ ରହିନାହିଁ। ସଂଘର୍ଷ କାଳରେ ଆସିଥିବା ଏହି ବିକୃତିକୁ କିଛି ନିହିତ ସ୍ୱାର୍ଥୀ ତତ୍ତ୍ୱ, ଜାତିଗତ ବିଦ୍ୱେଷ ବଢ଼ାଇ ସମାଜକୁ ବିଭାଜିତ କରିବାର କାର୍ଯ୍ୟ କରିଥାନ୍ତି। ତେଣୁ ସମାଜରୁ ଛୁଆଁ ଅଛୁଆଁ ଓ ଭେଦଭାବ ଦୂର କରିବା ସକାଶେ ନିଜ ମିତ୍ର-ପରିବାରରେ ସମସ୍ତ ଜାତି-ସମ୍ପ୍ରଦାୟର ଲୋକଙ୍କୁ ସାମିଲ କରିବା ଏବଂ ସମୟ ସମୟରେ ପାରିବାରିକ କାର୍ଯ୍ୟକ୍ରମ ମାନଙ୍କରେ ସମସ୍ତଙ୍କୁ ସମ୍ମିଳିତ କରିବାର ପ୍ରୟାସ କରିବା ଉଚିତ୍। ନିଜ ଗୃହ ଅଥବା କାର୍ଯ୍ୟସ୍ଥଳରେ ସହଯୋଗୀ ଓ ସେବା ପ୍ରଦାନ କରୁଥିବା ସମସ୍ତଙ୍କ ପ୍ରତି ଆମର ବ୍ୟବହାର ସ୍ନେହପୂର୍ଣ୍ଣ ରହୁ ତଥା ସେମାନଙ୍କୁ କୌଣସି ଉତ୍ସବରେ ସପରିବାର ସମ୍ମାନପୂର୍ବକ ଆମନ୍ତ୍ରିତ କରିବା ସହିତ ତାଙ୍କ ଘରକୁ ବି କେବେ ଯିବା ଆସିବା କରିବା ଉଚିତ୍। ସମସ୍ତ ଜାତି ଏବଂ ସମ୍ପ୍ରଦାୟଙ୍କ ପ୍ରମୁଖ ମାନେ ଏକାଠି ବସି କିଛି ପାରସ୍ପରିକ ସମସ୍ୟା ଏବଂ ଆହ୍ୱାନ ଗୁଡ଼ିକ ଉପରେ ବିଚାରବିମର୍ଷ କରିବା ସହ ସେଥିରୁ ମୁକୁଳିବାର ସାମୂହିକ ପ୍ରୟାସ କରିବେ, ଏହା ଆବଶ୍ୟକ ଅଟେ।

୨. ପର୍ଯ୍ୟାବରଣ ସଂରକ୍ଷଣ ସୃଷ୍ଟି ଆମ୍ଭ ମାନଙ୍କ ସମସ୍ତ ପ୍ରାଣୀଙ୍କର ମା ଅଟେ। କିନ୍ତୁ ଭୌତିକତାବାଦୀ ଜୀବନର ପ୍ରଭାବ ବୃଦ୍ଧି କାରଣରୁ ପ୍ରକୃତିର ଶୋଷଣ ହୋଇ ଆସୁଛି। ପଶ୍ଚିମର ବିକାଶର ମାନକ (କ୍ୱବକ୍ସବୟସଶଙ୍କ) ଗୁଡ଼ିକର ଆଧାରରେ ଅନୁଷ୍ଠିତ ବିକାଶ ଦ୍ୱାରା କେବଳ ୫୦୦ ବର୍ଷରେ ହିଁ ସୃଷ୍ଟିର ପର୍ଯ୍ୟାବରଣୀୟ ସନ୍ତୁଳନ ବିଗଡ଼ି ଯାଇଛି। ସେହି ବିଗଡ଼ି ଯାଇଥିବା ସନ୍ତୁଳନକୁ ପୁଣି ଥରେ ଠିକ୍ କରିବାର ପ୍ରୟାସରେ ଜନସହଭାଗିତା ବୃଦ୍ଧି କରି ପର୍ଯ୍ୟାବରଣ ବିଷୟରେ ଜାଗୃତି ଏବଂ ସକ୍ରିୟତା ଆଣିବାର ଆବଶ୍ୟକତା ରହିଛି। ଆମ ଜୀବନରେ ନ୍ୟୁନତମ ତିନୋଟି କାର୍ଯ୍ୟ ଆମେ ସମସ୍ତେ କରି ହିଁ ପାରିବା। ପାଣି ବଞ୍ଚାଇବା, ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବ୍ୟବହାର କରିବା ନାହିଁ ଏବଂ ସବୁଜିମା ପାଇଁ ଗଛ ଲଗେଇବା। ଏହାଦ୍ୱାରା ମନୁଷ୍ୟ ମାନଙ୍କ ଭିତରେ ଏକ ମାନବୀୟତା ଵି ଆସିବ ଏବଂ ପର୍ଯ୍ୟାବରଣରେ ସୁଧାର ଵି ହେବ। ଏଥିପାଇଁ ଯେଉଁ ସାମୁହିକ ଉପକ୍ରମ ଚାଲୁଅଛି ସେଥିରେ ଆମେ ଭାଗ ନେବା ଏବଂ ନିଜ ଘରେ ମଧ ଏହା ପାଳନ କରିବା ଉଚିତ୍।

୩. କୁଟୁମ୍ବ ପ୍ରବୋଧନ ଭାରତୀୟ ସଂସ୍କୃତି ଏବଂ ପରମ୍ପରାରେ କୁଟୁମ୍ବର ବିଶେଷ ମହତ୍ୱ ଅଛି। ଭାରତୀୟ ଆ୍‌ମାତ୍ମିକ ଦୃଷ୍ଟିରୁ ଏହି କୁଟୁମ୍ବ ଅର୍ଥାତ୍ ମୁଁ ରୁ ଆମେକୁ ଯାତ୍ରାର ପ୍ରଥମ ପାଦ ଅଟେ। ବର୍ତ୍ତମାନ ସହରୀକରଣ ଓ ଜୀବନର ବାସ୍ତବତା ବଢ଼ିବା ଯୋଗୁଁ କୁଟୁମ୍ବ ଛୋଟ ହୋଇଯାଇଛି। ତେଣୁ ପରିବାରର ସମସ୍ତ ଲୋକ ସପ୍ତାହରେ ଥରେ ଏକାଠି ବସିବା, ନିର୍ଦ୍ଧାରିତ ସମୟରେ ଘରେ ରହିବା, ଶ୍ରଦ୍ଧା ଅନୁସାରେ ଭଜନ କରିବା, ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଇବା ଏବଂ ତା'ପରେ ୩-୪ ଘଣ୍ଟା ଗପସପ କରିବା। ସେଥିରେ ଆମେ କିଏ, ଆମ ପୂର୍ବପୁରୁଷ କିଏ ଥିଲେ, ଆମର କୁଳରୀତି କଣ, ଆମ ଘରର ରୀତି କଣ, କଣ ଭଦ୍ର ଏବଂ କଣ ଅଭଦ୍ର ଅଟେ? ଆଜିର ସମୟରେ କଣ କଣ ଆବଶ୍ୟକ ଅଟେ? ଏହି ଆଧାରରେ ନିଜ ଘରେ ସମସ୍ତେ ସହମତି ନିର୍ମାଣ କରି ସେହି କଥା ଗୁଡ଼ିକୁ ଲାଗୁ କରିବା।

୪. ସ୍ୱ ଆଧାରିତ ଜୀବନ କୌଣସି ବି ଦେଶର ବିକାଶ ପାଇଁ, ସେହି ଦେଶର ଯେଉଁ ସଂସାଧନ, ସମ୍ବଳ ଅଛି, ତା ଆଧାରରେ ବିକାଶର ପଥକୁ ପ୍ରଶସ୍ତ କରିବା ଉଚିତ୍। ସ୍ୱ ଆଧାରିତ ଜୀବନର ତାତ୍ପର୍ଯ୍ୟ ହେଉଛି, ଆର୍ଥିକ ଏବଂ ସାଂସ୍କୃତିକ ସମସ୍ତ ଆୟାମ ଗୁଡ଼ିକରେ ଆମକୁ ନିଜ ଗୋଡ଼ରେ ଛିଡ଼ା ହେବା ଉଚିତ୍। ସ୍ୱଦେଶୀ ଜୀବନ ଶୈଳୀ ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ପରିବାର ସ୍ତରରେ ଆପଣେଇବାକୁ ହେବ, ତେବେ ଯାଇ ଭାରତ ଆତ୍ମନିର୍ଭର ହେବ। ନିଜର ମାତୃଭାଷା, ସ୍ୱଭୂଷା, ସଂସ୍କୃତି ଏବଂ ପରମ୍ପରା ଉପରେ ସ୍ୱାଭୀମାନ ରଖି ତାକୁ ବ୍ୟବହାରରେ ଆଣିବା ଉଚିତ୍।

୫. ନାଗରିକ କର୍ତବ୍ୟବୋଧ ପ୍ରତ୍ୟେକ ପରିସ୍ଥିତିରେ ସମ୍ବିଧାନ, ନିୟମ, କାନୁନ ଏବଂ ଅନୁଶାସନର ପାଳନ କରି ଚଳିବା। କୌଣସି ଉତେଜକ କଥା ହେଲେ ଵି କାନୁନକୁ ନିଜ ହାତକୁ ନେବା ନାହିଁ। ବେଆଇନ ଆଚରଣ କରିବା ନାହିଁ। ଆଜି ଦେଶ ପାଇଁ ୨୪ ଘଣ୍ଟା ବଞ୍ଚିବାର ଆବଶ୍ୟକତା ଅଛି। ଛୋଟ ଛୋଟ କଥାରେ ଵି ସମାଜର, ଦେଶର, ସମସ୍ତଙ୍କର ମାନ ରଖିବା। ମୋଠାରୁ ଆରମ୍ଭ ହେବ, ମୋ ଘରୁ ଆରମ୍ଭ ହେବ, ତେବେ ଯାଇ ସମାଜରେ ପରିବର୍ତ୍ତନ ଆସିବ, ସମାଜରେ ଆସିଲେ ଭାରତରେ ଆସିବ, ତେବେ ଯାଇ ଭାରତ ଏକ ସଶକ୍ତ ରାଷ୍ଟ୍ର ହେବ।

**ଆବାହନ:** ଗତ ଶହେ ବର୍ଷ ଧରି ଏହି ମହାଯଜ୍ଞ ନିରନ୍ତର ଭାବେ ଚାଲୁଅଛି। ସମ୍ପୂର୍ଣ୍ଣ ସମାଜକୁ ସଂଗଠିତ କରି ଦେଶ ସାମ୍ନାରେ ଆସୁଥିବା ସମସ୍ତ ସମସ୍ୟା ଓ ଆହ୍ୱାନର ସମାଧାନ କରିବା, ସମାଜରେ ସ୍ଥାୟୀ ପରିବର୍ତ୍ତନ ଆଣିବା ପାଇଁ ସମାଜର ବ୍ୟବସ୍ଥା ଗୁଡ଼ିକୁ ଯୁଗାନୁକୂଳ ଗଠନ କରିବା, ଏହା ସଂଘ କାର୍ଯ୍ୟର ପରବର୍ତ୍ତୀ ପର୍ଯ୍ୟାୟ ଅଟେ। କିନ୍ତୁ ଆମ ଦେଶ ବହୁତ ବିଶାଳ ଅଟେ ଏବଂ କୌଣସି ଏକ ସଂଗଠନ ଏଥିରେ ସ୍ଥାୟୀ ପରିବର୍ତ୍ତନ ଆଣିପାରିବ ନାହିଁ। ଏଥିପାଇଁ ସମସ୍ତ ମତଭେଦ ଭୁଲିଯାଇ, ସମସ୍ତଙ୍କୁ ଏକତ୍ର ଆସି କାମ କରିବାକୁ ହେବ। ଏଥିପାଇଁ ସଜ୍ଜନ ଶକ୍ତିର ସକ୍ରିୟତା ଏବଂ ସହଯୋଗ ଆବଶ୍ୟକ ଅଟେ। ଆମର ପବିତ୍ର ମାତୃଭୂମିକୁ ପୁନର୍ବାର ବିଶ୍ୱଗୁରୁ କରିବା ପାଇଁ ଆଜି ପୁରୁଷାର୍ଥ କରିବାର ସମୟ ଅଟେ। ଆପଣ ସମସ୍ତ ମାତା, ଭାଇ-ଭଉଣୀ ମାନଙ୍କ ଠାରୁ ଆଶା କରାଯାଏ ଯେ ଏହି ରାଷ୍ଟ୍ରକାର୍ଯ୍ୟରେ ଆପଣ ସମସ୍ତେ ନିଜର ରୁଚି ଓ କ୍ଷମତା ଅନୁସାରେ ସକ୍ରିୟ ଭୂମିକା ନିର୍ବାହ କରିବେ। ଭାରତ ମାତାର ଏହି ଜଗନ୍ନାଥ ରଥକୁ ଟାଣିବା ପାଇଁ ସମସ୍ତଙ୍କ ହାତ ଓ ଶକ୍ତି ଲାଗୁ। ଆସନ୍ତୁ! ଏହି ଅମୃତ କାଳରେ ସମସ୍ତେ ମିଶି ନିଜର ଭଗୀରଥ ପ୍ରୟାସରେ ଭାରତମାତାଙ୍କୁ ପରମ ବୈଭବ ପର୍ଯ୍ୟନ୍ତ ପହଞ୍ଚାଇବା।

**ପ୍ରଚାର ପ୍ରମୁଖ, ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘ, ଓଡ଼ିଶା**

# ଗୁରୁ ନିର୍ବାଚନ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ୟୁନେସ୍କୋ ଓ ଏଜୁକେସନ ଇଣ୍ଟରନେସନାଲ ଆନୁକୂଲ୍ୟରେ ୧୯୯୪ରୁ ପ୍ରତି ବର୍ଷ ଅକ୍ଟୋବର ୫ରେ ବିଶ୍ୱ ସ୍ତରରେ ପାଳିତ ହେଉଛି ଅନ୍ତର୍ଜାତୀୟ ଶିକ୍ଷକ ଦିବସ। ଭବିଷ୍ୟତର ପିଢ଼ିକୁ ଗଢ଼ିବାରେ ଶିକ୍ଷକ ସମାଜର ଅବଦାନକୁ କେହି ଅସ୍ୱୀକାର କରିପାରିବେନାହିଁ। ତେଣୁ ଶିକ୍ଷକ ମାନଙ୍କ ସମ୍ମାନର୍ଥେ ଶହେରୁ ଅଧିକ ଦେଶରେ ଏହି ଦିବସ ପାଳନ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଏଜୁକେସନ ଇଣ୍ଟରନେସନାଲର ସଦସ୍ୟ ସଂସ୍ଥା ସଂଖ୍ୟା ୪୦୧। ଶିକ୍ଷା ବ୍ୟବସ୍ଥାର ବିକାଶ ଲାଗି ଏହି ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଛନ୍ତି।

ଶିକ୍ଷା ପରମ୍ପରାରେ ଅତିବ ଗୁରୁତ୍ୱପୂର୍ଣ୍ଣ ଭାବେ ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି। ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି। ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ। ଗୁରୁଙ୍କର ଗୋଟିଏ ମଧ ପ୍ରବୃତ୍ତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତ୍ତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ। ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍‌ଭାସିତ ହୁଏ ନାହିଁ। ଏହିପରି ଏକ ସଂଶୟାତ୍ମକ ପରିବେଶ ମଧରେ ଯୁଗାବତାର ଶୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି - ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ। ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ। ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା। ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ। ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ବରଂ ସେ ଆମ୍ଭମାନଙ୍କର ସତ୍ତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତ୍ତି ଗୁଡ଼ିକୁ ଶୋଷଣ କରିପାରନ୍ତି। ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା? ସେ ପ୍ରବୃତ୍ତି ଅଭିଭୂତିର ଊର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା? ଯିଏ ପ୍ରକତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକ ଅବତାର ଙ୍କୁ ଖୋଜି ପାଇ ହେବ। ଏହା ପୂରାପୂରି ମାନଚିତ୍ର ଦେଖିବା ପରି। ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ। ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ। ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି। ଯୁଗ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ କିଛି ଯାଏ ଆସେ ନାହିଁ। ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୂରାବସ୍ଥା ଆଉ କ'ଣ କିଛି ହୋଇପାରେ?

ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ। ପ୍ରଥମତଃ ଦେଖିବାକୁ ହୁଏ - ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ? ଦ୍ୱିତୀୟତଃ ଦେଖିବାକୁ ହୁଏ - ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ। ଆଉ ଚତୁର୍ଥ ଜିନିଷ ହେଲା - ଗୁରୁଙ୍କ କଥା ଓ କାମରେ ସଙ୍ଗତି। ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି। ତେବେ ମୂଳଗୁଡିକ ଯଦି ଠିକ୍ ନଥାଏ କେବଳ କଥାରେ - କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି।

ପ୍ରବୃତିବଶ୍ୟତା ଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଜାଏ ନାହିଁ। ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଦ୍ଭିନ୍ନ ହୋଇ ଉଠେ। ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୃତି ଓ କ୍ଷମତା। ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ। ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ। ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ। ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ ସିଏ। ସେମାନଙ୍କ ମଧରେ କୌଣସି ପ୍ରଭେଦ ନାହିଁ। ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକା କଥା ପ୍ରସଙ୍ଗରେ କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତ୍ତାବହ ହେଲେ ଅବତାର। ପ୍ରତ୍ୟେକ ଗୁରୁ ସେମାନଙ୍କର ଶିଷ୍ୟକୁ କହି ଦେବା ଉଚିତ୍ - ମୁଁ ଯାହା ଜାଣେ ତାହା ତୁମକୁ କହିଲି। କିନ୍ତୁ ତୁମେ ଯୁଗଗୁରୁ ବା ପୁରୁଷୋତମଙ୍କର ସନ୍ଧାନରେ ରୁହ। ତାଙ୍କୁ ପାଇଲେ କୌଣସି ପ୍ରକାରେ ହିଁ ଛାଡ଼ ନାହିଁ। ସେହିଭଳି କାହାକୁ ପାଇଲେ ମୋତେ ମଧ ଜଣାଅ। ମୁଁ ମଧ ତାଙ୍କର ଶରଣାଗତ ହୋଇ ଜୀବନ ସାର୍ଥକ କରିବି।

**ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**





## ଟ୍ରମ୍ପ୍‌ଙ୍କ ଶାନ୍ତି ଯୋଜନାରେ ହମାସ୍ ରାଜି
# ଇସ୍ରାଏଲ ପଣବନ୍ଦୀଙ୍କୁ ମୁକ୍ତ କରିବ

ନୂଆଦିଲ୍ଲୀ,୪।୧୦ଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗାଜା ଶାନ୍ତି ଯୋଜନାରେ ହମାସ ରାଜି ହୋଇଛି। ୪୮ ଇସ୍ରାଏଲ ପଣବନ୍ଦୀଙ୍କୁ ଛାଡ଼ିବାକୁ ମୁକ୍ତ କରିବ ହମାସ। ଶାନ୍ତି ଚୁକ୍ତିକୁ ଆଂଶିକ ଭାବେ ହମାସ ଗ୍ରହଣ କରିଥିବାରୁ ଗାଜାରେ ତୁରନ୍ତ ବୋମା ମାଡ଼ ବନ୍ଦ କରିବା ପାଇଁ ଇସ୍ରାଏଲକୁ ପରାମର୍ଶ ଦେଇଛନ୍ତି ଟ୍ରମ୍ପ। ଟ୍ରମ୍ପଙ୍କ ନିଷ୍ପତ୍ତିକୁ ସହମତି ଜଣାଇଲେ ଇସ୍ରାଏଲ ପ୍ରଧାନମନ୍ତ୍ରୀ। ଶାନ୍ତି ପ୍ରସ୍ତାବକୁ ଆଂଶିକ ଭାବେ ଗ୍ରହଣ କରିଛି ହମାସ। ତେଣୁ ଗତ ୨୦୨୩ ଅକ୍ଟୋବର ୭ରୁ ପଣବନ୍ଦୀ କରି ରଖିଥିବା ବାକି ଲୋକଙ୍କୁ ଛାଡ଼ି ଦିଆଯିବ। ମିଳିଥିବା ସୂଚନାନୁଯାୟୀ, ଶାନ୍ତି ଯୋଜନା ଉପରେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ହମାସ ଜାରି ଏକ ବିବୃତିରେ କହିଛି। ହମାସ ଛାଡିବାକୁ ଥିବା ପଣବନ୍ଦୀଙ୍କ ମଧ୍ୟରୁ ୨୦ଜଣ ବଞ୍ଚିଥିବା ସମ୍ଭାବନାଥିବା ବେଳେ ଅନ୍ୟମାନେ ମୃତ ଥିବା ଜଣାପଡିଛି। ରବିବାର ୨୦ ଦଫା ଗାଜା ଶାନ୍ତି ପ୍ରସ୍ତାବ ରଖିଥିଲେ। ଶାନ୍ତି ପ୍ରସ୍ତାବ ନ ମାନିଲେ ଭୟଙ୍କର ପରିଣାମ ହେବ ବୋଲି ହମାସକୁ ଚେତାଇ ଦେଇଥିଲେ। ୨ ବର୍ଷର ଇସ୍ରାଏଲ ଓ ହମାସ ଯୁଦ୍ଧରେ ପ୍ରଥମେ ୧୨ ଶହ ଇସ୍ରାଏଲ ନାଗରିକଙ୍କ ମୃତ୍ୟୁ ହୋଇଥିଲା। ପରେ ଆଇଡିଏଫ୍‌ର କାର୍ଯ୍ୟାନୁଷ୍ଠାନରେ ୬୫ ହଜାର ପାଲେଷ୍ଟାଇନ ନାଗରିକ ପ୍ରାଣ ହରାଇଛନ୍ତି।

# ଯୁବପିଢ଼ି ପାଇଁ ମୋଦିଙ୍କ ୬୨ ହଜାର କୋଟିର ଭେଟି

## ଫୋକସ୍‌ରେ ବିହାର, ଦୁଇଟି ଯୋଜନାର ଶୁଭାରମ୍ଭ
## ସ୍ନାତକଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ମିଳିବ ମାସିକ ହଜାରେ ଟଙ୍କା
## କ୍ରେଡିଟ୍ କାର୍ଡରେ ୪ ଲକ୍ଷ ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ସୁବିଧା

ନୂଆଦିଲ୍ଲୀ,୪।୧୦ଃ ଦେଶର ଯୁବପିଢ଼ିକୁ ଅଧିକ ସଶକ୍ତ କରିବା ସକାଶେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ୬୨ ହଜାର କୋଟି ଟଙ୍କାର ବିଭିନ୍ନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାଗୁଡ଼ିକର ଫାଇଦା କେବଳ ଦେଶର ଯୁବପିଢ଼ିକୁ ମିଳିବାକୁ ଥିବା ବେଳେ ଏଥିରେ ନିର୍ବାଚନ ଅପେକ୍ଷାରେ ଥିବା ବିହାରକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏଠାକାର ବିଜ୍ଞାନ ଭବନରେ ଶୁଭାରମ୍ଭ କରିଥିବା ଦୁଇଟି ଯୋଜନା ହେଉଛି ପିଏମ୍-ସେତୁ ଓ ବିହାର ଷ୍ଟୁଡେଣ୍ଟ୍ କ୍ରେଡିଟ୍ କାର୍ଡ ସ୍କିମ୍। ଏହାଛଡ଼ା ସେ ନୂଆ ମୁଖ୍ୟମନ୍ତ୍ରୀ ନିଶ୍ଚୟ ସ୍ୱୟଂ ସହାୟତା ଭତ୍ତା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହା ଅଧିନରେ ବିହାରର ସ୍ନାତକ ପାସ୍ କରି ବେକାର ଥିବା ୫ ଲକ୍ଷ ଯୁବକ ଏହାଦ୍ୱାରା ଉପକୃତ ହେବେ। କର୍ମନିଯୁକ୍ତି ପାଇ ନ ଥିବା ଯୁବକ ଏଣିକି ମାସକୁ ୧ ହଜାର ଟଙ୍କା ପାଇବେ। ସେମାନଙ୍କୁ ମାଗଣା କୌଶଳ ତାଲିମ ମଧ ଦିଆଯିବ। ବୃତ୍ତିଗତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ବିହାରରେ ଜନ ନାୟକ କର୍ପୁରୀ ଠାକୁର ସ୍କିଲ୍ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କରିଛନ୍ତି।

ସେହିପରି କ୍ରେଡିଟ୍ କାର୍ଡ ଯୋଜନାରେ ବିହାରର ସ୍ନାତକ ଛାତ୍ରମାନେ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁଧମୁକ୍ତ ଋଣ ପାଇପାରିବେ। ଏହି ଶିକ୍ଷା ଋଣ ବିହାରର ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବାର ସମ୍ଭାବନା ରହିଛି। ଏହି ଯୋଜନାରେ ୩ ଲକ୍ଷ ୯୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ପୂର୍ବରୁ ଉପକୃତ ହୋଇସାରିଛନ୍ତି ଓ ସେମାନଙ୍କୁ ମୋଟ ୭ ହଜାର ୮୮୦ କୋଟିରୁ ଅଧିକ ଟଙ୍କା ଯୋଗାଇ ଦିଆଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ୧୮ରୁ ୪୫ ବର୍ଷ ବୟସ୍କଙ୍କ ପାଇଁ ଆନୁଷ୍ଠାନିକ କମିଶନ୍ ବିହାର ଯୁବ ଆୟୋଗକୁ ମଧ ଉଦ୍‌ଘାଟନ କରିଛନ୍ତି। ଏହି କମିଶନ୍ ରାଜ୍ୟର ଯୁବପିଢ଼ି ମଧରେ ଥିବା ପ୍ରତିଭା ଚିହ୍ନଟ କରି ତା'ର ଉପଯୋଗ



ଦିଗରେ ପଦକ୍ଷେପ ନେବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି ଯେ କିଛି ବର୍ଷ ପୂର୍ବେ ଆମ ସରକାର ଆଇଟିଆଇ ଛାତ୍ରମାନଙ୍କ ପାଇଁ ମହାନ ସମାବର୍ତ୍ତନ ସମାରୋହର ଏକ ନୂତନ ପରମ୍ପରା ଆରମ୍ଭ କରିଥିଲେ। ଆଜି ଆମେ ସମସ୍ତେ ଏହି ପରମ୍ପରାରେ ଆଉ ଏକ ମାଇଲଖୁଣ୍ଟ ଦେଖୁଛୁ। ମୁଁ ଭାରତର ପ୍ରତ୍ୟେକ କୋଣରୁ ସମସ୍ତ ଯୁବ ଆଇଟିଆଇ ସହକର୍ମୀଙ୍କୁ ହୃଦୟର ସହ ଶୁଭେଚ୍ଛା ଜଣାଉଛି। ଆଜିର ସମାରୋହ ଭାରତରେ ଦକ୍ଷତାକୁ ଦିଆଯାଇଥିବା ଗୁରୁତ୍ୱର ପ୍ରତୀକ।

ଆଜି ସାରା ଦେଶରେ ଯୁବପିଢ଼ିଙ୍କ ପାଇଁ ଆଉ ଦୁଇଟି ପ୍ରମୁଖ ଶିକ୍ଷା ଏବଂ ଦକ୍ଷତା ବିକାଶ ପ୍ରକଳ୍ପ ଆରମ୍ଭ କରାଯାଇଛି। ଗତ ଦୁଇ ଦଶକ ମଧରେ ବିହାର ସରକାର ୫୦ ଲକ୍ଷ ଯୁବପିଢିକୁ ରୋଜଗାର ମିଳିଛି। ଗତ କିଛି ବର୍ଷ ମଧରେ ବିହାର ଯୁବକଙ୍କୁ ପାଖାପାଖି ୧୦ ଲକ୍ଷ ସ୍ଥାୟୀ ସରକାରୀ ଚାକିରି ମଧ ମିଳିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## କଠୋର ହେଲେ ଉତ୍ତର କୋରିଆ ରାଷ୍ଟ୍ରମୁଖ୍ୟ
# ସ୍ତନ ପ୍ରତିରୋପଣ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା

ପେ୍ୟାଙ୍ଗ୍ ୟାଙ୍ଗ୍, ୪।୧୦ଃ ଉତ୍ତର କୋରିଆ ରାଷ୍ଟ୍ରମୁଖ୍ୟ କିମ୍ ଜୋଙ୍ଗ୍ ଉନ୍ ଏବେ ଦେଶର ସ୍ତନ ପ୍ରତିରୋପଣ ସହ ଜଡ଼ିତ ଡାକ୍ତର ଓ ରୋଗୀଙ୍କ ପ୍ରତି ବେଶ୍ କଠୋର ହୋଇଛନ୍ତି। ସ୍ତନ ପ୍ରତିରୋପଣକୁ ଦେଶରେ ନିଷିଦ୍ଧ କରାଯାଇଥିବା ବେଳେ ଏହାକୁ ଏକ 'ଅସାମାଜିକ' ଓ 'ପୁଞ୍ଜିବାଦୀ ଅଭ୍ୟାସ' ବୋଲି ଘୋଷଣା କରାଯାଇଛି। ତେଣୁ ସ୍ତନ ପ୍ରତିରୋପଣ କରୁଥିବା ଡାକ୍ତର ଓ ସମ୍ପୃକ୍ତ ରୋଗୀଙ୍କୁ ଏଥିସକାଶେ କଠୋର ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିବ। ଏଥିରେ ଅପରାଧୀମାନଙ୍କୁ ଶ୍ରମ ଶିବିରକୁ ପଠାଯିବା ସହ ମାମଲା ରୁଜୁ କରାଯିବ। ଏହାଛଡ଼ା ସେମାନଙ୍କୁ ଆବଶ୍ୟକ ସ୍ଥଳେ ସର୍ବସାଧାରଣ ସ୍ଥାନରେ ଦଣ୍ଡିତ କରାଯିବ ବୋଲି କୁହାଯାଇଛି।

ନିଜର ସୌନ୍ଦର୍ଯ୍ୟକୁ କୃତ୍ରିମ ତରିକାରେ ପରିବର୍ତ୍ତନ କରୁଥିବା ନେଇ ସୂଚନା ପାଇବା ସକାଶେ ଗୁପ୍ତଚର ଓ ପାଟ୍ରୋଲିଂ ଟିମ୍‌କୁ ନିୟୋଜିତ କରାଯାଇଛି। ସ୍ତନ ପ୍ରତିରୋପଣ ଏକ ବିଦେଶୀ ସଂସ୍କୃତି ହୋଇଥିବାରୁ ଏହା ଦେଶର ସଂସ୍କୃତିକୁ ନଷ୍ଟ କରିବାର ଆଶଙ୍କା କରି ରାଷ୍ଟ୍ରମୁଖ୍ୟ କିମ୍ ଏପରି ଏକ କଠୋର ଆଇନ ଲାଗୁ କରିଛନ୍ତି। ଏହି ପ୍ରକ୍ରିୟା ଦ୍ରୁତଗତିରେ ବ୍ୟାପୁଥିବାରୁ



ଏହା ଉପରେ ଗତ ଜୁଲାଇରେ କଟକଣା ଲଗାଯାଇଛି। ଦେଶର ଯୁବତୀ ଓ ମହିଳାମାନେ ନିଜର ସୌନ୍ଦର୍ଯ୍ୟକୁ ବଢ଼ାଇବା ସକାଶେ ସ୍ତନ ପ୍ରତିରୋପଣ ସହ ଆଖି ପତାରେ ମଧ ଅସ୍ତ୍ରୋପଚାର କରାଉଛନ୍ତି। ବିଶେଷକରି ଜୁନ୍ ମାସରେ ଏପରି ଘଟଣା ଅଧିକ ଦେଖିବାକୁ ମିଳୁଥିବାରୁ ଦେଶରେ ଏହାକୁ ବେଆଇନ ବୋଲି ଘୋଷଣା କରାଯାଇଛି। ଗତ ମାସ ମଧଭାଗରେ ଏଠାରୁ ପାଖାପାଖି ୭୫ କିମି ଦୂରବର୍ତ୍ତୀ ସାରିୱନ୍ ସହରରେ ଏକ ସାର୍ବଜନୀନ ଶୁଣାଣି ହୋଇଥିଲା ଯେଉଁଥିରେ ଅସ୍ତ୍ରୋପଚାର କରାଇଥିବା ଦୁଇ ଜଣ ମହିଳା ଓ ଅସ୍ତ୍ରୋପଚାର କରାଇଥିବା ଜଣେ ଡାକ୍ତରଙ୍କୁ ଦଣ୍ଡିତ କରାଯାଇଥିଲା। ଉକ୍ତ ଡାକ୍ତରଙ୍କୁ ମେଡିକାଲ୍ କଲେଜରୁ ବହିଷ୍କାର କରାଯିବା ସହ ବିଭାଗ ପକ୍ଷରୁ ତାଙ୍କ ବାସଭବନ ଉପରେ ଚଢ଼ାଉ କରାଯାଇଥିଲା। ସେଠାରୁ ଚୀନ୍‌ରୁ ଚୋରା ଚାଲାଣ ହୋଇଥିବା ସିଲିକନ୍ ଉକ୍ତ ଅସ୍ତ୍ରୋପଚାରରେ ବ୍ୟବହୃତ ହୋଇଥିବା ଜଣାପଡ଼ିଥିଲା। ବିଚାର କରୁଥିବା ବିଚାରପତି ଜଣଙ୍କ ତିନି ଜଣଙ୍କୁ କଠୋର ଦଣ୍ଡ ବିଧାନ କରିବା ସକାଶେ ମଧ ନିର୍ଦ୍ଦେଶ ଦେଇଥିଲେ।

● ମିନିଟରେ ୩୦୦୦ ରାଉଣ୍ଡ ଫାୟାରିଂ, ରେଞ୍ଜ ୪ କି.ମି
## ସୀମାରେ ପାକିସ୍ତାନକୁ ଜଗିବ ଏକେ-୬୩୦ ଏୟାର ଡିଫେନ୍ସ ଗନ୍

**ନୂଆଦିଲ୍ଲୀ, ୪।୧୦:** ଅପରେସନ ସିନ୍ଦୂର ପରେ ଭାରତୀୟ ସେନା ସୀମାରେ ଜନସଂଖ୍ୟା ବହୁଳ ସ୍ଥାନ ଓ ଧାର୍ମିକ ସ୍ଥଳର ସୁରକ୍ଷାକୁ ମଜଭୁତ କରିବ । ମିଶନ ସୁଦର୍ଶନ ଚକ୍ର ଅଧିନରେ ଭାରତୀୟ ସେନା ଛଅଟି ଏକେ-୬୩୦ ଏୟାର ଡିଫେନ୍ସ ଗନ୍ ସିଷ୍ଟମ୍ କିଣିବ । ସେନା ଏହି ହତିଆର ପାଇଁ ସରକାରୀ କମ୍ପାନି ଆଡଭାନ୍ସ ୱେପନ୍ ଆଣ୍ଡ ଇକ୍ୱିପମେଣ୍ଟ ଇଣ୍ଡିଆ ଲିମିଟେଡକୁ ଟେଣ୍ଡର ମଧ ଜାରି କରିଛି । ଏହା ଜରିଆରେ ପାକିସ୍ତାନ ସୀମାକୁ



ଲାଗି ରହିଥିବା ଅଞ୍ଚଳ ଓ ଧାର୍ମିକ ସ୍ଥଳର ସୁରକ୍ଷା କରାଯିବ। ପ୍ରଧାନମନ୍ତ୍ରୀ ମୋଦୀ ଅଗଷ୍ଟ ୧୫ରେ ମିଶନ ସୁଦର୍ଶନ ଚକ୍ର ଘୋଷଣା କରି କହିଥିଲେ ଯେ ଏହା ଭାରତର ସ୍ୱଦେଶୀ ଆଇରନ୍ ଡୋମ୍ ହେବ। ଏହା ଏକ ବହୁସ୍ତରୀୟ ସୁରକ୍ଷା କବଚ ହେବ ଏବଂ ୨୦୩୫ ସୁଦ୍ଧା ପ୍ରସ୍ତୁତ ହେବ । ସୁଦର୍ଶନ ଚକ୍ର ନିରୀକ୍ଷଣ, ସାଇବର ସୁରକ୍ଷା ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଏକୀକୃତ କରି ବିଭିନ୍ନ ଶତ୍ରୁ ଆକ୍ରମଣରୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକୁ ସୁରକ୍ଷା ଦେବ । ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶୁକ୍ରବାର ପାକିସ୍ତାନକୁ ଚେତାବନୀ ଦେଇ କହିଥିଲେ ଯେ ଭାରତ ଅପରେସନ ସିନ୍ଦୁର ୨.୦ରେ କୌଣସି ପ୍ରକାରର ଦୟା ଦେଖାଇବ ନାହିଁ । ଭାରତୀୟ ସେନାର ବାୟୁ ପ୍ରତିରକ୍ଷା ଶାଖା ଛଅଟି ଏକେ-୬୩୦ ଏୟାର ଡିଫେନ୍ସ ଗନ୍ ସିଷ୍ଟମ ପାଇଁ ଆଡଭାନ୍ସଡ୍ ୱେପନ୍ସ ଆଣ୍ଡ ଇକ୍ୟୁପମେଣ୍ଟ ଇଣ୍ଡିଆ ଲିମିଟେଡ୍ ସହିତ ଏକ ଆରଏଫପି ଜାରି କରିଛି । ଏହି ପ୍ରଣାଳୀ ହେଉଛି ଏକ ୩୦ ଏମ୍‌ଏମ୍ ମଲ୍ଟି-ବ୍ୟାରେଲ୍ ମୋବାଇଲ୍ ଏୟାର ଡିଫେନ୍ସ ଗନ୍ ସିଷ୍ଟମ, ଯାହାର ଫାୟାରିଂ ବହୁ ଅଧିକ ।

# ଆସୁଛି ବାତ୍ୟା 'ଶକ୍ତି': ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ନୂଆଦିଲ୍ଲୀ,୪।୧୦ଃ ଉତ୍ତର ଆରବ ସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଅଧିକ ଘନୀଭୂତ ହୋଇ ସାମୁଦ୍ରିକ ଝଡ 'ଶକ୍ତି'ର ରୂପ ନେଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଏଭଳି ପୂର୍ବାନୁମାନ କରାଯାଇଛି। ବାତ୍ୟା ଶକ୍ତି ପାଇଁ ମହାରାଷ୍ଟ୍ର ପ୍ରବଳ ବର୍ଷା ନେଇ ଆକଳନ କରାଯାଇଛି ଓ ଏଥିପାଇଁ ପ୍ରଶାସନ ହାଇଆଲର୍ଟରେ ରହିଛି।

ଏ ସଂକ୍ରାନ୍ତରେ ଆଇଏମ୍‌ଡି ପକ୍ଷରୁ କୁହାଯାଇଛି ଯେ ଏବେ ଏହି ଗଭୀର ଅବପାତ ଦ୍ୱାରକାଠାରୁ ୨୪୦ କିମି ପଶ୍ଚିମ ଓ ଦକ୍ଷିଣ-ପଶ୍ଚିମ ଏବଂ ପୋରବନ୍ଦରଠାରୁ ୨୭୦ କିମି ପଶ୍ଚିମ ଦିଗରେ କେନ୍ଦ୍ରୀଭୂତ ଥିଲା। ଘଣ୍ଟା ପ୍ରତି ୧୨ କିମି ବେଗରେ ଏହା ପଶ୍ଚିମ ଓ ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରୁଛି। ଆଗାମୀ ୨୪ ଘଣ୍ଟାରେ ଏହା ଅଧିକ ଘନୀଭୂତ ହୋଇ ଏହା ବାତ୍ୟାର ରୂପ ନେବ। ଏହାର ପ୍ରଭାବରେ ଗୁଜରାଟ ଓ ମହାରାଷ୍ଟ୍ର ଉପକୂଳରେ ପ୍ରବଳ ବର୍ଷା




ହେବା ସହ ପବନ ବହିବାର ସମ୍ଭାବନା ରହିଛି। ଆଜିଠାରୁ ପବନର ବେଗ ଘଣ୍ଟା ପ୍ରତି ୬୫ରୁ ୭୫ କିମି ରହିଥିବା ବେଳେ ଅପରାହ୍ନ ସାଢ଼େ ୫ଟା ୩୦ରେ ଏହାର ବେଗ ୧୦୦ରୁ ୧୧୦ କିମି ରହିଥିଲା। ସେହିପରି ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଓ ପବନ ଲାଗି ରହିବ ବୋଲି କୁହାଯାଇଛି। ଆହୁରି ଏହି ସମୟ ମଧରେ ସମୁଦ୍ରରେ ଉଚ୍ଚ ଜୁଆର ଆସିବ। ତେଣୁ ସମୁଦ୍ର ଭିତରକୁ ନ ଯିବା ଲାଗି ପାଣିପାଗ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

# 'ଖଦି କାରିଗର ମହୋତ୍ସବ'ରେ ଟୁଲକିଟ୍ ବାଣ୍ଟିଲେ ଶାହ

## ୩୩.୬୬ କୋଟିର ପ୍ରକଳ୍ପ ଲୋକାର୍ପିତ ଓ ଶିଳାନ୍ୟାସ
## ପ୍ରତି ପରିବାର ବର୍ଷକୁ ୫ ହଜାରର ଖଦି କିଣନ୍ତୁ

ରୋହତକ୍,୪।୧୦ଃ ଏଠାରେ ଅନୁଷ୍ଠିତ 'ଖଦି କାରିଗର ମହୋତ୍ସବ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଖଦି କାରିଗରମାନଙ୍କୁ ମେସିନ୍ ଓ ଟୁଲକିଟ୍ ବଣ୍ଟନ କରିଛନ୍ତି। ଶ୍ରୀ ଶାହ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଅଧୀନରେ ହିତାଧିକାରୀମାନଙ୍କୁ ଅନଲାଇନ ମାଧମରେ ମାର୍ଜିନ୍ ମନି ସବସିଡି ପ୍ରଦାନ ସହ ନୂତନ ୟୁନିଟ୍ ଉଦଘାଟନ କରିଥିଲେ ଓ ଦେଶର ବିଭିନ୍ନ ସ୍ଥାନରେ ଅନେକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସୈନି, ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ଏବଂ ଯୋଜନା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂହ, କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ କ୍ରିଷନ ପାଲ ଗୁର୍ଜର ଏବଂ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇ) ର ଅଧକ୍ଷ ମନୋଜ କୁମାର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିସହ ଶ୍ରୀ ଶାହ ୫ ଜଣ ବରିଷ୍ଠ ଖଦି କାରିଗରଙ୍କୁ ମଧ ସମ୍ମାନିତ କରିଥିଲେ।

ଏହି ଅବସରରେ ଶ୍ରୀ ଶାହ ତାଙ୍କ ବକ୍ତବ୍ୟ ରେ କହିଥିଲେ କି ମହାତ୍ମା ଗାନ୍ଧି ସ୍ୱତନ୍ତ୍ରତା ଆନ୍ଦୋଳନ ସମୟରେ ଖଦିକୁ ସ୍ୱଦେଶୀ ଓ ଆତ୍ମନିର୍ଭରତା ପାଇଁ ମଜଭୁତ ଆଧାର ଭାବେ ଗ୍ରହଣ କରିଥିଲେ। କିନ୍ତୁ କଂଗ୍ରେସ ସରକାର ଏହାକୁ ଅଣଦେଖା କରିଥିଲେ। କିନ୍ତୁ ନରେନ୍ଦ୍ର ମୋଦି ଗୁଜରାଟର




ମୁଖ୍ୟମନ୍ତ୍ରୀ ଓ ପରେ ପ୍ରଧାନମନ୍ତ୍ରୀ ହେବା ଉତ୍ତାରୁ ଖଦିର ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯେତେବେଳେ ଆମେ ଖଦି ପିନ୍ଧୁ, ଆମେ କେବଳ ଗୋଟିଏ ପୋଷାକ ପିନ୍ଧୁନାହୁଁ; ଆମେ ସ୍ୱଦେଶୀ ଏବଂ ଆତ୍ମନିର୍ଭରଶୀଳ ଭାରତର ଭାବନାକୁ ଗ୍ରହଣ କରୁ। ତେଣୁ ଦେଶର ପ୍ରତ୍ୟେକ ପରିବାର ୫୦୦୦ ଟଙ୍କାର ଖଦି କିଣିବା ଉଚିତ। ଏହାଦ୍ୱାରା ଦେଶ ଆତ୍ମନିର୍ଭରଶୀଳତା ଦିଗରେ ଆଗକୁ ବଢ଼ିପାରିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ଏକ ବିକଶିତ ରାଷ୍ଟ୍ର ହେବା ଆଡକୁ ଅଗ୍ରସର ହେଉଛି। ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରୁଥିବା ସମୟରେ ଖଦି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଖଦି ଓ ଗ୍ରାମୋଦ୍ୟୋଗ ଲକ୍ଷ ଲକ୍ଷ ବୁଣାକାରଙ୍କ ପାଇଁ ଏକ ଶକ୍ତିଶାଳୀ ପ୍ଲାଟଫର୍ମ ହେବ। କେଭିଆଇସି ପ୍ରଧାନମନ୍ତ୍ରୀଙ୍କ 'ଜାତୀୟ ପାଇଁ ଖଦି, ଫ୍ୟାଶନ୍ ପାଇଁ ଖଦି ଓ ପରିବର୍ତ୍ତନ ପାଇଁ ଖଦି' ମନ୍ତ୍ରକୁ ଗ୍ରହଣ କରି ଭାରତର ଅର୍ଥନୀତିକୁ ମଜବୁତ କରିଛି। ଏହି ଅବସରରେ କେଭିଆଇସିର ଅଧକ୍ଷ ମନୋଜ କୁମାର ଗୃହମନ୍ତ୍ରୀ, ହରିୟାଣାର ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥିମାନଙ୍କୁ ସ୍ମାରକୀ ଭାବରେ ଚରଖା ସ୍ମାରକୀ ପ୍ରଦାନ କରିଥିଲେ। କେଭିଆଇସିର ସିଇଓ ରୂପ ରାଶି ଧନ୍ୟବାଦ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ହରିୟାଣାର ଅନେକ ସାଂସଦ, ଗୃହ ଓ ସମବାୟ ମନ୍ତ୍ରଣାଳୟ, କେଭିଆଇସି ଓ ସ୍ଥାନୀୟ ପ୍ରଶାସନର ବହୁ ସଂଖ୍ୟକ ଅଧିକାରୀ ହିତାଧିକାରୀ ଉପସ୍ଥିତ ଥିଲେ।

## ସିରପ୍ ପ୍ରସ୍ତୁତକାରୀ କମ୍ପାନୀକୁ କ୍ଲିନଚିଟ୍
# ବାପା-ମା' ଦୋଷୀ, କମ୍ପାନୀ ନୁହେଁ



ଜୟପୁର,୪।୧୦ଃ ରାଜସ୍ଥାନ କଫ ସିରପ୍ ମାମଲାର ଯାଞ୍ଚ କରି ସରକାର ଔଷଧ କମ୍ପାନୀ କେସନସ ଫାର୍ମାକୁ କ୍ଲିନ୍ ଚିଟ୍ ଦେଇଛନ୍ତି। ନକଲି ଔଷଧ ତିଆରି କରୁଥିବା ଧରାପଡ଼ିଥିବା କମ୍ପାନୀଗୁଡ଼ିକୁ ସୁରକ୍ଷା ଦେଇଥିବା ଅଧିକାରୀମାନଙ୍କୁ ନିଲମ୍ବିତ କରାଯାଇଛି। ସେମାନଙ୍କ ବିରୁଦ୍ଧରେ ନକଲି ଔଷଧ ପ୍ରସ୍ତୁତରେ ସମ୍ପୃକ୍ତ କମ୍ପାନୀଗୁଡ଼ିକ ସମ୍ପର୍କରେ ଲୋକସଭା ଓ ନୀତି ଆୟୋଗରେ ଭୁଲ ତଥ୍ୟ ଦାଖଲ କରିବାର ଅଭିଯୋଗ ମଧ ରହିଛି। ରାଜସ୍ଥାନର ଅନେକ ଅଞ୍ଚଳରେ କାଶ ଚିକିତ୍ସା ପାଇଁ ଡେକ୍ସଟ୍ରୋମେଥୋରଫାନ୍ ହାଇଡ୍ରୋବ୍ରୋମାଇଡ୍ ସିରପ୍ ଖାଇବା ପରେ କିଛି ପିଲା ଅସୁସ୍ଥ ହୋଇପଡ଼ିଥିଲେ, ଯାହା ଫଳରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏଥିରେ ଗୋଟିଏ ଝିଅର ମୃତ୍ୟୁ ମଧ ହୋଇଥିଲା। ଏହା ପରେ ଏହି ଔଷଧର ଯୋଗାଣକୁ ନିଷେଧ କରାଯାଇଥିଲା ଏବଂ ନମୁନାଗୁଡ଼ିକୁ ତୁରନ୍ତ ପରୀକ୍ଷା ପାଇଁ ପଠାଯାଇଥିଲା।

ରାଜସ୍ଥାନ ସ୍ୱାସ୍ଥ୍ୟମନ୍ତ୍ରୀ ଗଜେନ୍ଦ୍ର ସିଂହ ଖିନଭସାର କହିଛନ୍ତି ଯେ ମା'ମାନେ ସେମାନଙ୍କ ପିଲାମାନଙ୍କୁ ଯେଉଁ ଔଷଧ ଦେଇଥିଲେ ତାହା ଆମର ସରକାରୀ ହସ୍ପିଟାଲ ଦ୍ୱାରା ଲିଖିତ ହୋଇନଥିଲା, କିମ୍ବା ଆମେ ଏପରି ଔଷଧ ସୁପାରିଶ କରିନଥିଲୁ। ଏବେ ଯଦି ଜଣେ ପିତାମାତା କିମ୍ବା ଅଭିଭାବକ ଅନ୍ୟ କୌଣସି ସ୍ଥାନରୁ ଔଷଧ ଆଣି ଡାକ୍ତରଙ୍କ ପରାମର୍ଶ ବିନା ସେମାନଙ୍କ ପିଲାମାନଙ୍କୁ ଦିଅନ୍ତି ଏବଂ ଏପରି ସମସ୍ୟା ଉପୁଜେ, ତେବେ ଏଥିରେ ବିଭାଗର କୌଣସି ଭୂମିକା ନାହିଁ। ସେହିପରି ଆମେ ଦେଉଥିବା ଔଷଧଗୁଡ଼ିକୁ ଆମେ ପୂର୍ବରୁ ପରୀକ୍ଷା କରିସାରିଛୁ ଓ ଏଥିରେ କୌଣସି ଅନିୟମିତତା ନାହିଁ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧିନରେ ଥିବା ଡିଜିଏଚଏସ୍ ପକ୍ଷରୁ କୁହାଯାଇଛି ଯେ ସାଧାରଣତଃ ୫ ବର୍ଷରୁ କମ ବୟସର ଶିଶୁଙ୍କୁ କଫ୍‌ସିରପ୍ ସେବନ ପାଇଁ ସୁପାରିସ୍ କରାଯାଏନାହିଁ। କେବଳ ବୟସ୍କ ଓ ବୃଦ୍ଧବୃଦ୍ଧାଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ କଫ୍‌ସିରପ୍ ଦିଆଯାଇଥାଏ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ସରକାର ଜାରି କରିଥିବା ଉପଦେଶାବଳୀ କୁହାଯାଇଛି ଯେ ପିଲାମାନଙ୍କର କାଶ ବିନା ଔଷଧ ଠିକ ହୋଇଯାଏ।

## ଥମୁନି ରୁଷିଆ ଆକ୍ରମଣ
# ଟ୍ରେନ୍ ଉପରେ ଡ୍ରୋନ୍ ହମ୍‌ଲା, ୩୦ ଆହତ

କ୍ୱିଭ୍,୪।୧୦ଃ ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ରୁଷିଆ ଓ ୟୁକ୍ରେନ ଯୁଦ୍ଧରେ ସହସ୍ରାଧିକ ଲୋକଙ୍କ ମୃତ୍ୟୁ ଘଟିସାରିଥିବା ବେଳେ ଉଭୟ ଦେଶର ବ୍ୟାପକ ଭିତ୍ତିଭୂମି ମଧ ନଷ୍ଟ ହୋଇଛି। ଏଥିସହ ଲକ୍ଷ ଲକ୍ଷ ଲୋକ ବାସଚ୍ୟୁତ ହୋଇଛନ୍ତି। କିନ୍ତୁ ଏହା ସତ୍ତ୍ୱେ ବି ଏହି ସଂଘର୍ଷ ଶୀଘ୍ର ଶେଷ ହେବା ନେଇ ଅଦ୍ୟାବଧି କୌଣସି ସଙ୍କେତ ନାହିଁ। ଏହି କ୍ରମରେ ଏବେ ରୁଷିଆ ପୁଣି ଥରେ ୟୁକ୍ରେନ ଉପରେ ଏକ ବଡ଼ ଧରଣର ଆକ୍ରମଣ କରିଛି। ୟୁକ୍ରେନର ସୁମି ଅଞ୍ଚଳର ଏକ ରେଳ ଷ୍ଟେସନରେ ରୁଷିଆ ପକ୍ଷରୁ ହୋଇଥିବା ଡ୍ରୋନ ଆକ୍ରମଣରେ ଅତି କମ୍‌ରେ ୩୦ ଜଣ ଲୋକ ଆହତ ହୋଇଛନ୍ତି।

ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏହି ଆକ୍ରମଣକୁ 'ବର୍ବର' ବୋଲି ଅଭିହିତ କହିଛନ୍ତି। ସଂଘର୍ଷ ଆରମ୍ଭ ହେବା ପରଠାରୁ ରୁଷ ବାରମ୍ବାର ୟୁକ୍ରେନୀୟ ରେଳ ଲାଇନକୁ ଟାର୍ଗେଟ କରିଆସୁଛି। ସେ କହିଛନ୍ତି ଯେ ଯାତ୍ରୀ ଓ ରେଳ କର୍ମଚାରୀଙ୍କ ସମେତ ଅଦ୍ୟାବଧି ଅତି କମ୍‌ରେ ୩୦ ଜଣ ଆହତ ହୋଇଛନ୍ତି। ଏଥିସହ ସେ ଏକ ଟ୍ରେନ ବଗିରେ ନିଆଁ ଲାଗିଥିବା ସମୟର ଏକ ଭିଡିଓ ମଧ ଶେୟାର କରିଛନ୍ତି। ଜେଲେନସ୍କି କହିଛନ୍ତି ଯେ ରୁଷୀୟମାନେ ଜାଣିଥିଲେ ଯେ ସେମାନେ ସାଧାରଣ ନାଗରିକଙ୍କୁ ଆକ୍ରମଣ କରୁଛନ୍ତି। ଆକ୍ରମଣଟି ରୁଷିଆ ସୀମାରୁ ପ୍ରାୟ ୭୦ କିମି ଦୂରରେ ଘଟିଥିଲା। ତେବେ ଏହି ଆକ୍ରମଣର କିଛି ସମୟ ପୂର୍ବରୁ ରୁଷିଆ ପକ୍ଷରୁ ୟୁକ୍ରେନ୍‌ର ବିଦ୍ୟୁତ୍ ନେଟ୍‌ୱାର୍କକୁ ଟାର୍ଗେଟ କରାଯାଇଥିଲା। ଉକ୍ତ ସ୍ଥାନରେ ରୁଷିଆ ପକ୍ଷରୁ ଡ୍ରୋନ୍ ଓ ମିସାଇଲ ମାଡ଼ କରାଯାଇଛି। ସେହିପରି ୟୁକ୍ରେନର ବିଦ୍ୟୁତ କମ୍ପାନୀ ପକ୍ଷରୁ ଏହି ଆକ୍ରମଣ ସମ୍ପର୍କରେ କୁହାଯାଇଛି ଯେ ଏହି ଆକ୍ରମଣ ଗତକାଲି ରାତିଠାରୁ ଆରମ୍ଭ କରି ଶନିବାର ସକାଳ ପର୍ଯ୍ୟନ୍ତ ଜାରି ରହିଥିଲା। ଏହାକୁ ୟୁକ୍ରେନ ପ୍ରାକୃତିକ ଗ୍ୟାସ୍ ବ୍ୟବସ୍ଥା ଉପରେ ଅଦ୍ୟାବଧି ହୋଇଥିବା ଆକ୍ରମଣ ମଧରେ ସବୁଠାରୁ ବଡ଼ ଓ ବର୍ବରକାଣ୍ଡ ବୋଲି କୁହାଯାଉଛି। ଫଳସ୍ୱରୂପ ଉକ୍ତ ଅଞ୍ଚଳରେ ପାଖାପାଖି ୫୦ ହଜାର ଘରେ ଏବେ ଅନ୍ଧାର ରାଜୁତି କରୁଛି।



● ‘ନବରାତ୍ର’ ସମୟରେ ଜନ୍ମଲାଭ କରିଥିବା କନ୍ୟା ସନ୍ତାନଙ୍କୁ ସମ୍ମାନ

# କନ୍ୟାରତ୍ନ ସବୁଠାରୁ ଅମୂଲ୍ୟ ରତ୍ନ

**ସମ୍ବଲପୁର, ୪।୧୦(ସଂଚାର ବ୍ୟୁରୋ):** ଯେତେବେଳେ ଘରେ କନ୍ୟା ସନ୍ତାନଟିଏ ଜନ୍ମ ନିଏ, ସେତେବେଳେ ଘର ସ୍ୱର୍ଗ ପାଲଟିଯାଏ। କନ୍ୟାରତ୍ନ ସବୁଠାରୁ ଅମୂଲ୍ୟ ରତ୍ନ। ତାଙ୍କୁ ଆମେ ସବୁବେଳେ ସ୍ନେହ ଓ ଶ୍ରଦ୍ଧା ଦେବା ଦରକାର। ନାରୀ ଶକ୍ତିର ଉତ୍ଥାନରେ ହିଁ ସମାଜର ପ୍ରଗତି ଅନ୍ତର୍ନିହିତ

■ **କନ୍ୟାରତ୍ନଙ୍କ ମା’ଙ୍କୁ ଭେଟି ଶୁଭେଚ୍ଛା ଜଣାଇଲେ**

■ **ନାରୀ ଶକ୍ତିର ଉତ୍ଥାନରେ ହିଁ ସମାଜର ପ୍ରଗତି**



ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସମ୍ବଲପୁର ଜିଲ୍ଲାରେ ‘ନବରାତ୍ର’ ସମୟରେ ଜନ୍ମଲାଭ କରିଥିବା କନ୍ୟା ସନ୍ତାନମାନଙ୍କ ମା’ଙ୍କୁ ସମ୍ମାନିତ କରିବା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ନବରାତ୍ରି ହେଉଛି ନାରୀ ଶକ୍ତି ବା ଦୁର୍ଗାଙ୍କର ନଅଟି ସ୍ୱରୂପକୁ ପୂଜା କରିବାର ପର୍ବ। ପ୍ରତ୍ୟେକ କନ୍ୟାକୁ କନ୍ୟା ରୂପରେ ଦେବୀ ବୋଲି ମାନି ଆମେ ପୂଜା କରୁ। ନବରାତ୍ରି ସମୟରେ ଜନ୍ମ ହେବା ଏହି କନ୍ୟାମାନଙ୍କ ପାଇଁ ଏକ ବିଶେଷ ଆଶୀର୍ବାଦ। ମା’ଙ୍କ ଆରାଧନାର ପର୍ବ ନବରାତ୍ରି ସମୟରେ ଯେଉଁ କନ୍ୟାରତ୍ନମାନେ ଜନ୍ମ ନେଇଛନ୍ତି, ସେମାନେ ସେମାନେ ସାକ୍ଷାତ ଦେବୀଙ୍କର ସ୍ୱରୂପ। ବୟସ ଅନୁସାରେ ସେମାନଙ୍କର ସଠିକ୍ ଲାଳନପାଳନ ସହ ସୁରକ୍ଷା, ସ୍ୱାସ୍ଥ୍ୟର ଯତ୍ନନେବା ସହ ଭିଟାମିନଯୁକ୍ତ ଖାଦ୍ୟ ଦେବା ଆମ ସମସ୍ତଙ୍କ ଦାୟିତ୍ୱ। ଏହି ଜନସଚେତନତା ଲକ୍ଷ୍ୟରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଏଭଳି ଅଭିନବ କାର୍ଯ୍ୟକ୍ରମ ସମାଜ ପାଇଁ ପ୍ରେରଣା।

ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲାର ଉନ୍ନତ ଲିଙ୍ଗାନୁପାତକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ଦେଶର ଅନେକ ଜିଲ୍ଲାରେ ପାଖାପାଖି ୧୦୦୦ ପୁରୁଷରେ ହାରାହାରି ୭୦୦ ମହିଳା ଥିବାବେଳେ ସମ୍ବଲପୁର ଜିଲ୍ଲାରେ ୧୦୦୦ ପୁରୁଷରେ ୧୦୬୭ ମହିଳା ଅଛନ୍ତି, ଯାହା ଏକ ପ୍ରଗତିଶୀଳ ସମାଜର ଲକ୍ଷଣ। ଜିଲ୍ଲାରେ ଜନ୍ମ ହେଉଥିବା ୧୦ ହଜାର ଛୋଟ ପିଲାଙ୍କ ମଧ୍ୟରୁ ପ୍ରାୟ ୫ ହଜାର କେବଳ କନ୍ୟା ହୋଇଥିବାରୁ ଏହା ଆମ ପାଇଁ ଗର୍ବର ବିଷୟ। ଝିଅମାନଙ୍କର ଜନ୍ମ ଠାରୁ ବଡ଼ ହେବା ପର୍ଯ୍ୟନ୍ତ ସେମାନଙ୍କର ଦାୟିତ୍ୱ ନେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନବରାତ୍ର ସମୟରେ ଜନ୍ମଲାଭ କରିଥିବା କନ୍ୟାରତ୍ନଙ୍କ ମା’ଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ଉଲ୍ଲେଖନୀୟ ଯେ, ବିକାଶ ଫାଉଣ୍ଡେସନର ଏହି କନ୍ୟାରତ୍ନ ସମ୍ମାନ କାର୍ଯ୍ୟକ୍ରମ ଢେଙ୍କାନାଳ, ଅନୁଗୋଳ ଓ ଦେବଗଡ଼ରେ ସମାପନ ହୋଇସାରିଛି। ଶ୍ରୀ ପ୍ରଧାନଙ୍କ ସହ ଆଜିର କାର୍ଯ୍ୟକ୍ରମରେ ଓଡ଼ିଶା ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ସାମିଲ ହୋଇଥିଲେ।




‘ସମ୍ବାଦ’ ଓ ‘କନକ ନିଉଜ’ର ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି, ନିକଟରେ ଆମ ଓଡ଼ିଶା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶକ ତନୟା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ।

## ରେଳ ଯୋଗେ କାଶ୍ମୀର ପହଞ୍ଚିଲା ଅଟୋମୋବାଇଲର ପ୍ରଥମ ବ୍ୟାଚ୍

**ନୂଆଦିଲ୍ଲୀ, ୪।୧୦:** କାଶ୍ମୀର ଉପତ୍ୟକାରେ ପ୍ରଥମ ଥର ପାଇଁ ଅଟୋମୋବାଇଲ ରେକ୍ ପାଇ ଭାରତୀୟ ରେଳବାଇ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି, ଯାହା ଏହି ଅଞ୍ଚଳରେ ସଂଯୋଗୀକରଣକୁ ଉନ୍ନତ କରିବା ଏବଂ ଆର୍ଥିକ ସୁଯୋଗ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଗତ ୩ ଅକ୍ଟୋବରରେ ୧୦୦ ରୁ ଅଧିକ ଯାନବାହନ ନେଇ ଟ୍ରେନ୍ ଉପତ୍ୟକାର ଅନନ୍ତନାଗ ଗୁଡ୍ସ ଟର୍ମିନାଲରେ ପହଞ୍ଚିଥିଲା। ଏହି ରେକ୍ ହରିୟାଣାର ମାନେସରରୁ ଆରମ୍ଭ ହୋଇଥିଲା ଏବଂ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ ପାର କରିଥିଲା।

ଚଳିତ ବର୍ଷ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ଉଧମପୁର-ଶ୍ରୀନଗର-ବାରାମୁଲା ରେଳ ସଂଯୋଗ ପ୍ରକଳ୍ପର ପ୍ରତ୍ୟକ୍ଷ ପରିଣାମ ହେଉଛି ଏହି ସଫଳତା। ଏହି ପ୍ରକଳ୍ପ ଶେଷରେ କାଶ୍ମୀର ଉପତ୍ୟକାକୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ରେଳ ଦ୍ୱାରା ସଂଯୋଗ କରିଛି, ଦଶନ୍ଧି ଧରି ବିଚ୍ଛିନ୍ନତାକୁ ଶେଷ କରି ଏହାକୁ ପ୍ରକୃତ ଅର୍ଥରେ ଜାତୀୟ ରେଳ ଗ୍ରୀଡର ଅଂଶ କରିଛି।

ୟୁଏସ୍ଆର୍ଏଲ୍ ଲିଙ୍କ କାର୍ଯ୍ୟକାରୀ ହେବା ସହିତ ବନ୍ଦେ ଭାରତ ଏକ୍ସପ୍ରେସ୍ ପ୍ରଥମ ଥର ପାଇଁ ଉପତ୍ୟକାରେ ପହଞ୍ଚିଥିଲା, ଯାହା ଲୋକଙ୍କୁ ଏକ ଆଧୁନିକ ଏବଂ ଦ୍ରୁତ ଯାତ୍ରା ଅନୁଭୂତି ପ୍ରଦାନ କରିଥିଲା। ଏହାର ତୁରନ୍ତ ପରେ, ୧୫ ସେପ୍ଟେମ୍ବର ୨୦୨୫ରେ ଭାରତୀୟ ରେଳବାଇ ଉପତ୍ୟକାରେ ସେଓ ଚାଷୀମାନଙ୍କ ପାଇଁ ଉତ୍ସର୍ଗୀକୃତ ପାର୍ସଲ୍ ଟ୍ରେନ୍ ସେବା ପରିଚାଳନା କରିଥିଲା। ବଡଗାମ ଏବଂ ଦିଲ୍ଲୀ ମଧ୍ୟରେ ଦୈନିକ ସମୟ-ସାରଣୀ ସହିତ ଟ୍ରେନ ସେବା ଆରମ୍ଭ କରାଯାଇଥିଲା, ଯାହା ସୁନିଶ୍ଚିତ କରିଥିଲା ଯେ, କାଶ୍ମୀରରୁ ସେଓ ସବୁଠାରୁ ଅନୁକୂଳ ବାଣିଜ୍ୟ ସମୟରେ ରାଜଧାନୀର ପାଇକାରୀ ବଜାରରେ ପହଞ୍ଚିବ।

ଏହି ସଫଳତା ଉପରେ ଆଧାର କରି ଅନନ୍ତନାଗରେ ପ୍ରଥମ ଅଟୋମୋବାଇଲ୍ ରେକ୍ ପହଞ୍ଚିବା ଏକ ପ୍ରମୁଖ ପଦକ୍ଷେପକୁ ପ୍ରତିନିଧିତ୍ୱ କରେ। ପ୍ରଥମ ଥର ପାଇଁ, ନୂତନ ଯାନଗୁଡ଼ିକୁ ରେଳ ଦ୍ୱାରା ଉପତ୍ୟକାକୁ ପରିବହନ କରାଯାଇଛି। ଏହା କେବଳ ଗ୍ରାହକମାନଙ୍କୁ ଲାଭ ଦେବ ନାହିଁ ବରଂ ଲଜିଷ୍ଟିକ୍ସ, ବଣ୍ଟନ ଏବଂ ଅଟୋମୋବାଇଲ୍ ସମ୍ବନ୍ଧୀୟ ବ୍ୟବସାୟଗୁଡ଼ିକରେ ନିଯୁକ୍ତି ସୃଷ୍ଟି କରିବ। ୟୁ. ଏସ୍. ବି. ଆର୍. ଏଲ୍. ଲିଙ୍କ ନିର୍ମାଣ ଶେଷ ହେବା ଠାରୁ ଆରମ୍ଭ କରି ସେଓ ପାର୍ସଲ ଟ୍ରେନର ଶୁଭାରମ୍ଭ ଏବଂ ବର୍ତ୍ତମାନ ଅନନ୍ତନାଗକୁ ପ୍ରଥମ ଅଟୋମୋବାଇଲ୍ ରେକ୍ ବିତରଣ କରିବା ପର୍ଯ୍ୟନ୍ତ, ଭାରତୀୟ ରେଳବାଇ କାଶ୍ମୀର ଉପତ୍ୟକାର କାହାଣୀରେ ଏକ ନୂତନ ଅଧ୍ୟାୟ ଖୋଲିଛି। ଏହି ପ୍ରତ୍ୟେକ ପଦକ୍ଷେପ ଅର୍ଥନୀତିକୁ ସୁଦୃଢ଼ କରୁଛି, ନିଯୁକ୍ତି ସୃଷ୍ଟି କରୁଛି ଏବଂ ଜୀବନକୁ ଉନ୍ନତ କରୁଛି।

## ଗିଲ୍ଙ୍କୁ ଦିନିକିଆ ଦଳର ନେତୃତ୍ୱ

● ପୂର୍ବରୁ ଟେଷ୍ଟ ଓ ଟି-୨୦ ଅଧିନାୟକ ରହିସାରିଛନ୍ତି

● ଫେରିଲେ ବିରାଟ ଓ ରୋହିତ

**ମୁମ୍ବାଇ,୪।୧୦:** ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଏବଂ ଟି-୨୦ ସିରିଜ ପାଇଁ ଆଜି ବିସିସିଆଇ ଚୟନ କମିଟି ପକ୍ଷରୁ ଭାରତୀୟ ଟିମ୍ର ଘୋଷଣା କରାଯାଇଛି। ବିସିସିଆଇ ଦିନିକିଆ ପାଇଁ ଦଳର ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନରେ ଯୁବ ବ୍ୟାଟ୍ସମ୍ୟାନ୍ ଶୁବମାନ ଗିଲଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଶ୍ରେୟସ ଆୟରଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଥିବା ବେଳେ ଭାରତୀୟ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ୩ଟି ଦିନିକିଆ ଓ ୫ଟି ଟି-୨୦ ଖେଳିବ। ଟିମ୍ ଚୟନ ପାଇଁ ଆଜି ବିସିସିଆଇ ଚୟନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ପୂର୍ବରୁ ଟେଷ୍ଟ ଓ ଟି-୨୦ ଦଳର ନେତୃତ୍ୱ ନେଇସାରିଥିବା ଗିଲଙ୍କୁ ଟିମର ଅଧିନାୟକ ଦାୟିତ୍ୱ ମିଳିଥିଲା। ଅନ୍ୟପକ୍ଷରେ ଟେଷ୍ଟ ପରେ ଦିନିକିଆରୁ ମଧ୍ୟ ରୋହିତ ଅଧିନାୟକ ପଦ ହରାଇଛନ୍ତି। କିନ୍ତୁ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ରୋହିତ ଓ ତାଙ୍କର ଅନ୍ୟତମ ପ୍ରମୁଖ ସାଥୀ ବିରାଟ କୋହଲି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦିନିକିଆ ସିରିଜ୍ ଆସନ୍ତା ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଏବଂ ଅକ୍ଟୋବର ୨୯ରୁ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ଟି-୨୦ ସିରିଜ୍ ଖେଳାଯିବ।ଦିନିକିଆ ଦଳ: ରୋହିତ ଶର୍ମା, ବିରାଟ କୋହଲି, ଶୁବମାନ ଗିଲ (ଅଧିନାୟକ), ଶ୍ରେୟସ ଆୟର (ଉପଅଧିନାୟକ), ଅକ୍ଷର ପଟେଲ, କେଏଲ ରାହୁଲ (ୱିକେଟକିପର), ନୀତୀଶ କୁମାର ରେଡ୍ଡୀ, ୱାଂଶିଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ଧ୍ରୁବ ଜୁରେଲ ଓ ଯଶସ୍ୱୀ ଜୟସ୍ୱାଲ।

# ଟିମ୍ ଇଣ୍ଡିଆର ବୃହତ୍ ବିଜୟ

● ଇନିଂସ ଓ ୧୪୦ ରନ୍ରେ ହାରିଲା ଇଣ୍ଡିଜ୍

● ଜାଡେଜାଙ୍କ ଅଲ୍ରାଉଣ୍ଡ ପ୍ରଦର୍ଶନ




**ଅହମ୍ମଦାବାଦ,୪।୧୦:** ଅହମ୍ମଦାବାଦରେ ଚାଲିଥିବା ଭାରତ-ୱେଷ୍ଟଇଣ୍ଡିଜ ପ୍ରଥମ ଟେଷ୍ଟ ମ୍ୟାଚରେ ଆୟୋଜକ ଭାରତକୁ ବଡ଼ ବିଜୟ ମିଳିଛି। ମ୍ୟାଚ୍ର ତୃତୀୟ ଦିନରେ ଶନିବାର ଭାରତ ପ୍ରତିପକ୍ଷ ଇଣ୍ଡିଜ୍ର ଦ୍ୱିତୀୟ ଇନିଂସକୁ ମାତ୍ର ୧୪୬ ରନ୍ରେ ସୀମିତ ରଖିବା ସହ ସିରିଜ୍ରେ ବିଜୟ ସହ ତା’ର ଅଭିଯାନ ଆରମ୍ଭ କରିଛି। ଅଲ୍ରାଉଣ୍ଡର୍ ରବୀନ୍ଦ୍ର ଜାଡେଜା ଚମତ୍କାର ପ୍ରଦର୍ଶନ ପାଇଁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେ ଏହି ମ୍ୟାଚ୍ରେ ଶତକ ଲଗାଇବା ସହ ଦ୍ୱିତୀୟ ଇନିଂସରେ ୪ଟି ୱିକେଟ ନେଇଛନ୍ତି। ଗତକାଲି ଭାରତ ୫ ୱିକେଟ୍ରେ ୪୪୮ ରନ୍ କରିଥିବା ସମୟରେ ଖେଳ ଶେଷ ହୋଇଥିଲା। ଆଜି ଆଉ ଦଳ ବ୍ୟାଟିଂ ନ କରି ତା’ର ପ୍ରଥମ ଇନିଂସ ଘୋଷଣା କରିବା ଫଳରେ ଇଣ୍ଡିଜ୍ ତା’ର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। କିନ୍ତୁ ପ୍ରଥମ ଇନିଂସରେ ମାତ୍ର ୧୬୨ ରନ୍ କରିଥିବା ଇଣ୍ଡିଜ୍ ଦ୍ୱିତୀୟ ଇନିଂସରେ ଆହୁରି ଶୋଚନୀୟ ପ୍ରଦର୍ଶନ କରିଥିଲା। ଭାରତୀୟ ବୋଲର୍ମାନେ କ୍ରମାଗତ ଭାବେ ୱିକେଟ୍ ଦଖଲ କରିବା ଫଳରେ ଇଣ୍ଡିଜ୍ର କୌଣସି ବ୍ୟାଟ୍ସମ୍ୟାନ୍ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରୀ କରିପାରିନଥିଲେ। ଦଳ ପକ୍ଷରୁ ଆଲିକ୍ ଆଥାନେଜ୍ ସର୍ବାଧିକ ୩୮ ରନ୍ କରିଥିବା ବେଳେ ଜଷ୍ଟିନ୍ ଗ୍ରୀଭ୍ସ ୨୫, ଜାଡେନ୍ ସିଲ୍ସ ୨୨ ରନ୍ କରିଥିଲେ। ଭାରତ ପକ୍ଷରୁ ଜାଡେଜାଙ୍କ ବ୍ୟତୀତ ମହମ୍ମଦ ସିରାଜ୍ ୩ଟି, କୁଲଦୀପ ଯାଦବ ୨ଟି ଏବଂ ୱାଶିଂଟନ ସୁନ୍ଦର ଗୋଟିଏ ୱିକେଟ୍ ନେଇଥିଲେ। ସିରିଜ୍ର ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆସନ୍ତା ୧୦ରୁ ଦିଲ୍ଲୀଠାରେ ଖେଳାଯିବ।

● ଦଶହରାରେ ଦେବାଳୟ ଓ ପୂଜା ମଣ୍ଡପ ବୁଲିଲେ କେନ୍ଦ୍ରମନ୍ତ୍ରୀ

# ‘ଦୁର୍ଗାପୂଜା କେବଳ ପର୍ବ ନୁହେଁ, ସାଂସ୍କୃତିକ ଐତିହ୍ୟ’

● ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ଦର୍ଶନ କଲେ

● ବିଭିନ୍ନ ସ୍ଥାନରେ ରାବଣ ପୋଡ଼ି କାର୍ଯ୍ୟକ୍ରମରେ ଯୋଗଦେଲେ

● ସ୍ୱଦେଶୀ ସାମଗ୍ରୀ କିଣି ସ୍ଥାନୀୟ ଅର୍ଥନୀତିକୁ ମଜବୁତ୍ କରିବା ସଂକଳ୍ପ ହେଉ



**ସମ୍ବଲପୁର, ୪।୧୦(ସଂଚାର ବ୍ୟୁରୋ):** ଦଶହରାର ପବିତ୍ର ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ବିଭିନ୍ନ ଦେବାଳୟ, ଶକ୍ତିପୀଠ ଦର୍ଶନ କରିବା ସହ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି। ଏହା ସହିତ ସେ ଦଶହରା ଅବସରରେ ଆୟୋଜିତ ରାବଣପୋଡ଼ି କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୋଇଛନ୍ତି। ଶ୍ରୀ ପ୍ରଧାନ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ଏହା ବ୍ୟତୀତ ସେ ଟାଙ୍ଗରଗଡ଼ ସ୍ଥିତ ମା’ ଦକ୍ଷିଣକାଳୀ ଶକ୍ତିପୀଠ, ଗୋପାଳପାଲି ବନଦୁର୍ଗା ମନ୍ଦିର ଏବଂ ବଗବିରା ସ୍ଥିତ ଘଣ୍ଟେଶ୍ୱରୀ ମନ୍ଦିରରେ ମଧ୍ୟ ମାଆଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ କରି ଦର୍ଶନ କରିବା ସହ ଆଳତି କରିଥିଲେ। ଦଳେଇପଡ଼ା, ରିମେଡ୍ ଏବଂ ଅଇଁଠାପାଲିରେ ଆୟୋଜିତ ପୃଥକ ରାବଣ ପୋଡ଼ି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଏହି ଅବସରରେ ସେ କହିଛନ୍ତି ମା’ ଦୁର୍ଗା ହେଉଛନ୍ତି ଶକ୍ତିର ପ୍ରତୀକ ଏବଂ ଦୁର୍ଗା ପୂଜା କେବଳ ଏକ ପର୍ବ ନୁହେଁ ବରଂ ଆମର ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଆସୁରିକ ଶକ୍ତି ଉପରେ ଦିବ୍ୟଶକ୍ତି ; ଅଧର୍ମ ଉପରେ ଧର୍ମର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ। ଦୁର୍ଗାପୂଜାରେ ନାଗରିକଙ୍କ ସହଯୋଗ ଓ ପୂଜା କମିଟିର ପ୍ରୟାସରେ ନିର୍ମିତ ଆକର୍ଷଣୀୟ ତୋରଣ ବହୁତ ସୁନ୍ଦର ହୋଇଛି। ବିଜୟାଦଶମୀରେ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ “ଭୋକାଲ ଫର୍ ଲୋକାଲ” ଆହ୍ୱାନକୁ ସଂକଳ୍ପ ରୂପେ ଗ୍ରହଣ କରିବାକୁ ଆହ୍ୱାନ କରିବା ସହ ସ୍ୱଦେଶୀ ସାମଗ୍ରୀ କିଣିବା ଓ ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ପ୍ରଭୁ ଶ୍ରୀରାମ, ମା’ ଦୁର୍ଗା ଓ ମା’ ସମଲେଇଙ୍କ ପାଖରେ ଶ୍ରୀ ପ୍ରଧାନ ବିଶ୍ୱବାସୀଙ୍କ ମଙ୍ଗଳ କାମନା କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସରକାରଙ୍କୁ ବଦନାମ...

ମାର୍ଚ୍ଚ ମାସରେ ଡିଲ ବାତିଲ କରି ଭୁବନେଶ୍ୱରସ୍ଥିତ ସିଲକନ ଟେକ ଲାବକୁ ଦାୟିତ୍ୱ ଦେଇଥିଲା। ସିଲିକନ ଟେକ ଲାବ ଏହି କାମକୁ ସବଲେଟରେ ପଞ୍ଚସଫ୍ଟକୁ କାମ ଦେଇଥିଲା। ସର୍ତ୍ତ ଅନୁଯାୟୀ ପଞ୍ଚସଫ୍ଟ ପରୀକ୍ଷା ପରିଚାଳନା କରିଥାନ୍ତା ଏବଂ ଓପିଆରବି ଫିଜିକାଲ ଟେଷ୍ଟ କରିଥାନ୍ତା।

ପଞ୍ଚସଫ୍ଟକୁ ଦାୟିତ୍ୱ ମିଳିବା ପରେ ସଂସ୍ଥାର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ଘୋଟାଲା ପାଇଁ ଯୋଜନା କରିଥିଲେ । ଖଣ୍ଡଗିରି ଅଞ୍ଚଳର ମୁନା ମହାନ୍ତିଙ୍କୁ ରାକେଟ୍ରେ ସାମିଲ୍ କରି ଆଶାୟୀଙ୍କୁ ଚାକିରି ଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିଲେ। ମୁନା ବିଭିନ୍ନ ମାଧମରେ ଆଶାୟୀଙ୍କ ସହ ଯୋଗାଯୋଗ କରି ଆଗୁଆ ଅରିଜିନାଲ୍ ସାର୍ଟିଫିକେଟ ହାତାଉଥିଲା। ଏହାକୁ ସେ ଶଙ୍କର ସହ ଯୋଗାଯୋଗ କରି ହାଇଦ୍ରାବାଦର ଏକ ସଂସ୍ଥା ପାଖକୁ ପଠାଉଥିଲା । ଯାହାର ପ୍ରମାଣ ପୁଲିସ ହାତରେ ଲାଗିଛି। ଏହାଛଡ଼ା ଗିରଫ ୧୧୭ ଜଣଙ୍କ ଭିତରୁ ୯ ଜଣଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ସବୁଠୁ ବଡ଼ କଥା ହେଲା ଏହି ୯ ଜଣଙ୍କ ମଧ୍ୟରୁ ପୂର୍ବତନ ଜେଲ୍ ଡିଆଇଜିଙ୍କ ପୁଅ ରହିଛନ୍ତି । ସଂପୃକ୍ତ ଡିଆଇଜି ୪ ମାସ ତଳେ ଚାକିରିରୁ ଅବସର ନେଇଛନ୍ତି । ଗତ କିଛି ବର୍ଷ ଧରି ରାଜ୍ୟରେ ଏଭଳି ରାକେଟ ଓ ସିଣ୍ଡିକେଟ ସରକାରୀ ଚାକିରି ବିକ୍ରି କରିଆସୁଥିଲେ। କିନ୍ତୁ ସରକାର ବଦଳିବା ପରେ ଏବେ ଏସବୁ ଜାଲିଆତି ସଂସ୍ଥା ଆଇନର ଜାଲରେ ପଡୁଛନ୍ତି। ଯେଉଁଥିପାଇଁ ଏଭଳି ସିଣ୍ଡିକେଟର ଠାବ କରିବାରେ ସରକାର ସଫଳ ହୋଇଛନ୍ତି। ଗତ ୩୦ ତାରିଖରେ ବରମୁଣ୍ଡାରୁ ବସରେ ଆଶାୟୀ ଶିକ୍ଷାର୍ଥୀଙ୍କୁ ନେଇ ହାଇଦ୍ରାବାଦ ଯାଉଥିବା ବସ ସମ୍ପର୍କରେ ମଧ ରାଜ୍ୟ ପୋଲିସ ଶ୍ରୀକାକୁଲମ ପୋଲିସକୁ ସୂଚନା ଦେଇଥିଲା। ଶ୍ରୀକାକୁଲମ ପୋଲିସ ସହାୟତାରେ ୧୧୪ଜଣ ଆଶାୟୀଙ୍କ ସହ ୩ଜଣ ଦଲାଲ ବନ୍ଧା ହୋଇଥିଲା।

ଏହି ଘଟଣାକୁ ନେଇ ଜେଲ ଡିଜି ତଥା ଓପିଆରବି ଅଧ୍ୟକ୍ଷ ତନାଘନା କରିଛନ୍ତି। ଏସପି ବଳଭଦ୍ର ଦୀପଙ୍କୁ ଡକାଇ ପଚରାଉଚରା କରୁଛନ୍ତି ଅଧ୍ୟକ୍ଷ। ଓପିଆରବି ଅଧିକାରୀଙ୍କ ସହ ଘଟଣାର ତର୍ଜମା ଚାଲିଛି। ଅଫିସିଆଲ୍ ଡକୁମେଣ୍ଟ, ପେନ୍ ଡ୍ରାଇଭ୍ ଓ ଲାପଟପକୁ ଯାଞ୍ଚ କରାଯାଉଛି। ଏସଆଇ ପରୀକ୍ଷା ସମ୍ପର୍କିତ ସବୁ ତଥ୍ୟ ମଧ କ୍ରାଇମବ୍ରାଞ୍ଚକୁ ଦିଆଯାଇଛି। ଆଜି ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ମଧ ଏହି ଜାଲିଆତି ନେଇ ସମୀକ୍ଷା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଏହି ଘଟଣାରେ ସିଲିକନ୍ ସିଇଓ ସୁରେଶ ନାୟକଙ୍କୁ ଜେରା କରିଛି। ଏଥିସହ ପଞ୍ଚସଫ୍ଟର କିଛି କର୍ମଚାରୀଙ୍କୁ ମଧ ଜେରା କରାଯାଇଛି। ତେବେ ପଞ୍ଚସଫ୍ଟର ମୁଖ୍ୟ ତଥା ସିଣ୍ଡିକେଟର ମାଷ୍ଟରମାଇଣ୍ଡ ଏବେ ବି ଫେରାର। ଭୁବନେଶ୍ୱର ପଟିଆ ଓ ବ୍ରହ୍ମପୁରରେ ଥିବା ପଞ୍ଚସଫ୍ଟ ଅଫିସକୁ ସିଲ କରିଛି କ୍ରାଇମବ୍ରାଞ୍ଚ।

## ନଡ୍ଡାଙ୍କୁ...

ଦୃଷ୍ଟିଭଙ୍ଗୀ ଓ ପରାମର୍ଶ ଆମକୁ ଆଗାମୀ ଦିନରେ ଅଧିକ ସକ୍ରିୟ ଭାବରେ କାର୍ଯ୍ୟ କରିବା ପାଇଁ ପ୍ରେରିତ କରିବ ବୋଲି ମୋହନ ଚରଣ ମାଝି ନିଜ ‘X’ ପେଜ୍ରେ ଲେଖିଛନ୍ତି। ସେହିପରି ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ଆଦିଲ୍ଲୀରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲେ ମୋହନ। ଏହି ଅବସରରେ ରାଜ୍ୟରେ ଆମ ସରକାରଙ୍କ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣ ଯୋଜନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଛନ୍ତି। ଉପରାଷ୍ଟ୍ରପତିଙ୍କୁ ‘ଓଡ଼ିଶା ଭିଜନ୍ ୨୦୩୬। ୨୦୪୭’ ପ୍ରଦାନ କରି ରାଜ୍ୟର ଦୀର୍ଘମିଆଦୀ ଲକ୍ଷ୍ୟ ସମ୍ପର୍କରେ ଅବଗତ କଲେ ମୁଖ୍ୟମନ୍ତ୍ରୀ । ତାଙ୍କର ପ୍ରେରଣା ଓ ମାର୍ଗଦର୍ଶନ ପାଇଁ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଦୁର୍ଗାମେଢ଼ଙ୍କୁ...

ପ୍ରତ୍ୟେକ ମେଢ଼କୁ ୫୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ)। ରାଜ୍ୟର ସମୁଦାୟ ୧ ହଜାର ୮୫ଟି ଦଶହରା ଦୁର୍ଗାମେଢ଼ଙ୍କୁ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

## ଯୋଡ଼ିହେବେ...

ପତ୍ର ବିତରଣ କରିଥିଲେ। ସେ କହିଛନ୍ତି ଯେ, ବର୍ତ୍ତମାନ ଆଇଆଇଏମର ପରିସର ବୃଦ୍ଧି ପାଉଛି। ନିକଟରେ ନୂଆ ଯୁଗର ଆବଶ୍ୟକତାକୁ ଦେଖି ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଦୁଇଟି ନୂତନ ସ୍ନାତକ ପାଠ୍ୟକ୍ରମ ଯଥା ବ୍ୟାଚଲର ଅଫ୍ ସାଇନ୍ସ ଇନ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ପବ୍ଲିକ ପଲିସି ଆଣ୍ଡ୍ ବ୍ୟାଚଲର ଅଫ୍ ସାଇନ୍ସ ଇନ୍ ଡାଟା ସାଇନ୍ସ ଆଣ୍ଡ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆରମ୍ଭ କରାଯାଇଛି। ଅପରପକ୍ଷରେ ଆଇଆଇଏମ ଦ୍ୱାରା ସ୍ଥାନୀୟ ବୁଣାକାରମାନଙ୍କୁ ସିଧାସଳଖ ବ୍ୟବସାୟ ସହ ଯୋଡ଼ିବା ଏବଂ ସେମାନଙ୍କ ଦକ୍ଷତା ବଢ଼ାଇବା ପାଇଁ ଏକ ତିନି ବର୍ଷିଆ ଯେଉଁ ବିଶେଷ କାର୍ଯ୍ୟକ୍ରମ ହୋଇଥିଲା, ତାହାର ଆଜି ସମାପନ ହୋଇଛି। ଆଜି ପ୍ରତିଷ୍ଠା ଦିବସରେ ଏହି କାର୍ଯ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ୫୦ରୁ ଅଧିକ ବୁଣାକାରଙ୍କୁ ଆଇଆଇଏମ ତରଫରୁ ଦକ୍ଷତା ପ୍ରମାଣପତ୍ର ପ୍ରଦାନ କରାଯାଇଛି।

ତେବେ କେବଳ ବୁଣାକାର ନୁହେଁ, ନ୍ୟୁ ଏଜ୍ ଇକୋନୋମୀ ସମୟରେ କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) କ୍ଷେତ୍ରର ବ୍ୟବସାୟୀଙ୍କ ଦକ୍ଷତା ବଢ଼ାଇବା ପାଇଁ ପ୍ରଶିକ୍ଷଣ ଦେବା ଦିଗରେ ଯୋଜନା କରିବା ପାଇଁ ଆଇଆଇଏମକୁ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପ୍ରଧାନ। ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ଚାଷୀ ଏବଂ ସବୁ ବର୍ଗର ବ୍ୟବସାୟୀଙ୍କୁ ଆଇଆଇଏମ ସହ ଯୋଡ଼ି ଏକ ନୂଆ ‘ଭାଲ୍ୟୁ ଚେନ୍’ ସୃଷ୍ଟି କରାଯିବାର କଳ୍ପନା ରହିଛି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଆଇଆଇଏମ୍ ସମ୍ବଲପୁର ଭଳି ଅନୁଷ୍ଠାନଗୁଡ଼ିକ ଚାକିରି ଅନୁସନ୍ଧାନରେ ନରହି ଚାକିରି ଦେବା ପାଇଁ ନୂଆ ଉଦ୍ୟୋଗୀ ସୃଷ୍ଟି କରିବା ଉଚିତ୍। ସେ କହିଥିଲେ, ଆମର ଶିକ୍ଷାନୁଷ୍ଠାନଗୁଡ଼ିକ ଏକଚାଟିଆ ନିୟମ ଅନୁସରଣ କରିବା ଉଚିତ୍ ନୁହେଁ ବରଂ ଉତ୍କର୍ଷତାର ନୂତନ ମାନଦଣ୍ଡ ସ୍ଥାପନ କରିବା ଉଚିତ। ଆମର ଜ୍ଞାନ ବ୍ୟବସ୍ଥାକୁ ସମୃଦ୍ଧ କରିବା ସହିତ ଛାତ୍ରଛାତ୍ରୀଙ୍କୁ ବ୍ୟାବହାରିକ ଶିକ୍ଷା ସହ ଦକ୍ଷତା ପ୍ରଦାନ କରିବା ଉଚିତ୍। ଏହା ଦ୍ୱାରା ସେମାନେ ଭାରତୀୟ ଏବଂ ବିଶ୍ୱ ବଜାରରେ ସୃଷ୍ଟି ହେଉଥିବା ଜଟିଳ ସମସ୍ୟାର ସମାଧାନ କରିପାରିବେ।

ଆଇଆଇଏମ୍ ଛାତ୍ରଛାତ୍ରୀମାନଙ୍କୁ ବୀର ସୁରେନ୍ଦ୍ର ସାଏଙ୍କ ପ୍ରେରଣାଦାୟୀ ବିଚାରକୁ ନେଇ ଗର୍ବ କରିବାକୁ କହିଥିଲେ। ଶ୍ରୀ ପ୍ରଧାନ କହିଥିଲେ ଯେ, ସମ୍ବଲପୁରର ଅନନ୍ୟ ଆର୍ଥିକ ଓ ସାଂସ୍କୃତିକ ପୃଷ୍ଠଭୂମି ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀଙ୍କ ପାଇଁ ବାସ୍ତବ ଦୁନିଆର ଜ୍ଞାନ ଆହରଣ କରିବା ପାଇଁ ଅପାର ସୁଯୋଗ ସୃଷ୍ଟି କରୁଛି। ଛାତ୍ରଛାତ୍ରୀମାନେ ସମ୍ବଲପୁରର ଏହି ଅନନ୍ୟ ପରିଚୟକୁ ବୁଝିବା ଆବଶ୍ୟକ। ଏହାର ଶକ୍ତିଗୁଡ଼ିକୁ ଆଲୋକିତ କରି ସାମଗ୍ରିକ ବିକାଶ ପାଇଁ ପଦକ୍ଷେପ ପାଇଁ ପ୍ରୟାସ କରିବା ଉଚିତ୍। ଏହାବ୍ୟତୀତ ଏହି ସହରକୁ ‘ସୁସ୍ଥ ବିକାଶ ଏବଂ ସମନ୍ୱିତ ଅଭିବୃଦ୍ଧିର ଏକ କେସ୍ ଷ୍ଟଡି’ ଭାବରେ ଉପସ୍ଥାପନ କରିବାର ଦାୟିତ୍ୱ ନେବା ଉଚିତ୍।

ଆଇଆଇଏମ୍ ସମ୍ବଲପୁର ସନ୍ଥ କବି ଭୀମ ଭୋଇଙ୍କ ଦର୍ଶନ ଉପରେ ଶିକ୍ଷା ଦେବା ନେଇ ଖୁସିପ୍ରକାଶ କରିଥିଲେ ଶିକ୍ଷା ମନ୍ତ୍ରୀ। ସେ କହିଥିଲେ “ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ”; ଏହା ହେଉଛି ମହିମା ଧର୍ମର ମହାନ ପ୍ରଚାରକ ସନ୍ଥ କବି ଭୀମ ଭୋଇଙ୍କ କାଳଜୟୀ ବିଚାର, ଯାହା ଆଜି ସାରା ବିଶ୍ୱକୁ ଦିଗଦର୍ଶନ ଦେଉଛି। ଯୁବପିଢ଼ିମାନେ ମଧ ଏଥିରୁ ପ୍ରେରଣା ନେବା ଉଚିତ୍ । ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀମାନଙ୍କ ନୂଆ ଅଧ୍ୟାୟ ତିଆରି କରିବାକୁ ହେବ। ଭାରତ ସମ୍ମୁଖୀନ ହେଉଥିବା ତଥା ଉଭା ହେଉଥିବା ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରି ବିକଶିତ ଭାରତ ଗଠନରେ ଯୋଗଦାନ ଦେବା ପାଇଁ ସେ ଆହ୍ୱାନ କରିଥିଲେ। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ, ରଙ୍ଗବତୀ ଗୀତର ମାଧୁର୍ଯ୍ୟ, ହୀରାକୁଦ ଡ୍ୟାମ, ଦେବ୍ରିଗଡ଼ ଅଭୟାରଣ୍ୟ ସହ ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥାନ ଏବଂ ସରସତିଆ ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ।

ଶ୍ରୀ ପ୍ରଧାନ ଶିକ୍ଷାନୁଷ୍ଠାନ ପରିସରରେ ‘ରଙ୍ଗବତୀ ମଞ୍ଚ’, କାବେରୀ ଛାତ୍ରାବାସ ଓ କାଫେ ହବ୍ କମ୍ପ୍ଲେକ୍ସ ଉଦଘାଟନ କରିଥିଲେ। ସେ କହିଥିଲେ ଓଡ଼ିଶାର ଗୌରବ ‘ରଙ୍ଗବତୀ’ ଗୀତର ନାମରେ ନାମିତ ଏହି ମଞ୍ଚ ଆମ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର କଳା, ସଂସ୍କୃତି ଓ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ସୁନ୍ଦର ପ୍ଲାଟଫର୍ମ ଦେବ। ଏହା ସମ୍ବଲପୁରର କଳା ଓ ସଂସ୍କୃତିକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ସହାୟକ ହେବ। ଉଦଘାଟିତ ଅନ୍ୟାନ୍ୟ ଭବନ ଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ।

## ମାଗଣାରେ...

ସହିତ ଆଧାର ସହଜ ଜୀବନଯାପନକୁ ସୁଗମ କରିଥାଏ। ସ୍କୁଲ ନାମଲେଖା, ପ୍ରବେଶିକା ପରୀକ୍ଷା ପାଇଁ ପଞ୍ଜିକରଣ, ଛାତ୍ରବୃତ୍ତିର ଲାଭ, ଡିବିଟି ଯୋଜନା ଇତ୍ୟାଦି ସେବା ପାଇବାରେ ଆଧାରର ସୁଗମ ବ୍ୟବହାର ସୁନିଶ୍ଚିତ କରିଥାଏ। ପିତାମାତା/ଅଭିଭାବକମାନଙ୍କୁ ପ୍ରାଥମିକତାରେ ଆଧାରରେ ସେମାନଙ୍କ ପିଲାର ବାୟୋମେଟ୍ରିକ୍ସ ସଂଶୋଧନ କରିବାକୁ ପରାମର୍ଶ ଦିଆଯାଉଛି।

## ସୁସ୍ଥ ନାରୀ...

ରକ୍ତଚାପ ସ୍କ୍ରିନିଂ, ୧୨.୨ ଲକ୍ଷ ମଧୁମେହ ସ୍କ୍ରିନିଂ, ୩.୨ ଲକ୍ଷ ମୁଖ କର୍କଟ ସ୍କ୍ରିନିଂ, ୩.୩ ଲକ୍ଷ ସ୍ତନ କର୍କଟ ସ୍କ୍ରିନିଂ, ୪୦ ହଜାର ଗର୍ଭାଶୟ କର୍କଟ ସ୍କ୍ରିନିଂ, ୬.୫ ଲକ୍ଷ କିଶୋରୀ ଝିଅଙ୍କ ମାସିକ ଧର୍ମ ସ୍ୱଚ୍ଛତା ସ୍କ୍ରିନିଂ ଉପରେ ପରାମର୍ଶ ଅନ୍ତର୍ଭୁକ୍ତ ଥିଲା। ଏହା ବ୍ୟତୀତ, ବିଭିନ୍ନ ଜିଲ୍ଲାରେ ଆୟୋଜିତ ୫୨୩ ସ୍ୱେଚ୍ଛାସେବୀ ରକ୍ତଦାନ ଶିବିର ମାଧ୍ୟମରେ ୩୨,୮୬୫ ରକ୍ତ ୟୁନିଟ୍ ସଂଗ୍ରହ କରାଯାଇଥିଲା। ଜାତୀୟ ଡାଟା ପୋର୍ଟାଲ୍ ଅନୁଯାୟୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନ ଭଳି ଉଚ୍ଚ ପ୍ରଦର୍ଶନକାରୀ ରାଜ୍ୟ ସହିତ ଓଡ଼ିଶାର ସଫଳତା ଉଚ୍ଚ ରହିଛି। ମୋଟ ଶିବିର ଏବଂ ସ୍କ୍ରିନିଂରେ ମଧ୍ୟପ୍ରଦେଶ ଆଗରେ ଥିବା ବେଳେ, ଓଡିଶାର ଶକ୍ତି ଏହାର ଲିଙ୍ଗ-ସମ୍ବେଦନଶୀଳ ପ୍ରସାର ଏବଂ କିଶୋର ସ୍ୱାସ୍ଥ୍ୟ ପଦକ୍ଷେପରେ ରହିଛି। କର୍କଟ ସ୍କ୍ରିନିଂ ଏବଂ ମାସିକ ଋତୁସ୍ରାବ ପରିଚ୍ଛନ୍ନତା ପରାମର୍ଶରେ ସଫଳତା ଓଡ଼ିଶାକୁ ଅନେକ ବଡ଼ ରାଜ୍ୟ ତୁଳନାରେ ଆଗରେ ରଖିଛି।

## ଧର୍ମେନ୍ଦ୍ର ହେବେ...

ବି ସେତିକି ଚିନ୍ତାରେ। କିଛି ବର୍ଷର ନୀରବତା ପରେ ଆରଜେଡି ମୁଖ୍ୟ ଲାଲୁ ଯାଦବ ରାଜନୀତିରେ ସକ୍ରିୟ ହେବା ଦଳ ଓ ମହାମେଣ୍ଟ ପାଇଁ ଶୁଭଙ୍କର ନୁହେଁ। ଲାଲୁ ସକ୍ରିୟ ହେବା ଅର୍ଥ, ଅସାମାଜିକ ସତ୍ତ୍ୱମାନେ ସେହି ଅନୁପାତରେ ସକ୍ରିୟ ହେବା। ଯେଉଁଥିପାଇଁ ବିହାରର ଭୋଟର ଆରଜେଡିକୁ ଦୀର୍ଘ ପ୍ରାୟ ଦଶନ୍ଧି ଧରି ପ୍ରତ୍ୟାଖ୍ୟାତ କରୁଛନ୍ତି। ଏଭଳି ଏକ ଦୃଶ୍ୟପଟରେ ଏନଡିଏ ପାଇଁ ଯଦିଓ ପିଚ ଭଲ ଅଛି, ଲମ୍ବା ଇଂନିସ ପାଇଁ ଖେଳାଳି ପ୍ରସ୍ତୁତ ହେବା ଆବଶ୍ୟକ। ତେଣୁ ବିହାରରେ ଦଳ କିଭଳି ପୁଣି ଥରେ ସରକାର ଗଠନ କରିବ ସେ ଦାୟିତ୍ୱ ନରେନ୍ଦ୍ର ମୋଦି ଓ ଅମିତ ଶାହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ନ୍ୟସ୍ତ କରିଛନ୍ତି। ଏମିତିବି ଧର୍ମେନ୍ଦ୍ର ବିହାର ରାଜନୀତି ପାଇଁ ନୂଆ ନୁହନ୍ତି। ୨୦୧୨ରୁ ୨୦୧୮ ସେ ବିହାରରୁ ରାଜ୍ୟସଭାକୁ ଯାଇଥିଲେ। ତାସହ ୨୦୨୦ରେ ସେ ବିହାର ପାଇଁ ସହାପ୍ରଭାରୀ ଥିଲେ ଓ ଏନଡିଏ ବିଜୟର ମୁଖ୍ୟ କାର୍ପେଟଦାର ସାଜିଥିଲେ। ଉତ୍ତରାଖଣ୍ଡ ହେଉ କି ଉତ୍ତରପ୍ରଦେଶ, କିମ୍ବା କର୍ଣ୍ଣାଟକ ହେଉ କି ଓଡିଶା, ସବୁଠି ସେ ଦଳକୁ ବିଜୟର ତିଳକ ପିନ୍ଧାଇଛନ୍ତି। ମେଣ୍ଟଭୁକ୍ତ ଦଳଗୁଡିକ ମଧରେ ସହମତି ଆଣିବା, ଲୋକଙ୍କ ବିଶ୍ୱାସଭାଜନ ହେବା ଏବଂ ସର୍ବୋପରି ବିହାର ଦଖଲର ବ୍ଲୁପ୍ରିଣ୍ଟ କରିବାରେ ସେ ଖୁବ ସିଦ୍ଧହସ୍ତ। ଯେଉଁଥି ପାଇଁ ସେ ମୋଦିଙ୍କ କ୍ରାଇସିସ୍ ମ୍ୟାନେଜର ଓ ବିଶ୍ୱସ୍ତ ଲେଫଟେନାଣ୍ଟ।

## ୫ ଦିନର...

ଝିଅକୁ ନେଇ ବନିତା ନିଜ ଶଶୁର ଘର ବିନାୟକପୁର ଆସି କିଛି ସମୟ ରହି ବାପଘର ଚାନ୍ଦବାଲିକୁ ପଳାଇ ଯାଇଥିଲେ। ସାଙ୍ଗରେ ନବଜାତ ଶିଶୁକୁ ଆଣି ନଥିବାରୁ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଶିଶୁ ବିକ୍ରି ସନ୍ଦେହରେ ଗ୍ରାମବାସୀ ବାସୁଦେବପୁର ଥାନା ସମେତ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଶିଶୁ ସୁରକ୍ଷା ବିଭାଗ ପହଞ୍ଚି ତଦନ୍ତ କରିଥିଲେ। ପଚରାଉଚରା ବେଳେ ତିହିଡି ପୀରହାଟ ଅଞ୍ଚଳରେ ଥିବା ସମ୍ପର୍କୀୟଙ୍କୁ ଶିଶୁକୁ ଦାନ କରିଥିବା ଶିଶୁ କନ୍ୟାର ଜେଜେ କହିଛନ୍ତି। ସେପଟେ ତୁରନ୍ତ ନବଜାତକୁ ଆଣି ବାପା-ମା’ କିମ୍ବା ଶିଶୁ ବିଭାଗକୁ ହସ୍ତାନ୍ତର କରିବୁ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ କହିଛି।

# ସମୁଦ୍ର କୂଳରେ ଜେଲିଫିସ ମଡ଼କ ଚିନ୍ତା

■ ଦେହରେ ବାଜିଲେ କୁଣ୍ଡେଇ ହେଉଛି, ଘା ଭଳି ଫଳିଯାଉଛି

■ ସମୁଦ୍ର ସ୍ନାନକୁ ଡରିଲେଣି ପର୍ଯ୍ୟଟକ



**ଅସ୍ତରଙ୍ଗ,୪।୧୦(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ସମୁଦ୍ର କୂଳରେ କେଲୁଣୀ ମୁହାଣ ନିକଟରେ ଶତାଧିକ ବ୍ଲୁ ଜେଲି ଫିସି।ଆଜକୁ ପ୍ରାୟ ଦୁଇ ଦିନ ହେଲାଣି ଏଭଳି ସ୍ଥିତି କେଲୁଣୀ ମୁହାଣ ନିକଟରେ ଦେଖିବାକୁ ମିଳୁଛି। ସମୁଦ୍ର ସ୍ନାନ କରୁଥିବା ପର୍ଯ୍ୟଟକ ଦେହ ରେ ଏ ମୃତ ଜେଲି ଫିସି ଲାଳ ବାଜିଗଲେ କୁଣ୍ଡେଇ ହୋଇ ଯାଦୁ ଭଳି ଫଳି ଯାଉଛି। ଜେଲି ଫିସି ଭୟରେ ପର୍ଯ୍ୟଟକ ସମୁଦ୍ରରେ ଗାଧୋଇବାକୁ ଡରିଲେଣି। ଉଭୟ ପର୍ଯ୍ୟଟକ ଓ ପ୍ରକୃତି ପ୍ରେମି ସମସ୍ତ ଙ୍କ ମୁହଁରେ ସମାନ ପ୍ରଶ୍ନ।ଅସ୍ତରଙ୍ଗ ସମୁଦ୍ର କୂଳକୁ କୁଆଡେ ଆସିଲେ ଏତେ ସଂଖ୍ୟକ ମୃତ ଜେଲିଫିସି ?ଏମାନେ କେଉଁ ପ୍ରଜାତିର, କେତେ ବିଷାକ୍ତ ? ସ୍ଥାନିୟ ସମାଜ ସେବୀ କହିବା ଅନୁସାରେ ନିକଟରେ ବଙ୍ଗୋପସାଗର ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବ। ଏ ପ୍ରକାର ଜେଲିଫିସି ସାଧାରଣ ଗଭୀର ସମୁଦ୍ର ରେ ଦଳ ଦଳ ହୋଇ ବାସ କରନ୍ତି ଓ ଅତି ମନ୍ଥର ବେଗରେ ଗତି କରନ୍ତି।ଯେହେତୁ ସମୁଦ୍ର ରେ ବଡ଼ ବାତ୍ୟା ହୋଇଥିଲା ତେଣୁ ଶକ୍ତିଶାଳୀ ଜୁଆରମାଡ଼ରେ ଘାଇଲା ହୋଇ ମୃତ ଅବସ୍ଥାରେ କୂଳକୁ ଭାସି ଆସିଛନ୍ତି।କେଲୁଣୀ ମୁହାଣ ନିକଟରେ ବ୍ଲୁ ଜେଲିଫିସି ପଡ଼ିଥିବା ବେଳେ ଏମାନଙ୍କ ସଂସ୍ପର୍ଶ ରେ ଆସିଲେ ଦେହରେ ଫଳି ଯାଉଛି। ପରିବେଶବିତି ଉଦ୍‌ବେଗ ଜେଲିଫିସି କାରଣ ଉଦ୍‌ବେଗ ହେଉନି। ପୂର୍ବରୁ ଏୟାସ, ହୁଡୁହୁଡୁ, ତିତିଲି ବାତ୍ୟା ସମୟରେ ବି ବିଭିନ୍ନ ସମୁଦ୍ର କୂଳରେ ମୃତ ଜେଲିଫିସି ଦେଖିବାକୁ ମିଳିଥିଲା। ହେଲେ ଏଥର ପରିମାଣ ସଂଖ୍ୟା ଦେଖି ଛନକା ବଢ଼ିଛି। ଏ ନେଇ ଯୁବ ପରିବେଶବିତି ବିଚିତ୍ରାନନ୍ଦ ବିଶ୍ୱାଳ କହିଛନ୍ତି ସାମୁଦ୍ରିକ ଜଳବାୟୁ ପରିବର୍ତ୍ତନ ପ୍ରଭାବ, ନଚେତ ବାତ୍ୟାର ପ୍ରଭାବ ଦେଖିବାକୁ ମିଳିଛି। ଜେଲିଫିସି ହେଉଛି ସମୁଦ୍ରରେ ସୁରକ୍ଷା କବଚ, ଯେଉଁଭଳି ଭାବରେ ମୃତ୍ୟୁ ବରଣ କରି ଲାଗୁଛନ୍ତି ସାମୁଦ୍ରିକ ଜଳବାୟୁ ରେ କିଛିନା କିଛି ପ୍ରଭାବ ପଡ଼ିଛି।ତାହା ସହ ଗବେଷଣା ସଂସ୍ଥା ମୃତ୍ୟୁ ଜେଲିଫିସି କୁ ନେଇ ଲ୍ୟାବ ଟେଷ୍ଟ କରିବାକୁ ସତ୍ୟାସତ୍ୟ ଜାଣିବା ନିହାତି ଦରକାର।

## ସରପଞ୍ଚଙ୍କୁ ହଟାଇବାର ଚକ୍ରାନ୍ତ ଅନାସ୍ଥା ଖେଳରେ ୱାର୍ଡ ସଭ୍ୟଙ୍କୁ ଅପହରଣ

● ପଞ୍ଚାୟତ ରାଜନୀତିର ଅସ୍ଥିରତା

**ଯାଜପୁର,୪।୧୦(ସଂଚାର ବ୍ୟୁରୋ):** ପଞ୍ଚାୟତ ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ଥିଲା – ଗ୍ରାମୀଣ ଅଞ୍ଚଳରେ ସ୍ୱଶାସନ, ପାରଦର୍ଶିତା ଓ ଉନ୍ନତିର ନୂତନ ଅଧ୍ୟାୟ। କିନ୍ତୁ ୩ ଦଶକ ବିତିଗଲା ପରେ ମଧ୍ୟ, ପଞ୍ଚାୟତର ମୂଳ ସ୍ୱପ୍ନ ଧୂଳିସାତ୍ ହେବାର ଚିତ୍ର ସାମ୍ନାକୁ ଆସୁଛି। ଯାଜପୁର ଜିଲ୍ଲାରେ ସରପଞ୍ଚଙ୍କ ବିରୋଧରେ ଲଗାତାର ଅନାସ୍ଥା ପ୍ରସ୍ତାବ, ୱାର୍ଡ ସଭ୍ୟଙ୍କୁ ଅପହରଣ କରାଯିବା, ନେତାମାନଙ୍କ 'ଘୋଡ଼ା ବେପାର'ର ଚର୍ଚ୍ଚା – ସବୁକିଛି ଗ୍ରାମୀଣ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ଲୋକତନ୍ତ୍ରରେ ଅବିଶ୍ୱାସ ସୃଷ୍ଟି କରୁଛି। ରଣପୁର ଏବଂ ବିରୁହାଁ ପଞ୍ଚାୟତର ଘଟଣାଗୁଡ଼ିକ କେବଳ ସ୍ଥାନୀୟ ରାଜନୀତିର ସୀମାରେ ସୀମିତ ନୁହେଁ, ଏହା ପଞ୍ଚାୟତ ପ୍ରଣାଳୀର ବୃହତ୍ତର ସଂକଟର ସଙ୍କେତ। ପଞ୍ଚାୟତୀ ରାଜବ୍ୟବସ୍ଥାରେ ଜନସେବା, ପାନୀୟ ଜଳ, ସ୍ଥାନୀୟ ସମସ୍ୟା ସମାଧାନ ପ୍ରାଥମିକତାରେ ରହିବାକୁ ଥିଲା। କିନ୍ତୁ ବାସ୍ତବ ଚିତ୍ର – ଅଧିକାରୀ-ନେତାଙ୍କର ଅନାସ୍ଥା, ଅଭିଯୋଗ-ପ୍ରତିଅଭିଯୋଗ ଓ ଶକ୍ତି ସଂଗ୍ରାମରେ – ଗ୍ରାମୀଣ ବିକାଶ ପଛକୁ ଚାଲିଯାଉଛି। ପଞ୍ଚାୟତ ବ୍ୟବସ୍ଥାର ୩୦ ବର୍ଷର ଯାତ୍ରା ପରେ ମୂଳ ପ୍ରଶ୍ନ ରହିଗଲା – ଏହି ପ୍ରଣାଳୀ ଗ୍ରାମାଞ୍ଚଳକୁ ସଶକ୍ତ କରିବାରେ କେତେ ସଫଳ? ଲୋକଙ୍କ ଭୋଟରେ ନିର୍ବାଚିତ ସରପଞ୍ଚ- ସଭ୍ୟମାନେ ନିଜକୁ ସେବକ ଭଳି ପ୍ରମାଣ କରିପାରିଲେ କି? ସମୟ ଆସିଗଲା – ପଞ୍ଚାୟତୀ ବ୍ୟବସ୍ଥାକୁ କେବଳ ରାଜନୀତିର ଖେଳରୁ ବାହାର କରି, ପୁନର୍ଥାପନା କରିବାର। ନାହିଁହେଲେ, ଗ୍ରାମାଞ୍ଚଳରେ ସ୍ୱଶାସନର ସ୍ୱପ୍ନ ସବୁଦିନ ପାଇଁ ଅପୂର୍ଣ୍ଣ ରହିଯିବ।

## ବନ୍ୟ ପ୍ରାଣୀ ସପ୍ତାହ ପାଳିତ

**ବ୍ରହ୍ମପୁର,୪।୧୦(ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ରାମଗୁଡା ଠାରେ ୭୧ ତମ ଜାତୀୟ ବନ୍ୟ ପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଅତିଥି ଭାବେ ବନରକ୍ଷୀ ସୁଭାଷିନୀ ପ୍ରଧାନ ଯୋଗ ଦେଇଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିନସ୍ତ ରାମଗୁଡ଼ା, ବାଣିଆମାରି ସଂରକ୍ଷିତ ଜଙ୍ଗଲରେ ହାତୀଙ୍କ ବାସ ସ୍ଥାନ ଗଣା ଯାଉଛି ଯାହା ଆମ ଆଞ୍ଚଳର ଗୌରବ। ଜଙ୍ଗଲ ମଧରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ବଣ ଭୋଜି ପାଇଁ ବର୍ଷ ସାରା



ଲୋକଙ୍କ ଭିଡ଼ ରହୁଛି। ସେମାନେ ସାଙ୍ଗରେ ନେଇଥିବା ପ୍ଲାଷ୍ଟିକ ପଲିଥିନକୁ ସେଠାରେ ଛାଡି ଆସୁଛନ୍ତି।ଯାହା ଜଙ୍ଗଲର ସୌନ୍ଦର୍ଯ୍ୟକୁ ନଷ୍ଟ କରିବା ସହ ମୃତିକା ଜଳ ପ୍ରଦୂଷିତ କରିବା ସହ ବନ୍ୟ ପ୍ରାଣୀଙ୍କ ଜୀବନ ବିପଦରେ ପଡୁଛି। ଆଜି କାର୍ଯ୍ୟକ୍ରମରେ ବନ କର୍ମଚାରୀଙ୍କ ସହ ସ୍ୱେଚ୍ଛାସେବୀ ମାନେ ପ୍ରାୟ ତିନି କିଲୋମିଟର ପାଦରେ ଚାଲି ଚାଲି ଦୁଇ କୁଇଣ୍ଟାଲ ବଜ୍ୟ ବସ୍ତୁ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ବିଜେନ୍ଦ୍ର ମାଝୀ, କୋଷାଧକ୍ଷ ଧର୍ମରାଜ ପାତ୍ର, ନଳିନୀ କାନ୍ତ ପରିଡା, ପି. ଅରବିନ୍ଦ ଦେଶୀବେହେରା, ରାକେଶ ବିଷୋୟୀ, ପୁରୁଷୋତ୍ତମ ସ୍ୱାଇଁ, ରଞ୍ଜନ ବେହେରା, ଶ୍ରୀକାନ୍ତ ମହାନ୍ତି, ଗଜ ସାଥି ସଞ୍ଜୟ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ଶଙ୍କର ପୃଷ୍ଟି ଜଣେ କ୍ରିମିନାଲ : ରଜନୀ ପାଢ଼ୀ

### କଂଗ୍ରେସର ସାମ୍ବାଦିକ ସମ୍ମିଳନୀ




**ହିଞ୍ଜିଳିକାଟୁ,୪।୧୦ (ସଂଚାର ବ୍ୟୁରୋ):** ଶୁକ୍ରବାର ଅପରାହ୍ନରେ ହିଞ୍ଜିଳି କଂଗ୍ରେସର ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ପାଢ଼ୀ ଏକ ସାମ୍ବାଦିକ ସମ୍ମିଳନୀ କରି ଓଡ଼ିଶା ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀର ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ବ୍ରାହ୍ମଣଛାଇ ଗାଁର ଶଙ୍କର ପୃଷ୍ଟି ମୁଖ୍ୟ ଅଭିଯୁକ୍ତ ବୋଲି ଅଭିଯୋଗ ଆଣିଛନ୍ତି। ଶଙ୍କର ବିଭିନ୍ନ କେଳେଙ୍କାରୀରେ ସମ୍ପୃକ୍ତ ରହିଥିବା ବେଳେ ପୂର୍ବରୁ ଅନେକ ଅପରାଧରେ ଶଙ୍କର ପୃଷ୍ଟି ଜେଲ ଯାଇଥିବା ମଧ କହିଛନ୍ତି ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ପାଢ଼ୀ। ଗତ ବିଧାନସଭା ନିର୍ବାଚନ ପରେ ସ୍ଥାନୀୟ ବିଜେପି ନେତାଙ୍କ ସହାୟତାରେ ସେ ରାଜଧାନୀରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେପିରେ ମିଶିଛନ୍ତି। ଶଙ୍କର ଜାଲ ସାର୍ଟିଫିକେଟ ରାକେଟରେ ସେ ରାୟଗଡ଼ା ଓ ପାରଳାଖେମୁଣ୍ଡିରେ ବି ଗିରଫ ହୋଇଥିବା ପାଢ଼ୀ କହିଛନ୍ତି। କ୍ରାଇମବ୍ରାଞ୍ଚ ଓ ପୁଲିସ ନିରପେକ୍ଷ ତଦନ୍ତ କଲେ ଉକ୍ତ ବିଜେପି ନେତାଙ୍କ ସଂପୃକ୍ତି ଓ ଅନ୍ୟ କେଳେଙ୍କାରୀ ପଦାକୁ ଆସିବ ବୋଲି କଂଗ୍ରେସ ନେତା ପାଢ଼ୀ କହିଛନ୍ତି।

## ଗାନ୍ଧି ମୂର୍ତ୍ତି ଅବହେଳିତ

## ବିକୃତ ମୁହଁ ଓ ଦୁର୍ବଳ ପ୍ରତିମୂର୍ତ୍ତି ଗାନ୍ଧିଙ୍କ ଅପମାନ ସଦୃଶ

**ଯାଜପୁର,୪।୧୦ (ସଂଚାର ବ୍ୟୁରୋ):** ଯାଜପୁର ସହରରେ ଗାନ୍ଧିଛକଠାରେ ସ୍ଥାପିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି। ପ୍ରତିମୂର୍ତ୍ତିଟି ଭାଙ୍ଗି, ମୁହଁଟା ବିକୃତ ଅବସ୍ଥାରେ ଓ ଦୁର୍ବଳ ଗାନ୍ଧି ପ୍ରତିମୂର୍ତ୍ତିର ପଛ ପଟରେ ଥିବା ଖମ୍ବ ଗାନ୍ଧିଙ୍କୁ ଅସହାୟ ଦେଖାଉଛି। କିନ୍ତୁ ଏହା ପ୍ରତି ଜିଲ୍ଲା ପ୍ରଶାସନର ନଜର ନାହିଁ। ଗାନ୍ଧି ଜୟନ୍ତୀ ପାଳନରେ ଆଡମ୍ବର, ଫୁଲମାଳ ଓ ଫଟୋଗ୍ରାଫିରେ ସୀମିତ ରହିଗଲେ ସ୍ଥାନୀୟ ରାଜନେତା ଓ ପ୍ରଶାସନିକ ଅଧିକାରୀ। ଯାଜପୁରର ଗାନ୍ଧିଛକରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ଦୀର୍ଘଦିନ ଧରି ଭାଙ୍ଗି, ବିକୃତ ଅବସ୍ଥାରେ ପଡ଼ିରହିଥିବା ସତ୍ତ୍ୱେ କେହି ତାହାକୁ ପୁନରୁଦ୍ଧାର କରିବାରେ ଆଗଭର ହୋଇନାହାନ୍ତି। ଅବହେଳିତ ଗାନ୍ଧୀ ପ୍ରତିମୂର୍ତ୍ତିରେ ଫାଟ ଗାନ୍ଧୀଙ୍କ ମୁହଁ ବିକୃତ କରିବା ସହ ଦୁର୍ବଳ ଗାନ୍ଧୀ ପ୍ରତିମୂର୍ତ୍ତିର ପଛ ପଟରେ ଏକ ଖମ୍ବରଖି



ଗାନ୍ଧିଙ୍କୁ ଅସହାୟ ଦେଖାଉଛନ୍ତି। ଜିଲ୍ଲା ପ୍ରଶାସନ କି ରାଜନେତା କାହାର ନଜର ପଡ଼ି ନଥିଲା। ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ତରଫରୁ ଗାନ୍ଧିଙ୍କ ମୂର୍ତ୍ତି କୁ ଅବହେଳା ଘଟଣା ପ୍ରଶାସନର ନୈତିକ ଦାୟିତ୍ୱକୁ ପ୍ରଶ୍ନଚିହ୍ନରେ ରଖିଛି।ଜାତିପିତାଙ୍କ ପ୍ରତିମୂର୍ତ୍ତିର ଏହି ଦୃଶ୍ୟ କେବଳ ପଥଚାରୀମାନଙ୍କ ଚକ୍ଷୁକୁ ନୁହେଁ, ସମଗ୍ର ସମାଜର ଆତ୍ମାକୁ ବି ଆଘାତ କରୁଛି। ଭାଙ୍ଗିଥିବା ପ୍ରତିମୂର୍ତ୍ତିର ପଛରେ ଅନାବଶ୍ୟକ ଖମ୍ବ ଠିଆ ହୋଇ ଗାନ୍ଧୀଜୀଙ୍କୁ ଅସହାୟ ଦେଖାଉଛି ଏହା ଆମର ନୀତି ଓ ଦାୟିତ୍ୱବୋଧର ବିରୋଧ। ଗାନ୍ଧିଙ୍କୁ ଅବହେଳା, ଅର୍ଥାତ୍ ଜାତିର ଆତ୍ମାକୁ ଅବହେଳା ଏହାକୁ ସମାଜ କେବେ କ୍ଷମା ଦେବନି।ଗାନ୍ଧୀଙ୍କୁ କେବଳ ଗୋଟିଏ ଦିନର ପାଳନରେ ସୀମିତ କରିଦେବା, ତାଙ୍କର ଆଦର୍ଶ ଓ ସନ୍ଦେଶକୁ ହାନି କରିବା ସମାନ। ସମାଜ ଯଦି ଏହିପରି ଅବହେଳାକୁ ସହିଥାଏ, ତେବେ ପ୍ରଶ୍ନ ଉଠିବ ଆମେ ଆଜି ବି ସତ୍ୟ, ଅହିଂସା ଓ ସରଳତାର ପଥକୁ ସ୍ମରଣ କରୁଛୁ କି?ସମାଜର ବିଭିନ୍ନ ମଣ୍ଡଳୀରୁ ପ୍ରଶାସନର ଅସାବଧାନତା ଓ ନେତାମାନଙ୍କ ଅବହେଳା ପ୍ରତି ତୀକ୍ଷ୍ଣ ଆକ୍ଷେପ ଉଠିଛି।ଗାନ୍ଧୀ ପ୍ରେମୀମାନଙ୍କ କହିବା ଅନୁସାରେ, 'ଏହିପରି ବ୍ୟବହାର କେବଳ ଜାତିର ପିତାଙ୍କୁ ଅପମାନ କରିବା ନୁହେଁ, ସେଥି ସହିତ ତାଙ୍କର ଆଦର୍ଶ ଓ ସ୍ମୃତିକୁ କଳଙ୍କିତ କରିବା ସହ ସମାନ। ଜିଲ୍ଲା ପ୍ରଶାସନଙ୍କୁ ତତ୍କାଳ ପ୍ରତିମୂର୍ତ୍ତିର ପୁନରୁଦ୍ଧାର କରିବା ସହ ଜନସମାଜଙ୍କୁ ଦୁଃଖବୋଧ ପ୍ରକାଶ କରିବାକୁ ଦାବି ଉଠିଛି।

## ଆରଏସ୍ଏସ୍ ପକ୍ଷରୁ ସ୍ୱାଗତ ସଂଚାଳନ କାର୍ଯ୍ୟକ୍ରମ

**ପାରାଦ୍ୱୀପ,୪।୧୦(ସଂଚାର ବ୍ୟୁରୋ):** କୁଜଙ୍ଗ ଖଣ୍ଡ ର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ପକ୍ଷରୁ ସଙ୍ଘ ର ଶତାବ୍ଦୀ ବର୍ଷ ଉପଲକ୍ଷେ ସ୍ୱାଗତ ସଞ୍ଚଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା! ହିନ୍ଦୁ ସମାଜର ସୌର୍ଯ୍ୟ ଓ ପରାକ୍ରମ ର ଜାଗରଣ ବିଜୟା ଦଶମୀ ର ପୁର୍ଣ୍ୟ ପର୍ବ ରେ ସମ୍ପର୍ଣ୍ଣ ହୋଇଥାଏ! ଆଜି ସରସ୍ୱତୀ ଶିଶୁ ମନ୍ଦିର ରୁ ସ୍ୱୟଂ ସେବକ ସଙ୍ଘ ର କର୍ମୀ ମାନେ ଏକ ବିଶାଳ ପଦ ଯାତ୍ରା ବାହାରି ବନ ବିହାରୀ ସ୍କୁଲ ପରିସରରେ ପହଂଚି ସ୍ୱାଗତ ସଞ୍ଚଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ମୁକୁନ୍ଦ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ପ୍ରାନ୍ତ ପ୍ରଚାର ପ୍ରମୁଖ ଶ୍ରୀଯୁକ୍ତ ସୁମନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ, ଏବଂ ଏଥିରେ ଶତାଧିକ ସ୍ୱୟଂ ସେବକ ଯୋଗ ଦେଇଥିଲେ।

## ବିଜେଡିର,ବିଭିନ୍ନ ନୂତନ କମିଟି ସଦସ୍ୟ ସମ୍ବର୍ଦ୍ଧିତ

**ବ୍ରହ୍ମପୁର,୪।୧୦(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ବିଜେଡି ପକ୍ଷରୁ ସ୍ଥାନୀୟ ଗଜପତି ନଗର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଏକ ସମ୍ବର୍ଦ୍ଧନା ପର୍ବ ସହ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ନୂତନ ଭାବେ ମୋନନୀତ ହୋଇଥିବା ଗଞ୍ଜାମ ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ, ଆଇଟି ସଂଯୋଜକ, ଷ୍ଟିୟରିଂ କମିଟି, କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟ ଙ୍କୁ ସୋମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହା ସହ ଗଞ୍ଜାମ




ଜିଲ୍ଲାରେ ହେଉଥିବା ସାର କଳା ବଜାରୀର ପର୍ଦାଫାର୍ସ କରିବା ସହ ପାତ୍ରପୁର ବ୍ଲକ ବାହୁଦା ନଦୀରେ ଘଟିଥିବା ଅଭାବନୀୟ ଘଟଣାରେ ୩ ଜଣଙ୍କ ଅକାଳ ବିୟୋଗର ଉଚିତ ତଦନ୍ତ ସହ ଉଚିତ ଅନୁକମ୍ପା ରାଶି ପ୍ରଦାନ ପାଇଁ ପୂର୍ବତନ ବ୍ରହ୍ମପୁର ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳର ସଭାପତି ବିକ୍ରମ କୁମାର ପଣ୍ଡା ସାମ୍ବାଦିକ ସମ୍ମିଳନୀରେ ଦାବି କରିଥିଲେ।

## ମେଢ଼ ଦର୍ଶନ କଲେ ମାହାଙ୍ଗା ବିଧାୟକ



**ସାଲେପୁର,୪।୧୦ (ସଂଚାର ବ୍ୟୁରୋ):** ସାଲେପୁର ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଅନୁଷ୍ଠିତ ଶାରଦୀୟ ଦୁର୍ଗାପୂଜା ପାଳନ ଅବସରରେ କରାଯାଇଥିବା ମୃଣ୍ମୟ ପ୍ରତିମା ହରପାର୍ବତୀ ମେଢ଼କୁ ପରିଦର୍ଶନ କରିବାପାଇଁ ବହୁ ଲୋକ ଆସି ପ୍ରାଣୀ ଚିକିତ୍ସାଳୟର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଦୀର୍ଘ ବର୍ଷ ଧରି ସାଲେପୁର ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଏହି ହର ପାର୍ବତୀ ମେଢ଼ କରାଯାଇଆସୁଛି। ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କ ସହଯୋଗ ଓ ଅର୍ଥ ଦାନ ଫଳରେ ଏହିଭଳି କାର୍ଯ୍ୟକ୍ରମ କରାଯାଇଆସୁଛି। ସେହିପରି ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ଲୋକ ତଥା ପ୍ରାଣୀଚିକିତ୍ସା ବିଭାଗର ବହୁ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ମଧ୍ୟ ପ୍ରତିବର୍ଷ କରାଯାଇଥାଏ। ଚଳିତ ବର୍ଷ ଡାକ୍ତର ଦୀପକ କୁମାର ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶାରଦୀୟ ଦୁର୍ଗାପୂଜା ପାଳନ ଅବସରରେ ମାହାଙ୍ଗାର ବିଧାୟକ ଶାରଦା ପ୍ରଧାନ ସାଲେପୁର ଆସି ପ୍ରାଣୀଚିକିତ୍ସାଳୟର ଡାକ୍ତର, କର୍ମଚାରୀମାନଙ୍କର ଏଭଳି ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିଥିଲେ। ରାଜ୍ୟ ପ୍ରାଣୀଧନ ନିରୀକ୍ଷକ ସଂଘର ସଭାପତି ଉପେନ୍ଦ୍ର ନାଥ ରଣାଙ୍କ ସମେତ ବହୁ ପ୍ରାଣୀଚିକିତ୍ସକ ଏବଂ କର୍ମଚାରୀ ସାଗର ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମାହାଙ୍ଗା ବିଧାୟକ ଶ୍ରୀ ପ୍ରଧାନଙ୍କୁ ସ୍ୱାଗତ ଜଣାଇଥିଲେ।

## ହିଞ୍ଜିଳିରେ ମା'ଙ୍କୁ ମେଲାଣି



**ହିଞ୍ଜିଳିକାଟୁ,୪।୧୦(ସଂଚାର ବ୍ୟୁରୋ):** ସରିଲା ଦଶହରା, ମେଲାଣି ନେଲେ ମା' ଜଗତଜନନୀ। ହିଞ୍ଜିଳିକାଟୁ ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ଶୁକ୍ରବାର ଦିନ ମା' ଜଗତଜନନୀଙ୍କୁ ବିଦାୟ ଦିଆଯାଇଛି। ଆଧାତ୍ମିକ ଓ ଭକ୍ତିର ପରିବେଶରେ ମା'ଙ୍କ ମୃଣ୍ମୟୀ ପ୍ରତିମା ଓ ଘଟକୁ ଆଜି ବିସର୍ଜନ କରାଯାଇଛି। ଚଳିତ ବର୍ଷ ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ଦଶହରା ଉତ୍ସବକୁ ଲୋକେ ମନଭରି ଉପଭୋଗ କରିଥିଲେ। ଦଶହରା ଦିନ ସହରରେ ବର୍ଷା ସତ୍ତ୍ୱେ ଲୋକେ ସପରିବାରେ ସହରର ବିଭିନ୍ନ ପୂଜାମଣ୍ଡପକୁ ଯାଇ ମା'ଙ୍କ ଦର୍ଶନ କରିଥିଲେ। ବିଭିନ୍ନ ପୂଜା କମିଟି ପକ୍ଷରୁ ବିସର୍ଜନ ପାଇଁ ଭିନ୍ନ ଭିନ୍ନ ସମୟରେ ବାହାରିଥିଲା ଭସାଣି ଶୋଭାଯାତ୍ରା।

## ବିଷପିଇ ମହିଳାଙ୍କ ଆତ୍ମହତ୍ୟା

**ନବରଙ୍ଗପୁର/ଡାବୁଗାଁ,୪।୧୦(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ରାବଣାଗୁଡା ଗ୍ରାମରେ ବିଷ ପିଇ ଜଣେ ମହିଳା ଆତ୍ମହତ୍ୟା କରିଥିବା ନେଇ ଶନିବାର ଡାବୁଗାଁ ଥାନା ରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ :- ଡାବୁଗାଁ ବ୍ଲକ ଅଧୀନ ଗୋଦାମା ଗ୍ରାମର ଫୁଲମତି ଭତ୍ରା (୪୦) ଗତ ୧୮ ବର୍ଷ ତଳେ ରାବଣାଗୁଡା ଗ୍ରାମର ବନସିଂ ଭତ୍ରା ଙ୍କ ପୁଅ କୁଶ ଭତ୍ରା ଙ୍କୁ ବିବାହ କରିଥିଲେ। ତାଙ୍କର ୪ ଟି ସନ୍ତାନ ରହିଛି। ସେ ବହୁ ଦିନହେଲା ମାନସିକ ବିକୃତ ରୋଗରେ ପୀଡିତ ଥିଲେ। ୩୦.୯.୨୫ ମଙ୍ଗଳବାର ଦିନ ପ୍ରାୟ ୧୧ ଘ. ସମୟରେ ଆତ୍ମହତ୍ୟା ଉଦ୍ଦେଶ୍ୟରେ ଫୁଲମତି ଭତ୍ରା ବିଷ ପିଇ ଦେଇଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ର ଅବସ୍ଥା ଗୁରୁତ୍ତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥା ରେ ଶୁକ୍ରବାର ରାତ୍ର ପ୍ରାୟ ୩ ଘ. ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତକ ର ବଡ ଭାଇ ସନଧର ଭତ୍ରା ଆଜି ପୂର୍ବାହ୍ନ ରେ ଡାବୁଗାଁ ଥାନା ରେ ଏତଲା ଦେଇଥିଲେ। ଉକ୍ତ ଏତଲା କୁ ଭିତ୍ତି କରି ଥାନା ଏସଆଇ ବିକ୍ରମ କିଶୋର ସାହୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରେ ପହଞ୍ଚି ଶବ ଜବତ କରି ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗ କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୩୬/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

**ଖୋର୍ଦ୍ଧା,୪।୧୦(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲାସ୍ତରୀୟ ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳିତ। ଜିଲ୍ଲା ପରିଷଦ ଖୋର୍ଦ୍ଧା ଅଧକ୍ଷା ସୁଶ୍ରୀ ରୂପଶ୍ରୀ ରାଣୀ ଗୁମାନସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲା ପରିଷଦ ଉପାଧକ୍ଷ ଗୋପୀନାଥ ମହାରଣା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଏବଂ ଏହି ଉତ୍ସବର ମୁଖ୍ୟ ବକ୍ତା ଡକ୍ଟର ପ୍ରଫେସର ଡ. ନାରାୟଣ ରାଓ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ କଲେକ୍ଟୋରେଟ୍ ଖୋର୍ଦ୍ଧାର ସମ୍ମିଳନୀ କକ୍ଷରେ ଏକ ସର୍ବଧର୍ମ ପ୍ରାର୍ଥନା ଏବଂ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ହିନ୍ଦୁ ପୁରୋହିତ ସୁଶାନ୍ତ ମିଶ୍ର, ଇସଲାମିକ୍ ପୁରୋହିତ ମୌଲବୀ ମହମ୍ମଦ ଟିବୁ ଉଦ୍ଦିନ ଏବଂ ବାଇବଲ ଧର୍ମଗ୍ରନ୍ଥ ପୁରୋହିତ ମାନୁଏଲ୍ କରାଡ୍ ଗୀତା, କୁରାନ୍ ଏବଂ ବାଇବଲ ପାଠ କରିଥିଲେ। ମୁଖ୍ୟ ଅତିଥି ସୁଶ୍ରୀ ରୂପା ଶ୍ରୀ ରାଣୀ ଗୁମାନ ସିଂହ ତାଙ୍କ ଭାଷଣରେ ମହାତ୍ମା ଗାନ୍ଧୀଙ୍କ ଅହିଂସା, ସତ୍ୟ ଏବଂ ନ୍ୟାୟ ଦର୍ଶନ ବିଷୟରେ କହିଥିଲେ, ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସ୍ଥାପନ କରିଥିଲେ ଏବଂ ଜୀବନର ସଠିକ୍ ପଥରେ ମାନବତାର ସେବା କରିବା ପାଇଁ ଭକ୍ତି ଏବଂ ଚେତନାର ଶକ୍ତିକୁ ଜାଗ୍ରତ କରିଥିଲେ।

## ଭସାଣୀ ସମୟରେ ଉନ୍ମତ୍ତ ଷଣ୍ଢ ଆକ୍ରମଣରେ ୨ ଗୁରୁତର



**ସାଲେପୁର,୪।୧୦(ସଂଚାର ବ୍ୟୁରୋ):** ମା' ଦୁର୍ଗାଦେବୀଙ୍କ ଭସାଣୀ ଚାଲିଥିବାବେଳେ ଏକ ପାଗଳା ଷଣ୍ଢର ଦୌରାତ୍ମ୍ୟ ଦେଖିବାକୁ ମିଳିଥିଲା। ପାଗଳା ଷଣ୍ଢଟି ଗୋଡ଼ାଇ ଗୋଡ଼ାଇ ଲୋକଙ୍କୁ ମାରି ରକ୍ତାକ୍ତ କରିଥିବାବେଳେ ଷଣ୍ଢର ଆକ୍ରମଣରେ ୨ଜଣ ଯୁବକ ଗୁରୁତର ଆହତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବାବେଳେ ସ୍ଥାନୀୟ ଲୋକେ ବହୁ କଷ୍ଟରେ ଷଣ୍ଢକୁ କାବୁ କରି ସାଲେପୁର ପଶୁ ସମ୍ପଦ ବିଭାଗକୁ ଦେଇଥିବାବେଳେ ଷଣ୍ଢଟିର ମୃତ୍ୟୁ ଘଟିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଭସାଣୀ ଚାଲିଥିଲାବେଳେ ଶୁକ୍ରବାର ରାତି ପ୍ରାୟ ୯ଟା ବେଳକୁ ସାଲେପୁର୍ କଲେଜରୋଡ୍‌ରେ ଏକ ପାଗଳ ଷଣ୍ଢ ପଶିଆସିବା ସହ ସେଠାରେ ଉପସ୍ଥିତ ଥିବା ବହୁ ଲୋକଙ୍କୁ ଆକ୍ରମଣ କରିଥିଲା। ପାଗଳ ଷଣ୍ଢଟି ସେଠାରେ ଥିବା ସ୍ଥାନୀୟ ମାଛୁଆତି ଗ୍ରାମର ମନୋରଞ୍ଜନ ଜେନା (୩୮) ଓ ସୁମନ ମହାରଣା (୨୫)କୁ ଆକ୍ରମଣ କରି ଭୁଷି ଦେଇଥିଲା। ଯାହା ଫଳରେ ଏହି ଦୁଇଜଣଙ୍କୁ ସଂଗେ ସଂଗେ ସ୍ଥାନୀୟ ଲୋକମାନେ ସାଲେପୁର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ସେଠାରେ ଏହି ୨ଜଣ ଚିକିତ୍ସିତ ହେଉଥିବାବେଳେ ଆହୁରି କିଛି ଲୋକ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ଏହି ଘଟଣା ଘଟିବାପରେ ସଂଗେ ସଂଗେ ସ୍ଥାନୀୟ ଲୋକ ସାଲେପୁର ପଶୁସମ୍ପଦ ବିଭାଗକୁ ଖବର ଦେବାପରେ ସେମାନେ ଆସି ସ୍ଥାନୀୟ ଲୋକଙ୍କ ସହାୟତାରେ ଏହି ଷଣ୍ଢଟିକୁ ମାଡ଼ିବସି ଗୋଡ଼ବାନ୍ଧି କ୍ରେନ୍ ଯୋଗେ ସାଲେପୁର ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଷଣ୍ଢଟି ଗତକାଲିରାତ୍ରିରେ ମରିଯାଇଥିବା ଜଣାଯାଇଛି। ଏ ସମ୍ପର୍କରେ ସାଲେପୁର ପ୍ରାଣୀ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦୀପକ କୁମାର ସେନାପତିଙ୍କୁ ପଚାରିବାରୁ ସେ କହିଲେ ଯେ ଷଣ୍ଢଟିକୁ କେହି ପାଗଳା କୁକୁର କାମୁଡ଼ି ଦେଇଥିବାରୁ ଷଣ୍ଢଟି ମୁହଁରୁ ପ୍ରଚୁର ଲାଳ ବାହାରୁଥିଲା ଓ ଷଣ୍ଢଟି ପାଗଳ ହୋଇଯାଇଥିଲା। ଏହାପରେ ଷଣ୍ଢଟି ମରିଯାଇଥିଲା। ଏହାକୁ ଗାତ ଖୋଳି ପୋତାଯାଇଛି।

## ମା' ତାରା ତାରିଣୀ ପୀଠରେ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ'

### ମୋଦିଙ୍କ ସ୍ୱଦେଶୀ ପ୍ରେରଣାକୁ ଆନ୍ଦୋଳନ ଭାବେ ଗ୍ରହଣ କରିବାକୁ ଆହ୍ୱାନ।

**ବ୍ରହ୍ମପୁର,୪।୧୦(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା 'ସେବା ପକ୍ଷ' ଅବସରରେ ଗଞ୍ଜାମ ଜିଲ୍ଲାର ଅଟଳ ଯୁବ ବାହୀନି ତରଫରୁ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ତାରାତାରିଣୀଙ୍କ ପୀଠରେ ୧୫ ଟି ବିଧାନସଭାରୁ ଆସିଥିବା ୩୦୦୦ ରୁ ଉର୍ଦ୍ଧ୍ୱ ଯୁବକଙ୍କୁ ନେଇ 'ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ' ଆୟୋଜନ କରାଯାଇଥିଲା। ଅଟଳ ଯୁବ ବାହିନୀ ପକ୍ଷରୁ ମା' ତାରାତାରିଣୀଙ୍କ ପୀଠରେ ତଳ ବସଷ୍ଟାଣ୍ଡ ଠାରୁ ମା'ଙ୍କ ପୀଠ ପର୍ଯ୍ୟନ୍ତ ମାରାଥନ୍ ଦୌଡ଼, ବୃକ୍ଷ ରୋପଣ, ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ପରେ ବିଶାଳ



ଯୁବ ସମାବେଶ ଅନୁଷ୍ଠିତ ହେଇଥିଲା। ଏଥିରେ ସ୍ୱଦେଶୀ ସଂକଳ୍ପ ପତ୍ର ପଠନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ 'ଆତ୍ମନିର୍ଭର ଭାରତ' ଓ 'ଲୋକାଲ ଫର୍ ଭୋକଲ' କୁ ଆଖି ଆଗରେ ରଖି ସ୍ୱଦେଶୀ ଜିନିଷକୁ ଅଧିକରୁ ଅଧିକ ବ୍ୟବହାର କରିବା ଏବଂ ଏହା କରି ନିଜେ ସ୍ୱାବଲମ୍ବୀ ହେବା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱଦେଶୀ ପ୍ରେରଣାକୁ ଆନ୍ଦୋଳନ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏମଏସଏମଇ' ମାନେ ଭାରତର ମୂଳଶକ୍ତି ରୋଜଗାର, ବିକାଶ ଓ ନବୀନତାର ପ୍ରେରକ ତେଣୁ ଏମଏସଏମଇ' ସଶକ୍ତ କରିବାକୁ ସେ କହିଥିଲେ। ଏହା ସହ ପ୍ରତ୍ୟେକ ଘର ଓ ପ୍ରତ୍ୟେକ ଦୋକାନ ସ୍ୱଦେଶୀ ହେଲେ ଆତ୍ମନିର୍ଭର ଭାରତର ସ୍ୱପ୍ନ ପୂରଣ ହୋଇପାରିବ ବୋଲି କହିଥିଲେ। ସେଥିପାଇଁ ସମସ୍ତେ ମେଡ୍ ଇନ୍ ଇଣ୍ଡିଆ ପଣ୍ୟ ବାଛି ଆମର ଯୁବଶକ୍ତିର ସ୍ୱପ୍ନ ଓ ପରିଶ୍ରମକୁ ବାଛିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମସ୍ତେ ସ୍ୱଦେଶୀ ଆପଣେଇବା ପାଇଁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ସମ୍ପଦ, ପଶୁ ପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ସମସ୍ତଙ୍କୁ ଗର୍ବର ସହ ସ୍ୱଦେଶୀ କିଣିବା ପାଇଁ କହିଥିଲେ।

## ଜଗନ୍ନାଥପୁର ଦକ୍ଷତା ବିକାଶ କେନ୍ଦ୍ରରେ ସ୍ୱଚ୍ଛତା ଅଭିଯାନ

**ତିର୍ତ୍ତୋଲ,୪।୧୦(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଅନ୍ତର୍ଗତ ଜଗନ୍ନାଥପୁର ଦକ୍ଷତା ବିକାଶ କେନ୍ଦ୍ର ରେ ଓଡିଶା ସ୍କିଲ ଡେଭଲପମେଣ୍ଟ ଅର୍ଥରିଟି ଦ୍ୱାରା ଅନୁବନ୍ଧିତ ଓ କିଉଭାନ୍ ସ୍କିଲ୍ ଏମ୍ପାୱାର ମେଣ୍ଟ ପ୍ରାଇଭେଟ୍ ଲିମିଟେଡ଼ ଦ୍ୱାରା ପରିଚାଳିତ ଦକ୍ଷତା ବିକାଶ କେନ୍ଦ୍ରରେ ଏକ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି।ଏହି ଅବସରରେ ଦକ୍ଷତା ବିକାଶ କେନ୍ଦ୍ର ପରିବେଶ କୁ



ସଫା ସୁତୁରା କରିବା ସହିତ ଏହାର ଚତୁଃପାର୍ଶ୍ୱରେ ପଡିଥିବା ଅଳିଆ ଆବର୍ଜନାରୁ ମଧ ସଫା କରାଯାଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକ, କିଉଭାନ୍ ସ୍କିଲ୍ ର ଜିଲ୍ଲା ସଂଯୋଜକ ପ୍ରଦିପ କୁମାର ଲେଙ୍କା, ଶିକ୍ଷୟିତ୍ରୀ ଶଶୀ ମଲ୍ଲିକ, କେନ୍ଦ୍ର ପରିଚାଳକ ଶୁଭ୍ରାଂଶୁ ପଶାୟତ, ଭାନୁ ଶଙ୍କର ରାଉତରାୟ, ପ୍ରଭାତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କେନ୍ଦ୍ର ର ସମସ୍ତ କର୍ମଚାରୀ ଓ ଛାତ୍ରୀମାନେ ମଧ ଉପସ୍ଥିତ ଥିଲେ। ସ୍ୱଚ୍ଛ ହିଁ ସେବା ବାର୍ତ୍ତା ନେଇ ସମସ୍ତେ ଏଥିରେ ସାମିଲ ହୋଇ ପରିବେଶ କୁ ସଫା ସୁତୁରା କରିଥିଲେ।

# ସ୍ୱଦେଶୀ ସାମଗ୍ରୀ କିଣିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ଆଜି ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଆଜି ଯାଏ ଆମେ ପାଳୁଛୁ ସେବା ସପ୍ତାହ। ଗତ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ତାରିଖ ଭିତରେ ଦେଶର ଆଉ ଜଣେ ଯୋଗଜନ୍ମା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଆମେ ପ୍ରତି ବର୍ଷ ସେପ୍ଟେମ୍ବର ୨୫ ତାରିଖରେ ପାଳନ କରିଥାଉ। ଗାନ୍ଧୀ, ଶାସ୍ତ୍ରୀ ଓ ଦୀନଦୟାଲ ସଭିଙ୍କ ଚିନ୍ତାଧାରା ଗରିବ କଲ୍ୟାଣ ସମେତ ଆତ୍ମନିର୍ଭର ଭାରତର ସଠିକ ପଥ ପ୍ରଦର୍ଶକ। ଆଜିଭଳି ଦିନରେ ସପରିବାର ଆସି ରାଜ୍ୟର ବୁଣାକାରଙ୍କ ହାତତିଆରି ବସ୍ତ୍ର କିଣି ନିଜେ ଓ ପରିବାର ଲୋକ ବେଶ୍ ଆନନ୍ଦିତ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ ଭାରତ ଆଜି ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି। ଦେଶ ସ୍ୱାଧୀନତାର ୧୦୦ ବର୍ଷ ଅର୍ଥାତ୍ ଆଗାମୀ ୨୦୪୭ ସୁଦ୍ଧା ବିକଶିତ ଅର୍ଥନୀତି ହେବା ଲକ୍ଷ୍ୟରେ ଦେଶ ଦ୍ରୁତ ଗତିରେ ଅଗ୍ରସର ହେଉଛି। ଆମେ ଓଡ଼ିଆ ସ୍ୱତନ୍ତ୍ର ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ୨୦୨୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରିବୁ। ବିକଶିତ ଭାରତ ଗଠନରେ ଆମ ଓଡ଼ିଶାର ପ୍ରମୁଖ ଯୋଗଦାନ ରହିବ। ଏଥିପାଇଁ ସାଢ଼େ ୪ କୋଟି ଓଡ଼ିଆଙ୍କ ସଂକଳ୍ପର ସିଦ୍ଧି ଆଡକୁ ଆଗେଇବାକୁ ପଡ଼ିବ। ମୋର ମନେ ଅଛି ମୋଦି ତାଙ୍କର ପ୍ରଥମ 'ମନ କୀ ବାତ' ଗତ ୨୦୧୪ ଅକ୍ଟୋବର ୩ରେ ଆରମ୍ଭ କରିଥିଲେ ଓ ତାହା ଥିଲା ପବିତ୍ର ବିଜୟା ଦଶମୀର ଦିନ। ତାଙ୍କ ପ୍ରଥମ ମନ କୀ ବାତ, ଗାନ୍ଧି ଜୟନ୍ତୀର ପରଦିନ ଦେଶବାସୀଙ୍କୁ ଖଦି ବସ୍ତ୍ର ପିନ୍ଧିବାର ଆହ୍ୱାନ ଦେଇଥିଲେ। ଗତ ୨୦୧୪ରେ ମୋଦି ଖଦିକୁ ଏକ ବ୍ୟାପକ ଅର୍ଥରେ ବୁଝାଇବା ପାଇଁ ଚେଷ୍ଟା କରିଥିଲେ। ଖଦିର ବ୍ୟାପକ ଅର୍ଥ ସ୍ୱଦେଶୀ। ଓ ଏହାର ପ୍ରକୃତ ବ୍ୟାଖ୍ୟା ହେଉଛି ଆତ୍ମନିର୍ଭର ଭାରତ। କୋଭିଡ ସମୟରେ ମୋଦିଜୀ ସମୟର ବାଧ୍ୟବାଧକତା ମାଧ୍ୟମରେ ଭୋକାଲ ଫର ଲୋକାଲର ଆବଶ୍ୟକତାକୁ ଦେଶବାସୀଙ୍କୁ ସରଳ ଭାବେ ବୁଝାଇଥିଲେ। ଦେଶର ସୁନ୍ଦର ଭବିଷ୍ୟତ, ଖଦି, ସ୍ୱଦେଶୀ, ଭୋକାଲ ଫର ଲୋକାଲ, ଆତ୍ମନିର୍ଭର ଭାରତ ଏବଂ ଏହାର ଅନ୍ତିମ ପର୍ଯ୍ୟାୟ ବିକଶିତ ଭାରତ। ବିକଶିତ ଭାରତର ଟାରିଫକୁ ଡର ରହିବ ନାହିଁ। ଟାରିଫକୁ ନେଇ କିଏ ଭୟ ଦେଖାଇପାରିବନି। କାରଣ ଆମ ଅର୍ଥନୀତି ହେବ ସ୍ୱୟଂସମ୍ପୂର୍ଣ୍ଣ। ଆମ ମହାପ୍ରଭୁ ଶ୍ରୀଜଗନ୍ନାଥ ଭୋକାଲ ଫର ଲୋକାଲ ଓ ସ୍ୱଦେଶୀର ଆଦ୍ୟ ପଥ ପ୍ରଦର୍ଶକ। ଆଜି ବି ଶ୍ରୀମନ୍ଦିରରେ ଆଳୁ ଓ ବିଲାତି ବାଇଗଣର ବ୍ୟବହାର ନିଷେଧ। ମହାପ୍ରଭୁ ଓଡ଼ିଆ ଲୋକଙ୍କ ହାତବୁଣା ବସ୍ତ୍ର ଛଡା ଆଉ କିଛି ପିନ୍ଧନ୍ତି ନାହିଁ ବୋଲି ଶ୍ରୀ ମାଝୀ କହିଛନ୍ତି। ଏହିସବୁ ପ୍ରତୀକାତ୍ମକ ଭାବେ ଆଜି ହସ୍ତତନ୍ତ ବସ୍ତ୍ର କିଣିବା ସହ ବିକଶିତ ଭାରତ ଗଠନ କରିବା ପାଇଁ ଭୋକାଲ ଫର ଲୋକାଲ ସ୍ୱଦେଶୀ ମନ୍ତ୍ରରେ ଅଭିମନ୍ତ୍ରିତ ହେବା ସକାଶେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ତଥା ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

'ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ କେନ୍ଦ୍ର' ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ

# ସ୍ୱାସ୍ଥ୍ୟ ହେଉଛି ମାନବ ଜୀବନର ସମ୍ପଦ



● ସମ୍ବଲପୁର ଜିଲ୍ଲାରେ ଆହୁରି ସୁଦୃଢ଼ ହେବ ସ୍ୱାସ୍ଥ୍ୟ ଭିତ୍ତିଭୂମି

ହୀରାକୁଦ/ସମ୍ବଲପୁର, ୪।୧୦ (ସଂଚାର ବ୍ୟୁରୋ) : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସମ୍ବଲପୁର ଦେବେଇପାଲିଠାରେ 'ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର'ର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ 'ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ କେନ୍ଦ୍ର'ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱାସ୍ଥ୍ୟ ହେଉଛି ମାନବ ଜୀବନର ସମ୍ପଦ ତଥା ପ୍ରତ୍ୟେକ ବ୍ୟକ୍ତିର ଅଧିକାର। ଲୋକାର୍ପିତ 'ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦନ୍ତ ଚିକିତ୍ସା ସହ ଅନ୍ୟାନ୍ୟ ଚିକିତ୍ସା ସେବା ସୁବିଧା ରହିଛି। ଏହି କେନ୍ଦ୍ରଗୁଡ଼ିକ ଲୋକଙ୍କୁ ଉନ୍ନତ ଏବଂ ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଉଦ୍ଦିଷ୍ଟ। ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ନୂତନ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ 'ସେବା ପର୍ବ -୨୦୨୫' ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଝାରସୁଗୁଡ଼ାରେ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲାକୁ ବିଶ୍ୱସ୍ତରୀୟ ସୁପର ସ୍ପେଶାଲିଟି ଚିକିତ୍ସାଳୟରେ ରୂପାନ୍ତରଣ ନେଇ ଘୋଷଣା କରିଛନ୍ତି। ଭିମସାର ମେଡିକାଲରେ ଶଯ୍ୟା ସଂଖ୍ୟା ୧୪୮୫ ଥିବା ବେଳେ ଏହାକୁ ୨୬୫୦ରେ ପହଞ୍ଚାଯିବ ଓ ଏଥିପାଇଁ ୧୬୧୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପଦକ୍ଷେପ ହସ୍ପିଟାଲକୁ ଅତ୍ୟାଧୁନିକ ଚିକିତ୍ସା କେନ୍ଦ୍ରରେ ପରିଣତ କରିବା ସହ ସ୍ୱାସ୍ଥ୍ୟସେବାକୁ ଯଥେଷ୍ଟ ଉନ୍ନତ କରିବ ବୋଲି ଶ୍ରୀ ପ୍ରଧାନ ଆଶା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସମ୍ବଲପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଆଗାମୀ ଦିନରେ ଆହୁରି ସଶକ୍ତ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ମନ୍ତ୍ରୀ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଏବଂ ମତ୍ସ୍ୟ ଓ ପଶୁ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ତାର ଲାଗି ପାଲା ଗାୟକଙ୍କ ମୃତ୍ୟୁ

ପୁରୀ,୪।୧୦(ସଂଚାର ବ୍ୟୁରୋ): ବିଦ୍ୟୁତ୍ ବିଭାଗର ମନମାନୀ ଯୋଗୁଁ ଜଣେ ସୁନାମଧନ୍ୟ ପାଲା ଗାୟକଙ୍କ ଜୀବନ ଅକାଳରେ ଝଡ଼ିପଡ଼ିଥିବା ଅଭିଯୋଗ ହୋଇଛି। ପୁରୀ ବ୍ରହ୍ମଗିରି ଥାନା ଅନ୍ତର୍ଗତ ପଲ୍ଲୀ ଗ୍ରାମ ନିବାସୀ ହିମାଂଶୁ ବରାଳ ପେସାରେ ଜଣେ ପାଲା ଗାୟକ ଥିଲେ। ତେବେ ଦୁଇ ଦିନ ତଳେ ସେ ସକାଳୁ ପରିସ୍ରା କରିବାକୁ ବାହାରକୁ ଯାଇଥିବା ସମୟରେ ଅଚାନକ ଓହଳିପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳତଃ ଘଟଣାସ୍ଥଳରେ ହିଁ ହିମାଂଶୁଙ୍କର ମୃତ୍ୟୁ ହୋଇଯାଇଥିଲା। ପାଖାପାଖି ୯ ମାସ ତଳେ ତାଙ୍କ ସମେତ ଗ୍ରାମର ୫ଟି ପରିବାରକୁ ଜମିବାଡ଼ି ବିବାଦ ମାମଲାରେ ବାସନ୍ଦ କରାଯାଇଥିଲା। ନିଆଁପାଣି ବାସନ୍ଦ କରାଯିବା ସହ ସେମାନଙ୍କୁ ଯୋଗାଇ ଦିଆଯାଇଥିବା ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରାଯାଇଥିଲା। ଏହି କ୍ରମରେ ଘର ନିକଟରେ କେତେକ ତାର ଅତି ବିପଜ୍ଜନକ ଅବସ୍ଥାରେ ଝୁଲି ରହିଥିବାରୁ ହିମାଂଶୁଙ୍କ ପରିବାର ଲୋକେ ବାରମ୍ବାର ବିଦ୍ୟୁତ୍ କର୍ମଚାରୀମାନଙ୍କୁ ନିବେଦନ କରିଆସୁଥିଲେ। କିନ୍ତୁ ସେମାନେ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଆଜି ହିମାଂଶୁଙ୍କ ପରିବାର ଉଜୁଡ଼ିଯାଇଛି। ଏପରି ସ୍ଥିତିରେ ତୁରନ୍ତ ବିଭାଗ ପକ୍ଷରୁ ହିମାଂଶୁଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ସକାଶେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏଥିସହ ଉକ୍ତ ପରିବାରଗୁଡ଼ିକୁ ବାସନ୍ଦ କରିଥିବା ଗ୍ରାମବାସୀଙ୍କୁ ମଧ୍ୟ ଦଣ୍ଡିତ କରିବା ସକାଶେ ଦାବି ହୋଇଛି।

## ବିମାନବନ୍ଦରରୁ ୩ କୋଟିର ମାରିଜୁଆନା ଜବତ

● ୧ ଗିରଫ, ବ୍ୟାଙ୍କକ୍‌ରୁ ଚାଲାଣ ହେଉଥିଲା



ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ପୁଣିଥରେ ଭୁବନେଶ୍ୱର ବିମାନବନ୍ଦରରୁ ବ୍ୟାପକ ପରିମାଣର ନିଶାଦ୍ରବ୍ୟ ଜବତ ହୋଇଛି। ଏଥର ପାଖାପାଖି ୩ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିବା ବେଳେ ଏହାର ଓଜନ ୩ କିଗ୍ରା ୨୦୦ ଗ୍ରାମ ରହିଛି। ଏହାକୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର କଷ୍ଟମ ବିଭାଗ ପକ୍ଷରୁ ଜବତ କରାଯାଇଛି। ଏଥିସହ ଏହି ନିଶାଦ୍ରବ୍ୟ ଚାଲାଣ କରୁଥିବା ଅଭିଯୋଗରେ କଷ୍ଟମ ବିଭାଗ ପକ୍ଷରୁ ଜଣେ କେରଳୀ ଯୁବକକୁ ଗିରଫ କରାଯାଇଛି। ଅଭିଯୁକ୍ତ ଯୁବକ ଜଣଙ୍କ ଏହି ନିଶାଦ୍ରବ୍ୟ ବ୍ୟାଙ୍କକରୁ ଚାଲାଣ କରୁଥିଲା। ତାକୁ ପଚରାଉଚରା ଚାଲିଥିବା ବେଳେ ତା'ର ଲଗେଜ ବ୍ୟାଗ୍ ଚେକିଂ ସମୟରେ ୩.୨ କିଲୋ ଓଜନର ମାରିଜୁଆନା ମିଳିଥିଲା। ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ୨୩ରେ ମଧ୍ୟ ଏଠାରୁ କଷ୍ଟମ୍ ଅଧିକାରୀମାନେ ୪ କୋଟି ଟଙ୍କାର ନିଷିଦ୍ଧ ଡ୍ରଗ୍‌ସ ମାରିଜୁଆନା ଜବତ କରିଥିଲେ। ଏହା ସେତେବେଳେ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଥିବା ପ୍ରେମୀଯୁଗଳଙ୍କଠାରୁ ଜବତ ହୋଇଥିଲା।

## ଅଳ୍ପକେ ବର୍ତ୍ତିଲେ ହାଇକୋର୍ଟର ପୂର୍ବତନ ବିଚାରପତି

● ମଝି ରାସ୍ତାରେ ଫାଟିଲା ଗାଡ଼ି ଚକ

କେସିଙ୍ଗା,୪।୧୦(ସଂଚାର ବ୍ୟୁରୋ): ଏକ ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଚିତ୍ତ ରଞ୍ଜନ ଦାସ। କଳାହାଣ୍ଡି ମାଣିକେଶ୍ୱରୀ ଦର୍ଶନ ପାଇଁ ଯାଉଥିବା ସମୟରେ ମଝି ରାସ୍ତାରେ ତାଙ୍କ ଗାଡ଼ିର ଟାୟାର ଅଚାନକ ଫାଟିଯିବାରୁ ତାହା ଭାରସାମ୍ୟ ହରାଇଥିଲା। କୌଣସି ମତେ ଗାଡିଟିକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲେ ଚାଳକ। ମିଳିଥିବା ସୂଚନାନୁସାରେ, ଜଷ୍ଟିସ ଦାସ ପରିବାର ସହିତ ବିଭିନ୍ନ ଦର୍ଶନୀୟ ପୀଠ ଓ ସ୍ଥାନକୁ ପରିଭ୍ରମଣରେ ଆସିଥିଲେ। ଗତକାଲି କେସିଙ୍ଗା କିନେରକେଲା ନିକଟରେ ୨୬ ନମ୍ବର ଜାତୀୟ ରାଜପଥରେ ଥିବା ଏକ ଗାଡ଼ରେ ତାଙ୍କ ଗାଡି ପଡିଯାଇଥିଲା। ଏହା ପରେ ତାଙ୍କ ଗାଡିର ଦୁଇଟି ଚକ ଫାଟିଯିବା ସହ ଗାଡି ଭାରସାମ୍ୟ ହରାଇଥିଲା। ହେଲେ କୌଣସି ମତେ ଗାଡ଼ିଟିକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲେ ଚାଳକ। ପରେ ଅନ୍ୟ ଏକ ଗାଡ଼ିରେ ଜଷ୍ଟିସ ଚିତ୍ତ ରଞ୍ଜନ ଦାସଙ୍କୁ ଭବାନୀପାଟଣା ପଠାଯିବା ସହିତ ଗାଡ଼ିରେ ନୂତନ ଟାୟାର ଲଗାଯାଇଥିଲା। ଜାତୀୟ ରାଜପଥର ଅନେକ ସ୍ଥାନରେ ଗାଡ଼ ଥିବା ସତ୍ତ୍ୱେ ଏହାକୁ ମରାମତି କରାଯାଉନଥିବାରୁ ଅନେକ ସମୟରେ ଏଭଳି ଘଟଣା ଘଟୁଥିବା କୁହାଯାଉଛି।

## ନରାଜ ବ୍ୟାରେଜ କଡ଼ରୁ ଯୁବକ ଉଦ୍ଧାର

● ଯୁବତୀଙ୍କ ମିଳୁନି ପତ୍ତା

ବାରଙ୍ଗ,୪।୧୦(ସଂଚାର ବ୍ୟୁରୋ): ବାରଙ୍ଗ ନରାଜ ଛକରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା। ଗତକାଲି ବିଳମ୍ବିତ ରାତିରେ ଜଣେ ଯୁବକ ରକ୍ତାକ୍ତ ଅବସ୍ଥାରେ ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ବୁଲୁଥିବା ବେଳେ ଉଦ୍ଧାର କଲା ସିଡିଏ ଫେଜ ୨ ଥାନା ପୁଲିସ। ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି ପୁଲିସ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଜଣେ ଯୁବକ ଓ ଯୁବତୀ ଏକ ସ୍କୁଟି ଯୋଗେ ରାତି ୮ ଟା ସମୟରେ ନରାଜ ବ୍ୟାରେଜ କଡ଼ରେ ଗାଡି ରଖି କାଠଯୋଡ଼ି ନଦୀ କୂଳରେ ବସିଥିବା ବେଳେ କିଛି ଅସାମାଜିକ ଯୁବକ ଆସି ତାଙ୍କୁ ମାଡ ମାରି ଲହୁଲୁହାଣ କରିଥିବା ବେଳେ ତାଙ୍କ ସାଙ୍ଗରେ ଆସିଥିବା ଯୁବତୀଙ୍କ କୌଣସି ପତ୍ତା ମିଳି ନାହିଁ। ଯୁବକଙ୍କୁ ମରଣାତ୍ମକ ଆକ୍ରମଣ କରି ଚାଲିଯିବା ପରେ ଗୁରୁତର ଯୁବକ ଜଣକ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ଲୋକଙ୍କୁ ସାହାଯ୍ୟ ମାଗିଥିବା ଦୃଶ୍ୟ ସିସିଟିଭିରେ କଏଦ୍ ହୋଇଛି। ଖବର ପାଇ ଘଟଣାସ୍ଥଳରେ ଫେଜ ଦୁଇ ଥାନା ପୋଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଯାଇଥିବା ବେଳେ ବିଳମ୍ବିତ ରାତିରେ ବାରଙ୍ଗ ଥାନା ପୋଲିସ ଓ ଜୋନ ଏସିପି ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହିତ ସିସିଟିଭିକୁ ଯାଞ୍ଚ କରି ବ୍ରିଜ ନିକଟରେ ଥିବା (ନଂ.ଓଡ଼ି୩୪କ୍ୟୁ ୮୪୮୯) ସ୍କୁଟିକୁ ଜବତ କରି ତଦନ୍ତ ଜାରି ରଖିଛି।

# ଆଜିଠୁ ବାଚସ୍ପତିଙ୍କ ବିଦେଶ ଗସ୍ତ



## ସିପିଏ ଓ ସିଡବ୍ଲ୍ୟୁ ସମ୍ମିଳନୀରେ ଯୋଗଦେବେ

ଭୁବନେଶ୍ୱର, ୪।୧୦(ସଂଚାର ବ୍ୟୁରୋ): ୬୮ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ (ସିପିଏ) ସମ୍ମିଳନୀ ଓ ନବମ ରାଜ୍ୟଗୋଷ୍ଠୀ ମହିଳା (ସିଡବ୍ଲ୍ୟୁ)ରେ ଯୋଗଦେବା ପାଇଁ ବାଚସ୍ପତି ସୁରମା ପାଢ଼ୀ ଆସନ୍ତାକାଲି ବିଦେଶ ଗସ୍ତରେ ଯିବେ। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଶ୍ରୀମତୀ ପାଢ଼ୀ ଏହି ବିଦେଶ ଗସ୍ତରେ ରହିବେ। ସିପିଏରେ ଭାରତ ସମେତ ୫୬ଟି ଦେଶ ସଦସ୍ୟ ଥିବା ବେଳେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ, ପାର୍ଲାମେଣ୍ଟ ସଦସ୍ୟ, ୨୨ଟି ରାଜ୍ୟର ବାଚସ୍ପତି, ଉପବାଚସ୍ପତି ଓ ସଚିବ ଏହି ସମ୍ମିଳନୀରେ ଯୋଗଦେବେ। ଓଡ଼ିଶାରୁ ବାଚସ୍ପତି ଶ୍ରୀମତୀ ପାଢ଼ୀ ଏହି ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କ୍ରମରେ ଶ୍ରୀମତୀ ପାଢ଼ୀ ଆସନ୍ତାକାଲି ଭୁବନେଶ୍ୱରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରି ଲଣ୍ଡନ ଦେଇ ଆସନ୍ତା ୬ ତାରିଖରେ ବାର୍ବାଡୋସ୍‌ରେ ପହଞ୍ଚିବେ। ସେହିପରି ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ବାର୍ବାଡୋସ୍ ରାଜଧାନୀ ବ୍ରିଜ୍ ଟାଉନ୍‌ଠାରେ ସିପିଏ ସମ୍ମିଳନୀ ଓ ସିଡବ୍ଲ୍ୟୁ ସମ୍ମିଳନୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଥମେ ଆସନ୍ତା ୭ରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ୬୮ତମ ସିପିଏ ସମ୍ମିଳନୀ ଓ ନବମ ସିଡବ୍ଲ୍ୟୁ ସମ୍ମିଳନୀର ପୂର୍ଣ୍ଣ ଅଧିବେଶନରେ ଯୋଗଦେଇ 'ରାଜ୍ୟଗୋଷ୍ଠୀ ମଧ୍ୟରେ ଲିଙ୍ଗଗତ ସମ୍ବେଦନଶୀଳ ସଂସଦଗୁଡ଼ିକୁ ସାକାର କରିବା ପାଇଁ ଭଲ ଅଭ୍ୟାସ ଓ ରଣନୀତି' ଉପରେ ତାଙ୍କର ମତାମତ ପ୍ରଦାନ କରିବେ। ସେହିପରି ଆସନ୍ତା ୮ରେ ସେ 'ବେଜିଂ +୩୦ ପରଠାରୁ ସଂସଦ: ଲିଙ୍ଗଗତ ସମାନତା ପାଇଁ ପ୍ରଗତି, ଆହ୍ୱାନ ଓ ମାର୍ଗ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଗଣତନ୍ତ୍ରର ସମର୍ଥନ ପାଇଁ ଆମ ଅନୁଷ୍ଠାନଗୁଡ଼ିକର ସଶକ୍ତିକରଣ' ଉପରେ ମଧ୍ୟ ତାଙ୍କର ଆଭିମୁଖ୍ୟ ରଖିବେ। ଆହୁରି 'ରାଜନୀତିରେ ଭିନ୍ନକ୍ଷମ ମହିଳାଙ୍କ ଅଂଶଗ୍ରହଣ ଦିଗରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ନେଇ ହେବାକୁ ଥିବା ଆଲୋଚନାରେ ମଧ୍ୟ ବାଚସ୍ପତି ଯୋଗଦେଇ ନିଜର ମତାମତ ଉପସ୍ଥାପନ କରିବେ ବୋଲି ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ସେହିପରି ଆସନ୍ତା ୯ ତାରିଖରେ 'ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ଏବଂ ଏହାର ଦୀର୍ଘସ୍ଥାୟୀ ସମାଧାନର ପନ୍ଥା ନିର୍ଦ୍ଧାରଣ' ଓ 'ଜାତୀୟ ସଂସଦ ବନାମ ପ୍ରାଦେଶିକ, ଆଞ୍ଚଳିକ ଓ ବିକଶିତ ବିଧାନସଭା: କ୍ଷମତା ପୃଥକୀକରଣକୁ ସୁରକ୍ଷା ଓ ସଂରକ୍ଷଣ' ଶୀର୍ଷକ ଆଲୋଚନାରେ ବାଚସ୍ପତି ଅଭିଭାଷଣ ଉପସ୍ଥାପନ କରିବେ। ପରେ ଆଗାମୀ ୧୧ ତାରିଖରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଷ୍ଟଡି ଟୁରରେ ବ୍ରିଜଟାଉନ୍‌ରୁ ଲଣ୍ଡନ ଅଭିମୁଖେ ଗସ୍ତ କରି ସେଠାରେ ଅକ୍ଟୋବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ। ଏହି ଅବଧି ମଧ୍ୟରେ ସେ ଲଣ୍ଡନରେ ପ୍ରବାସୀ ଓଡ଼ିଆମାନଙ୍କ ସହ ସମ୍ମିଳନୀର ବାର୍ତ୍ତା ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ସେହିପରି ଆସନ୍ତା ୧୪ ତାରିଖରେ ସୁଇଜରଲ୍ୟାଣ୍ଡର ଜୁରିକ୍‌ରେ ପହଞ୍ଚି ବାଚସ୍ପତି ସେଠାରେ ୧୬ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ। ଏହି ଅବଧି ମଧ୍ୟରେ ସେ ଭାରତୀୟ ହାଇକମିଶନର ଓ ପ୍ରବାସୀ ଓଡ଼ିଆଙ୍କ ସହ ସମ୍ମିଳନୀରେ ଆଲୋଚିତ ବିଷୟବସ୍ତୁ ଉପରେ ମତବିନିମୟ କରିବେ। ଅକ୍ଟୋବର ୧୬ରୁ ୧୮ ତାରିଖ ମଧ୍ୟରେ ପ୍ୟାରିସ୍‌ରେ ଅବସ୍ଥାପନ କରି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରବାସୀ ଓଡ଼ିଆମାନଙ୍କ ସହ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ପରେ ଆସନ୍ତା ୧୮ ତାରିଖରେ ପ୍ୟାରିସ୍‌ରୁ ବାହାରି ବାଚସ୍ପତି ଶ୍ରୀମତୀ ପାଢ଼ୀ ନୂଆଦିଲ୍ଲୀ ଦେଇ ୧୯ରେ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ସୂଚନା ମିଳିଛି।

# ନିର୍ମାଣ ହେବ ବିପର୍ଯ୍ୟୟ ଭବନ



ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ବିପର୍ଯ୍ୟୟ ମୁକାବିଲା ପାଇଁ ଭୁବନେଶ୍ୱରରେ ବିପର୍ଯ୍ୟୟ ଭବନ ନିର୍ମାଣ କରିବେ ସରକାର ଏଥିପାଇଁ ୨୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବାକୁ ଆମକୁ ଆଗୁଆ ପ୍ରସ୍ତୁତ ରହିବାକୁ ପଡିବ। ବିପର୍ଯ୍ୟୟ ଆସିଲେ ସଂସ୍ଥା ଗୁଡିକ ପ୍ରଭାବିତ ହେବ। ଭୁବନେଶ୍ୱରରେ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲିବାକୁ ପ୍ରସ୍ତୁତି ସରିଛି। ଲୋକସେବା ଭବନ ନିକଟରେ ଏହି ଭବନ ନିର୍ମାଣ ହେବ। ଏସଆରସି, ଅଗ୍ନିଶମ, ପାଣିପାଗ ବିଭାଗ, ଅନ୍ୟ ସମସ୍ତ ବିପର୍ଯ୍ୟୟ ସମୟରେ କାମ କରୁଥିବା ସଂସ୍ଥା ଗୋଟିଏ ଛାତ ତଳେ ରହିବେ। ସବୁ ବିଭାଗ ନିଜ ଭିତରେ ସହଯୋଗ ରକ୍ଷାକରି କାମ କରିବେ। କେନ୍ଦ୍ର ସହଯୋଗରେ ବିପର୍ଯ୍ୟୟ ମୁକାବିଲାର ଅତ୍ୟାଧୁନିକ କୌଶଳ ଅଣାଯିବ। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଏଥିପାଇଁ ରାଜଧାନୀରେ ଜମି ଚିହ୍ନଟ କରାଯିବା ସହ କାମ ଆରମ୍ଭ କରାଯାଇଛି।

# ୨୦ ଦିନ ପରେ ହାତୀଦାନ୍ତ ଉଦ୍ଧାର

## ଟ୍ରାକ୍ଟରକୁ ଆକ୍ରମଣବେଳେ ଭାଙ୍ଗିଥିଲା

ଢେଙ୍କାନାଳ,୪।୧୦(ସଂଚାର ବ୍ୟୁରୋ): ଟ୍ରାକ୍ଟର ସହ ଲଢେଇ କରି ଭାଙ୍ଗିଲା ଦନ୍ତା ହାତୀର ଦାନ୍ତ। ୨୦ ଦିନ ପରେ ଭଙ୍ଗା ଦାନ୍ତ ଉଦ୍ଧାର କଲା ବନ ବିଭାଗ। ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ରାସୋଳ ସେକ୍ସନ ଅଞ୍ଚଳରୁ ଏକ ୩କେଜିରୁ ୪ କେଜି ଓଜନର ହାତୀ ଦାନ୍ତକୁ ବନ ବିଭାଗ ଉଦ୍ଧାର କରିଛି। ଦାନ୍ତ ପାଇ ରଖିଥିବା ଗୁଲୁଗୁଣ୍ଡି ଗାଁର ଜଣେ ବ୍ୟକ୍ତିଙ୍କଠାରୁ ବନ ବିଭାଗ ଉଦ୍ଧାର କରିଛି। ସୂଚନାଯୋଗ୍ୟ ଯେ ଗତ ୧୦ ତାରିଖ ଭୋର ସମୟରେ ଏକ ଦନ୍ତା ହାତୀ ଗୁଲୁଗୁଣ୍ଡି ଗ୍ରାମରେ ପ୍ରକାଶ ସାହୁ ନାମକ ଜନୈକ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲା। ତେବେ ପ୍ରକାଶ ଦୌଡ଼ି ଯାଇ ଏକ ଟ୍ରାକ୍ଟର ତଳେ ପଶିଯାଇଥିଲେ। କିନ୍ତୁ ଉକ୍ତ ହାତୀଟି କ୍ରୋଧାନ୍ୱିତ ହୋଇ ଟ୍ରାକ୍ଟରକୁ ଭଙ୍ଗାରୁଜା କରିଥିଲା। ଏହି ସମୟରେ ହାତୀର ଗୋଟିଏ ଦାନ୍ତ ଭାଙ୍ଗିଯାଇଥିଲା। ମାତ୍ର ଏହାକୁ ହିନ୍ଦୋଳ ବନ କର୍ମଚାରୀମାନେ ଗୁରୁତ୍ୱ ଦେଇନଥିଲେ। କିଛି ଦିନ ପରେ ଉକ୍ତ ଦାନ୍ତଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଜଙ୍ଗଲରେ ଗଳିପଡ଼ିଥିଲା। ତାହାକୁ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ପାଇ ନିଜ ପାଖରେ ରଖିଥିଲେ। ଏନେଇ କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗରକ କର୍ମଚାରୀମାନେ ଉକ୍ତ ଦାନ୍ତକୁ ଆଜି ଉଦ୍ଧାର କରିଛନ୍ତି।

■ କୃଷି ଓଡ଼ିଶା ସମାବେଶ ପ୍ରସ୍ତୁତି ବୈଠକ

## ଜାନୁଆରୀ ୨୨ରୁ ଆରମ୍ଭ ହେବ

ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): କୃଷି ଓଡ଼ିଶା ୨୦୨୫-୨୬ ନିମନ୍ତେ ପ୍ରସ୍ତୁତି ବୈଠକ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆସନ୍ତା ବର୍ଷ ଜାନୁଆରୀ ୨୨ରୁ ୨୪ ତାରିଖ ଯାଏଁ ତିନିଦିନ ବ୍ୟାପୀ କୃଷି ଓଡ଼ିଶା ସମାବେଶ ପାଳନ କରାଯିବ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଠାରୁ ପ୍ରତିବର୍ଷ ଜାନୁଆରୀ ମାସ ଏହି ଦିନରେ ହିଁ କୃଷି ଓଡ଼ିଶା ସମାବେଶର ଆୟୋଜନ କରାଯିବ। ଦେଶ ତଥା ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ବୁଦ୍ଧିଜୀବୀ, ସଫଳ ଚାଷୀ, ବୈଜ୍ଞାନିକ, କୃଷି ଉତ୍ପାଦକମାନେ ଯୋଗଦେବେ। କୃଷି ଉଦ୍ୟୋଗୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି ସଦସ୍ୟସଦସ୍ୟାଙ୍କ ଦ୍ୱାରା ୨୫୦ରୁ ଊର୍ଦ୍ଧ୍ୱ ଷ୍ଟଲ ପ୍ରଦର୍ଶିତ ହେବ ଓ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏଥିରେ ଯୋଗଦେବେ। କୃଷି ଯାନ୍ତ୍ରୀକିକରଣ ତଥା ଅତ୍ୟାଧୁନିକ ଯନ୍ତ୍ରପାତିର ସ୍ୱତନ୍ତ୍ର ପ୍ରଦର୍ଶନ କରାଯିବାର ମଧ୍ୟ ଯୋଜନା ରହିଛି। ଦୂରଦୂରାନ୍ତରୁ ଆସୁଥିବା ଚାଷୀଙ୍କ ରହିବା ତଥା ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରସ୍ତୁତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

## ମଞ୍ଚ ଉପରେ ଟଳିପଡ଼ିଲେ ଅଭିନେତା



ଜଗତସିଂହପୁର,୪।୧୦(ସଂଚାର ବ୍ୟୁରୋ): ଏମିତି ବି ଆସେ ମୃତ୍ୟୁ। କିଏ ଜାଣିଥିଲା ଅଭିନୟ କରୁ କରୁ ଗୋଟିଏ ରଙ୍ଗମଞ୍ଚରୁ ସବୁଦିନ ପାଇଁ ଅଫେରା ରାଇଜକୁ ଚାଲିଯିବେ। ମଞ୍ଚରେ ଅଭିନୟ କରୁଥିବା ସମୟରେ ଅଭିନେତା ଜଣଙ୍କ ଟଳିପଡ଼ିଲେ ଆଉ କିଛି ସମୟ ଭିତରେ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ସେ ପରଲୋକ ଗମନ କରିଛନ୍ତି। 'ଆଖି ଅବୁଝାକୁ ଲୁହ ଅବୁଝା' ନାମକ ଏକ ନାଟକରେ ମଞ୍ଚରେ ଅଭିନୟ କରୁ କରୁ ସମସ୍ତଙ୍କୁ ଲୁହରେ ଭସାଇ ଆରପାରିକୁ ଚାଲିଯାଇଥିବା ଏହି ଅଭିନେତା ଜଣଙ୍କ ହେଲେ ଦେବକାନ୍ତ ମିଶ୍ର। ତାଙ୍କ ପରଲୋକରେ ଜଗତସିଂହପୁର ସଦର ବ୍ଲକ ଦାସକୁଦରେ ଶୋକର ଛାୟା ଖେଳିଯାଇଛି ଆଉ ସମସ୍ତଙ୍କ ମୁହଁରେ କେବଳ ଗୋଟିଏ କଥା ଯେ ମୃତ୍ୟୁ କେବେ ବି ଆସିପାରେ। ମିଳିଥିବା ସୂଚନାନୁସାରେ, ବୃତ୍ତିରେ ଆଇନଜୀବୀ ଦେବକାନ୍ତ 'ଆଖି ଅବୁଝାକୁ ଲୁହ ଅବୁଝା' ନାଟକରେ ମାନଗୋବିନ୍ଦ ଚରିତ୍ରରେ ନିଖୁଣ ଅଭିନୟ କରୁଥିଲେ। ଦର୍ଶକମାନେ ତାଙ୍କ ଅଭିନୟ ପୂରାପୂରି ମଜିଯାଇଥିଲେ। କିନ୍ତୁ ଅଭିନୟ କରୁଥିବା ସମୟରେ ହଠାତ୍ ଦେବକାନ୍ତ ମଞ୍ଚ ଉପରେ ଟଳିପଡ଼ିଥିଲେ। ଏପରିକି ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କିଛି ସମୟ ପୂର୍ବରୁ ତାଙ୍କ ଜୀବନ୍ତ ଅଭିନୟରେ ମଜିଯାଇଥିବା ଦର୍ଶକମାନେ ମୃତ୍ୟୁ ପରି ଚିରନ୍ତନ ସତ୍ୟକୁ ସହଜରେ ଗ୍ରହଣ କରିପାରିନଥିଲେ।

# କଟକ ଗୋଷ୍ଠୀ ସଂଘର୍ଷ ଘଟଣାରେ ୬ ଗିରଫ



କଟକ/ଭୁବନେଶ୍ୱର, ୪।୧୦ (ସଂଚାର ବ୍ୟୁରୋ): କଟକରେ ଦୁର୍ଗାପୂଜା ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ ଘଟଣାରେ ୬ ଗିରଫ। ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରୁଛି କମିଶନରେଟ୍ ପୁଲିସ। ଡ୍ରୋନ୍ ଭିଜୁଆଲ ଫୁଟେଜରୁ ଗଣ୍ଡଗୋଳକାରୀଙ୍କୁ ଚିହ୍ନଟ କରାଯାଉଛି। ଏବେ ଶାନ୍ତି ବାତାବରଣ ଅଛି। ଆଗକୁ ମଧ୍ୟ ଶାନ୍ତି ବଜାୟ ରହିବ ବୋଲି ସୂଚନା ଦେଇଛନ୍ତି ପୋଲିସ କମିଶନର୍ ଏସ. ଦେବଦତ୍ତ ସିଂ। ଗଣ୍ଡଗୋଳ ମାମଲାକୁ ନେଇ ଡିଜିପିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ବୈଠକ ପରେ ସୂଚନା ଦେଇଛନ୍ତି ପୋଲିସ କମିଶନର ଏସ ଦେବଦତ୍ତ ସିଂ। ବୈଠକରେ କଟକ ଡିସିପି, ପୁଲିସ କମିଶନର, ଆଇନ ଶୃଙ୍ଖଳା ଡିଜି ପ୍ରମୁଖ ଉପସ୍ଥିତ ଥିଲେ।

## ଘଟଣାକୁ ନବୀନଙ୍କ ନିନ୍ଦା

ଅନ୍ୟପକ୍ଷରେ ଗତକାଲି କଟକ ଦରଘାବଜାର ଭସାଣିରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ କହିଛନ୍ତି ଯେ ଭାଇଚାରାର ସହର ଭାବେ ପରିଚିତ କଟକରେ ଏପରି ଅପ୍ରୀତିକର ସ୍ଥିତି ବାସ୍ତବିକ ଚିନ୍ତାଜନକ। ଢେଲାପଥର ମାଡ଼ ଏକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ଶାନ୍ତିପ୍ରିୟ ଓଡ଼ିଶାରେ ଅଶାନ୍ତିର ବାତାବରଣ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ସେ ସରକାରଙ୍କୁ ଟାର୍ଗେଟ୍ କରିବାକୁ ଭୁଲିନାହାନ୍ତି। ସେ କହିଛନ୍ତି ଯେ ଏପରି ସ୍ଥିତିକୁ ନିୟନ୍ତ୍ରଣ କରିବାରେ ପୁଲିସ ସମ୍ପୂର୍ଣ୍ଣ ଅସହାୟ ମନେ ହେଉଛି। ପୁଲିସ ଉପରେ ବିଜେପି ସରକାରର ଅହେତୁକ ଚାପ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ବିଗାଡ଼ି ଦେଉଛି। ଏପରି ସ୍ଥିତିରେ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସଦଭାବନା ବଜାୟ ରଖିବା ଆମ ସମସ୍ତଙ୍କ ପ୍ରଥମ ଲକ୍ଷ୍ୟ ଓ କର୍ତ୍ତବ୍ୟ ହେବା ଉଚିତ ବୋଲି ଶ୍ରୀ ପଟ୍ଟନାୟକ ମତ ଦେଇଛନ୍ତି।

■ କଟକ ବାଲିଯାତ୍ରା ନେଇ ଉନ୍ନୟନ କମିଶନରଙ୍କ ସମୀକ୍ଷା

# ୭୦ ଲକ୍ଷ ଲୋକଙ୍କ ସମାଗମ ଆକଳନ



ଭୁବନେଶ୍ୱର,୪।୧୦(ସଂଚାର ବ୍ୟୁରୋ): ଐତିହାସିକ କଟକ ବାଲିଯାତ୍ରା-୨୦୨୫ ଆସନ୍ତା ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ବୃହତ୍ ବାଣିଜ୍ୟିକ ମେଳାର ଆୟୋଜନ ନେଇ ଆଜି ସ୍ଥାନୀୟ ଲୋକସେବା ଭବନରେ ଏକ ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରି ପ୍ରସ୍ତୁତି ସମୀକ୍ଷା କରିଥିଲେ। ବୈଠକରେ ଉନ୍ନୟନ କମିଶନର ବାଲିଯାତ୍ରାକୁ ଆସୁଥିବା ଦର୍ଶକମାନଙ୍କ ସୁବିଧା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ସହ ସେମାନଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ସକାଶେ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ବୈଠକରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡଃ. ବିଜୟ କେତନ ଉପାଧ୍ୟାୟ, କଟକ ମହାନଗର ନିଗମ କମିଶନର ତଥା ସିଡିଏ ଉପଧ୍ୟକ୍ଷା କୀରନଦୀପ କୌର ସହୋଟା, ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ସମେତ କଟକ ଜିଲ୍ଲା ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ଏହି ବାଲିଯାତ୍ରାରେ ପାଖାପାଖି ୭୦ ଲକ୍ଷ ଲୋକଙ୍କ ସମାଗମ ହେବା ନେଇ ଆକଳନ କରାଯାଉଛି। ବିଭିନ୍ନ ସୁବିଧା ସଂକ୍ରାନ୍ତରେ ସୂଚନା ଦେବା ସକାଶେ ଆପ୍ ବିକଶିତ କରିବାକୁ ଶ୍ରୀମତୀ ଗର୍ଗ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଶ୍ରୀମତୀ ଗର୍ଗ ବାଲିଯାତ୍ରା ଆୟୋଜନ ସମ୍ପର୍କିତ ନକ୍ସାକୁ ଅନୁଧ୍ୟାନ କରିଥିଲେ। ସେହିପରି ଚଳିତ ବର୍ଷ ବାଲିଯାତ୍ରାରେ ମହାନଦୀ ତଟରେ ଆକର୍ଷଣୀୟ ଯନ୍ତ୍ରଚାଳିତ ବୋଇତ ଦେଖିବାକୁ ମିଳିବ। ଏଥିପାଇଁ ମହାନଦୀ ତଟରେ ୩ଟି ଅସ୍ଥାୟୀ ଜେଟି ସ୍ଥାପନ ସହ କଟକ ସିଲଭରସିଟି ବୋଟ୍ କ୍ଲବର ସୌନ୍ଦର୍ଯ୍ୟକରଣ କରାଯିବ। ଚଳିତ ବାଲିଯାତ୍ରାରେ ୧୬୭୦ଟି ଷ୍ଟଲ ସ୍ଥାନୀୟ ବ୍ୟବସାୟୀ ତଥା ବ୍ୟାବସାୟିକ ସଂସ୍ଥାକୁ ଆବଣ୍ଟନ କରାଯିବ। ଓରମାସ ପକ୍ଷରୁ ୫୦୦ଟି ଷ୍ଟଲ ସ୍ଥାପନ କରାଯିବ। ଏହାଛଡ଼ା ଅଦ୍ୟାବଧି ୮୦ଟି ସ୍ଥାନୀୟ ଓ ଜାତୀୟସ୍ତରର ସାଂସ୍କୃତିକ ଅନୁଷ୍ଠାନ ବାଲିଯାତ୍ରାରେ ଅଂଶଗ୍ରହଣ କରିବାକୁ ଆବେଦନ କରାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




### ଚଳିତବର୍ଷ ନବରାତ୍ରି ବିକ୍ରି ୧୦ ବର୍ଷରେ ସର୍ବାଧିକ

# ଓଡ଼ିଶାରେ ୪୮୬୫ କୋଟିର ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ, ୪।୧୦: ଜିଏସ୍‌ଟି ସଂସ୍କାର ପ୍ରଭାବରେ ନବରାତ୍ରି ବିକ୍ରିରେ ନୂଆ ରେକର୍ଡ ହୋଇଛି। ଏହି ବିକ୍ରି ଗତ ୧୦ ବର୍ଷରେ ସର୍ବାଧିକ ବୋଲି ପିଆଇବି ପକ୍ଷରୁ ସୂଚନା ଦିଆଯାଇଛି। ନବରାତ୍ରିରେ ମାରୁତି ସୁଜୁକିର ବିକ୍ରି ୧୦୦ ପ୍ରତିଶତ ବଢ଼ିଛି ଯାହା ଗତ ଏକ ଦଶନ୍ଧିରେ ସର୍ବାଧିକ। କମ୍ପାନିର ବୁକିଂ ଦେଢ଼ ଲକ୍ଷ ଅତିକ୍ରମ୍ କରିଥିବା ବେଳେ ଖୁବ୍‌ଶୀଘ୍ର ୨ ଲକ୍ଷ ହୋଇଯିବା ଆଶା କରାଯାଉଛି। ନବରାତ୍ରିର ଶେଷ ଦିନରେ କମ୍ପାନି ୮୫ ହଜାର ଗାଡ଼ି ବିକ୍ରି କରିଥିଲା। ଅନ୍ୟ ଆଠ ଦିନରେ କମ୍ପାନି ୧ ଲକ୍ଷ ୬୫ ହଜାର ଗାଡ଼ି ବିକିଛି। ନବରାତ୍ରିର ପ୍ରଥମ ଦିନରେ କମ୍ପାନି ୩୦ ହଜାର ଗାଡ଼ି ବିକ୍ରି କରିଥିଲା ଯାହା ୩୫ ବର୍ଷ ମଧ୍ୟରେ କୌଣସି ଗୋଟିଏ ଦିନରେ ସର୍ବାଧିକ ବିକ୍ରି ଥିଲା।

ସେହିପରି, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର ଏକ୍ସୟୁଭି ୭୦୦ ଓ ସ୍କର୍ପିଓ ଏନ୍ ବିକ୍ରି ୬୦ ପ୍ରତିଶତ ବଢ଼ିଛି। ହୁଣ୍ଡାଇର କ୍ରେଟା ଓ ଭେନ୍ୟୁ ବିକ୍ରି ୭୨ ପ୍ରତିଶତ ବଢ଼ିଛି। ଟାଟା ମୋଟର୍ସ ପାର୍ବଣ ଋତୁରେ ୫୦ ହଜାର ଗାଡ଼ି ବିକ୍ରି କରିଛି। ଅଲ୍‌ଟ୍ରୋଜ୍, ପଞ୍ଚ୍, ନେକ୍ସନ ଓ ଟିଆଗୋ ଭଳି ମଡେଲ୍ ଚାହିଦାରେ ଥିଲା। ହିରୋ ମୋଟୋକର୍ପ ବିକ୍ରିରେ ଦୁଇ ଗୁଣା ବୃଦ୍ଧି ହାସଲ କରିଥିବା ବେଳେ ବଜାଜ୍ ଅଟୋର ବିକ୍ରି ମଧ୍ୟ ଉଲ୍ଲେଖନୀୟ ବଢ଼ିଛି। ଟିଭି, ଫ୍ରିଜ୍, ଏସି ଭଳି ସାମଗ୍ରୀ ବିକ୍ରି କରୁଥିବା କମ୍ପାନି



ଏଲ୍‌ଜି, ହାୟର ଓ ଗୋଦରେଜ୍‌ର ବିକ୍ରି ନବରାତ୍ରି ସମୟରେ ଦୁଇଗୁଣା ବଢ଼ିଛି। ହାୟରର ବିକ୍ରି ୮୫ ପ୍ରତିଶତ ବଢ଼ିଛି। ରିଲାଏନ୍ସ ରିଟେଲ୍‌ର ବିକ୍ରି ଗତବର୍ଷ ନବରାତ୍ରି ତୁଳନାରେ ୨୦-୨୫ ପ୍ରତିଶତ ବୃଦ୍ଧି ପାଇଛି। କମ୍ପାନି ଷ୍ଟୋର୍‌ରେ ବଡ଼ ସ୍କ୍ରିନ୍‌ର ଟିଭି, ସ୍ମାର୍ଟଫୋନ୍ ଓ ଫ୍ୟାସନ ସାମଗ୍ରୀ ଅଧିକ ବିକ୍ରି ହୋଇଛି।

ଚଳିତ ବର୍ଷର ସେପ୍ଟେମ୍ବର ମାସରେ ରାଜ୍ୟରେ ୪୮୬୫ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରାଯାଇଛି। ଏହା ଗତବର୍ଷ ସେପ୍ଟେମ୍ବରରେ ହୋଇଥିବା ୪୫୯୬ କୋଟି ଟଙ୍କାର ସଂଗ୍ରହ ତୁଳନାରେ ୬ ପ୍ରତିଶତ ଅଧିକ। କେନ୍ଦ୍ର ସରକାର ଜିଏସ୍‌ଟିରେ କରିଥିବା ସଂସ୍କାରର ପ୍ରତିଫଳନ ଜିଏସ୍‌ଟି ସଂଗ୍ରହରେ ଦେଖିବାକୁ ମିଳିନାହିଁ। ତେଣୁ ଅକ୍ଟୋବର ତଥ୍ୟରେ ତାହା ପ୍ରତିଫଳିତ ହେବ ବୋଲି ଆଶା କରାଯାଉଛି। ଦେଶବ୍ୟାପୀ ସେପ୍ଟେମ୍ବରରେ ୧.୮୯ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରାଯାଇଛି ଯାହା ପୂର୍ବବର୍ଷର ସେହି ସାମ ସଂଗ୍ରହ ତୁଳନାରେ ୯.୧ ପ୍ରତିଶତ ଅଧିକ। କେନ୍ଦ୍ର ସରକାର ଜିଏସ୍‌ଟିରେ ସଂସ୍କାର କରି ୧୨ ପ୍ରତିଶତ ଓ ୨୮ ପ୍ରତିଶତ ସ୍ଲାବ୍‌କୁ ଉଚ୍ଛେଦ କରି କେବଳ ୫ ପ୍ରତିଶତ, ୧୮ ପ୍ରତିଶତ ଓ ନୂଆ ୪୦ ପ୍ରତିଶତ ସ୍ଲାବ୍ ରଖିଥିଲେ। ଦୁଇଟି ସ୍ଲାବ୍ ଉଚ୍ଛେଦ ପରେ କିଛି ମାସ ପାଇଁ ଜିଏସ୍‌ଟି ସଂଗ୍ରହ କମିବ ବୋଲି ଆଶଙ୍କା କରାଯାଉଥିଲା। ଦୈନନ୍ଦୀନ ଜୀବନରେ ବ୍ୟବହାର ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ୫ ପ୍ରତିଶତ ସ୍ଲାବ୍‌ରେ ରଖାଯାଇଥିବାରୁ ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ମିଳିଛି।

# ଲେନ୍ସକାର୍ଟ କମ୍ପାନୀ ଆଇପିଓକୁ ମିଳିଲା ସେବୀଙ୍କ ମଞ୍ଜୁରୀ




ମୁମ୍ବାଇ ୪।୧୦: ଚଷମା ନିର୍ମାତା କମ୍ପାନୀ ଲେନସକାର୍ଟର ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ)କୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ଙ୍କ ମଞ୍ଜୁରି ମିଳିଯାଇଛି। ଏବେ କମ୍ପାନୀ ଆଇପିଓ ଲାଗି ଇସ୍ୟୁ ପ୍ରାଇସ୍ ଓ ଲଞ୍ଚିଂ ତାରିଖ ଘୋଷଣା କରିବ। ଅନୁମାନ କରାଯାଉଛି ନଭେମ୍ବର ମାସରେ କମ୍ପାନୀର ଲିଷ୍ଟିଂ ହୋଇପାରେ। ଉଲ୍ଲେଖଯୋଗ୍ୟ ଯେ ମୋଟ ଆଇପିଓର ଆକାର ୭,୫୦୦-୮, ୦୦୦ କୋଟି ଟଙ୍କା (୮୫୦-୯୦୦ ମିଲିୟନ ଡଲାର) ହୋଇପାରେ। ଲେନ୍ସକାର୍ଟର ଡ୍ରାଫ୍ଟ ରେଡ ହେରିଂ ପ୍ରସପେକ୍ଟସ (ଡିଆରଏଚପି) ଅନୁସାରେ ଆଇପିଓରେ ୨,୧୫୦ କୋଟି ଟଙ୍କାର ଇକ୍ୱିଟି ସେୟାରର ଏକ ନୂଆ ଇସ୍ୟୁ ସାମିଲ ହେବ। ଏହା ସହିତ ନିବେଶକ ଓ ପ୍ରମୋଟରଙ୍କ ଦ୍ୱାରା ୧୩.୨କୋଟି ସେୟାରର ବିକ୍ରି ଅଫର ମଧ୍ୟ ରହିବ। ଲେନ୍ସକାର୍ଟ ପ୍ରମୋଟରଙ୍କ ମଧ୍ୟରେ ପିୟୁଷ ବଂସଲ ୨ କୋଟି ସେୟାର ବିକ୍ରି କରିବେ ଏହି ସମୟରେ ନେହା ବଂସଲ, ଅମିତ ଚୌଧୁରୀ ଓ ସୁମିତ କପାହୀ ପ୍ରତ୍ୟେକ ନିଜର ଅଂଶ ବିକ୍ରି କରିବେ। ବର୍ତ୍ତମାନ ପ୍ରମୋଟରଙ୍କ ପାଖରେ କମ୍ପାନୀର ସାମୂହିକ ଅଂଶିଦାରୀ ୧୯.୯୬% ରହିଛି ଓ ବାକି ୮୦.୦୪% ସେୟାର ସଂସ୍ଥାଗତ ଓ ଅନ୍ୟ ସେଆରଧାରୀଙ୍କ ନିକଟରେ ରହିଛି। ୨୦୨୫ ମସିହାରେ ଲେନସକାର୍ଟର ନିଟ ପ୍ରଫିଟ ୨୯୭.୩କୋଟି ଟଙ୍କାକୁ ପହଞ୍ଚିଛି। ତେବେ ଏହା ପୂର୍ବ ବର୍ଷ ଅର୍ଥାତ ୨୦୨୪ରେ କମ୍ପାନୀକୁ ୧୦.୨ କୋଟି ଟଙ୍କାର କ୍ଷତି ହୋଇଥିଲା। ଆଇପିଓ ଦ୍ୱାରା କମ୍ପାନୀକୁ ଯେଉଁ ଧନ ମିଳିବ ସେଥିରେ କମ୍ପାନୀ ମାଲିକାନାଧୀନ ନୂଆ ଷ୍ଟୋର ଖୋଲିବା, ଲିଜ ନେବା, ଭଡ଼ାରେ ନେବା ଓ ଲାଇସେନ୍ସ ବୁଝାମଣା ନିମନ୍ତେ ପୈଠ କରାଯିବ। ଏହା ଛଡା ଟେକ୍ନୋଲଜି, କ୍ଲାଉଡ ସମ୍ପର୍କିତ ଇନଫ୍ରା, ବ୍ରାଣ୍ଡ ଡିଷ୍ଟ୍ରିବ୍ୟୁସନ ଓ ପ୍ରମୋସନ ନିମନ୍ତେ ବ୍ୟୟ କରାଯିବ। କୋଟାକ ମହିନ୍ଦ୍ରା, ମର୍ଗନ ଷ୍ଟାନଲୀ, ସିଟି, ଏଭେଣ୍ଡସ୍ କ୍ୟାପିଟାଲ ଓ ଇଣ୍ଟେନସିଭ ଫିସ୍କାଲ ସର୍ଭିସେସ କମ୍ପାନୀ ଆଇପିଓର ମର୍ଚ୍ଚାଣ୍ଟ ବ୍ୟାଙ୍କର ଅଛନ୍ତି। ୨୦୦୮ ମସିହାରେ ସ୍ଥାପିତ ଲେନସକାର୍ଟ ସାରା ବିଶ୍ୱରେ ୨୦୦୦ରୁ ଅଧିକ ଷ୍ଟୋର ସଞ୍ଚାଳନ କରୁଛି, ଯେଉଁଗୁଡିକର ଅନଲାଇନ ଓ ଅଫଲାଇନରେ ମଜଭୁତ ଉପସ୍ଥିତି ରହିଛି। ଏହାକୁ ସଫ୍ଟବ୍ୟାଙ୍କ, ଏଡିଆଇଏ, ଟେମାସେକ, କେକେଆର, ଆଲଫା ୱେବ୍, ଟିପିଜି ଓ କେଦାରା କ୍ୟାପିଟାଲସ୍ ଭଳି ପ୍ରମୁଖ ବୈଶ୍ୱିକ ନିବେଶକଙ୍କ ସମର୍ଥନ ରହିଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୯,୪୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୯,୪୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୯,୪୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୦୯,୪୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୯,୪୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୦୯,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୯,୫୫୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୯,୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୯,୪୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧, ୦୯,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୯, ୪୦୦ ଓ ୧, ୦୯,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୫,୦୦୦ ଟଙ୍କା ହୋଇଛି।

### ବ୍ୟାଙ୍କରେ ସଂସ୍କାର ପାଇଁ ୨୨ ପଦକ୍ଷେପ

# ସୁଧହାର ବଦଳିଲାନି, କମିବନି କିସ୍ତି

**ମୁମ୍ବାଇ, ୪।୧୦:** ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱାଧୀନ ମୁଦ୍ରାନୀତି କମିଟି ସୁଧ ହାର ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ରେପୋ ହାର ୫.୫୦ ପ୍ରତିଶତରେ ଅପରିବର୍ତ୍ତିତ ରହିଛି। ମୁଦ୍ରାସ୍ଫୀତି ହାର ସର୍ବନିମ୍ନ ସ୍ତରକୁ ହ୍ରାସ ପାଇଥିବାରୁ ସୁଧ କମ୍ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ୫୦ ପ୍ରତିଶତ ଶୁଳ୍କର ପ୍ରଭାବ ବିଚାରକୁ ନେଇ ସୁଧ ଅପରିବର୍ତ୍ତିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥାଇପାରେ ବୋଲି କୁହାଯାଉଛି। ସୁଧ କମି ନଥିବାରୁ ଲୋକମାନଙ୍କ ଋଣ କିସ୍ତିରେ କୌଣସି ପରିବର୍ତ୍ତନ ହେବନାହିଁ। ତେବେ ଦରଦାମ୍‌କୁ ନେଇ ରିଜର୍ଭ ବ୍ୟାଙ୍କ ଆଶ୍ୱାସନା ଦେଇଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୩.୧ ପ୍ରତିଶତ ନୁହେଁ, ତା'ଠାରୁ କମ୍ ୨.୬ ପ୍ରତିଶତ ରହିବ ବୋଲି ରିଜର୍ଭ ବ୍ୟାଙ୍କ ଜଣାଇଛି। ଅଭିବୃଦ୍ଧିର ଆକଳନକୁ ମଧ ଏହା ବଢ଼ାଇଛି। ପୂର୍ବରୁ ଏହା କହିଥିଲା ଯେ ଚଳିତ ଆର୍ଥିକ ବର୍ଷର ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିଛି। କିନ୍ତୁ ଏବେ ତାହାକୁ ୬.୮ ପ୍ରତିଶତକୁ ବଢ଼ାଇଛି। ଭଲ ମୌସୁମୀ ବର୍ଷା, ଜିଏସ୍‌ଟି ସଂସ୍କାର, ବ୍ୟାଙ୍କ ଋଣରେ ବୃଦ୍ଧି ଓ କାରଖାନାଗୁଡ଼ିକର କ୍ଷମତା ସମ୍ପ୍ରସାରଣ ହୋଇଥିବାରୁ ଅର୍ଥନୀତିକୁ ଆବଶ୍ୟକୀୟ ସମର୍ଥନ ମିଳିଛି। ଦୃଢ଼ ଉପଯୋଗିତା, ନିବେଶ ଓ ସରକାରୀ ବ୍ୟୟ ପାଇଁ ଘରୋଇ ଅଭିବୃଦ୍ଧିରେ ଉନ୍ନତି ଘଟିଛି। ସେଥିପାଇଁ ରିଜର୍ଭ ବ୍ୟାଙ୍କ ଅଭିବୃଦ୍ଧି ଆକଳନକୁ ବଢ଼ାଇଛି। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସଂସ୍କାର ଆଣିବା ଲାଗି ୨୨ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଘୋଷଣା କରାଯାଇଛି। ୨୦୨୭ ଏପ୍ରିଲ୍‌ରୁ ଋଣ କ୍ଷତି ଆଶଙ୍କା (ଇସିଏଲ୍) ଫ୍ରେମ୍‌ୱର୍କ ଲାଗୁ କରାଯିବ। ଫଳରେ ସମ୍ପ୍ରତି ପ୍ରଚଳନରେ ଥିବା ନିୟମ ଅନୁସାରେ ଋଣରେ ହେଉଥିବା କ୍ଷତି ଭରଣା କରିବା ଲାଗି ବ୍ୟାଙ୍କଗୁଡ଼ିକୁ ଏକକାଳୀନ ବିପୁଳ ପାଣ୍ଠି ପ୍ରୋଭିଜନିଂ ଭାବେ ଅଲଗା ରଖିବାକୁ ପଡ଼ିବନି। ୨୦୨୭ ଏପ୍ରିଲ୍‌ରୁ ସଂଶୋଧିତ ବାସେଲ୍ ୩ ପୁଞ୍ଜି ସ୍ୱଚ୍ଛତା ନିୟମ ଲାଗୁ ହେବ। ଫଳରେ ବ୍ୟାଙ୍କଗୁଡ଼ିକ ଏମଏସ୍‌ଏମ୍‌ଇ ଓ ଗୃହ ଋଣ ଅଧିକ ସୁବିଧାରେ ଦେଇପାରିବେ। ଜମାରାଶି ଉପରେ ବୀମାରେ ମଧ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ସବୁ ବ୍ୟାଙ୍କ ପ୍ରତି ୧୦୦ ଟଙ୍କାର ଜମା ପାଇଁ ଫ୍ଲାଟ୍ ୧୨ ପଇସାର ପ୍ରିମିୟମ୍ ଦେଉଛନ୍ତି। ଏକ ବିପଦ ଆଧାରିତ ପ୍ରିମିୟମ୍ ବ୍ୟବସ୍ଥା ଲାଗୁ କରିବାକୁ ରିଜର୍ଭ ବ୍ୟାଙ୍କ ପ୍ରସ୍ତାବ ଦେଇଛି।



### ଅନୀଲ ଅମ୍ବାନୀଙ୍କୁ ଶକ୍ତ ଝଟ୍‌କା

# ଏସ୍‌ବିଆଇ ବିରୋଧରେ ଆବେଦନକୁ ଖାରଜ କଲେ ବମ୍ବେ ହାଇକୋର୍ଟ

ନୂଆଦିଲ୍ଲୀ, ୪।୧୦: ଶିଳ୍ପପତି ଅନିଲ ଅମ୍ବାନୀଙ୍କ ଋଣ ଆକାଉଣ୍ଟକୁ ଫ୍ରଡ୍ ଘୋଷଣା କରିବା ନେଇ ଏସ୍‌ବିଆଇର ନିଷ୍ପତ୍ତି ବିରୋଧରେ ଅନୀଲ ଅମ୍ବାନୀ ଦାୟର କରିଥିବା ଆବେଦନକୁ ଶୁକ୍ରବାର ବମ୍ବେ ହାଇକୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ରେବତୀ ମୋହିତେ ଡେରେ ଏବଂ ନୀଲା ଗୋଖଲେଙ୍କ ଏକ ଖଣ୍ଡପୀଠ ଅମ୍ବାନୀଙ୍କ ପ୍ରକ୍ରିୟାଗତ ଅନ୍ୟାୟର ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିବା ସହିତ ଏସବିଆଇର କାର୍ଯ୍ୟାନୁଷ୍ଠାନକୁ ଉଚିତ ବୋଲି ଦର୍ଶାଇଛନ୍ତି। ଜୁନ୍ ୨୦୨୫ରେ ଏସବିଆଇ ରିଲାଏନ୍ସ କମ୍ୟୁନିକେସନ୍ସ ଏବଂ ଏହାର ପ୍ରମୋଟର ଅନିଲ ଅମ୍ବାନୀଙ୍କ ଋଣ ଆକାଉଣ୍ଟଗୁଡ଼ିକୁ ଫ୍ରଡ୍ ବୋଲି ଟ୍ୟାଗ୍ ଦେଇଥିଲା। ପାଣ୍ଠିର ଅନ୍ୟତ୍ର ସ୍ଥାନାନ୍ତର, ଚୁକ୍ତିନାମା ଉଲ୍ଲଂଘନ ଏବଂ ସମ୍ବନ୍ଧିତ-ପକ୍ଷ କାରବାରକୁ ଉଲ୍ଲେଖ କରି ଏସ୍‌ବିଆଇ ଏହି ପଦକ୍ଷେପ ନେଇଥିଲା। ଏନେଇ ଏସ୍‌ବିଆଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)କୁ ଜଣାଇବା ସହିତ ସିବିଆଇକୁ ଜଣାଇବାକୁ ଚେଷ୍ଟା କରିଥିଲା। ଅମ୍ବାନୀ ଏସ୍‌ବିଆଇର ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ। ଏବଂ କହିଥିଲେ ଯେ ସେ କେବଳ ଜଣେ ଅଣ-କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ତାଙ୍କୁ ଜାଣିଶୁଣି ଟାର୍ଗେଟ୍ କରାଯାଉଛି।ସେ ଏହା ମଧ ଯୁକ୍ତି ଦେଇଥିଲେ ଯେ ତାଙ୍କ ପକ୍ଷ ଉପସ୍ଥାପନ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଯୋଗାଇ ତାଙ୍କୁ ଦିଆଯାଇ ନାହିଁ। ତେବେ ଶୁଣାଣି କରୁଥିବା ହାଇକୋର୍ଟ ଜାଣିବାକୁ ପାଇଥିଲେ ଯେ ଏସବିଆଇ ଜାଲିଆତି ବର୍ଗୀକରଣ ଉପରେ ଆରବିଆଇର ଜୁଲାଇ ୨୦୨୪ ମାଷ୍ଟର ନିର୍ଦ୍ଦେଶାବଳୀ ପାଳନ କରିଛି। ତେଣୁ ସେ ଅନୀଲ ଅମ୍ବାନୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି।

ସୂଚନା ଥାଉକି ଏହି ସମାନ ଖଣ୍ଡପୀଠ ପୂର୍ବରୁ ଆରବିଆଇର ମାଷ୍ଟର ସର୍କୁଲାରର ପାଳନ ନକରିବା ଦର୍ଶାଇ କାନାରା ବ୍ୟାଙ୍କ ଦ୍ୱାରା ଅମ୍ବାନୀଙ୍କ ବିରୁଦ୍ଧରେ ଜାରି କରାଯାଇଥିବା ସମାନ ଆଦେଶକୁ ସ୍ଥଗିତ ରଖିଥିଲେ। ଆରବିଆଇର ଏହି ସର୍କୁଲାର ଅନୁଯାୟୀ ବ୍ୟାଙ୍କଗୁଡ଼ିକ ଋଣଗ୍ରହୀତାଙ୍କ ଆକାଉଣ୍ଟକୁ ଠକ ବୋଲି ବର୍ଗୀକୃତ କରିବା ପୂର୍ବରୁ ସେମାନଙ୍କୁ ବ୍ୟକ୍ତିଗତ ଭାବରେ ଶୁଣିବାକୁ ବାଧ୍ୟ। ତେବେ ଜୁଲାଇ ୨୦୨୫ରେ, କାନାରା ବ୍ୟାଙ୍କ କୋର୍ଟକୁ ଜଣାଇଥିଲା ଯେ ସେ ଏହା ଠକେଇ ବର୍ଗୀକରଣ ପ୍ରତ୍ୟାହାର କରିନେଇଛି। ଏହାପରେ ମାମଲାଟି ସମାଧାନ ହୋଇଥିଲା ଅମ୍ବାନୀ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଠକେଇ ବର୍ଗୀକରଣ ବିରୁଦ୍ଧରେ ମଧ ଆବେଦନ କରିଥିଲେ। ହେଲେ ସମାନ ଖଣ୍ଡପୀଠ ସ୍ଥଗିତାଦେଶ ପ୍ରତ୍ୟାଖ୍ୟାନ କରିବା ସହିତ ଅମ୍ବାନୀଙ୍କୁ ଆରବିଆଇ ସହ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦ .୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ଲଞ୍ଚ ହେଲା ଦେଶର ପ୍ରଥମ ସ୍ୱୟଂଚାଳିତ ଅଟୋରିକ୍ସା

**ନୂଆଦିଲ୍ଲୀ, ୪।୧୦:** ଭାରତୀୟ ବୈଦ୍ୟୁତିକ ଗତିଶୀଳତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି ହୋଇଛି। ଓମେଗା ସିକି ମୋବିଲିଟି (ଓଏସଏମ) ବିଶ୍ୱର ପ୍ରଥମ ସ୍ୱୟଂଶାସିତ (ଚାଳକହୀନ) ବୈଦ୍ୟୁତିକ ତିନି ଚକିଆ ଯାନ, "ସ୍ୱୟଂଗତି" ଲଞ୍ଚ କରିଛି। ଏଭଳି ସ୍ୱତନ୍ତ୍ର ଅଟୋର ମୂଲ୍ୟ ମାତ୍ର ୪ ଲକ୍ଷ ଟଙ୍କା ରହିଥିବା ଜଣାପଡ଼ିଛି।

"ସ୍ୱୟଂଗତି" ଓଏସଏମର ବୈଦ୍ୟୁତିକ ପ୍ଲାଟଫର୍ମ ଏବଂ ଏଆଇ-ଆଧାରିତ ସ୍ୱୟଂଶାସିତ ସିଷ୍ଟମ ଉପରେ ନିର୍ମିତ। ଏହା ବିମାନବନ୍ଦର, ସ୍ମାର୍ଟ କ୍ୟାମ୍ପସ, ପାର୍କ, ଗେଟେଡ୍ ସମ୍ପ୍ରଦାୟ ଏବଂ ଜନଗହଳିପୂର୍ଣ୍ଣ ସହରାଞ୍ଚଳରେ ଡ୍ରାଇଭର ବିନା କାର୍ଯ୍ୟ କରିପାରିବ। ଏକ ନିର୍ଦ୍ଦିଷ୍ଟ ରାସ୍ତାରେ ନିରାପଦ ଏବଂ ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଉକ୍ତ ଅଟୋରେ ପୂର୍ବରୁ ମ୍ୟାପ୍ ଖଞ୍ଜା ଯାଇଛି। ଏଥିରେ ଦିଆଯାଇଥିବା ବ୍ୟାଟେରୀ ଥରେ ଚାର୍ଜ ହେବା ପରେ ୧୨୦ କିଲୋମିଟର ପର୍ଯ୍ୟନ୍ତ ଡ୍ରାଇଭିଂ କରିଥାଏ। ବିଶ୍ୱର ପ୍ରଥମ ସ୍ୱୟଂଚାଳିତ ବୈଦ୍ୟୁତିକ ତିନି ଚକିଆ ଗାଡ଼ି ସ୍ୱୟଂଗତିରେ ଏଆଇ-ଭିତ୍ତିକ ବାଧା ଚିହ୍ନଟ କରିବା ସହିତ ମଲ୍ଟି-ସେନ୍ସର ନାଭିଗେସନ୍ ଏବଂ ରିମୋଟ୍ ସୁରକ୍ଷା ନିୟନ୍ତ୍ରଣ ପ୍ରଦାନ କରାଯାଇଛି।

ଓମେଗା ସିକି ମୋବିଲିଟିର ପ୍ରତିଷ୍ଠାତା-ଅଧ୍ୟକ୍ଷ ଉଦୟ ନାରଙ୍ଗ କହିଛନ୍ତି, "ସ୍ୱୟଂଗତି ସହିତ ଆମେ ସ୍ୱଚ୍ଛ, ସଂଯୁକ୍ତ ଏବଂ ବୁଦ୍ଧିମାନ ଗତିଶୀଳତା ସମାଧାନ ବିକାଶ କରିବାରେ ଭାରତର କ୍ଷମତାକୁ ମଧ ପ୍ରଦର୍ଶନ କରୁଛୁ।ସ୍ୱୟଂଚାଳିତ ତିନି ଚକିଆ ଯାତ୍ରୀବାହୀ ବାହକ ଓଏସଏମର ଇଭି ପ୍ଲାଟଫର୍ମ ଉପରେ ଆଧାରିତ ଏବଂ ସ୍ୱୟଂଚାଳିତ ଡ୍ରାଇଭିଂ ପ୍ରଯୁକ୍ତିବିଦ୍ୟାରେ ବିଶେଷଜ୍ଞ ବେଙ୍ଗାଲୁରୁ ଭିତ୍ତିକ ଏକ ଷ୍ଟାର୍ଟ-ଅପ୍ ସହିତ ସହଭାଗୀତାରେ ବିକଶିତ ହୋଇଛି।




# ଅସଲି ଓ ନକଲି ଔଷଧ ପରଖିବାର ସହଜ ଉପାୟ

**ନୂଆଦିଲ୍ଲୀ, ୪।୧୦:** ଦିନକୁ ଦିନ ମଣିଷ ଶରୀରରେ ରୋଗ ବୃଦ୍ଧି ପାଉଥିବା ବେଳେ ବଜାରରେ ବିଭିନ୍ନ କମ୍ପାନିର ଔଷଧ ବିକ୍ରି ସଂଖ୍ୟା ମଧ ବଢ଼ିବାରେ ଲାଗିଛି।ଥରେ କଳ୍ପନା କରି ଦେଖନ୍ତୁ ତ ଆମେ ଅସୁସ୍ଥ ହେବା ପାଇଁ ଯେଉଁ ଔଷଧ ଉପରେ ବିଶ୍ୱାସ କରୁଛେ ଯଦି ସେହି ଔଷଧ ନକଲି ହୁଏ ତେବେ କ'ଣ ହେବ? ତେଣୁ କିଣୁଥିବା ଔଷଧ ଅସଲି କି ନକଲି ତାହା ଜାଣିବା ଅତ୍ୟନ୍ତ ଜରୁରୀ। ନିମ୍ନରେ କିଛି ସରଳ ସୂଚନା ରହିଛି। ଯାହାକୁ ଆଧାର କରି ଗ୍ରାହକ ନକଲି ଔଷଧକୁ ସହଜରେ ଚିହ୍ନଟ କରିବା ପାରିବେ। ଗ୍ରାହକ ପ୍ରଥମେ ଔଷଧର ପ୍ୟାକେଜିଂ ଏବଂ ଲେବଲିଂକୁ ଭଲଭାବରେ ଯାଞ୍ଚ କରନ୍ତୁ। ନକଲି ଔଷଧର ପ୍ୟାକେଜିଂରେ ପ୍ରାୟତଃ ବନାନ ତ୍ରୁଟି ସହିତ ଫଣ୍ଟ ଓ ରଙ୍ଗରେ ଭିନ୍ନତା ରହିଥାଏ। ଅସଲି ଔଷଧରେ ସବୁକିଛି ସ୍ପଷ୍ଟ ଏବଂ ଠିକ୍ ଭାବରେ ଲେଖାଯାଇଥାଏ। ଅନେକ ଔଷଧ କମ୍ପାନି ସେମାନଙ୍କ ଔଷଧରେ ହୋଲୋଗ୍ରାମ କିମ୍ବା ସ୍ୱତନ୍ତ୍ର ସୁରକ୍ଷା ସିଲ୍ ଲଗାଇଥାଆନ୍ତି। ଯାହାକୁ ଗ୍ରାହକମାନେ ଆଲୋକ ପାଖରେ ରଖି ଯାଞ୍ଚ କରି ପାରିବେ। ଯଦି ଏହା କ୍ଷତିଗ୍ରସ୍ତ, କୁଞ୍ଚିତ କିମ୍ବା ନକଲି ଦେଖାଯାଏ, ତେବେ ସତର୍କ ହୋଇଯାଆନ୍ତୁ। ଅସଲି ଔଷଧରେ ଏମଆରପି ଏବଂ ନିର୍ମାଣକାରୀ କମ୍ପାନିର ନାମ ଏବଂ ଠିକଣା ପ୍ୟାକେଜିଂରେ ସ୍ପଷ୍ଟ ଭାବରେ ଲେଖାଯାଇଥାଏ। ନକଲି ଔଷଧ ଉପରେ ଏହି ସୂଚନା ଅସମ୍ପୂର୍ଣ୍ଣ ସହିତ ଅନେକ ସମୟରେ ଭୁଲ ରହିଥାଏ। କିଛି ଔଷଧର ଏକ ସ୍ୱତନ୍ତ୍ର ଗନ୍ଧ ଥାଏ। ଯଦି ଔଷଧରୁ ଅଦ୍ଭୁତ କିମ୍ବା ତୀବ୍ର ଗନ୍ଧ ନିର୍ଗତ ହେଉଛି ତେବେ ଏହା ଅସ୍ୱାଭାବିକ। ତେଣୁ ଏଥିପ୍ରତି ସତର୍କ ହୋଇଯାଆନ୍ତୁ। ଯଦି ଆପଣଙ୍କୁ ପାଣିରେ ଏକ ଟାବଲେଟ୍ କିମ୍ବା କ୍ୟାପସୁଲ୍ ଦ୍ରବୀଭୂତ କରିବାକୁ ପଡିବ, ତେବେ ଯାଞ୍ଚ କରନ୍ତୁ ଯେ ଏହା ଠିକ୍ ଭାବରେ ଦ୍ରବୀଭୂତ ହେଉଛି କି ନାହିଁ। ନକଲି ଔଷଧ ପାଣିରେ ପ୍ରାୟତଃ ଠିକ୍ ଭାବରେ ଦ୍ରବୀଭୂତ ହୁଏ ନାହିଁ। ଯଦି ଆପଣ ବଜାର ମୂଲ୍ୟ ଅପେକ୍ଷା ବହୁତ ଶସ୍ତା ଔଷଧ ପାଆନ୍ତି, ତେବେ ସତର୍କ ରୁହନ୍ତୁ। ଗ୍ରାହକମାନଙ୍କୁ ପ୍ରଲୋଭିତ କରିବା ପାଇଁ ନକଲି ଔଷଧ ପ୍ରାୟତଃ କମ୍ ମୂଲ୍ୟରେ ବିକ୍ରି ହୋଇଥାଏ। ମନେରଖନ୍ତୁ, ଶସ୍ତା ମୂଲ୍ୟକୁ ବଳି ଦେଇ ଆପଣଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାନ୍ତୁ ନାହିଁ। ସର୍ବଦା ଏକ ପଞ୍ଜିକୃତ ଏବଂ ନିର୍ଭରଯୋଗ୍ୟ ମେଡିକାଲ୍ ଷ୍ଟୋରରୁ ଔଷଧ କିଣନ୍ତୁ। ରାସ୍ତା କଡ଼ରୁ କିମ୍ବା ଅଜଣା ସ୍ଥାନରୁ ଔଷଧ କିଣିବାର ଭୁଲ କରନ୍ତୁ ନାହିଁ। ଔଷଧ କିଣିବା ସମୟରେ ସର୍ବଦା ବିଲ୍ ସଂଗ୍ରହ କରନ୍ତୁ। ଯାହାକି ଆବଶ୍ୟକ ପଡ଼ିଲେ ଅଭିଯୋଗ ଦାଖଲ କରିବାରେ ସାହାଯ୍ୟ କରିବ। କିଛି ଔଷଧ କମ୍ପାନି ଅନଲାଇନରେ ସେମାନଙ୍କର ଔଷଧ ଟ୍ରାକ୍ କରିବାର କ୍ଷମତା ପ୍ରଦାନ କରନ୍ତି। ଆପଣ ସେମାନଙ୍କ ୱେବସାଇଟରେ ପ୍ୟାକେଜିଂରେ ଦିଆଯାଇଥିବା କୋଡ୍ ପ୍ରବେଶ କରି ଔଷଧ ବିଷୟରେ ଯାଞ୍ଚ କରିପାରିବେ।

# ଶାହରୁଖ ହେଲେ ବିଲିଓନେୟାର



ନୂଆଦିଲ୍ଲୀ, ୪।୧୦: ହୁରୁନ ଭାରତୀୟ ଧନୀ ତାଲିକା ୨୦୨୫ ଅନୁସାରେ ବଲିଉଡ୍ ତାରକା ଶାହରୁଖ ଖାନ ୧.୪ ବିଲିୟନ ଡଲାର ସମ୍ପତ୍ତି ସହ ପ୍ରଥମ ଥର ପାଇଁ ବିଲିଓନେୟାର କ୍ଲବ୍‌ରେ ପ୍ରବେଶ କରିଛନ୍ତି। ଅନ୍ୟ ପକ୍ଷରେ ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ ଏକ ଐତିହାସିକ ଉପଲବ୍ଧି ହାସଲ କରିଛନ୍ତି। ସେ ବିଶ୍ୱର ପ୍ରଥମ ବ୍ୟକ୍ତି ହୋଇଛନ୍ତି ଯାହାଙ୍କ ପାଖରେ ୫୦୦ ବିଲିୟନ ଡଲାରରୁ ଅଧିକ ସମ୍ପତ୍ତି ରହିଛି। ଅନ୍ୟ କୌଣସି ଧନୀ ଏହି ମ୍ୟାଜିକ୍ ସଂଖ୍ୟା ପାଖରେ ପହଞ୍ଚିପାରିନାହାନ୍ତି। ଫୋର୍ବସ୍ ବିଲଓନେୟାର ତାଲିକା ଅନୁସାରେ ମସ୍କଙ୍କ ସମ୍ପତ୍ତ ୫୦୦.୧ ବିଲିୟନ୍ ଡଲାର ରହିଛି। ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଥିବା ଓରାକଲ୍‌ର ପ୍ରତିଷ୍ଠାତା ଲାରି ଏଲିସନଙ୍କ ସମ୍ପତ୍ତି ୩୫୦.୭ ବିଲିୟନ ଡଲାର ରହିଛି। ଗତ କିଛି ଦିନ ପୂର୍ବେ ଅଳ୍ପ ସମୟ ପାଇଁ ମସ୍କଙ୍କୁ ହଟାଇ ଏଲିସନ୍ ବିଶ୍ୱର ଏକ ନମ୍ବର ଧନୀ ହୋଇଥିଲେ।

## ମୁଁ ସର୍ବେସର୍ବା ସିଡ଼ିପିଓ କିଏ? କର୍ମୀଙ୍କ କବଜାରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ର



ବିଞ୍ଝାରପୁର,୪।୧୦(ସଂଚାର ବ୍ୟୁରୋ): ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ ଶିଶୁ ମାନଙ୍କର ଶାରୀରିକ ଏବଂ ଭୌତିକ ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ପୃଷ୍ଟିସାର ଯୁକ୍ତ ଖାଦ୍ୟ ସହିତ ଆବଶ୍ୟକୀୟ ଖେଳନା ଉପକରଣ, ଔଷଧ କିଟ, ପିଲାଙ୍କ ସାର୍ଟ ପ୍ୟାଣ୍ଟ ପ୍ରଦାନ କରାଯାଉଛି।ଏହି ସବୁ ବ୍ୟବସ୍ଥାକୁ ଅଙ୍ଗନୱାଡି କର୍ମୀ ମାନେ ସୁଚାରୁ ରୁପେ ସମ୍ପାଦନ କରୁଛନ୍ତି କି ନାହିଁ ତାକୁ ମଧ ତଦାରଖ କରାଯାଉଛି। କିନ୍ତୁ ବିଞ୍ଝାରପୁର ବ୍ଲକରେ ଆସିଛି କିଛି ଭିନ୍ନ ଅଭିଯୋଗ। ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଉପରେ ନିୟନ୍ତ୍ରଣ ରଖିବାକୁ ଯାଇ ଜଣେ ଅଙ୍ଗନୱାଡି କର୍ମୀ ଏକ ପ୍ରକାର ଜୁଲମ ଚଳାଉଥିବା ଅଭିଯୋଗ ଆସିଛି। ନିଜର ପରିଚୟ ଗୋପନ ରଖି ଜଣେ ଅଙ୍ଗନୱାଡି କର୍ମୀ ଖୋଲିଛନ୍ତି ଏହି ଅଙ୍ଗନୱାଡି କର୍ମୀଙ୍କ ସବୁ ଗୁମର। ବିଞ୍ଝାରପୁର ବ୍ଲକରେ ରହିଛି ମୋଟ ୨୯୫ ଟି ଅଙ୍ଗନୱାଡି କେନ୍ଦ୍ର। ତେବେ ଏହି ଅଙ୍ଗନୱାଡି କେନ୍ଦ୍ରକୁ କୁଆଡ଼େ ଜଣେ ଅଙ୍ଗନୱାଡି କର୍ମୀ କବଜାରେ ରଖିଥିବା ଶୁଣିବାକୁ ମିଳୁଛି। କୁହାଯାଉଛି ସମସ୍ତ ସୁପରଭାଇଜର ମାନଙ୍କୁ ଢାଲ କରି ଏହି କର୍ମୀ ଜଣଙ୍କ ଅଙ୍ଗନୱାଡି କେନ୍ଦ୍ର ପାଇଁ ଆସୁଥିବା ଖେଳନା ଉପକରଣ, ଔଷଧ କିଟ, ପିଲାଙ୍କ ସାର୍ଟ ପ୍ୟାଣ୍ଟ ରେ ହସ୍ତକ୍ଷେପ କରି ମୁନାଫା କମାଉଛନ୍ତି। ଅଙ୍ଗନୱାଡି କେନ୍ଦ୍ର ମାନଙ୍କୁ ଆସୁଥିବା ଖେଳନା ଉପକରଣ, ଔଷଧ କିଟ, କିମ୍ବା ଅନ୍ୟାନ୍ୟ ଖର୍ଚ୍ଚ କୁ ନେଇ ଏହି ଅଙ୍ଗନୱାଡି କର୍ମୀ ଜଣଙ୍କ ନେଇ ନିଜ ସୁବିଧା ଅନୁସାରେ ସାମଗ୍ରୀ କିଣି କାଳେ ମୁନାଫା କମାଉଛନ୍ତି। କମ୍ ଟଙ୍କାରେ ସାମଗ୍ରୀ କିଣି ଅଧିକ ଟଙ୍କାର ବିଲ କରୁଥିବା ଅଭିଯୋଗ ଆସିଛି। ରାଜନୈତିକ ପୃଷ୍ଠ ପୋଷଣକୁ ଢାଲ କରି ଏଭଳି କରୁଥିବା ଅଭିଯୋଗ ଆସିଛି।ଏଭଳି କ୍ରିୟାକଳାପ କୁ ଯଦି କୌଣସି ଅଙ୍ଗନୱାଡି କର୍ମୀ ବିରୋଧ କରନ୍ତି ତେବେ ସୁପରଭାଇଜର ମାନଙ୍କୁ ଢାଲ କରି ହଇରାଣ ହରକତ କରୁଥିବା ଅଭିଯୋଗ ଆସିଛି। ସିଡ଼ିପିଓ କୁଆଡ଼େ ସବୁ ଜାଣି ନିରବ ଥିବା ଶୁଣିବାକୁ ମିଳୁଛି। ମୁହଁ ଖୋଲିଲେ ଦରମା ବନ୍ଦ କରିଦେବା ଭଳି ଧମକ ଦେଉଛନ୍ତି ଏହି କରିତ୍ କର୍ମା ଅଙ୍ଗନୱାଡି କର୍ମୀ। ଏହି ଅଙ୍ଗନବାଡ଼ି କର୍ମୀଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା।



## ଲଗାଣ ବର୍ଷାରେ ଭାଙ୍ଗିଲା ଝାଟିମାଟି ଘର କାନ୍ଥ

କନ୍ଧମାଳ,୪।୧୦(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଦନେକବାଡ଼ି ପଞ୍ଚାୟତ ଅନ୍ତର୍ଗତ ମାଣ୍ଡୁବାଡ଼ି ଗ୍ରାମର ରୁପା ବଳୟାରସିଂ ଙ୍କ ଝାଟିମାଟି ଘର କାନ୍ଥ ଲଗାଣ ବର୍ଷା ରେ ଭାଙ୍ଗି ଯାଇଛି। କନ୍ଧମାଳ ଜିଲ୍ଲାରେ ଲଘୁଚାପ ଜନିତ ବର୍ଷା ତୁହାକୁ ତୁହା ବର୍ଷା ଲାଗି ରହିଥିବାରୁ ଲୋକଙ୍କୁ ଅସ୍ତବ୍ୟସ୍ତ କରି ଦେଲାଣି। କୋଉଠି ଫସଲ ଉଜୁଡ଼ି ଗଲାଣି ତ ଆଉ କୋଉଠି କଚ୍ଛା ଘର ଭୁଶୁଡ଼ି ଗଲାଣି ଏକାଧିକ ଲୋକଙ୍କ ଝାଟିମାଟି ଘର କାନ୍ଥ ଭାଙ୍ଗି ଗଲାଣି। ଅନେକ ଲୋକ ନିଜ ଘର ଛାଡ଼ି ଅନ୍ୟ ସ୍ଥାନକୁ ଯାଇ ଆଶ୍ରୟ ନେଲେଣି। ଏଭଳି ଘଟଣା ଦୁର୍ଗମ ଅଞ୍ଚଳରେ ଅଧିକ ଦେଖିବାକୁ ମିଳୁଛି। ସୂଚନା ମୁତାବକ କେଉଁ ମୂହୁର୍ତ୍ତ ରେ ମଧ ସଂମ୍ପୁର୍ଣ୍ଣ ଭୁଶୁଡ଼ି ଯିବାର ମଧ ଆଶଙ୍କା ରହିଛି। ଏବେ ରୁପା ତାଙ୍କ ପୁଅ ବୋହୂ ଓ ନାତି ନାତୁଣୀ କୁ ନେଇ ଚିନ୍ତାରେ ପଡ଼ିଛନ୍ତି।ସେ ଜଣେ ସାମାଜିକ କର୍ମୀ ଅକ୍ଷୟ ପରିଛାଙ୍କ ଜରିଆରେ ପ୍ରଶାସନ ନିକଟରେ ଅଭିଯୋଗ ଜଣାଇଛନ୍ତି। ତେବେ କେହି ଅଧିକାରୀ କିମ୍ବା ରାଜସ୍ୱ ନିରୀକ୍ଷକ ରୁପା ଙ୍କ ନିକଟରେ ପହଂଚି ନଥିବା କହିଛନ୍ତି ଅକ୍ଷୟ। ଶିଘ୍ର ଝାଟିମାଟି ଘର କାନ୍ଥ ରେ ରହୁଥିବା ଲୋକଙ୍କ ପାଖକୁ ରାଜସ୍ୱ ନିରୀକ୍ଷକ ବିଭାଗ ପହଞ୍ଚି ଜରିପାଲ ଯୋଗାଇଦେବା ସହିତ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ରାତୁଲରେ ଅଗ୍ନି ଭୈରବଙ୍କ ଝାମୁଯାତ୍ରା

ନର୍ଲା,୪।୧୦(ସଂଚାର ବ୍ୟୁରୋ): ନର୍ଲା ବ୍ଲକ ବଡ଼ଧରପୁର ପଞ୍ଚାୟତର ରାତୁଲ ଗାଁରେ ଅଗ୍ନି ଭୈରବଙ୍କ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ପରମ୍ପରା ଚାଲିଆସୁଛି। ଅନ୍ୟ ବର୍ଷ ପରି ଚଳିତବର୍ଷ ମଧ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଏହି ଝାମୁଯାତ୍ରାରେ ସାମିଲ ହୋଇ ଅଗ୍ନି ଭୈରବୀଙ୍କ ଆଶିଷ ଭିକ୍ଷା କରିଥିଲେ। ଉଦ୍ଧବ ଦୋରା, ମଧୁସୂଦନ ଦୋରା, ପରମେଶ୍ୱର ମାଝୀ, ଅକ୍ଷୟ ମାଝୀ, ମୋହନ ଦୋରା, ଜଗତ ରାମ ମାଝୀ, ସନ୍ତୋଷ ପତ୍ର, ଟିକେଚନ ଗହିରଙ୍କୁ କାଳିସୀ ଲାଗିଥିଲା। ଅଗ୍ନି ଭୈରବ ନିଆଁରେ ଚାଲି ନିଜ ଶକ୍ତି ପ୍ରଦର୍ଶନ କରିଥିଲେ। ଏହି ଯାତ୍ରାର ମୁଖ୍ୟ ହେଉଛନ୍ତି ବଳ ଦୋରା, ନରେନ୍ଦ୍ର ଦୋରା, ଜୟରାମ ଦୋରା। ଏମାନେ କାଳିସୀ ମାନଙ୍କ ଦାୟିତ୍ୱରେ ରହନ୍ତି।



ଏହି ଅବସରରେ ମାନସିକଧାରୀମାନେ ଦେବତାଙ୍କ ପାଖରେ ଭୋଗ ଅର୍ପଣ କରିଥିଲେ। ଅଗ୍ନି ଭୈରବ ମନ୍ଦିର ନିକଟରେ ଏକ ଶିବ ମନ୍ଦିର ଅଛି। ଏଣୁ ଏହି ଦୁଇ ମନ୍ଦିରକୁ ସରକାରୀ ସହାୟତା ଯୋଗାଇ ଦେଲେ ଆଗକୁ ଝାମୁଯାତ୍ରା ଓ ଶିବରାତ୍ରି ସୁରୁଖୁରୁରେ ହୋଇ ପାରନ୍ତା ବୋଲି ବୁଦ୍ଧିଜୀବୀ ଏବଂ ଗ୍ରାମବାସୀମାନେ ମତ ପ୍ରକାଶ କରିଛନ୍ତି। ତେବେ ଚଳିତବର୍ଷର ଝାମୁଯାତ୍ରା ପରିଚାଳନାରେ ଗାଁର ନୀଳକଣ୍ଠ ଦୋରା, ଫକୀର ଦୋରା, ଭେକା ଦୋରା, ଚଇତୁ ଦୋରା, ଗିରିଧାରୀ ଗଉଡ଼, ଗୋବର୍ଦ୍ଧନ ଗଉଡ଼, ମଦନ ସାହୁ, ଘାସିରାମ ହରିଜନ, ଟୁନୁ ପବିତ୍ର ଗହିର, ନେପାଳ ଦୋରା, ଯାନୀ ଦୋରା, ବୁଦୁ ମାଝୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ରାସ୍ତା ସଫା କରି ଯାତାୟାତ ସୁବିଧା କଲେ ପୂର୍ବତନ ବିଧାୟକ



ଫିରିଙ୍ଗିଆ,୪।୧୦(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଞ୍ଚଳ ରେ ଲଗାଣ ବର୍ଷା ହେବା ଯୋଗୁଁ ଆଜି ଫିରିଙ୍ଗିଆ ସଦର ମହକୁମା ପକାରି ପଞ୍ଚାୟତ ଅନ୍ତର୍ଗତ ବିଲୁରି ଘାଟି ନିକଟରେ ଏକ ବିରାଟ ଗଛ ଟଳି ପଡ଼ିବାରୁ ରାସ୍ତା ରେ ଯାନବାହାନ ଚଳାଚଳ ଠପ୍ ହୋଇଥିଲା। ଗୋଛାପଡ଼ା- ବାଲନ୍ଦାପଡ଼ା ରାସ୍ତାର ବିଲୁରି ଘାଟି ରେ ଏହି ଦୃଶ୍ୟ ଦେଖିବାକୁ ମିଳୁଛି।ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ହେଲେ ଏହି ଖବର ପାଇ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଅଙ୍ଗଦ କହଁର ଙ୍କ କର୍ଣ୍ଣରେ ପଡ଼ିବା ପରେ ସେ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଜନସାଧାରଣ ସହାୟତା ରେ ଗଛ କାଟି ରାସ୍ତା ସଫାକରି ଯାତାୟାତର ସୁବିଧା କରି ଲୋକେ ପ୍ରଶଂସା ସାଉଁଟି ଛନ୍ତି। ଅନ୍ୟ ମାନଙ୍କ ମଧରେ ପଖାଳି ପଞ୍ଚାୟତ ସମିତି ସଭ୍ୟ ଅରୁଣ ଦିଗାଲ ସମାଜ ସେବୀ ସୁବଳ ସାହୁ ସମେତ ପକାରୀ ଗ୍ରାମ ବାସୀ ମଧ ଉପସ୍ଥିତ ରହି ଏହି କାର୍ଯ୍ୟରେ ପୂର୍ବତନ ବିଧାୟକ ଙ୍କୁ ସାହାଯ୍ୟ କରିଥିଲେ।

## ପୂର୍ବତନ ଏସଡିସି ଅଧ୍ୟକ୍ଷଙ୍କ ଘରୁ ଚୋରି

### ପୁଲିସ ପାଟ୍ରୋଲିଂ ଉପରେ ପ୍ରଶ୍ନବାଚୀ

ରାଇଘର,୪।୧୦(ସଂଚାର ବ୍ୟୁରୋ): ରାଇଘର ସଦର ସଦର କୋଦଭାଟା ସାହିରେ ରୁହନ୍ତି ଉପେନ୍ଦ୍ର ଗଣ୍ଡ ଙ୍କ ସହ ପରିବାର ବର୍ଗ।ଗତ ୩୦ତାରିଖ ଦିନ ୪ଟା ବେଳେ ନିଜ ପରିବାର ଙ୍କୁ ଧରି ଦଶହରା ପାଳିବାକୁ ନିଜ ଗ୍ରାମ ହଳଦୀ ଯାଇଥିଲେ।ସେଠାରେ ଦୁଇଦିନ ରହିବାପରେ ଶୁକ୍ରବାର ପ୍ରାୟ ୩ଟା ବେଳେ କୋଦଭାଟା ସ୍ଥିତ ଘରକୁ ଫେରିଥିଲେ।ଘରର ପାଚେରୀ ଫାଟକ ଚାବି ଖୋଲି ଭିତରକୁ ଆସି ଦଖିଲା ବେଳକୁ ଘରର ମୁଖ୍ୟ ଦ୍ୱାର ତାଲା ଭଙ୍ଗା ହୋଇଛି।ଏହାପରେ ଘର ଭିତରେ ପଶି ଦେଖନ୍ତି ତ ଘରଭିତର ସବୁ ରୁମ କବାଟ ଖୋଲା ହେବା ସହ ଘରେ ଥିବା ଅସବାବ ପତ୍ର ସବୁ ଘର ସାରା ବିଞ୍ଚି ହୋଇ ପଡ଼ିଛି।ଆଲମିରା ଚାବି



ତାଡ଼ି ଭାଙ୍ଗିଦେଇଥିବା ଦେଖିବା ପରେ ରାଇଘର ପୋଲିସ କୁ ଖବର କରିଥଲେ ଉପେନ୍ଦ୍ର। ଏହା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଦେଖିବାକୁ ମିଳିଛି।ପ୍ରକାଶ ଥାଉକି ଘର ଟିରେ ସି ସି ଟିଭି ଚାରିଆଡେ ଲାଗିଥିଲେ ମଧ ଚୋର ଚତୁରତା ର ସହ ସି ସି ଟିଭି ହାର୍ଡ ଡିସ୍କ ଟିକୁ ନେଇଯାଇଥିଲା। ଏହି ଘଟଣା ୧ତାରିଖ ବୁଧବାର ରାତିରେ ହୋଇଥିବା ପଡୋଶୀ କହିଛନ୍ତି। ଚୋର ପ୍ରଥମେ ଉପେନ୍ଦ୍ର ଙ୍କ ଘରେ ପଶିବା ପରେ ଯାଇ ପଶିଥିଲେ ବିଜୟ ପାଢ଼ୀଙ୍କ ଘରେ ସେହି ସମୟରେ ପଡ଼ିଶା ଘର ଜଣେ ଝିଅ ରାତି ପ୍ରାୟ ଗୋଟାଏ ବେଳେ ପାଠ ପଢୁଥିଲା ହଠାତ ଏକ ଶବ୍ଦ ଶୁଣି ବାହାରକୁ ଯାଇ ଦେଖିଲା ଚୋର ଟି ଘର ଚାବି ଭାଙ୍ଗୁଛି ଏହାପରେ ସେ ବହୁତ ଜୋର ପାଟିକରିଥିଲା।ସାହି ପଡ଼ିଶା ଲୋକେ ନିଦରୁ ଉଠିଆସିବାରୁ ଚୋର ମାନେ ଦୌଡ଼ି ପଳାଇଥିଲେ।ଦଶହରା ଛୁଟିରେ ଏମାନେ ଘରକୁ ଯିବା ଏବଂ ଚୋର ଜାଣିପାରି ଚୋରି କରିବା କୁ ନେଇ ଚୋରମାନେ ସେହି ଅଞ୍ଚଳର ହୋଇଥିବା ନେଇ ଆଲୋଚନା ହେବା ସହ ପୋଲିସ ର ନିଷ୍କ୍ରିୟତା ଉପରେ ପ୍ରଶ୍ନ କରିଛନ୍ତି ଗ୍ରାମବାସୀ।ପୋଲିସ ତାର କର୍ତବ୍ୟ ଠିକ କରୁନଥିବାରୁ ବାରମ୍ବାର ସେହି ଅଞ୍ଚଳରେ ଏପରି ଚୋରି ହେବା ଦେଖିବାକୁ ମିଳୁଛି।ଗତ କିଛିଦିନ ତଳେ ଜଣେ ସୁନାବେପାରୀଙ୍କୁ ଗୁଳିକରିବା ଭଳି ଘଟଣା ଦେଖିବାକୁ ମିଳିଥିଲା। ପୋଲିସ ବର୍ତମାନ ସୁଦ୍ଧା ତାର କୌଣସି ଟେର ପାଇ ପାରୁନାହିଁ।

## କ୍ଷେତ୍ରୀୟ ଗଡ଼ରେ ଅସ୍ତ୍ରଶସ୍ତ୍ର ପୂଜା

- ୨୦୦ ବର୍ଷର ପରମ୍ପରାକୁ ଉଜ୍ଜୀବିତ ରଖିଛନ୍ତି କ୍ଷତ୍ରୀୟ



ବାଲିପାଟଣା,୪।୧୦(ସଂଚାର ବ୍ୟୁରୋ): ଶାରଦଦୀୟ ଦୁର୍ଗାପୂଜା ଅବସରରେ ଷୋଡଶ ପୂଜା ବିଭିନ୍ନ ଦେବୀ ପୀଠରେ ଧୁମଧାମରେ ପାଳିତ ହୋଇଯାଇଅଛି। ଏହି ଅବସରରେ ବାଲିପାଟଣା ଭଅଁରା ଗଡ଼ରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପୂଜା ବିଦ୍ଧି ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ ଭଅଁରା ନିଜିଗଡ଼ ଗ୍ରାମରେ ଶୁକ୍ରବାର ଓ ଭାକରସାହି ପଞ୍ଚାୟତ ଗଡ଼ ଚାରିପଡା ଗ୍ରାମରେ ମଙ୍ଗଳବାରଠାରୁ ପାରମ୍ପରିକ ହାତ ହତିଆର ଚାରି ପୂଜା ଆରମ୍ଭ ହୋଇଥିଲା। ଭଅଁରା ନିଜିଗଡ଼ର ୮୦ ପରିବାର ଓ ଗଡ଼ ଚାରିପଡାର ୭୦ କ୍ଷେତ୍ରୀୟ ପରିବାରରେ ଥିବା ପାଟ ଖଣ୍ଡା, ଫାର୍ସା, ତଲୱାର, ଗୁପ୍ତ, ବର୍ଚ୍ଛା, ଢାଲ, ଭୁଜାଲି ଆଦି ପୂଜାରେ ବସିଥିଲା। ଭଅଁରା ନିଜିଗଡ଼ର ମା'କନକ ଦୁର୍ଗାଙ୍କ ପୀଠରେ ହତିଆର ପୂଜାରେ ବସିଥିଲା। ଗୁରୁବାର ଦିନ ବିଜୟା ଦଶମୀରେ ସ୍ୱତନ୍ତ୍ର ପୂଜା ରୀତିନୀତି ଓ ହୋମକରାଯାଇଥିଲା। ହତିଆର ପୂଜାରୁ ଉଠିଲା ପରେ ପାରମ୍ପରିକ ରୀତିନୀତିରେ କ୍ଷେତ୍ରୀୟମାନେ ଶୋଭାଯାତ୍ରାରେ ବାହାରି ପାଇକ ଆଖଡ଼ା ଖେଳ ପ୍ରଦର୍ଶନ କରିଥିଲେ। କର୍ତ୍ତା ଭାବେ ସୁବାସ ଚନ୍ଦ୍ର ପାତ୍ର ଦିର୍ଘ ଦିନ ହେବ କର୍ତ୍ତା ଭାବେ କର୍ମ ସମ୍ପାଦନ କରି ଆସୁଛନ୍ତି।

## ଛତର ଯାତ୍ରା ସହ ସମାପନ ହେଲା ଲାଖମରା ପର୍ବ




କଳାହାଣ୍ଡି,୪।୧୦(ସଂଚାର ବ୍ୟୁରୋ): କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମାଆ ମାଣିକେଶ୍ୱରୀଙ୍କ ଛତର ଯାତ୍ରା ମଙ୍ଗଳବାର ଦିନ ପାଳିତ ହୋଇ ଥିବା ବେଳେ ଲାଖମରା ପର୍ବ ଗୁରୁବାର ବିଜୟା ଦଶମୀ ଅବସରରେ ଭବାନୀପାଟଣା ନକଟିଗୁଡାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ବର ଏକ ସ୍ୱତନ୍ତ୍ରତା ପରିଚୟ ରହିଛି। ଲାଖମରା ପର୍ବ ମାଧମରେ ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ବିଜୟ ଯାତ୍ରା ବା ରାଜ୍ୟ ଜୟର ପ୍ରତୀକ ଭାବେ ଏହି ପର୍ବ ପାଳନ କରାଯାଏ। ଏହି ଅବସରରେ ଅପରାହ୍ନରେ ଛତ୍ର ବାହକ ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତରକୁ ଧରି ବାହୁକ, ମୁଣ୍ଡଛିନା, ସେବାୟତ ସହ ଜେନାବାଦ୍ୟ, ଘୁମୁରା ଓ ଘଣ୍ଟ ଘଣ୍ଟାର ତାଳେ ତାଳେ ମନ୍ଦିରରୁ ବାହାରି ପଶ୍ଚିମ ଉପକଣ୍ଠରେ ଥିବା ନକଟିଗୁଡା ଲାଖମରା ପଡ଼ିଆକୁ ଯାଇଥିଲେ।ମଣ୍ଡପରେ କରାଯିବା ଛାଗ ବଳି ସେଠାରେ ଥିବା ଅସ୍ଥାୟୀ ଦେବୀଙ୍କ ଛତ୍ରକୁ ସ୍ଥାପନ ସହ ବିଧି ପୂର୍ବକ ପୂଜାର୍ଚ୍ଚନା ଓ ଦିଆଯାଇଥିଲା। ପରମ୍ପରା ଅନୁଯାୟୀ କଳାହାଣ୍ଡି ରାଜ ପରିବାର ସଦସ୍ୟ ଛତ୍ରକୁ ବନ୍ଦାପନା କରିବା ପରେ ଆରମ୍ଭହୋଇଥିଲା ଲାଖମରା ପର୍ବ ଓ ଏକ ସୁଉଚ୍ଚ ଖମ୍ବରେ ବନ୍ଧା ଯାଇଥିବା ମାଟି ହାଣ୍ଡିରେ ନିର୍ମିତ ଦେବୀଙ୍କ ଲାଖିକୁ ଲକ୍ଷ୍ୟଭେଦ ପାଇଁ ଆରମ୍ଭ ହୋଇଥିଲା ପ୍ରତିଯୋଗିତା।ମାଟି ହାଣ୍ଡିରେ ମାଣିକେଶ୍ୱରୀଙ୍କ ପ୍ରସାଦ ଥାଏ। ଚଳିତବର୍ଷ ଏହି ପ୍ରତିଯୋଗିତାରେ ଅନେକ ଯୁବକ ସାମିଲ ହୋଇଥିଲେ। ସେଥି ମଧରୁ ଭବାନୀପାଟଣା ରିଜର୍ଭର ଡିଭିଏଫ୍ ପୋଲିସ କର୍ମଚାରୀ ବିଶ୍ୱଜିତ ପାତ୍ର ମାଟି ହାଣ୍ଡିରେ ନିର୍ମିତ ଦେବୀଙ୍କ ଲାଖିକୁ ଲକ୍ଷ୍ୟଭେଦ କରିଥିଲେ। ପରେ ଛତରକୁ ଛତ୍ର ବାହକ ଜେନାବାଦ୍ୟ ତାଳେ ତାଳେ ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ରୀତିନୀତି ଅନୁଯାୟୀ ରାଜ ପରିବାର ସଦସ୍ୟଙ୍କୁ ଅଭିଷିକ୍ତ ବ୍ରାହ୍ମଣମାନେ ଅପରାଜିତା ମନ୍ତ୍ରରେ ରାଜ୍ୟାଭିଷେକ କରାଇଥାନ୍ତି। ପରେ ମୂଳାଷ୍ଟମୀଠାରୁ ମାଣିକେଶ୍ୱରୀଙ୍କୁ ମୁଣ୍ଡବସା ପୂର୍ବରୁ ଆରମ୍ଭ ହୋଇଥିବା ଦଶହରା ପର୍ବରେ ରକ୍ତମୁଖା ହୋଇଥିବା ଦେବୀଙ୍କୁ ଶାନ୍ତ କରାଇବା ପାଇଁ ମନ୍ଦିର ଦ୍ୱାରରେ କଣ୍ଟାବାଡ ଦିଆଯାଇଥାଏ। ଆସନ୍ତା କୁମାର ପୂର୍ଣ୍ଣମୀରେ ଦେବୀଙ୍କ କଣ୍ଟାବାଡ ଫିଟା ଅନୁଷ୍ଠିତ ହେବ। ଲାଖମରା ପର୍ବକୁ ନେଇ ଶ୍ରଦ୍ଧାଳୁ ଓ ପ୍ରତିଯୋଗୀଙ୍କ ମଧରେ ବେଶ୍ ଉତ୍ସାହ ଦେଖାଦେଇଥିଲା।

## ରଶ୍ମିଙ୍କୁ ବିଜେଡି ରାଜ୍ୟ ସ୍ତରୀୟ ସଂଯୋଜକ ଦାୟିତ୍ୱ

ଜଗତସିଂହପୁର,୪।୧୦ (ସଂଚାର ବ୍ୟୁରୋ): ରାଜ୍ୟ ବିଜୁ ଜନତା ଦଳ ଉଭୟ ଆଇଟି ଓ ସୋସିଆଲ ମେଡିଆ ସ୍ତରରେ ଅଦଳ ବଦଳ କରିଛି ଦଳ। ଦଳ ପକ୍ଷରୁ ଘୋଷଣା ହୋଇଥିବା ତାଲିକା ଓ ଦଳର ବରିଷ୍ଠ ଉପ ସଭାପତି ଦେବୀ ମିଶ୍ରଙ୍କ ମୋହର ରେ ଜଗତସିଂହପୁର ଜିଲ୍ଲା ର ଯୁବ ନେତା ରାଜ୍ୟ ସ୍ତରୀୟ ସଂଯୋଗ ଦାଇତ୍ୱ ରେ ରଶ୍ମି ରଞ୍ଜନ ଚୌଧୁରୀ ଙ୍କୁ ସ୍ଥାନ ମିଳିଛି। ରଶ୍ମି ପୂର୍ବରୁ ଜଗତସିଂହପୁର ଜିଲ୍ଲା ଯୁବ ଜନତା ଦଳର ସମ୍ପାଦକ, ଜିଲ୍ଲା ଆଇଟି ଉଇଙ୍ଗ



ର ଉପଦେଷ୍ଟା ସମେତ କୋର କମିଟି ରେ ମଧ୍ୟ ଥିଲେ। ସେହିପରି ୨୦୧୯ ନିର୍ବାଚନ କେନ୍ଦୁଝର ସଦର ମୁଖ୍ୟମନ୍ତ୍ରୀ ଙ୍କ ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ବ୍ଲକ ର ଦାଇତ୍ୱ ମଧ୍ୟ ତୁଲାଇ ଥିଲେ ରଶ୍ମି। ଏହି କମିଟି ରେ ପୁର୍ବତନ ରାଜ୍ୟ ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ କନଭନର ଦାୟିତ୍ୱ ରେ ଅଛନ୍ତି।

## ହେମଗିର ପବିତ୍ର ଦୁର୍ଗାପୂଜା ଓ ଦଶହରାରେ ରାବଣ ଦହନ

ସୁନ୍ଦରଗଡ଼,୪।୧୦(ସଂଚାର ବ୍ୟୁରୋ): ଅକ୍ଟୋବର ୩ ତାରିଖ ଶୁକ୍ରବାର ରାତି ୧ ଟା ପାଖାପାଖି ସମୟରେ ପ୍ରଭୁ ଶ୍ରୀରାମଙ୍କ ବ୍ରହ୍ମାସ୍ତ୍ରରେ ଦଶାନନ ରାବଣଙ୍କ ଗୋଟିଏ ପରେ ଗୋଟିଏ ମୁଣ୍ଡ ଚିଣ୍ଡିଛି। ଶ୍ରୀରାମଙ୍କ ବ୍ରହ୍ମାସ୍ତ୍ରରେ ରାବଣଙ୍କ ନିଧନ ହୋଇଛି। କଥା କାଳ୍ପନିକ ହେଉ ଅବା ପୌରାଣିକ, ମା ଜଗତ ଜନନୀ ଯେ ସବୁ ବେଳେ ନ୍ୟାୟର ରକ୍ଷାକର୍ତ୍ତା ଓ ଅନ୍ୟାୟର ବିରୋଧୀ ତାହା ହେମଗିର ଦୁର୍ଗା ପୂଜାର ରାବଣ ଦହନରୁ ସ୍ପଷ୍ଟ ହୋଇଛି। ହେମଗିର ଦୁର୍ଗାପୂଜା ତାର ନିଷ୍ଠା, ତାର ବାତାବରଣ ପାଇଁ ସାରା ଦେଶରେ ଯେମିତି ପ୍ରସିଦ୍ଧ, ଠିକ ସେମିତି ରାବଣର ଦହନ କାର୍ଯ୍ୟକ୍ରମ ପାଇଁ ମଧ୍ୟ ପ୍ରସିଦ୍ଧ। ମା ' ଙ୍କ ଏହି ପୂଜା ପାଇଁ ହେମଗିରରେ ଜନ ସମୁଦ୍ର ହୋଇଥିଲା। ଜିଲ୍ଲା, ପଡୋଶୀ ଜିଲ୍ଲା, ରାଜ୍ୟର ବିଭିନ୍ନ ଅଞ୍ଚଳ ଓ ବାହାର ରାଜ୍ୟରୁ ଭକ୍ତ ଓ ଦର୍ଶକମାନେ ମା 'ଙ୍କ ଆଶୀର୍ବାଦ ନେବା ସହ ରାବଣ ଦହନ ଦେଖି ନିଜକୁ ସଂଯମ କରିବା ପାଇଁ ଆସିଥିଲେ। ତେବେ ଲୋକେ ଯେପରି ଏହି ପୂଜାକୁ ଆନନ୍ଦର ସହିତ ଉପଭୋଗ କରି ନିଜ ନିଜ ଘର ବା ସ୍ଥାନକୁ ସୁରକ୍ଷିତ ଭାବେ ଫେରିବେ ସେ ନେଇ ଜିଲ୍ଲା ପୋଲିସ ଓ ଜିଲ୍ଲା ପ୍ରଶାସନ ସମସ୍ତ ପଦକ୍ଷେପ ନେଇ ଥିବା କଥା ସଦର ଏସଡିପିଓ ନିର୍ମଳ ମହାପାତ୍ର କହିଥିଲେ। ରାତି ୧ ଟାରେ ରାବଣଙ୍କ ଦହନ ରାମଙ୍କ



ଦ୍ୱାରା ହୋଇଛି। ଦଶାନନ ସୀତା ମାତାଙ୍କୁ ଅପହରଣ କରି ଯେଉଁ ଅନ୍ୟାୟ କରିଛନ୍ତି, ତାହାର କ୍ଷମା ନାହିଁ, ପ୍ରଭୁ ଶ୍ରୀରାମ ତାଙ୍କୁ ହତ୍ୟା କରିବେ ଏ କଥା ଜାଣି ମଧ୍ୟ ସେ ତାଙ୍କ ଗର୍ବ, ଅହଙ୍କାର ଓ ଅସୁର ଶକ୍ତିର ପ୍ରଭାବରେ ପ୍ରଭୁ ଶ୍ରୀରାମଙ୍କୁ ସାମାନ୍ୟ ନର ବା ମଣିଷ ଭାବି ତୁଚ୍ଛ କରିବା ସହ ତାଙ୍କର ବିଜୟ ନିଶ୍ଚିତ ବୋଲି କହିବା ସହ ଅଟ୍ଟହାସ୍ୟ କରି ଯୁଦ୍ଧକ୍ଷେତ୍ର ଅଭିମୁଖେ ଉତ୍ତୀର୍ଣ୍ଣ ହୋଇଥିଲେ। ଅପରପକ୍ଷେ ପୂଜା କମିଟି ଶାନ୍ତ, ସ୍ନିଗ୍ଧ, ସ୍ୱାଭିମାନୀ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ ଓ ତାଙ୍କ ବାନର ସେନାଙ୍କୁ ନେଇ ଅତି ନିରାଡମ୍ବର ଭାବେ ଯୁଦ୍ଧ କ୍ଷେତ୍ରରେ ପହଞ୍ଚିଥିଲେ।

## ରୋଟାରୀ କ୍ଲବ୍ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଓଆରଏସ ଓ ଟଙ୍କତୋରାଣୀ ବଣ୍ଟନ

ବେତନଟୀ,୪।୧୦(ସଂଚାର ବ୍ୟୁରୋ): ବେତନଟୀ ରୋଟାରୀ କ୍ଲବ ଆନୁକୂଲ୍ୟରେ ପବିତ୍ରଷ ଦୁର୍ଗାପୂଜା ଅବସରରେ ମହାନବମୀ ଓ ଦଶହରାରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ବିଭିନ୍ନ ପ୍ରକାର ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା। ସଭାପତି ଗିରିଧାରୀ ସାହୁଙ୍କ ତତ୍ୱାବଧାନ ଓ ଚାଟାର୍ଡ଼ ସଭାପତିଙ୍କ ମାର୍ଗ ଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୁ ବେତନଟୀ ପୁଲିସ ଉପ ଖଣ୍ଡଅଧିକାରୀ ମୀନତି ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଫିତାକାଟି ଏହି ମହତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ରୋଟାରୀଆନ ମାନଙ୍କର ଏହି ଜନଆଦୃତ କାର୍ଯ୍ୟର ପ୍ରଶଂସା କରିବା ସହିତ ଆଗକୁ ଏଭଳି ଜନପଯୋଗୀ କାର୍ଯ୍ୟ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ନବମୀ ଅବସରରେ ପାଗ ଅନୁକୂଳ ଥିବାଯୋଗୁଁ ଦଶ ହଜାରରୁ ଅଧିକ ଶ୍ରଦ୍ଧାଳୁ ଓ ପଥଚାରୀଙ୍କର ଭିଡ଼ ଲାଗିରହିଥିଲା। ସେମାନଙ୍କୁ ଓଆର ଏସ ପାଣି, ଗ୍ଲୋକଜ ଓ ଜଳଜୀରା ପ୍ରଦାନ କରାଯାଇଥିବାବେଳେ ପବିତ୍ର ଦଶହରା ସନ୍ଧ୍ୟାରେ ପ୍ରତିକୂଳ ପାଗ ଯୋଗୁଁ ଭକ୍ତଙ୍କ ଭିଡ଼ କମଥିଲା, ସେମାନଙ୍କୁ ଟଙ୍କତୋରାଣୀ ପ୍ରଦାନ କରାଯାଇଥିଲା। କ୍ଲବର ସମ୍ପାଦକ ରବୀନ୍ଦ୍ର ନାଥ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବ ସଭାପତି ବସନ୍ତ କୁମାର ମହାନ୍ତ, ଶିରୀଶ ଚନ୍ଦ୍ର ବାରିକ, ଶଶଧର ପଣ୍ଡା, ଭଗିରଥ ପଣ୍ଡିତ, ଶ୍ୟାମ ପ୍ରସାଦ ମଦୁଆଳ, ସୁନୀଲ କୁମାର ଖଣ୍ଡେଲୱାଲ, ଡାକ୍ତର ଚନ୍ଦ୍ରଶେଖର ମହାନ୍ତ, କିଶୋର କୁମାର ଆଚାର୍ଯ୍ୟ, ପ୍ରକାଶ ବେହେରା, କୁନା ମହାନ୍ତ ପ୍ରମୁଖ ସହଯୋଗ କରିଥିବା ବେଳେ ଅନ୍ୟତମ ଅତିଥିଭାବେ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର ଯୋଗଦାନ କରିଥିଲେ। ଶେଷରେ ଆରଟିଏନ ଅରୁଣ କୁମାର ଓତା ଧନ୍ୟବାଦ ଅର୍ପଣ କରିଥିଲେ।

## ରାବଣ ପୋଡ଼ି ସହ ସମ୍ପନ୍ନ ହେଲା ସାର୍ବଜନୀନ ଦୁର୍ଗାପୂଜା

ଲାଞ୍ଜିଗଡ଼,୪।୧୦(ସଂଚାର ବ୍ୟୋରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଠାରେ ସାର୍ବଜନୀନ ଦୁର୍ଗାପୂଜା ମହା ଆଡମ୍ବରରେ ରାବଣ ପୋଡ଼ି ସହ ଗୁରୁବାର ସମ୍ପୂର୍ଣ୍ଣ ହୋଇଯାଇଛି।ଏ ବର୍ଷ ଲାଞ୍ଜିଗଡ଼ ଦୁର୍ଗାପୂଜା ୬୦ ବର୍ଷରେ ପଦାର୍ପଣ କରିଥିବା ବେଳେ ଏକ ଗୌରବମୟ ଅତୀତକୁ ମନେ ପକାଇବା ସହିତ ନୂତନ ପ୍ରକାର ସାଜସଜ୍ଜାରେ ସଜେଇ ଏହି ପୂଜାକୁ ଆକର୍ଷଣୀୟ ଓ ଉତ୍ସବ ମୁଖର କରିବା ପାଇଁ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ସହିତ ମେଲୋଡ଼ି ପରିବେଷଣ ସହିତ ଦୋକାନ ବଜାର ଶେଷ ଦିବସରେ ରାବଣ ପୋଡ଼ି ବ୍ୟବସ୍ଥା ରହିଥିବା ବେଳେ ଭକ୍ତ, ଶ୍ରଦ୍ଧାଳୁ ଓ କଳାପ୍ରେମୀ ଜନସାଧାରଣଙ୍କୁ ଅଭିଭୂତ ପୂଜାଛୁଟିର ଉପଭୋଗ ମାତ୍ରାକୁ ଦ୍ୱିଗୁଣିତ କରିଦେଇଥିଲା।ଏହି ଅବସରରେ ଗତ ଶନିବାର ଅପରାହ୍ନରେ ଦୁର୍ଗା ପୂଜା କମିଟି ପକ୍ଷରୁ ଲାଞ୍ଜିଗଡ଼ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଏକ ବିରାଟ କଳସ ଯାତ୍ରାରେ ବାହାରି ନିକଟସ୍ଥ ବଂଶୀଧାରା ନଦୀରୁ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ରବିବାର ଠାରୁ ଦେବୀ ଦୁର୍ଗାଙ୍କ ସପ୍ତମୀ ପୂଜା ଆରମ୍ଭ ହୋଇଥିବା ବେଳେ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ଏଥର ଆକର୍ଷଣୀୟ ମୂର୍ତ୍ତି ସହିତ ମେଢ଼ ଓ ମଣ୍ଡପ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି।ପାଞ୍ଚଦିନ ଧରି ଚାଲିଥିବା ଏହି ପୂଜାରେ କର୍ତ୍ତା ଭାବେ ପିତାମ୍ବର ଡ଼ମବିଶି ଓ ତାଙ୍କ ଧର୍ମ ପତ୍ନୀ ଦେବକୀ ଡ଼ମବିଶି ରହିଥିବା ବେଳେ ମୁଖ୍ୟ ପୂଜକ ଭାବେ ଡ.ରୋହିତ କୁମାର ଆଚାର୍ଯ୍ୟ ରହିଥିବା ବେଳେ ତାଙ୍କ ସହିତ ଡ଼. ମୋହନ ପୁରୋହିତ, ବିଶ୍ୱଜିତ ଚାନ୍ଦ, ଅଭିଷେକ ଦେବତା, ଦେବାଶିଷ ଦେବତା ରହିଛନ୍ତି।ପୂଜା ମଣ୍ଡପରେ ଦୀନବନ୍ଧୁ ବାରିକ, ଲିଙ୍ଗରାଜ ବାରିକ ଓ ମନରଞ୍ଜନ ବାରିକ, ସନ୍ତୋଷ ମହାଖୁଡ଼, କମଳାକାନ୍ତ ମହାଖୁଡ ସହଯୋଗ କରିଥିଲେ।



## ଉଦଯାପିତ ହେଲା ଲଙ୍କେଶ୍ୱରୀ ମହାଆଳତୀ ସନ୍ଧ୍ୟା

ସୁବର୍ଣ୍ଣପୁର,୪।୧୦(ସଂଚାର ବ୍ୟୋରୋ): ମହାଳୟା ଠାରୁ ଆରମ୍ଭ ହୋଇଥିବା ମା ଲଙ୍କେଶ୍ୱରୀଙ୍କ ଦଶହରା ମହାଆଳତୀର ଦଶହରା ସନ୍ଧ୍ୟାରେ ଶେଷ ହୋଇଯାଇଛି। ଶାରଦୀୟ ନବରାତ୍ରୀ ଉପଲକ୍ଷେ ମହାନଦୀ ଗର୍ଭରେ ଥିବା ମା ଲଙ୍କେଶ୍ୱରୀ ଉଦ୍ଧେଶ୍ୟରେ ଏହି ମହା ଆଳତୀ ୬ ବର୍ଷ ହେବ ମା ଲଙ୍କେଶ୍ୱରୀ ମହା ଆଳତୀ କମିଟି ପକ୍ଷରୁ ଧୁମଧାମ ରେ ପାଳିତ ହୋଇ ଆସୁଛି। ସଂସାର ର ତଥା ସୁବର୍ଣ୍ଣପୁର ବାସୀ ଙ୍କ ମଙ୍ଗଳ କାମନା ପାଇଁ ଏବଂ ମହାନଦୀ ର ସୁରକ୍ଷା ତଥା ସ୍ୱଚ୍ଛତା ଉଦ୍ଧେଶ୍ୟରେ ଏହି ମହା ଆଳତୀ ଆୟୋଜନ କରାଯାଉଥିବା କମିଟି ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ ତଥା ସାମ୍ବାଦିକ ଙ୍କୁ ଅତିଥି ଭାବରେ ନିମନ୍ତ୍ରିତ କରାଯାଉଥିବା ବେଳେ ସ୍ଥାନୀୟ ହଜାର ହଜାର ଭକ୍ତ ଙ୍କ ସମାଗମ ହେଉଥିବା ବେଳେ କମିଟି ପକ୍ଷରୁ ପ୍ରତ୍ୟେକ ଦିନ ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି। ତେବେ ଆସନ୍ତୁ ଜାଣିବା ମା ଲଙ୍କେଶ୍ୱରୀ ଙ୍କ ବିଷୟରେ କିଛି କଥା। ଦେବୀ କାହିଁ ଆବାହମାନ କାଳରୁ ସୋମବଂଶୀ ଶାସନ କାଳରେ ୧୦୪୦ ଖ୍ରୀଷ୍ଟାବ୍ଦ ରୁ ପୂଜା ପାଇ ଆସୁଛନ୍ତି। ଯେଉଁ ଶିଳା ରେ ଦେବୀ ପୂଜା ପାଉଛନ୍ତି ଏକ ଶିଳା ଲେଖ, ସାତବହନି ଚିତ୍ର, ବିଷ୍ଣୁପାଦ, ଚକ୍ର ଚିହ୍ନ ଉତ୍କିର୍ଣ୍ଣ ହୋଇଥିବା ଦେଖାଯାଏ। କଥାରେ ଅଛି ପୂଜକ ଦିନେ ପ୍ରସାଦ ଅର୍ପଣ କରି ସାରି କଳସି ଗଡୁ ଛାଡ଼ି ଆସିବାରୁ ନେବା ପାଇଁ ପୁଣି ଫେରିବାରୁ ପୀଠରେ ସାତ ଭଉଣୀ ପ୍ରସାଦ ସେବନ କରୁଥିଲେ ନଜିର ଅଛି।




# ସ୍ୱାସ୍ଥ୍ୟ ପାଇଁ ସୁପରଫୁଡ୍ ଡ୍ରାଗନ୍ ଫ୍ରୁଟ୍

ସୁସ୍ଥ ରହିବାକୁ କିଏ ବା ନଚାହେଁ। କାହିଁକିନା ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଏ। ସମୟ ବଦଳିବା ସହିତ ମଣିଷମାନେ ମଧ୍ୟ ପରିବର୍ତ୍ତନ ହେଉଛନ୍ତି। ଖାଇବା ପିଇବାକୁ ନେଇ ଅନେକ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳୁଛି। ସୁସ୍ଥ ରହିବା ପାଇଁ ହେଲେ ସୁସ୍ଥକର ଖାଦ୍ୟ ଆବଶ୍ୟକ ହୋଇଥାଏ। ଯଦି ସୁସ୍ଥ ଶରୀର ଗଠନ କରିବାକୁ ତେବେ ହେଲଦି ଖାଦ୍ୟ ଖାଆନ୍ତୁ। ଶରୀର ସୁସ୍ଥ ରହିଲେ ଆମକୁ ଫୂର୍ତ୍ତି ଅନୁଭବ ହୋଇଥାଏ। ସେଥିପାଇଁ ପ୍ରାୟତଃ ଲୋକମାନେ ଜିମ୍ ଯାଆନ୍ତି ତ ଆଉ ପୁଣି କିଏ ଖାଇବାରେ ପରିବର୍ତ୍ତନ ଆଣିଥାଆନ୍ତି। ତେଣୁ ପନିପରିବାଠାରୁ ଆରମ୍ଭ କରି ଫଳମୂଳ ପର୍ଯ୍ୟନ୍ତ ସମସ୍ତ ଜିନିଷ ଆମ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ପ୍ରତ୍ୟେକ ଋତୁରେ ଭିନ୍ନ ଭିନ୍ନ ପନିପରିବା ଏବଂ ଫଳମୂଳ ମିଳିଥାଏ। ଯାହା ଆମ ସୁସ୍ଥ ଶରୀର ଗଠନ କରିବାରେ ସାହାଯ୍ୟ କରିଥାଏ। ଆମ ଶରୀର ପାଇଁ ପ୍ରତ୍ୟେକ ଖାଦ୍ୟ ଆବଶ୍ୟକ ହୋଇଥାଏ। ତେଣୁ ଋତୁ ଅନୁଯାୟୀ ମିଳୁଥିବା ଫଳ ଖାଇଲେ ଅନେକ ଶାରୀରିକ ସମସ୍ୟାକୁ ଦୂରେଇ ଦେଇଥାଏ। ସେହି ସବୁ ପନିପରିବା ଏବଂ ଫଳମୂଳ ମଧ୍ୟରୁ ଡ୍ରାଗନଫ୍ରୁଟ୍ ଅନ୍ୟତମ। ଯାହା ଖୁବ୍ ଦାମୀ ସତ କିନ୍ତୁ ଅନେକ ସମସ୍ୟାକୁ ଚୁଟକିରେ ଗାଏବ କରି ଦେଇଥାଏ। ତେବେ ଆସନ୍ତୁ ଏହାର



ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା। ଡ୍ରାଗନ୍ ଫ୍ରୁଟ୍ ହେଉଛି ଲୋ କ୍ୟାଲୋରି ସୁପରଫୁଡ୍ , ଯାହା ଫାଇବର , ଭିଟାମିନ୍ ଓ ଆଣ୍ଟି ଅକ୍ସିଡାଣ୍ଟରେ ଭରା। ଏହା ମହଙ୍ଗା ହୋଇଥିବାରୁ ଇଚ୍ଛା ଥିଲେ ବି ଏହାକୁ କିଣିବାକୁ ଲୋକେ ପସନ୍ଦ କରନ୍ତି ନାହିଁ। ଏହା ସହିତ ଏଥିରେ ଫାଇବର , ଭିଟାମିନ୍ ସି, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍ ପରି ପୋଷକ ତତ୍ତ୍ୱ ରହିଛି । ଏହା ସୁପରଫୁଡ୍ ଭାବେ କାର୍ଯ୍ୟକାରୀ କରିଥାଏ। ଏହାକୁ ଖାଇବା ଦ୍ୱାରା କେଉଁ ସମସ୍ୟାକୁ ଦୂର କରିଥାଏ ଆଜି ଆମେ ଆପଣଙ୍କୁ ସେ ସମ୍ପର୍କରେ ଜଣାଇବୁ।

ଡ୍ରାଗନ୍ ଫ୍ରୁଟରେ ଭିଟାମିନ୍ ସି ଓ ଆଣ୍ଟିଅକ୍ସିଡାଣ୍ଟ ଭରପୁର ମାତ୍ରାରେ ଥାଏ। ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବା ସହ ଥଣ୍ଡା, କାଶ ଭଳି ସମସ୍ୟାଠାରୁ ରକ୍ଷା କରିଥାଏ। ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବା ପାଇଁ ଆପଣମାନେ ଏହି ଫଳକୁ ଖାଇପାରିବେ। ଏଥିରେ ଥିବା ଫାଇବର ହଜମ ପ୍ରକ୍ରିୟାକୁ ତୀବ୍ର କରିବା ସହ ବଦହଜମି ସମସ୍ୟାରୁ ଦୂରେଇ ରଖେ। ଡ୍ରାଗନ୍ ଫ୍ରୁଟ୍ ହାର୍ଟ ପାଇଁ ରାମବାଣ ହୋଇଥାଏ। ଏଥିରେ ଥିବା ଲାଭକାରୀ ଗୁଣ ଯୋଗୁଁ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିଥାଏ। ଫଳରେ ହୃଦଘାତର ଆଶଙ୍କାକୁ କମ୍ କରିଥାଏ। ଏଥିରେ କ୍ୟାଲସିୟମ୍ ଓ ମ୍ୟାଗ୍ନେସିୟମ ଥିବାରୁ ଏହା ହାଡକୁ ମଜଭୁତ କରିବା ସହ ଅଷ୍ଟିଓପୋରୋସିସ୍ ଭଳି ସମସ୍ୟାରୁ ଦୂରେଇ ରଖେ।

ଏତିକି ନୁହେଁ ବରଂ ଏହା ଖାଇବା ଦ୍ୱାରା କ୍ୟାନସର ଭଳି ମାରାତ୍ମକ ରୋଗ ପାଇଁ ପ୍ରଭାବଶଳୀ ହୋଇଥାଏ। ଏଥିରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଡାଇବେଟିସ୍ ପାଇଁ ମଧ୍ୟ ଫଳପ୍ରଦ। ତେଣୁ ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ବେଷ୍ଟ ହୋଇଥାଏ। ଯଦି ଏହି ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଡ୍ରାଗନ୍ ଫ୍ରୁଟ୍କୁ ଆପଣଙ୍କ ଖାଇବା ଲିଷ୍ଟରେ ଆଡ୍ କରିପାରିବେ ନିଶ୍ଚୟ। ଯାହା ଆପଣଙ୍କ ସମସ୍ୟାକୁ ଦୂର କରିପାରିବ।

# ସକାଳୁ ପ୍ରତିଦିନ ପିଅନ୍ତୁ ଜିରା ପାଣି



ପ୍ରତ୍ୟେକ ରୋଷେଇ ଘରେ ବ୍ୟବହୃତ ହେଉଥିବା ଏକ ସାଧାରଣ ମସଲା ଜିରା। ଏହା କେବଳ ଖାଦ୍ୟର ସ୍ୱାଦ ବୃଦ୍ଧି କରେ ନାହିଁ ବରଂ ଏଥିରେ ଅନେକ ସ୍ୱାସ୍ଥ୍ୟ ଲାଭ ମଧ୍ୟ ରହିଛି। ସେହିପରି ଜିରା ପାଣି ସ୍ୱାସ୍ଥ୍ୟ ପକ୍ଷେ ମଧ୍ୟ ଅନେକ ଲାଭ ପ୍ରଦାନ କରେ। ଏହା ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ଜିରା ପାଣି ପାଚନ ଶକ୍ତି ଉନ୍ନତ କରିବା ସହ ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ କରିଥାଏ। ତେବେ ଆସନ୍ତୁ ଜାଣିବା ପ୍ରତିଦିନ ଜିରା ପାଣି ପିଇବାର ସ୍ୱାସ୍ଥ୍ୟ ଲାଭ କ'ଣ ?

**ଓଜନ ହ୍ରାସ:** ଅନେକ ଲୋକ ସେମାନଙ୍କର ବର୍ଦ୍ଧିତ ଓଜନ ବିଷୟରେ ଚିନ୍ତିତ ଥାଆନ୍ତି। ଜିରା ପାଣି ପିଇବା ଦ୍ୱାରା ମେଟାବୋଲିଜିମ୍ ବୃଦ୍ଧି ପାଏ, ଯାହା କ୍ୟାଲୋରି ନଷ୍ଟ କରିବାରେ ସାହାଯ୍ୟ କରେ ଏବଂ ଭୋକ ନିୟନ୍ତ୍ରଣ କରେ। ଜିରା ପାଣିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ଏ, ସି, କପର ଏବଂ ମାଙ୍ଗାନିଜ୍ ଥାଏ। ଏହା ଚର୍ବି ହ୍ରାସ କରିବାରେ ସାହାଯ୍ୟ କରେ। ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ।

**ହାର୍ଟକୁ ସୁସ୍ଥ ରଖେ:** ଜିରା ପାଣି ପିଇବା ଦ୍ୱାରା ଶରୀରରେ ଖରାପ କୋଲେଷ୍ଟ୍ରଲ୍ ହ୍ରାସ ହୁଏ। ଏହା ରକ୍ତଚାପ ନିୟନ୍ତ୍ରଣ କରେ ଏବଂ ରକ୍ତବାହୀ ନଳୀକୁ ଆରାମ ଦିଏ। ଏହାର ଅର୍ଥ ହୃଦୟ ଉପରେ କମ୍ ଚାପ ପଡ଼ିଥାଏ। ଜିରା ପାଣିର ନିୟମିତ ସେବନ କୋଲେଷ୍ଟ୍ରଲ୍ ସ୍ତର ଏବଂ ରକ୍ତଚାପ ନିୟନ୍ତ୍ରଣ କରି ହାର୍ଟକୁ ସୁସ୍ଥ ରଖେ।

**ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ:** ଇନସୁଲିନ୍ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଜିରା ପାଣି ଆପଣଙ୍କ ଶରୀରର କୋଷ ଗୁଡ଼ିକୁ ଇନସୁଲିନ୍ ପ୍ରତି ଅଧିକ ସମ୍ବେଦନଶୀଳ କରିଥାଏ। ଏହା ଆପଣଙ୍କ ରକ୍ତ ଶର୍କରାକୁ ସ୍ଥିର କରିଥାଏ, ଇନସୁଲିନ୍ ବ୍ୟବହାରକୁ ଉନ୍ନତ କରିଥାଏ। ସେହିପରି, ଜିରା ପାଣି ରକ୍ତହୀନତା ରୋଗୀଙ୍କ ପାଇଁ ଲାଭଦାୟକ କାରଣ ଏହା ଲୌହରେ ଭରପୂର। ଏହା ହିମୋଗ୍ଲୋବିନ୍ ସ୍ତର ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରେ।

**ଚର୍ମ ଏବଂ କେଶ ମଜବୁତ କରେ:** ଜିରା ପାଣି ଆଣ୍ଟିଅକ୍ସିଡାଣ୍ଟ ଗୁଣରେ ଭରପୂର। ଏହା ସୁସ୍ଥ ଚର୍ମ ଏବଂ କେଶ ବଜାୟ ରଖିବାରେ ସାହାଯ୍ୟ କରେ। ଏହାର ଭିଟାମିନ୍ ଏବଂ ଖଣିଜ କେଶକୁ ଚମକଦାର ଏବଂ ମଜବୁତ କରିଥାଏ। ଏହା ଏକ ପ୍ରାକୃତିକ ଡିଟକ୍ସିଫାୟର ଭାବରେ ମଧ୍ୟ କାର୍ଯ୍ୟ କରେ, ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ।

**ଶରୀରକୁ ବିଷମୁକ୍ତ କରିବାରେ ସାହାଯ୍ୟ କରେ:** ଜିରା ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ଏଗୁଡ଼ିକ କ୍ଷତିକାରକ ମୁକ୍ତ ରାଡିକାଲ୍ସକୁ ଦୂର କରେ ଏବଂ ଆପଣଙ୍କ ଶରୀରକୁବିଷମୁକ୍ତକରିବାରେସାହାଯ୍ୟକରେ।ରାତିରେଜିରାପାଣିପିଇବାଦ୍ୱାରାଆପଣଶୋଇବାସମୟରେଆପଣଙ୍କଶରୀରକୁବିଷାମୁକ୍ତକରିବାରେସାହାଯ୍ୟକରେ।

# କିସ୍‌ମିସ୍ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ

**ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ କିସମିସ୍। ଏଥିରେ ଫାଇବର, ଆଇରନ୍, ପୋଟାସିୟମ୍ ଏବଂ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଥାଏ। ବଜାରରେ ୨ ପ୍ରକାରର କିସମିସ୍ ମିଳିଥାଏ। ଗୋଟିଏ କଳା ଏବଂ ଅନ୍ୟଟି ହଳଦିଆ। କିନ୍ତୁ ଅନେକଙ୍କ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ କେଉଁଟି ଅଧିକ ଲାଭଦାୟକ? ଆସନ୍ତୁ ଜାଣିବା...**



କିସମିସ୍ ଖରାପ କୋଲେଷ୍ଟ୍ରଲ୍ ହ୍ରାସ କରେ। ରକ୍ତଚାପକୁ ଉନ୍ନତ କରେ ଏବଂ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରେ। ଜର୍ଣ୍ଣାଲ୍ ଅଫ୍ ନ୍ୟୁଟ୍ରିସନ୍ ଆଣ୍ଡ୍ ହେଲ୍ଥରେ ପ୍ରକାଶିତ ଏହି ଅଧ୍ୟୟନରେ କୁହାଯାଇଛି ଯେ କିସମିସ୍ ହୃଦୟ ପାଇଁ ବହୁତ ଲାଭଦାୟକ। ଏମାନଙ୍କର କାର୍ଯ୍ୟ ଭିନ୍ନ କିନ୍ତୁ ଉଭୟ କିସମିସ୍ ହୃଦୟ ପାଇଁ ଭଲ। କଳା କିସମିସ୍ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଇରନରେ ଭରପୂର ହୋଇଥାଏ। କିନ୍ତୁ ହଳଦିଆ କିସମିସ୍ ନରମ ଏବଂ ଅଧିକ ସ୍ୱାଦିଷ୍ଟ। କଳା କିସମିସ୍ ଖରାରେ ଶୁଖାଯାଏ। ଯାହା ଫଳରେ ଏଥିରେ ଅଧିକ ଆଇରନ୍ ଏବଂ ଏନ୍ଥୋସାୟାନିନ୍ ଥାଏ। କଳା ରଙ୍ଗ ଏହାର ଉଚ୍ଚ ଆଣ୍ଟିଅକ୍ସିଡାଣ୍ଟ ସ୍ତର ଯୋଗୁଁ ହୋଇଥାଏ। ଅନ୍ୟପକ୍ଷରେ ହଳଦିଆ କିସମିସକୁ ସଲଫର ଡାଇଅକ୍ସାଇଡ ସହିତ ପ୍ରକ୍ରିୟାକରଣ କରାଯାଏ। ଯାହା ଦ୍ୱାରା ଏହା ଦୀର୍ଘ ସମୟ ଧରି ରହିଥାଏ। ଏହି କାରଣରୁ ହଳଦିଆ କିସମିସ ମିଠା ଏବଂ ନରମ ହୋଇଥାଏ। ତଥାପି କଳା କିସମିସରେ ଅଧିକ ପୁଷ୍ଟିକର ଥାଏ। କଳା କିସମିସରେ ଆଇରନ୍ ଭରପୂର ଥାଏ। ଯାହା ହିମୋଗ୍ଲୋବିନ୍ ସ୍ତରକୁ ସପୋର୍ଟ କରେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରେ। ହଳଦିଆ କିସମିସରେ କଳା କିସମିସ ତୁଳନାରେ କମ୍ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯଦିଓ ଏହା ନ୍ୟାଚୁରାଲ୍ ଶୁଗାର ହୋଇଥାଏ। ଉଭୟ ପ୍ରକାରର କିସମିସରେ ଫାଇବର ଭରପୂର ମାତ୍ରାରେ ରହିଥାଏ। ଜର୍ଣ୍ଣାଲ୍ ଅଫ୍ ନ୍ୟୁଟ୍ରିସନ୍ ଆଣ୍ଡ୍ ହେଲ୍ଥ ଅନୁଯାୟୀ, କିସମିସ ଖାଇବା ପେଟ ପାଇଁ ଭଲ। ଏହା ଅନ୍ତନଳୀରେ ଭଲ ବ୍ୟାକ୍ଟେରିଆ ବୃଦ୍ଧି କରିବାରେ ସାହାଯ୍ୟ କରେ। କଳା କିସମିସରେ ଅଦ୍ରବଣୀୟ ଫାଇବର ଥାଏ, ଯାହା କୋଷ୍ଠକାଠିନ୍ୟରୁ ମୁକ୍ତି ଦିଏ। ହଳଦିଆ କିସମିସରେ ଦ୍ରବଣୀୟ ଫାଇବର ଥାଏ, ଯାହା ପାଚନକୁ ଉନ୍ନତ କରେ ଏବଂ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରେ। ପାଚନକୁ ଉନ୍ନତ କରିବା ପାଇଁ, ଉଭୟ କିସମିସକୁ ଏକାଠି ଖାଇବା ଉଚିତ। ବହୁତ ପରିମାଣରେ କିସମିସ ଖାଇବା ଦ୍ୱାରା ଶର୍କରା ସ୍ତର ଏବଂ ମେଦବହୁଳତା ବୃଦ୍ଧି ପାଇପାରେ। ସଲଫାଇଟ୍ରେ ଅସୁବିଧା ଲୋକମାନେ କିସମିସ ଖାଇବାରୁ ଦୂରେଇ ରହିବା ଉଚିତ। ଅଧିକ ପରିମାଣରେ କିସମିସ ଖାଇବା ଦ୍ୱାରା କ୍ୟାଭିଟି ହୋଇପାରେ।

# ଡାଇବେଟିସ୍ ରୋଗୀ ପାଇଁ ଗାଜର

ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ସ, ଫାଇବର୍ ଓ ଆଣ୍ଟି ଅକ୍ସିଡାଣ୍ଟ ଉପାଦାନ ଭରିହୋଇ ରହିଛି। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଅସ୍ଥି ଓ ମଜ୍ଜାକୁ ଶକ୍ତ କରିଥାଏ। ତେବେ ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଣ୍ଟିବଡି ଗଠନ କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଭଳି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ନିୟମିତ ଗାଜର ଖାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସେମାନଙ୍କର ଶରୀରରେ ଆଣ୍ଟିବଡି ପରୀକ୍ଷା କରାଯିବାରୁ ଏହା ପୂର୍ବାପେକ୍ଷା ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା। ଆପଣ ଦୃଷ୍ଟିଶକ୍ତିଜନିତ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ନିୟମିତ ସମୟ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଇ ନେବା ସହ ଆଉ ଏକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ପ୍ରତିଦିନ ଗାଜର ଖାଆନ୍ତୁ। କାରଣ ଗାଜରରେ ଏଭଳି ତତ୍ତ୍ୱ ରହିଛି, ଯାହା ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପକାରୀ। ଏହା ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ। ଗାଜର ନିୟମିତ ଖାଇଲେ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ତା'ସହ ଏହା ରକ୍ତଚାପକୁ ମଧ୍ୟ ସନ୍ତୁଳିତ ରଖେ। ଗାଜରରେ ପଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଅଧିକ ଥିବାରୁ ଏହା ଅସ୍ଥିକୁ ଦୃଢ଼ ରଖିଥାଏ। ସବୁଠାରୁ ଖାସ୍ କଥା ହେଲା, ଏହାକୁ ପ୍ରତିଦିନ ଖାଇଲେ ଓଜନ କେତେକାଂଶରେ ସନ୍ତୁଳିତ ରହିଥାଏ।



# ବିଳମ୍ବିତ ରାତିରେ ଭୋଜନ କରୁଥିଲେ...

କେବେ କେବେ ଡେରିରେ ଅଫିସରେ ଫେରିବା ହେଉ କିମ୍ବା ସୁଟିଂ ସାରୁ ସାରୁ ବିଳମ୍ବିତ ରାତି ହେଇଯିବା ହେଉ... ଅବା କେଉଁ କାମରେ ଫସିବା କିମ୍ବା ସଉକରେ କେହି କେହି ବିଳମ୍ବିତ ରାତିରେ ଖାଉଥିବା ଦେଖିବାକୁ ମିଳୁଛି। ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି। କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି। ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ। ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ। ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ୍ୟ ବୃଦ୍ଧି କରେ। ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧ୍ୟରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହା ଏବେ ହେଇ ପାରୁନି। ତେବେ ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ...

ତେଣୁ କଥାରେ ଅଛି ଶହେ କାମ ଛାଡି ଭୋଜନ କର। ଖାଦ୍ୟ ଖାଇଲେ ହିଁ ଆମ ଶରୀର ପୋଷଣ ପାଇଥାଏ। କିନ୍ତୁ ଖାଦ୍ୟ ଆମେ ଭୋକ ଲାଗିଲେ ଖାଉ ଏବଂ ଲୋଭରେ ବି ଖାଉ। ଲୋଭରେ ଖାଇଲେ ତାହା ଆମର ପୁଷ୍ଟି ସାଧନ ନ କରି ଅହିତ କରିଥାଏ। ସୁତରାଂ ଭୋକ ଲାଗିଲେ ହିଁ ଖାଇବା ଉଚିତ। ଭୋକ ନ ଥାଇ ଖାଦ୍ୟ ଲୋଭରେ ଖାଇବା ଉଚିତ ନୁହେଁ। ପୁଣି ଖାଦ୍ୟ ଖାଇବାର ଗୋଟିଏ ନିର୍ଦ୍ଦିଷ୍ଟ ସମୟ ରହିବା ଉଚିତ। ଯେତେବେଳେ ଇଚ୍ଛା ସେତେବେଳେ ଖାଇବା ଏବଂ ବିଳମ୍ବିତ ରାତିରେ ଖାଇବା ଉଚିତ ନୁହେଁ। ଆୟୁର୍ବେଦ ଶାସ୍ତ୍ର ମତରେ ସକାଳର ଖାଇବାଟା ରାଜକୀୟ ଭୋଜନ ପରି ଗରିଷ୍ଠ ହେବା ଉଚିତ। ମଧ୍ୟାହ୍ନଭୋଜନ ତା'ଠୁ ହାଲୁକା ଏବଂ ସନ୍ଧ୍ୟାକାଳୀନ ଭୋଜନ ସବୁଠୁ ହାଲୁକା ହେବା ଉଚିତ। ବିଳମ୍ବିତ ରାତିରେ ଆଦୌ ଖାଇବା ଉଚିତ ନୁହେଁ। ରାତିରେ ଶୋଇବା ପୂର୍ବରୁ ଆପଣ ଛୋଟ କାଚ ଗ୍ଲାସ୍‌ରେ ଏକ ଗ୍ଲାସ୍ ଦେଶୀ ଗାଈ କ୍ଷୀର ପିଇ ଶୋଇପାରିବେ। କିନ୍ତୁ କ୍ଷୀର ପିଇସାରି କୁଳି କରିବା ନିହାତି ଆବଶ୍ୟକ, ନ ହେଲେ ଦାନ୍ତ ପୋକ ଖାଇବ। ବିଳମ୍ବିତ ରାତିରେ ବା ମଧ୍ୟରାତ୍ରିରେ ଯେଉଁମାନେ ଭୋଜନ କରନ୍ତି ତାକୁ ରାକ୍ଷସୀ ଭୋଜନ କୁହାଯାଏ। ଶହେ କାମ ଛାଡ଼ି ଭୋଜନ କର, ମାନେ ଯଦି ଭୋଜନର ସମୟ ହୋଇଯାଇଛି ଓ ଭୋକ ହେଉଛି, ତେବେ ଅନ୍ୟ ସବୁ କାମ ଛାଡ଼ି ଆଗେ ଭୋଜନ କରିବା ଉଚିତ। କାରଣ ନିର୍ଦ୍ଦିଷ୍ଟ ସମୟରେ ଭୋଜନ କଲେ ତାହା ଆମ ଦେହର ଅଭ୍ୟାସଗତ ହୋଇଯାଇଥାଏ। ସେଥିରେ ବିଳମ୍ବ ବା ଅନିୟମିତତା ହେଲେ ଆମ ହଜମ ଶକ୍ତି ଉପରେ ପ୍ରଭାବ ପଡ଼େ। ଖାଦ୍ୟ ହଜମ କରିବା ପାଇଁ ଆମ ଶରୀରରେ ଏକ ପ୍ରକାର ଅମ୍ଳ ସୃଷ୍ଟି ହୁଏ, ଯାହାକୁ ଇଂରାଜୀରେ କୁହାଯାଏ ହାଇଡ୍ରୋକ୍ଲୋରିକ୍ ଏସିଡ୍ ବା ଲବଣାମ୍ଳ। ପେଟ ଯଦି ଦୀର୍ଘ ସମୟ ଧରି ଖାଲି ରହେ ଏବଂ ଏହା ଦିନ ଦିନ ଧରି ଘଟେ, ତେବେ ସେହି ଅମ୍ଳ ଆମର ଅନ୍ତନଳୀର ମ୍ୟୁକସ୍ ମେମ୍ବ୍ରେନକୁ ଖାଇଯାଏ। ଫଳରେ ପେଟରେ ଘାଆ ସୃଷ୍ଟି ହୁଏ, ଯାହାକୁ ଷ୍ଟୋମାକ୍ ଅଲ୍‌ସର କୁହାଯାଏ। ଶୀଘ୍ର ଚିକିତ୍ସା ନ କଲେ ତାହା ମାରାତ୍ମକ ହୋଇପାରେ। ତେଣୁ ନିୟମିତଭାବେ ଠିକ୍ ସମୟରେ ଖାଇବା ଉଚିତ। ପୁଣି ଖାଦ୍ୟ ତ ଆମକୁ କାମ କରିବା ପାଇଁ ବଳ ଯୋଗାଇଥାଏ। ଆମେ ଖାଇବାନି ଯଦି ଅନ୍ୟସବୁ କାମ କରିବା ପାଇଁ ବଳ ପାଇବା କିପରି? ତେଣୁ ଶହେ କାମ ଛାଡ଼ି ଆଗ ଖାଇବା ପାଇଁ ପରାମର୍ଶ ଦିଆଯାଇଛି।

- ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ
- ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ
- ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ୍ନ ହୋଇଥାଏ
- ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ
- ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ
- ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ
- ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ
- ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ
- ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ
- ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ
- ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ
- ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ
- ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ
- ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ



### କଳାହାଣ୍ଡି ଜିଲ୍ଲାରେ ଲଘୁଚାପଜନିତ ବର୍ଷା ବିପ୍ୱାତ

# ଶତାଧିକ ଏକର ଚାଷ ଜମି ଜଳମଗ୍ନ

**କଳାହାଣ୍ଡି,୪।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାରେ ବର୍ଷା ବିପ୍ୱାତ ଦେଖାଦେଇଛି। ଗୁରୁବାର ଦିନତମାମ ପ୍ରବଳ ବର୍ଷା ଯୋଗୁଁ ଜିଲାର ବିଭିନ୍ନ ସ୍ଥାନରେ ବେହାଲ ପରିସ୍ଥିତି ସୃଷ୍ଟି ହୋଇଛି।ସୂଚନା ମୁତାବକ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକରେ ସର୍ବାଧିକ ୩୫୨ମି.ମି. ବର୍ଷା ହୋଇଥିଲା। ସେହିପରି ଜୁନାଗଡ଼ ବ୍ଲକରେ ୨୧୦.୪ମି.ମି, କଳମପୁର ରେ ୧୦୮. ୩ ମି.ମି, ଏମ ରାମପୁରରେ ୧୦୯ମି. ମି., ନର୍ଲାରେ ୧୩୬ ମି.ମି., ଲାଞ୍ଜିଗଡ଼ ୧୧୦.୪ ମି.ମି., ଭବାନୀପାଟଣା ୬୮.୫ ମି.ମି, ଧର୍ମଗଡ଼ ୬୪.୨ମି.ମି, ଜୟପାଟଣା ୭୬ ମି.ମି., ଗୋଲାମୁଣ୍ଡା ବ୍ଲକରେ ୮୧ ମି.ମି. ବର୍ଷା ରେକର୍ଡ ହୋଇଛି। ପ୍ରବଳ ବର୍ଷା ଯୋଗୁଁ



ଭବାନୀପାଟଣା ଥୁଆମୂଳ ୪୪ନଂ, ରାଜ୍ୟ ରାଜପଥରେ ଅନେକ ଗଛ ଉପୁଡି ପଡ଼ିଥିଲା। ଫଳରେ ଯାନବାହନ ଚଳାଚଳ କିଛି ଘଣ୍ଟା ଧରି ବାଧାପ୍ରାପ୍ତ ହୋଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ସ୍ଥାନୀୟ ବନ ବିଭାଗ କର୍ମଚାରୀ ଗଛକୁ ହଟେଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିପରି ମୁଖୀଗୁଡ଼ା -ମହୁଲପାଟଣା ଘାଟି ରାସ୍ତା ବର୍ଷା ଯୋଗୁଁ ଧୋଇନେବା ସହ ମାଟି ଅତଡା ରାସ୍ତାରେ ପଡ଼ିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ରାମଚନ୍ଦ୍ରପୁର ଅଣ୍ଡର ବ୍ରିଜରେ ପାଣି ଜମିବା ଫଳରେ ଯାତାୟାତ ଠପ୍ ହୋଇଯାଇଛି। ଗୋବର୍ଦ୍ଧନପୁର ପଞ୍ଚାୟତ ମୁଖ୍ୟାଳୟର ମଧୁପୁର ଓ ରାମଚନ୍ଦ୍ରପୁର ସହିତ ଗୋପାଳପୁର, ଭାଲୁଚଞ୍ଚରା ଆଦି ଗାଁକୁ ଏକପ୍ରକାର ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଜୁନାଗଡ଼ ସହରରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସହରର ତାଲବନ୍ଧପଡା, ଲକ୍ଷ୍ମୀସାଗର ପଡା, ଫତେନଗର ପଡାରେ ଥିବା ଲୋକଙ୍କ ଘରକୁ ପାଣି ପଶିଯାଇଛି। ସେହିପରି ସାହୁପଡା ଓ ଫତେନଗର ପଡା ମୁଖ୍ୟ ରାସ୍ତାରେ କେନାଲ ଭଳି ପାଣି ଚାଲୁଥିବା ଦେଖିବାକୁ ମିଳିଥିଲା। ଜୁନାଗଡ଼ ସହର ଉପକଣ୍ଠ ତାଳବନ୍ଧପଡାର ପଦନାଭ ମାଝୀ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିବାବେଳେ ବର୍ଷା ଯୋଗୁଁ ହଠାତ ମାଟିଛପର ଘରର ଛାତ ଭୁଶୁଡ଼ି ପଡ଼ିଥିଲା। ତେବେ ଅଳ୍ପକେ ସେମାନେ ବର୍ତ୍ତୀ ଯାଇଥିବାବେଳେ ଆସବାପତ୍ର ମାଟିରେ ପୋତି ହୋଇଯାଇଥିବା ଦେଖିବାକୁ ମିଳିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଓ ମଙ୍ଗଳବାର ବ୍ୟାରେଜ ଗେଟ ଖୋଲାଯିବା ପରେ ଜୁନାଗଡ଼ ହାତୀ ନଦୀରେ ବନ୍ୟା ପରିସ୍ଥିତ ସୃଷ୍ଟି ହୋଇଛି। ହାତୀନଦୀ କୂଳରେ ଥିବା ଜୁନାଗଡ଼ ବ୍ଲକ ତଳମଲା ପଞ୍ଚାୟତର ମସିଗାଁ, ସାହଜକନା, ଆଟିଗାଁ ପଞ୍ଚାୟତର ବାଗଡୁଙ୍ଗରି, ମିଚାଗାଁ ଆଦି ଗ୍ରାମର ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଛି ଓ ଫଳରେ ସେଠାରେ ଧାନ ଫସଲ ନଷ୍ଟ ହେବା ସମ୍ଭାବନା ଦେଖାଦେଇଛି।

## ମା’ ଦୁର୍ଗାଙ୍କ ମେଲାଣି ଉତ୍ସବ ନିଆରା ଢଙ୍ଗରେ ପାଳିତ



**ଯାଜପୁର ରୋଡ଼, ୪।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର କୋରେଇ ନିର୍ବାଚନ ମଣ୍ଡଳୀର ଲକ୍ଷ୍ମୀନଗର ପଞ୍ଚାୟତ ଅଞ୍ଚଳ ବାସିନ୍ଦା ମାନେ ଦୀର୍ଘ ୨୦୦ ବର୍ଷ ଠାରୁ ଉର୍ଦ୍ଧ୍ୱ ଦିନର 'ମା'ଦୁର୍ଗାଙ୍କ ପୂଜା ଉତ୍ସବର ବିଭିନ୍ନ ପରମ୍ପରାକୁ ବଜାଇ ରଖିଛନ୍ତି। ଅଞ୍ଚଳର ମାଙ୍କ ଶ୍ରଦ୍ଧାଳୁମାନେ ମାଙ୍କ ମେଲାଣି ଉତ୍ସବରେ ମା'ଙ୍କୁ କାନ୍ଧରେ ବୁହାଇ ପାଖାପାଖି ୩ କିଲୋମିଟର ନେଉଛନ୍ତି। ପ୍ରତ୍ୟେକ ବରଷକେ ଥରେ ଲକ୍ଷ୍ମୀନଗର ଅଞ୍ଚଳ ବାସିନ୍ଦା ମାନେ ମାଙ୍କ ଆଗମନକୁ ଚାହିଁ ରହିଥାନ୍ତି। ୫ ଦିନର ପୂଜାର୍ଚ୍ଚନା ପରେ ମାଙ୍କୁ ଦିଆଯାଏ ମେଲାଣି। ବିଭିନ୍ନ ଜାଗାରେ ବାଜା ବାଣ ଡିଜେ ଓ ରୋଷଣୀ କରି ମାଙ୍କୁ ବିଦାୟ ଦିଆଯାଇଥାଏ। କିନ୍ତୁ ଯାଜପୁର ରୋଡ ଥାନା ଲକ୍ଷ୍ମୀନଗର ପଞ୍ଚାୟତରେ ମାଙ୍କ ଭସାଣିର ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଦୀର୍ଘ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ହେବ କାହିଁ କେତେ ଦିନରୁ ଗାଁର ସହ ସହ ଲୋକେ ମାଙ୍କୁ ଦୀର୍ଘ ତିନି କିଲୋମିଟର କାନ୍ଧରେ ନେଇ ମାଙ୍କୁ ଡିଗୀ ପୋଖରୀରେ ବିସର୍ଜନ ଦେଇଥାନ୍ତି। ଏହି ଭସାଣି ଉତ୍ସବକୁ ଦେଖିବା ପାଇଁ କାହିଁ କେତେଦୂର ଭକ୍ତଙ୍କ ସୁଅ ଛୁଟୁ ଥିବା ଦେଖିବାକୁ ମିଳିଥାଏ।

## ସର୍ବଧର୍ମ ପ୍ରାର୍ଥନା ସଭା ସହ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



**ସୁବର୍ଣ୍ଣପୁର,୪।୧୦(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଦ୍ୱାରା ୧୫୬ ତମ ଗାନ୍ଧୀ ଜୟନ୍ତୀ ଓ ୧୨୧ ତମ ଶାସ୍ତ୍ରୀ ଜୟନ୍ତୀ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟାଳୟ ସ୍ଥିତ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଜି ପୂର୍ବାହ୍ନ ୮.୩୦ ଘଟିକା ସମୟରେ ସୋନପୁର ଗାନ୍ଧୀ ପଡିଆ ସ୍ଥିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ଼ ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର ଶ୍ରୀ  ନାରାୟଣ ନାଏକଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୁଷ୍ପାମାଲ୍ୟ ଅର୍ପଣ ସମୟରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର ଶ୍ରୀ ରାଜେନ୍ଦ୍ର ମାଝୀ, ସୁବର୍ଣ୍ଣପୁର, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଅଧିକାରୀ, ସୁବର୍ଣ୍ଣପୁର,ସୋନପୁର ସହରର ଅନେକ ବୁଦ୍ଧିଜୀବୀ,  ଜନସାଧାରଣଙ୍କ ସମେତ ବିଭିନ୍ନ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।  ତାପରେ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସୋନପୁର ସ୍ଥିତ  ସଂସ୍କୃତି ଭବନ ଠାରେ ସର୍ବଧର୍ମ ପ୍ରାର୍ଥନା ସଭା ସହିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୬ ତମ ଜୟନ୍ତୀ ଓ ଶାନ୍ତିର କପୋତ ଆମ ଦେଶର ଦ୍ୱିତୀୟ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ଲାଲ ବାହାଦୁର ଶସ୍ତ୍ରୀଙ୍କ ୧୨୧ ତମ ଜୟନ୍ତି ପାଳନ ନିମନ୍ତେ ଏକ ସଭା  ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ଼ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ  ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଉପ ଜିଲ୍ଲାପାଳ, ସୋନପୁର, ଶ୍ରୀମତି ସୁମ୍ୟାରୁପା ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର ସମ୍ମାନିତ ଅତିଥି ଭାବେ ଓ ଶ୍ରୀ ଦେବାଶିଷ ପଧାନ, ଅଧାପକ ଅର୍ଥନୀତି ବିଭାଗ,ସୁବଳୟା ମହାବିଦ୍ୟାଳୟ  ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ। ଗାନ୍ଧିଜୀଙ୍କ ପ୍ରିୟ ଭଜନ ପରିବେଷଣ ସହିତ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସର୍ବଧର୍ମ ପ୍ରାର୍ଥନା ସଭା ନିମନ୍ତେ ଚାରି ଧର୍ମ ଯଥା ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟ ଓ ବୌଦ୍ଧ ଧର୍ମଯାଜକ ବା ଧର୍ମଗୁରୁ ଯୋଗଦାନ କରି ସର୍ବଧର୍ମ ପ୍ରାର୍ଥନା ସଭାରେ ଅଂଶ ଗ୍ରହଣ କରିଥିଲେ।

● **ମହାଡ଼ମ୍ବରରେ ଆୟୋଜିତ ଶାରଦୀୟ ଦୁର୍ଗା ପୂଜା**

## ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖରିତ ଅଞ୍ଚଳ



**ରାୟଗଡ଼ା,୪।୧୦(ସଂଚାରବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ପକ୍ଷରୁ ସବୁ ବର୍ଷପରି ଏହି ବର୍ଷ ମଧ ସ୍ଥାନୀୟ ଦଶହରା ପଡ଼ିଆ ଠାରେ ମହାଡମ୍ବରରେ ସାର୍ବଜନୀନ ଶାରଦୀୟ ଦୁର୍ଗା ପୂଜା ଆୟୋଜିତ ହୋଇଛି। ପାଞ୍ଚଦିନିଆ ଏହି ପୂଜାରେ ମା'ଙ୍କ ଆରାଧନାରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଗତ ୨୭ ସେପ୍ଟେମ୍ବରରୁ ମହାଷଷ୍ଠୀ ପୂଜା ସହିତ ଆରମ୍ଭ ହୋଇଥିବା ଏହି ଆୟୋଜନ ଆଜି ମହାନବମୀ ପୂଜା ଓ ସନ୍ଧିପୂଜାରେ ପ୍ରବେଶ କରିଛି। ଆସନ୍ତାକାଲି ଗୁରୁବାର ଦିନ ବିଶେଷ ଉତ୍ସାହରେ ଦଶହରା ଓ ରାବଣପୋଡ଼ି ପାଳନ କରାଯିବ। ମା'ଙ୍କର ଆକର୍ଷଣୀୟ ମୂର୍ତ୍ତି, ସୁସଜ୍ଜିତ ତୋରଣ ଓ ରଙ୍ଗୀନ ଆଲୋକମାଳା ଶ୍ରଦ୍ଧାଳୁଙ୍କୁ ଅଭିଭୂତ କରିଛି। ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସାମାଜିକ ବିଷୟଭିତ୍ତିକ ନାଟକ ଓ ଭୁଗିଭୁଗି ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଛି। ୨୮ ସେପ୍ଟେମ୍ବରରେ ହୋଇଥିବା ନୃତ୍ୟ ପ୍ରତିଯୋଗିତାରେ ୨୨ ଦଳ ଅଂଶଗ୍ରହଣ କରିଥିଲେ। ତଥା, ରାଜ୍ୟର ପ୍ରସିଦ୍ଧ ଅର୍କେଷ୍ଟ୍ରା ଦଳମାନେ ପ୍ରତିରାତି ମନୋରଞ୍ଜନାତ୍ମକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ସ୍ଥାନୀୟ ପଞ୍ଚାୟତ ସରପଞ୍ଚମାନେ ଅତିଥି ଭାବେ ଯୋଗଦେଇ ପାରମ୍ପରିକ ଦୀପ ପ୍ରଜ୍ୱଳନ ଓ ନଡ଼ିଆ ଭାଙ୍ଗିବା ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି। ୨୮ରିଖରେ କୁଚେଇପଦର ସରପଞ୍ଚ ବଙ୍ଗାରି ମାଝୀ, ୨୯ରେ ପୋଡାପାଡ଼ି ସରପଞ୍ଚ ନିଳାବତୀ ମଣ୍ଡାଙ୍ଗି ଓ ୩୦ରେ କୋଡ଼ିପାରି ସରପଞ୍ଚ ଡମ୍ବରୁଧର ମାଝୀ ସହିତ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଗୁଡ଼ିକ ଉତ୍କଳ ଆଲୁମିନାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବାବେଳେ କର୍ମକର୍ତ୍ତା ନାରାୟଣ ମୀତ୍ରା, କିରଣ ନାୟକ, ପିତାମ୍ବର ବେହେରା, ଭୋଜରାଜ୍ ଦାଶ ଓ ବେଲକର ନାଏକ ସହିତ ଅନ୍ୟମାନେ ସକ୍ରିୟ ଭାବରେ ସହଯୋଗ କରୁଛନ୍ତି।

## ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

**ଭୁବନେଶ୍ୱର, ୪।୧୦ (ସଂଚାର ବ୍ୟୁରୋ) :** ନାଗେଶ୍ୱର ଟାଙ୍ଗି ହାଉସିଂ ବୋର୍ଡ କଲୋନୀ ଉନ୍ନୟନ ପରିଷଦ ପକ୍ଷରୁ ଅକ୍ଟୋବର ୨ ତାରିଖରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।  ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସଭାପତି ପୂର୍ବତନ ବିଧାୟକ ବିପିନ ଦାଶ, ଉପସଭାପତି ଇଂ. କମଳାକାନ୍ତ ସେନାପତି, ସ୍ତମ୍ଭକାର ରମେଶ ଚନ୍ଦ୍ର ପ୍ରଧାନ, ପ୍ରଫେସର ସମ୍ବିତ କୁମାର ମିଶ୍ର, ସମାଜସେବୀ ହରେକୃଷ୍ଣ ମହାନ୍ତି, ପ୍ରଶାସକ  ଚିନ୍ମୟ ରାୟ, ସାଧାରଣ ସମ୍ପାଦକ ସଞ୍ଜୀବ ମିଶ୍ର ପ୍ରମୁଖ ଯୋଗଦେଇ ଦୁଇ ମହାମାନବଙ୍କ ସ୍ମୃତି, କୃତି, ନୀତି, ଆଦର୍ଶ ଓ କର୍ମଜୀବନ ଉପରେ ଆଲୋକପାତ ପରିଥିଲେ ଏବଂ ଦୁଇ ପ୍ରଥିତଯଶାଙ୍କ ପଦାଙ୍କ ଅନୁସରଣ କରିବା ଲାଗି ନୂତନପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ରାମଧୂନ ଗାନରେ ସଭା ଆରମ୍ଭ ହୋଇଥିଲା।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

**ଭବାନୀପାଟଣା,୪।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ)ତନ୍ମୟ କୁମାର ଦରୱାନ ଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକରେ ଆଲୋଚ୍ୟ କାର୍ଯ୍ୟସୂଚୀ ଆଲୋଚନା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଅନୁରୋଧ କରିଥିଲେ। କଳାହାଣ୍ଡି ଜିଲ୍ଲା ଏମ.ଭି. ରାଜସ୍ୱ ଆଦାୟ ପ୍ରୋଗ୍ରେସିଭ୍ ହାରରେ ଗତ ଅଗଷ୍ଟ ଓ ସେପ୍ଟେମ୍ବର ଦୁଇ ମାସ ମଧରେ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ ୬.୯୦ କୋଟି ରହିଥିବା ବେଳେ ୬.୫୦ କୋଟି ଆଦାୟ କରି ରାଜସ୍ୱ ଆଦାୟ ରେ କଳାହାଣ୍ଡି ଜିଲ୍ଲା ଆଗରେ ଥିବା ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସାମନ୍ତରାୟ ସୂଚନା ଦେଇଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରେ, ଘାଟି ଅଞ୍ଚଳରେ ରାସ୍ତା ଖରାପ ଥିବା ଯୋଗୁଁ ବିଭିନ୍ନ ସମୟରେ ରାସ୍ତାରେ ଦୁର୍ଘଟଣା ଘଟି ଲୋକଙ୍କ ପ୍ରାଣ ହାନି ହେଉଥିବା ରୁ ଖରାପ ଥିବା ରାସ୍ତା ମରାମତି କାମ ତୁରନ୍ତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାତୀବ୍ରିଜ୍ କୁ ସଂଯୋଗ କରୁଥିବା ବାସୁଗୁଡା ରାସ୍ତାର ଗାଡୱାଲ୍ ନଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ଜୟପାଟଣା ନବରଙ୍ଗପୁରକୁ ସଂଯୋଗ କରୁଥିବା ରାସ୍ତା ଡୁଲୁଘାଟି ରାସ୍ତାର ଗାଡ଼ୱାଲ ନଥିବାରୁ ବହୁ ସମୟରେ ଦୁର୍ଘଟଣାର ଶୀକାର ହୋଇ ଲୋକ ମୃତ୍ୟୁ ମୁଖରେ ପଡ଼ୁଛନ୍ତି। ଜୟପାଟଣା ଠାରୁ ପୋରୁଆଗୁଡ଼ା ରାସ୍ତା, ତେମରା ଠାରୁ ବଡ଼ ଚେରଗାଁ, ବଡକୁଟୁରୁ ଠାରୁ ପାତ୍ରବସା ରାସ୍ତା, ଫୁର୍ଲିଝରଣ ଠାରୁ ଜାଖମ୍, ପିଡିସାଲ ଠାରୁ ଲାଞ୍ଜିଗଡ଼, ମୃଷପଲି ଠାରୁ ଚାରବାହାଲ ରାସ୍ତା, କଦଳୀ ଘାଟି ଲାଞ୍ଜିଗଡ଼ ରାସ୍ତାର ଅବସ୍ଥା ବହୁତ୍ ଖରାପ ଥିବାରୁ ବିଭିନ୍ନ ସମୟରେ ଯାତ୍ରୀଙ୍କର ଦୁର୍ଘଟଣା ଘଟି ମୃତ୍ୟୁମୁଖରେ ପଡୁଛନ୍ତି।

## ବେଆଇନ ଧର୍ମାନ୍ତୀକରଣ ବିରୋଧରେ ଏତଲା

**ଲାଞ୍ଜିଗଡ଼,୪।୧୦(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କ ସରଳତା ଦେଖି ଖ୍ରୀଷ୍ଟ ଧର୍ମୀ ମାନେ ବ୍ଲକର ପ୍ରତ୍ୟୋକ ଗାଁ ଗାଁକୁ ଯାଇ ଟଙ୍କା ସହିତ ବିଭିନ୍ନ ପ୍ରଲୋଭନ ଦେଖାଇ ଯୋର ଜବରଦସ୍ତ ବେଆଇନ ଭାବରେ ହିନ୍ଦୁ ମାନଙ୍କୁ ଖ୍ରୀଷ୍ଟ ଧର୍ମରେ ଧର୍ମାନ୍ତିକରଣ କରାଯାଉଥିବା ଅଭିଯୋଗ ହେଉଛି। ତେବେ ଟଙ୍କା ପଇସା ଓ ଧନର ଲାଳସା ଦେଖି ଲାଞ୍ଜିଗଡ଼ ବ୍ଲକରେ କିଛି ବର୍ଷହେଲା ହିନ୍ଦୁ ଧର୍ମରୁ ପରିବର୍ତନ କରି ଖ୍ରୀଷ୍ଟ ଧର୍ମ ନେବାରେ ହୁହୁ ହୋଇ ବଢ଼ି ଚାଲିଥିବାବେଳେ କିଛି ଦିନ ତଳେ ଲାଞ୍ଜି ପଞ୍ଚାୟତ ସ୍ଥିତ ମୃଷାନାଲ ଗାଁର ଜଣେ ଖ୍ରୀଷ୍ଟ ଧର୍ମୀ ମୃତ୍ୟୁ ବରଣ କରିଥିଲେ। ଉକ୍ତ ମୃତ ଶବକୁ ନେଇ ଗାଁ



ମଶାଣିରେ ଶବ ପୋତି ସମାଧି ତିଆରି କରିଥିବାବେଳେ ଏହାକୁ ନେଇ ଗ୍ରାମର ହିନ୍ଦୁ ପରିବାର ବିରୋଧ କରି ଗତ ୨୮ ତାରିଖ ଦିନ ବିଶ୍ୱନାଥପୁର ଥାନା ଓ ତହସିଲଦାର ନିକଟରେ ଏକ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ପ୍ରଶାସନ ପକ୍ଷରୁ ଏଯାଏଁ କୌଣସି ପଦକ୍ଷେପ ନ'ନେବାରୁ ଆଜି ଶନିବାର ପାଞ୍ଚଟି ପଞ୍ଚାୟତରୁ ଶତାଧିକ ଲୋକ ଏକଜୁଟ ହୋଇ ମୃଷାନାଲ ବଜାର ପଡ଼ାରେ ଏକ ବୈଠକ କରିଥିଲେ। ଉକ୍ତ ବୈଠକରେ ନିଷ୍ପତି ନିଆଯାଇଥିଲା ଯେ'ଥାନାରେ ଏତଲା ଦିଆଗଲା ପରେ ମଧ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନେଇ ନାହାନ୍ତି।ଯଦି ପୋଲିସ ପ୍ରଶାସନ ଏଦିଗରେ ଦୃଷ୍ଟି ନ'ଦେଲେ ଆଗାମୀ ଦିନରେ ବ୍ଲକର ୧୩ଗୋଟି ପଞ୍ଚାୟତର ଜନସାଧାରଣ ଏକତ୍ରିତ ହୋଇ ଥାନା ଘେରାଓ ସହିତ ରାସ୍ତା ରୋକ କରିବୁ ଓ ରାସ୍ତା ରୋକରେ ଯଦି କୌଣସି ଦୁର୍ବିପାକ ଘଟେ ତାହାହେଲେ ପୋଲିସ ପ୍ରଶାସନ ଓ ସରକାର ଦାୟି ରହିବେ ବୋଲି ପାଞ୍ଚଟି ପଞ୍ଚାୟତ ବାସୀ ଚେତାବନି ଦେଇଛନ୍ତି।

## ଗଳାଚିପି ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ଲାଞ୍ଜିଗଡ଼,୪।୧୦(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ସର୍ଗିଗୁଡା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ସର୍ଗିଗୁଡା ଗ୍ରାମର ପୁଲସିଙ୍ଗ ମାଝୀ (୫୯) ନିଜ ସ୍ତ୍ରୀ ବୁତ୍ରୀ ମାଝୀ (୫୫)କୁ ସୋମବାର ରାତିରେ ତଣ୍ଟିଚିପି ହତ୍ୟା କରିଛି। ସୂଚନାନୁସାରେ ଫୁଲସିଙ୍ଗ ମାଝୀ ଓ ସ୍ତ୍ରୀ ବୁତ୍ରୀ ମାଝୀ ପରିବାର ସହିତ ସର୍ଗିଗୁଡାରେ ଗାଁରେ ରହୁଥିଲେ। ଫୁଲସିଙ୍ଗ ର ପାଞ୍ଚ ଗୋଟି ଝିଅ ଦୁଇଟି ପୁଅ ଥିବାବେଳେ ଚାରିଗୋଟି ଝିଅ ବାହା ହୋଇଯାଇଛନ୍ତି। ଫୁଲସିଙ୍ଗ ସ୍ତ୍ରୀଙ୍କ ସହିତ ନିକଟସ୍ଥ ଜଙ୍ଗଲ ନିକଟରେ ଏକୁଟିଆ ଘର କରି ରହୁଥିଲା। ସୋମବାର ବିଳମ୍ବିତ ରାତିରେ କୌଣସି କାରଣରୁ ପୁଲସିଙ୍ଗ ନିଜ ସ୍ତ୍ରୀ ବୁତ୍ରୀ ମାଝୀକୁ ତଣ୍ଟିଚିପି ହତ୍ୟା କରିଥିବା ବେଳେ ହତ୍ୟାପରେ ସେଠାରୁ ଫେରାର ହୋଇ ଯାଇଥିଲା।



ମଙ୍ଗଳବାର ସକାଳେ ଖବରପାଇ କଳାହାଣ୍ଡି ଜିଲ୍ଲା ସିଲେଟ ପଞ୍ଚାୟତ କର୍ଲଓପାଟ ଥାନା ଅନ୍ତର୍ଗତ କାରାବାଲି ଗ୍ରାମର ମୃତ ବୁତ୍ରୀର ଭାଇ ବାନାଙ୍ଗ ମାଝୀ ପହଞ୍ଚି ବିଜେପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନିଙ୍କ ନେତୃତ୍ୱରେ ପୋଲିସ ବଳ ସହିତ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ଶବ ବ୍ୟବଛେଦ ପାଇଁ ଲାଞ୍ଜିଗଡ଼ ପଠାଇଥିଲେ। ମଙ୍ଗଳବାର ସନ୍ଧ୍ୟା ହୋଇଯିବାରୁ ଶବ ବ୍ୟବଛେଦ ହୋଇପାରିନ'ଥିବା ବେଳେ ବୁଧବାର ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ବୁଧବାର ଦିନ ପୋଲିସ କୌଣସି ସୂତ୍ରରୁ ଖବର ପାଇ କେନ୍ଦୁପେଟ ଗ୍ରାମରେ ଲୁଚିଥିବା ଅଭିଯୁକ୍ତ ପୁଲସିଙ୍ଗକୁ ଗିରଫ୍ କରି ଥାନାକୁ ନେଇ ପଚରା ଉଚୁରା କରିଥିଲେ।ପଚରା ଉଚୁରା ପରେ ଅଭିଯୁକ୍ତ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ବିଜେପୁର ଥାନା କେଶ ନଂ୨୮/୨୫ ରେ ଅଭିଯୁକ୍ତ ପୁଲସିଙ୍ଗକୁ ବୁଧବାର କୋର୍ଟ ଚାଲାଣ କରିଥିବା ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନି ପ୍ରକାଶ କରିଛନ୍ତି।

## ୬ରୁ ପ୍ରସିଦ୍ଧ ହରଗୌରୀ ଯାତ୍ରା



**ସୁବର୍ଣ୍ଣପୁର,୪।୧୦(ସଂଚାର ବ୍ୟୋରୋ):** ୬ ତାରିଖରୁ ସହରର ଢ଼େରାପଡା ଠାରେ ଆରମ୍ଭ ହେବ ପ୍ରସିଦ୍ଧ ହରଗୌରୀ ଯାତ୍ରା। ପ୍ରତିବର୍ଷେ ଅନ୍ତରରେ ଏହା ସହର ର ତେଲୁଗୁ ସଂପ୍ରଦାୟ ଦେବାଙ୍ଗ (ଢେରା) ଙ୍କ ଦ୍ୱାରା ଆୟୋଜନ ହେଉଥିବା ଏହି ଯାତ୍ରା ୬ତାରିଖରେ ପ୍ରଥମେ ଗୌରୀଙ୍କ ଆଗମନ ପରେ ୮ ତାରିଖରେ ହରଙ୍କୁ ଆମନ୍ତ୍ରଣ କରି ଅଣାଯିବ। ପ୍ରତିଦିନ ହରଗୌରୀଙ୍କଠାରେ ସୁପ୍ରଭାତମ୍, ମହାପୂଜା, ରୁଦ୍ରାଭିଷେକ ପ୍ରଭୃତି ଜାରି ରହିବା ସହ ପ୍ରତି ସଂଧାରେ ସଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବ। ୯ ତାରିଖରେ ବଲାଙ୍ଗୀର ର ଡେନ୍ସ ଗ୍ରୁପ କିଲର୍ ବଏଜ୍ ଙ୍କ ଦ୍ୱାରା ଡେନ୍ସ ପରିବେଷଣ ହେବାକୁ ଥିବା ବେଳେ ୧୦ ତାରିଖ ରେ ଭକ୍ତି ଆରାଧନା ଭଜନ ସଂଧା, ୧୧ ତାରିଖରେ ବର୍ଷାରାଣୀ ତ୍ରିପାଠୀ ଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ଓ ଭଜନ ପରିବେଷଣ ହେବ। ୧୨ତାରିଖରେ ସମ୍ବଲପୁର ର ପଞ୍ଚବାଦ୍ୟ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ଲୋକ ନୃତ୍ୟ ପରିବେଷଣ ରହିଛି। ୧୩ ତାରିଖରେ ହରିଓଁ ମେଲୋଡି ଓ ୧୪ ତାରିଖ ଭୁବନେଶ୍ୱର ର ତରଙ୍ଗ ସଙ୍ଗୀତ ଭଜନ ସଂଧା ଓ ମଧରାତ୍ର ରୁ ଉଷାଶି ଉତ୍ସବ ଅନୁଷ୍ଠିତ ହେବ ବୋଲି ବୁଢ଼ିମା କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏକ ଖବର ଦାତା ସମ୍ମିଳନୀରେ ସଭାପତି ସହଦେବ ପାତ୍ର ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ ଏହି ଅବସରରେ କୁଙ୍କୁମପୂଜା ସହ ଦେବାଙ୍ଗ ଦମ୍ପତିଙ୍କ ପାଇଁ ଏକ ଦିକ୍ଷା ପ୍ରଦାନ ସମାରୋହ ଆୟୋଜିତ ହେବ। ଦେବାଙ୍ଗ ସଂସ୍କୃତି ଓ ପରମ୍ପରା କୁ ନେଇ ଏହି ଯାତ୍ରା ୯ ଦିନ ଧରି ଚାଲିବ ବୋଲି ଯାତ୍ରା କମିଟିର ସଂପାଦକ ବି.ସତ୍ୟନାରାୟଣ ରାଓ ସୂଚନା ଦେଇଛନ୍ତି।

## ହଳଦୀ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ



**ଦାରିଙ୍ଗବାଡି,୪।୧୦(ସଂଚାର ବ୍ୟୋରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଶ୍ରାନିକେତା ଘାଟିରେ ଶନିବାର ସନ୍ଧ୍ୟାରେ ଏକ ହଳଦୀ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଟ୍ରକ ଡ୍ରାଇଭର ଏବଂ ହେଲପର ଗୁରୁତର ଆହତ ହୋଇଥିବା ପୋଲିସ କହିଛି। ଖବର ପାଇ ଦାରିଙ୍ଗବାଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପ୍ରକାଶ ଯେ ଦାରିଙ୍ଗବାଡିରୁ ହଳଦୀ ଲୋଡ଼ କରି ବାଲିଗୁଡା ଅଭିମୁଖେ ଟ୍ରକଟି ଯାତ୍ରା କରୁଥିଲା ତେବେ ଦାରିଙ୍ଗବାଡିରୁ ମାତ୍ର ୩ କିମି ଟ୍ରକ୍ଟି ଆସିଥିବା ବେଳେ ଶ୍ରାନିକେତା ଘାଟି ଗଡୁଥିବା ସମୟରେ କୌଣସି କାରଣରୁ ଟ୍ରକ୍ଟି ଘାଟି କଡ଼ରେ ଥିବା ଏକ ପଥରକୁ ଧକ୍କା ଦେଇଥିଲା। ଫଳରେ ଟ୍ରକର ସମ୍ମୁଖ ପଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

## ଶାଳ କାଠ ଜବତ, ଗାଡ଼ି ଛାଡ଼ି ଡ୍ରାଇଭର ଛୁ’

**ସୁବର୍ଣ୍ଣପୁର,୪।୧୦(ସଂଚାର ବ୍ୟୋରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ରେଞ୍ଜ ଅଞ୍ଚଳରେ ଚାଲିଥିବା ଜଗତଜନନୀ ମାଁ ଦୁର୍ଗାଙ୍କ ପୂଜାରେ ପ୍ରଶାସନ ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସାଧାରଣ ଲୋକେ ବ୍ୟସ୍ତ ଥିବା ବେଳେ ଏହାର ସୁଯୋଗ ନେଇ ଜଣେ କାଠ ବ୍ୟବସାୟୀ ରାତି ଅଧିଆ ଗାଡ଼ିରେ ଲୋଡ଼ିଂ କରି ଶାଳ କାଠ ନେଉଥିବା ବେଳେ ସ୍ଥାନୀୟ ବିନିକା କଲେଜ ଛକ ଠାରେ କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀ ମାଡ଼ି ବସିଥିଲେ। ଫଳରେ ଗାଡ଼ି ଚାଳକ ଗାଡ଼ି ରଖି ଫେରାର ମାରିବାରେ ସଫଳ ହୋଇଛି।ମିଳିଥିବା ସୂଚନା ଅନୁସାରେ ଓଡ଼ି କ୍ୱିଉ ୧୭ ୮୫୭୧ ନମ୍ବର ଟାଟା ଗାଡ଼ି ରେ ୫୨ଖଣ୍ଡ ଶାଳ କାଠ ଭର୍ତ୍ତି ହୋଇଥିଲା ରାତି ପ୍ରାୟ ୧୧ଟା କିଟିକିଟି ଅନ୍ଧାରର ସୁଯୋଗ ନେଇ ଡ୍ରାଇଭର ଓ କାଠ ମାଫିଆ ଗାଡ଼ିରେ କାଠ ନେଉଥିବା ବେଳେ ବନ ବିଭାଗ କର୍ମଚାରୀ ଅତର୍କିତ ଭାବେ ଚଢ଼ାଉ କରିଥିଲେ। ଫଳରେ ଡ୍ରାଇଭର ଓ କାଠ ମାଫିଆ ସେଠାରୁ ଚମ୍ପଟ ମାରିଥିଲେ।ଘଟଣା ସ୍ଥଳରୁ ବନ ବିଭାଗ ରେଞ୍ଜର ଡମ୍ବରୁଧର ପ୍ରଧାନ ଓ ଷ୍ଟାଫ ଶାଳ କାଠ ଗାଡିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଥିବା ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।



## ଶୀତଳଭଣ୍ଡାରର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉ

**ବୈଶିଙ୍ଗା, ୪।୧୦(ସଂଚାର ବ୍ୟୋରୋ):** ବିକାଶ ବିକାଶ ବିକାଶ ଚାରିଆଡେ ଚାଲିଛି ବିକାଶର ନାରା। ପୂର୍ବ ସରକାର ଯେମିତି ଚାଷୀଙ୍କୁ ଭଣ୍ଡେଇ ଚାଲିଥିଲେ, ନୂଆ ବିଜେପି ସରକାର ମଧ୍ୟ ସେଇ ଧାରାରେ ଚାଲିଥିବାର ଅଭିଯୋଗ ହେଉଛି। ମାତ୍ର ଚାଷୀ, ଚାଷ ଓ କୃଷି ଉତ୍ପାଦିତ ସାମଗ୍ରୀର ବିକ୍ରୀ କରିବା ପାଇଁ ବଜାର ସୃଷ୍ଟି କରିବା ଏବଂ କୃଷି ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଶୀତଳ ଭଣ୍ଡାର ସରକାର ନିର୍ମାଣ ନ କରାଇବା ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କାଳିଆ, ବଳିଆ ଯୋଜନା ସହିତ ଟଙ୍କିକିଆ ଚାଉଳ ପାଇଁ କୃଷି ଶ୍ରମିକ ମାନେ କ୍ଷେତରେ ଶ୍ରମ କରିବା ପରିବର୍ତ୍ତେ ବୁଲି ବୁଲି ସମୟକୁ ବିତାଇ ଦେଉଛନ୍ତି। ଏଥିପାଇଁ କୃଷି ଉତ୍ପାଦନ କମୁଛି, ମାତ୍ର ଜନସଂଖ୍ୟା ବଢ଼ି ବଢ଼ି ଚାଲୁଛି। ଋତୁ ଉପଯୋଗୀ ହେଉଥିବା ପନିପରିବା ଚାଷରୁ ଉତ୍ପାଦିତ ସାମଗ୍ରୀ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି। ଦରଦାମ ବୃଦ୍ଧିକୁ ନେଇ ଉପୁଜିଥିବା ସମସ୍ୟାକୁ ନେଇ ସାଧାରଣ ଓ ମଧ୍ୟବିତ୍ତ ପରିବାର ଏବେ ଜର୍ଜରିତ। ମୂଖ୍ୟତଃ ଆଳୁ, ବାଇଗଣ, ବିଲାତି, ଭେଣ୍ଡି, ଜହ୍ନି ଆଦି ପରିବା ଅଧିକ ଦାମ ରେ ବିକ୍ରି ହେଉଛି। ବୈଶିଙ୍ଗା ଠାରେ ଶୀତଳ ଭଣ୍ଡାର ନିର୍ମାଣ ହୋଇଥିଲେ ବୁଢାବଳଙ୍ଗ, ଗଙ୍ଗାହାର ଅବବାହିକାରୁ ଉତ୍ପାଦିତ ହେଉଥିବା ପନିପରିବା ଜିଲ୍ଲା ଏବଂ ଜିଲ୍ଲା ବାହାରକୁ ଯୋଗାଇବା ପରେ ମଧ୍ୟ ବଳକା ପନି ପରିବା ସାଇତା ଯାଇ ପାରନ୍ତା। ମାତ୍ର ଶୀତଳ ଭଣ୍ଡାର ଅଭାବରୁ ବଳକା ପନିପରିବା ପଚି ସଢ଼ି ନଷ୍ଟ ହୋଇଯାଉଛି। ଏଥି ପାଇଁ ଚାଷୀ ମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡୁଛି। ଯାହା ଫଳରେ ଚାଷୀ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ବିଭିନ୍ନ ଯୋଜନାରେ ପୂର୍ବ ସରକାର କୋଟି କୋଟି ଟଙ୍କାର ଅଯଥା ଖର୍ଚ୍ଚ କରିଥିବା ବେଳେ ଚାଷୀ ଙ୍କ ସୁବିଧା କୁ ଭୁଲି ଯାଇଥିଲେ।



## ଭୂତକୋଠି ପାଲଟିଛି କୋଟିଏ ଟଙ୍କାର କୋଠା

## ମରାମତି ମାଗୁଛି ସରକାରୀ ଯୁଥ୍ ହଷ୍ଟେଲ

**ଯଶିପୁରରେ,୪।୧୦(ସଂଚାର ବ୍ୟୋରୋ):** ଦଦରା, ଜରାଜୀର୍ଣ୍ଣ, ଅତି ଦୟନୀୟ ସ୍ଥିତିରେ ମୟୂରଭଞ୍ଜ ଯଶିପୁରରେ ଥିବା ସରକାରୀ ଯୁଥ୍ ହଷ୍ଟେଲ । ଭାଙ୍ଗିରୁଜି ଗଲାଣି ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଅଧୀନରେ ଥିବା କୋଠା । ୧୦ ବର୍ଷ ଧରି ପରିଚାଳନା କରୁଥିଲେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ । ଭଲ ରାଜସ୍ୱ ମଧ୍ୟ ଆଦାୟ ହେଉଥିଲା । ହେଲେ ବର୍ତ୍ତମାନ ବନ୍ଦ ରହିଛି । କାନ୍ଥରେ ଶିଉଳି ଲାଗିଲାଣି, ଛାତ ଫାଟିବାକୁ ବସିଲାଣି । ଜଳ ଯୋଗାଣ ଏବଂ ବିଦ୍ୟୁତ ସଂଯୋଗ ସବୁ ବନ୍ଦ ରହିଛି । ୧୯୯୩ ନଭେମ୍ବର ୧୮ ତାରିଖରେ ଯୁଥ୍ ହଷ୍ଟେଲର ଉଦ୍‌ଘାଟନ କରିଥିଲେ ତତ୍କାଳୀନ ସରକାର । ହଷ୍ଟେଲ୍ ନିର୍ମାଣ ପାଇଁ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ବର୍ତ୍ତମାନ ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫କୋଟିରୁ ଅଧିକ ହେବ। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କୋଠାଟି ଜଣେ ଜଗୁଆଳିଙ୍କ ଭରସାରେ ରହିଛି । ଜଗୁଆଳି ଜଣକ ମାସମାସ ଧରି ଦରମା ପାଇନଥିବା ଅଭିଯୋଗ ଆଣିଛନ୍ତି । ପୂର୍ବରୁ ପର୍ଯ୍ୟଟକମାନେ ଆଶ୍ରୟ ନେଉଥିଲେ । ସରକାରୀ, ବେସରକାରୀ କାର୍ଯ୍ୟକ୍ରମ ସହ ବିବାହ ବ୍ରତ ପାଇଁ ସ୍ଥାନୀୟ ଲୋକେ ବ୍ୟବହାର କରୁଥିଲେ। ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ମରାମତି ଦାବି ହୋଇଛି ।

